

# ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ସହଜ ଗମନାଗମନ ସର୍ବୋଚ୍ଚ ପ୍ରାଥମିକତା | ୬

ଆକ୍ସନମୁଡରେ ରଜନୀକାନ୍ତ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୯୦ Vol. 21 No-290 18 JANUARY 2025 SATURDAY BHUBANESWAR ଶନିବାର, ୧୮ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସିଙ୍ଗାପୁର ସହ ଓଡ଼ିଶାର ବଢୁଛି ସମ୍ପର୍କ

# ପ୍ରଥମ ଦିନରେ ୮ ଏମ୍ଓୟୁ





ଭୁବନେଶ୍ୱର, ୧୭।୧ (ଭାସ୍କର ନ୍ୟୁଜ): ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ସନମୁଗରତ୍ନମ୍‌ଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତ ଓଡ଼ିଶାର ଦକ୍ଷତା ବିକାଶ ଓ ଶିଳ୍ପ ଜଗତ ପାଇଁ ଶୁଭ ସଙ୍କେତ। ଶୁକ୍ରବାର ସନମୁଗରତ୍ନମ୍ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମୁଖ୍ୟ ସଚିବ ମନୋଜ କୁମାର ଆହୁଜା। ଉଭୟ ସିଙ୍ଗାପୁର ଓ ଓଡ଼ିଶାପାଇଁ ତାଙ୍କ ଗସ୍ତ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ଗସ୍ତର ପ୍ରଥମ ଦିନରେ ଭୁବନେଶ୍ୱରସ୍ଥ ବିଶ୍ୱ

### ଓଡ଼ିଶାର ଦକ୍ଷତା ବିକାଶ, ଶିଳ୍ପ ଜଗତପାଇଁ ଶୁଭ ସଂକେତ
### ନୂଆ ଓଡ଼ିଶା, ସମୃଦ୍ଧ ଓଡ଼ିଶା ଗଠନରେ ହେବ ସହାୟକ
### ବ୍ୟବସାୟିକ ଓ ସାଂସ୍କୃତିକ ସଂପର୍କ ହେବ ଦୃଢୀଭୂତ

ଦକ୍ଷତା କେନ୍ଦ୍ର ବୁଲି ଦେଖିଥିଲେ ରାଷ୍ଟ୍ରପତି ସନମୁଗରତ୍ନମ୍। ଏହି ଅବସରରେ ବିଶ୍ୱ ଦକ୍ଷତାକେନ୍ଦ୍ର ପରିସରରେ ଓଡ଼ିଶା ସରକାର ଏବଂ ସିଙ୍ଗାପୁରର ବିଭିନ୍ନ ସଂସ୍ଥା ସହ ୮ଟି ଏମ୍ଓୟୁ ସ୍ୱାକ୍ଷରିତ ହୋଇଥିଲା। ଦକ୍ଷତା ବିକାଶ, ଅକ୍ଷୟ ଶକ୍ତି, ସବୁଜ ଶକ୍ତି, ସେମିକଣ୍ଡକ୍ଟର, ଇଣ୍ଡଷ୍ଟ୍ରିଆଲ ପାର୍କ, ଲଜିଷ୍ଟିକ୍, ସହରାଞ୍ଚଳ ବିକାଶ, ପେଟ୍ରୋକେମିକାଲ କ୍ଷେତ୍ରପାଇଁ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। କୁହାଯାଉଛି, ଉତ୍କର୍ଷ ଓଡ଼ିଶା ପୂର୍ବରୁ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଏହି ଗସ୍ତ ଓଡ଼ିଶାରେ ପୁଞ୍ଜିନିବେଶର ଦ୍ୱାର ଖୋଲିଦେଇଛି। ଏହା ଆଗକୁ ସିଙ୍ଗାପୁର ଏବଂ ଓଡ଼ିଶା ମଧ୍ୟରେ ବ୍ୟବସାୟିକ ଓ ସାଂସ୍କୃତିକ ସମ୍ପର୍କକୁ ଦୃଢ଼ିଭୂତ କରିବ। ଏଥିରେ ସନ୍ଦେହ ନାହିଁ। ଓଡ଼ିଶାରେ ନିବେଶ ଓ ସିଙ୍ଗାପୁର ସହଯୋଗରେ ନୂଆ ଓଡ଼ିଶା ଓ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବ। ଦକ୍ଷତା ବିକାଶ, ଶିଳ୍ପ ପାର୍କ, ମାଷ୍ଟର ପ୍ଲାନିଂ, ବନ୍ଦର ଏବଂ ପାରାଦୀପ, ଅକ୍ଷୟଶକ୍ତି, ସେମି କଣ୍ଡକ୍ଟର, ସୂଚନା ଓ ପ୍ରଯୁକ୍ତିବିଦ୍ୟା, ତଥ୍ୟ କେନ୍ଦ୍ର, ସଂସ୍କୃତି ଏବଂ ସଂଯୋଗୀକରଣ ଭଳି ମୁଖ୍ୟ ବିଷୟବସ୍ତୁକୁ ମୁଖ୍ୟ ସଚିବ ମନୋଜ ଆହୁଜା ଉପସ୍ଥାପନ କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ସିଙ୍ଗାପୁର ସହଯୋଗ ପାଇଁ ଓଡ଼ିଶାର ପଦକ୍ଷେପ ଏବଂ ସୁଯୋଗକୁ ଉପସ୍ଥାପନ କରାଯାଇଥିଲା। ଗସ୍ତ ସମୟରେ ଶ୍ରୀ ଥର୍ମନ ବିଶ୍ୱ ● ପୃଷ୍ଠା ୫ ଦେଖନ୍ତୁ

## ରାଷ୍ଟ୍ରୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

# ୪ କ୍ରୀଡ଼ାବିତ୍ ଖେଳରତ୍ନରେ ସମ୍ମାନିତ



ନୂଆଦିଲ୍ଲୀ, ୧୭।୧: ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଛନ୍ତି। ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ୟାରିସ ଅଲିମ୍ପିକ୍ସରେ ଦୁଇ ଦୁଇଟି ପଦକ ଜିତିଥିବା ମହିଳା ସୁଟର ମନୁ ଭାକର ଏବଂ ବିଶ୍ୱ ଚେସ୍ ଚାମ୍ପିଅନ୍ ଡି.ଗୁକେଶଙ୍କ ସମେତ ୪ଜଣ କ୍ରୀଡ଼ାବିତ୍‌ଙ୍କୁ ଖେଳରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଛି। ଅନ୍ୟ ଦୁଇଜଣ ହେଲେ ହରମନପ୍ରୀତ ସିଂ ଓ ପାରା ଆଥଲେଟ୍ ପ୍ରବୀଣ କୁମାର। ଅନ୍ୟପକ୍ଷରେ ୩୪ଜଣଙ୍କୁ ଅର୍ଜୁନ ପୁରସ୍କାର ଦେବାପାଇଁ ଘୋଷଣା କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ଉପସ୍ଥିତ ଥିବା ୩୨ଜଣ ଖେଳାଳିଙ୍କୁ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଛି। ପ୍ୟାରିସ ଅଲିମ୍ପିକ୍ସ-୨୦୨୪ରେ ଡବଲ ମେଡାଲ ବିଜେତା ମନୁ ଭାକରଙ୍କୁ ଖେଳରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ମନୁ ୧୦ ମିଟର ଏୟାରପିସ୍ତଲ ଇଭେଣ୍ଟ ଓ ୧୦ ମିଟର ଏୟାରପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଦୁଇଟି ବ୍ରୋଞ୍ଜ ପଦକ ଜିତିଥିଲେ। ପ୍ରଥମ ଭାରତୀୟ ମହିଳା ଆଥଲେଟ୍ ଭାବେ ମନୁ ଗୋଟିଏ ସଂସ୍କରଣରେ ଦୁଇଟି ପଦକ ଜିତିଥିବାବେଳେ ପି.ଭି.ସିନ୍ଧୁଙ୍କ ପରେ ଦ୍ୱିତୀୟ ମହିଳା ଖେଳାଳିଭାବେ ଏଭଳି କୃତିତ୍ୱ ଅର୍ଜନ କରିଥିଲେ। ସେହିପରି ପ୍ୟାରିସ ଅଲିମ୍ପିକ୍ସ ୨୦୨୪ରେ ଭାରତୀୟ ହକିଦଳ ହରମନପ୍ରୀତ ସିଂଙ୍କ ନେତୃତ୍ୱରେ କ୍ରମାଗତ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲା। ସେହିପରି ବିଶ୍ୱ ଚେସ୍ ଚାମ୍ପିଅନସିପ୍ ଓ ଚେସ୍ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣପଦକ ବିଜେତା ଡି.ଗୁକେଶଙ୍କୁ ଖେଳରତ୍ନ ପ୍ରଦାନ କରାଯାଇଛି। ବିଶ୍ୱନାଥନ୍ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ସେ ଏହି ଟାଇଟଲ ହାସଲ କରିଛନ୍ତି। ଖେଳରତ୍ନ ବ୍ୟତୀତ ଅନ୍ୟ ୩୪ଜଣଙ୍କୁ ଅର୍ଜୁନ ପୁରସ୍କାର ଓ ୫ଜଣଙ୍କୁ ଉତ୍ତମ ପ୍ରଶିକ୍ଷଣ ପାଇଁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଛି।

## ସଂକ୍ଷେପରେ...

### ଜଷ୍ଟିସ ଅରିନ୍ଦମ ସିହ୍ନା ଓଡ଼ିଶା ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି



କଟକ, ୧୭।୧ (ଭାସ୍କର ନ୍ୟୁଜ): ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ଅରିନ୍ଦମ ସିହ୍ନାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଯୁକ୍ତି ଦେଇଛନ୍ତି। ଏ ନେଇ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ବର୍ତ୍ତମାନର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଆସନ୍ତା ୧୯ ତାରିଖରେ ଅବସର ଗ୍ରହଣ କରିବେ। ୨୦ ତାରିଖରେ ଜଷ୍ଟିସ ସିହ୍ନା ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବେ।

### ଫେବୃଆରୀ ୧ରେ କେନ୍ଦ୍ର ବଜେଟ୍

ନୂଆଦିଲ୍ଲୀ, ୧୭।୧: ସଂସଦର ବଜେଟ୍ ଅଧିବେଶନ ଆସନ୍ତା ୩୧ ତାରିଖରୁ ଆରମ୍ଭ ହେବ। ଦୁଇଟି ପର୍ଯ୍ୟାୟରେ ଏହା ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଫେବୃଆରୀ ୧ ତାରିଖରେ ଅର୍ଥମନ୍ତ୍ରୀ ବଜେଟ୍ ଉପସ୍ଥାପନ କରିବେ। ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୧୩ ତାରିଖରେ ଶେଷ ହେବ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୦ରୁ ପୁଣିଥରେ ଆରମ୍ଭ କରାଯିବ।

### ରୁଷ-ୟୁକ୍ରେନ ଯୁଦ୍ଧରେ ୧୨ ଭାରତୀୟ ମୃତ

ନୂଆଦିଲ୍ଲୀ, ୧୭।୧: ରୁଷ-ୟୁକ୍ରେନ ଯୁଦ୍ଧରେ ରୁଷ ସେନାରେ ସାମିଲ ହୋଇଥିବା ୧୨୬ ଭାରତୀୟଙ୍କ ମଧ୍ୟରୁ ୧୨ଜଣଙ୍କର ମୃତ୍ୟୁ ଘଟିଛି। ୯୬ଜଣ ଫେରି ଆସିଥିବାବେଳେ ବାକିଥିବା ୧୮ଜଣଙ୍କ ମଧ୍ୟରୁ ୧୬ଜଣଙ୍କ ପତ୍ତା ମିଳୁନାହିଁ।

ସେନ୍‌ସେକ୍ସ: ୭୬,୬୧୯.୩୩
ସର୍ବାଧିକ: ୨୭.୦ ଡିଗ୍ରୀ
ସର୍ବନିମ୍ନ: ୧୪.୨ ଡିଗ୍ରୀ

### ୧୭।୧।୨୦୨୫ ର ମତାମତ

ପ୍ରୟାଗରାଜର ମହାକୁମ୍ଭ ମେଳା ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ କି?




### ଆଜିର ପ୍ରସଙ୍ଗ

ଜାତୀୟ ଶିକ୍ଷାନୀତି ଲାଗୁ ହେଲେ ଏହା ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ କରିବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

### ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ମାନିବାକୁ ହେବ କେନ୍ଦ୍ର ରାଜନୀତି
ବର୍ଷକ ଆଗରୁ କଲେ ଘୋଷଣା,
ଅଷ୍ଟମ ବେତନ ଲାଗୁ ହେବ ମାନେ
ସଭିଏଁ ପାଇବେ ବଢ଼ା ପାଉଣା ।
ବିରୋଧୀ ଦଳର ମନଟା ଉଣା,
ଭୋଅଟରେ କାଳେ ପ୍ରଭାବ ପଡିବ
ଜଳ ଜଳ ହୋଇ ପଡୁଛି ଜଣା ।

## ଆଇନମନ୍ତ୍ରୀଙ୍କ ସୂଚନା

# ହୁଣ୍ଡି ସ୍ଥାନାନ୍ତର ପରେ ଧାଡ଼ି ଦର୍ଶନ



ଭୁବନେଶ୍ୱର, ୧୭।୧ (ଭାସ୍କର ନ୍ୟୁଜ): ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନକୁ ନେଇ ବଡ଼ ସୂଚନା ଦେଇଛନ୍ତି ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଆସନ୍ତା ଫେବୃଆରୀ ପହିଲାରୁ ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ପ୍ରକ୍ରିୟା ଆରମ୍ଭ ହେବାର ସମ୍ଭାବନା ଥିବା ସେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଶ୍ରୀମନ୍ଦିରରେ ଥିବା ହୁଣ୍ଡି ସ୍ଥାନାନ୍ତର ପାଇଁ ଧାଡ଼ିଦର୍ଶନ ପ୍ରକ୍ରିୟା ବିଳମ୍ବ ହେଉଛି। ହୁଣ୍ଡି ସ୍ଥାନାନ୍ତରଣ ପ୍ରକ୍ରିୟା ପାଇଁ କେତେକ ଅନୁମତିର ଆବଶ୍ୟକତା ରହିଛି। ସେହି ପ୍ରକ୍ରିୟା ଶେଷ ହେବାପରେ ଧାଡ଼ି ଦର୍ଶନ ପାଇଁ ଷ୍ଟ୍ରକ୍‌ଚର ଇନଷ୍ଟଲ କରାଯିବ। ସୂଚନାଯୋଗ୍ୟ ଯେ ଗତ କିଛିଦିନ ତଳେ ଆଇନମନ୍ତ୍ରୀ କହିଥିଲେ ଯେ ଚଳିତମାସ ୨୦ ତାରିଖରୁ ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ଆରମ୍ଭ ହେବ। ଏଥିପାଇଁ ସବୁ ବ୍ୟବସ୍ଥା ଶେଷ ହୋଇଛି। ସେ ଆହୁରି କହିଥିଲେ, ଯେହେତୁ ପୂର୍ବରୁ ନୂଆବର୍ଷରେ ଏ ବ୍ୟବସ୍ଥା ଲାଗୁ ପାଇଁ ସ୍ଥିର ହୋଇଥିଲା, କିନ୍ତୁ ସେତେବେଳେ ଭିଡ଼ ଅଧିକ ହେବା ଜାଣି ଡିସେମ୍ବର ଶେଷବେଳକୁ ଦୁଇରୁ ତିନିଦିନ ଟ୍ରାଏଲ ରନ୍‌ର ଯୋଜନା ରହିଥିଲା। କିନ୍ତୁ ସେ ସମୟ ଏବେ ଆଉ ନାହିଁ। ତେଣୁ ଆଉ ପରୀକ୍ଷାମୂଳକ ପରିବର୍ତ୍ତେ ସିଧାସଳଖ ଧାଡ଼ିଦର୍ଶନ ଯୋଜନା କାର୍ଯ୍ୟକାରୀ ହେବ ବୋଲି ମଧ୍ୟ କହିଥିଲେ। ଶ୍ରୀମନ୍ଦିର ପ୍ରଶାସନର ପୂର୍ବ ସୂଚନା ମୁତାବକ ୬ ଥାକିଆ ଧାଡ଼ିଦର୍ଶନର ବ୍ୟବସ୍ଥା କରାଯିବ। କାଠରେ ତିଆରି ବ୍ୟାରିକେଡ୍‌ରେ ଭକ୍ତ ପଶିବେ। ପ୍ରଥମ ଧାଡ଼ି ଦିବ୍ୟାଙ୍ଗ ଭକ୍ତ, ଦ୍ୱିତୀୟ ଧାଡ଼ିରେ ମହିଳା ଓ ଶିଶୁ ଏବଂ ଗୋଟିଏ ଧାଡ଼ି ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ରହିବ। ସବୁ ଭକ୍ତ ବାହାର କାଠ ପାଖରେ ର୍‌ୟାମ୍ପରେ ଚଢି ମହାପ୍ରଭୁଙ୍କୁ ଦର୍ଶନ କରିବେ। ମହିଳା ଓ ବରିଷ୍ଠ ନାଗରିକମାନେ ଘଣ୍ଟିଦ୍ୱାର ଏବଂ ପୁରୁଷ ଭକ୍ତ ଗାରଦ ଦ୍ୱାର ଦେଇ ପ୍ରସ୍ଥାନ କରିବେ। ଧାଡ଼ି ଦର୍ଶନ ପାଇଁ ଓବିସିସି ପକ୍ଷରୁ କାଠ ର୍‌ୟାମ୍ପ ତିଆରି ଶେଷ ହୋଇଛି।

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ସ୍କିମାଟିକ୍ କନିଷ୍ଠ ଶିକ୍ଷକମାନଙ୍କ ପାରିଶ୍ରମିକ ବୃଦ୍ଧି



ଭୁବନେଶ୍ୱର, ୧୭।୧ (ଭାସ୍କର ନ୍ୟୁଜ): ସମଗ୍ର ଶିକ୍ଷା କାର୍ଯ୍ୟକ୍ରମରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ସ୍କିମାଟିକ୍ କନିଷ୍ଠ ଶିକ୍ଷକମାନେ ନିୟୋଜିତ ହୋଇଛନ୍ତି। ସେମାନଙ୍କୁ ମାସିକ ୧୧,୧୦୦ ଟଙ୍କା ପାରିଶ୍ରମିକ ଦିଆଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବର୍ଗର ଶିକ୍ଷକ ମାନଙ୍କର ମାସିକ ପାରିଶ୍ରମିକକୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇ ଏ ସଂପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ଏହି ଶିକ୍ଷକ ମାନଙ୍କ ମାସିକ ପାରିଶ୍ରମିକ ୧୧,୧୦୦ ଟଙ୍କାରୁ ବୃଦ୍ଧି ପାଇ ୧୬,୦୦୦ ଟଙ୍କା କରାଯାଇଛି। ଏହାସହିତ ଏହି ବର୍ଗର ଶିକ୍ଷକ ମାନଙ୍କ ଇପିଏଫ ପରିମାଣ ମଧ୍ୟ ୧୪୪୩ ଟଙ୍କାରୁ ୧୯୫୦ ଟଙ୍କାକୁ ବୃଦ୍ଧି ପାଇଛି । ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟ ସରକାର ପ୍ରତ୍ୟେକ ସ୍କିମାଟିକ କନିଷ୍ଠ ଶିକ୍ଷକଙ୍କ ପାଇଁ ପୂର୍ବରୁ ୧୨,୫୪୩ ଟଙ୍କା ପ୍ରଦାନ କରୁଥିବା ବେଳେ, ଏବେ ମାସକୁ ୧୭,୯୫୦ ଟଙ୍କା ପ୍ରଦାନ କରିବେ । ସୂଚନାଯୋଗ୍ୟ ଯେ ରାଜ୍ୟରେ ● ପୃଷ୍ଠା ୫ ଦେଖନ୍ତୁ

## ଉପମୁଖ୍ୟମନ୍ତ୍ରୀଙ୍କ ସୂଚନା

# ଚଳିତମାସ ଶେଷସୁଦ୍ଧା ସୁଭଦ୍ରା ୪ର୍ଥ ପର୍ଯ୍ୟାୟ

ଭୁବନେଶ୍ୱର, ୧୭।୧ (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନା 'ସୁଭଦ୍ରା'କୁ ନେଇ ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଚଳିତମାସ ଶେଷ ସୁଦ୍ଧା ସୁଭଦ୍ରାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ସହାୟତା ରାଶି ଯୋଗ୍ୟ ମହିଳା ହିତାଧିକାରୀଙ୍କୁ ପ୍ରଦାନ କରାଯିବ। ଚତୁର୍ଥ ପର୍ଯ୍ୟାୟ ଟଙ୍କା ମିଳିବା ପରେ ଇ-କେଓ୍ୱାଇସି ଅପଡେଟ୍ କଲେ କିମ୍ବା ଅପ୍ଟ ପିନ୍ କଲେ ଯୋଜନାରେ ହିତାଧିକାରୀ ସାମିଲ ହୋଇପାରିବେ। କେହି ବି ଜଣେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯିବ ନାହିଁ ବୋଲି ସେ ଦୃଢୋକ୍ତି ବାଢିଥିଲେ। ସେ କହିଥିଲେ, ସୁଭଦ୍ରା ଯୋଜନାରେ ଅପ୍ଟଆଉଟ୍ ହୋଇଥିବା ୩୧ହଜାର ମହିଳାଙ୍କ ମଧ୍ୟରୁ ୧୭ହଜାର ମହିଳା ପୁଣିଥରେ ସାମିଲ ହୋଇପାରିଛନ୍ତି। ବାକି ୧୪ ହଜାର ● ପୃଷ୍ଠା ୫ ଦେଖନ୍ତୁ






ବ୍ୟାସନଗର(ଭାସ୍କର ନ୍ୟୁଜ୍): କୋରାଇ ବ୍ଲକ ଅନ୍ତର୍ଗତ ଖମଣ ପଞ୍ଚାୟତ ସ୍ମୃତି ଶଙ୍ଖଚିଲା ହିଙ୍ଗୁଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକାମାନଙ୍କ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଛି । ସଂଯୋଜକ ଅଧ୍ୟାପକ ଗୋବିନ୍ଦଚନ୍ଦ୍ର ବେହେରାଙ୍କ ସଂଚାଳନାରେ ୮ଦିନ ଧରି ଅନୁଷ୍ଠିତ ଶିବରରେ ୭୮ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲାବେଳେ ପ୍ରଶିକ୍ଷିକା ଭାବେ ଭାଗ୍ୟଶ୍ରୀ ମହାପାତ୍ର ତାଲିମ ଦେଇଥିଲେ । ଅନୁଷ୍ଠିତ ଉଦ୍‌ଯାପନୀ ଶିବିର ଅଧକ୍ଷ ପର୍ଶୁରାମ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲାବେଳେ ଅତିଥି ଭାବେ କଲେଜ ପରିଚାଳନା ପରିଷଦର ପୂର୍ବତନ ସଂପାଦକ କୈଳାସ ଚନ୍ଦ୍ର ପୃଷ୍ଟି, ଶିକ୍ଷାବିତ ଶିବପ୍ରସାଦ ବେହେରା, ଅଧ୍ୟାପକ ମଳୟ କୁମାର ମଲ୍ଲିକ, ପୂର୍ବତନ ସଭ୍ୟ ଦିଲ୍ଲୀପ କୁମାର ସାହୁ ଓ ଅଧ୍ୟାପକ କପିଳେନ୍ଦ୍ର ମାଝୀ ପ୍ରମୁଖ ଯୋଗଦେଇ ବାଳିକାମାନେ ବିଭିନ୍ନ ସମୟରେ ସମ୍ମୁଖୀନ ହେଉଥିବା ବିପଦକୁ କିପରି ପ୍ରତିହତ କରିପାରିବେ ସେ ନେଇ ଉପାଦେୟ ବକ୍ତବ୍ୟମାନ ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରଶିକ୍ଷାର୍ଥୀ ଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅଧ୍ୟାପକ ନିର୍ମଳରଞ୍ଜନ ସାହୁ, ପବିତ୍ର କୁମାର ସାହୁ, ଅଧ୍ୟାପିକା ଡକ୍ଟର ସ୍ୱପ୍ନମାନସୀ ପୃଷ୍ଟି, ଅଧ୍ୟାପକ ଉପେନ୍ଦ୍ର କୁମାର ନାୟକ, ଅଧ୍ୟାପିକା ସୁମିତ୍ରା ସାହୁ, ଜୟନ୍ତ କୁମାର ମଲ୍ଲିକ, କ୍ରୀଡାଶିକ୍ଷକ ପୀତାମ୍ବର ବେହେରା, ଅଶୋକ କୁମାର ନାୟକ, ବସନ୍ତ କୁମାର ସାହୁ, ନୀଳମଣି ମଲ୍ଲିକ, ଅଭୟ କୁମାର ବେହୁରା, ଲିପୁନା ବାରିକ ପ୍ରମୁଖ ଅନୁଷ୍ଠାନର ଅଧାପକ/ଅଧାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ । ସଂଯୋଜକ ଶ୍ରୀ ବେହେରା ଅତିଥ୍ୟ ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ।



# ବୃତ୍ତି ପରୀକ୍ଷାରେ କୃତି ଛାତ୍ରଙ୍କୁ ସମ୍ବର୍ଦ୍ଧନା




ରଗଡି(ଭାସ୍କର ନ୍ୟୁଜ୍): କୋରେଇ ବ୍ଲକ ରଗଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ପରମାନନ୍ଦପୁର ର ୨୦୨୩-୨୪ଶିକ୍ଷା ବର୍ଷରେ ଦୁଇଜଣ ଛାତ୍ର ଓ ତଳଗଡ଼ କ୍ଲଷ୍ଟର ଉପୁଲାଇ ସରକାରୀ ଉପ୍ରା ସ୍କୁଲ ପଞ୍ଚମ ଶ୍ରେଣୀ ଛାତ୍ର ସୋମ୍ୟରଞ୍ଜନ ରାଉତରାୟ ଓ ତୃତୀୟ ଶ୍ରେଣୀର ଶୁଭ୍ରଜିତ ରାଉତ ରାୟ ବୃତ୍ତି ପରୀକ୍ଷା ରେ କୃତକାର୍ଯ୍ୟ ହୋଇଛନ୍ତି । କୋରାଇ ଶିକ୍ଷା ମଣ୍ଡଳ କାର୍ଯ୍ୟାଳୟରୁ ପ୍ରକାଶିତ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ସୁଜିତ କୁମାର ରାଉତ ଷଷ୍ଠ ଶ୍ରେଣୀ ପଠାଣି ସାମନ୍ତ ବୃତ୍ତି ପରୀକ୍ଷାରେ କୋରାଇ ଶିକ୍ଷା ମଣ୍ଡଳ ରେ ପ୍ରଥମ ସ୍ଥାନ ଅଧିକାର କରି ସ୍କୁଲ ପାଇଁ ଗୌରବ ଆଣିଛନ୍ତି । ଅନ୍ୟତମ ଛାତ୍ର ଶୁଭମ ସେନାପତି ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ରେ କୃତକାର୍ଯ୍ୟ ହୋଇଛନ୍ତି । ସ୍କୁଲ ପକ୍ଷରୁ ଉଭୟ ଛାତ୍ର ଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯିବା ସହ ସେମାନଙ୍କ ଉତ୍ତୋରୋତ୍ତର ଉନ୍ନତି କାମନା କରାଯାଇଛି । ସେହିପରି ଉପୁଲାଇ ସରକାରୀ ଉପ୍ରା ସ୍କୁଲ ପଞ୍ଚମ ଶ୍ରେଣୀ ର ଛାତ୍ର ସୌମ୍ୟ ରଞ୍ଜନ ରାଉତ ରାୟ ପଞ୍ଚମ ବୃତ୍ତି ପରୀକ୍ଷା ଓ ଶୁଭ୍ରଜିତ ରାଉତ ରାୟ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ରେ କୃତକାର୍ଯ୍ୟ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ସ୍କୁଲ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉତ୍ତୋରୋତ୍ତର ଉନ୍ନତି କାମନା କରାଯାଇଛି । ଛାତ୍ରଙ୍କ ସଫଳତାରେ ସରପଞ୍ଚ ସନ୍ତୋଷ କୁମାର ସ୍ୱାଇଁ ଖୁସି ବ୍ୟକ୍ତି କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ଆଶାକିରଣ ପକ୍ଷରୁ ଚାଷୀ ଓ କ୍ଷୁଦ୍ରଶିଳ୍ପମାନଙ୍କୁ ସହାୟତା



ପରଜଙ୍ଗ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ପାଣିପଞ୍ଚାୟତ ସଭାଗୃହ ଠାରେ ଆଶା କିରଣ ପ୍ରୋଜେକ୍ଟ ତରଫରୁ ଚାଷୀ ଓ କ୍ଷୁଦ୍ରଶିଳ୍ପ ମାନଙ୍କୁ ସରକାରୀ ସହାୟତା ଦିଗରେ ସହଯୋଗ ଯୋଗାଇ ଦେବାକୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପିଏମ ଯୋଜନାରେ ଆସୁଥିବା ସମସ୍ତ ସୁବିଧା ସୁଯୋଗ ଗୁଡିକୁ ତୃଣମୂଳ ସ୍ତରରେ ଚାଷୀ ଓ ମହିଳା ଉଦ୍ୟୋଗୀ ମାନଙ୍କ ପାଖରେ ପହଞ୍ଚାଇବାର ବ୍ୟବସ୍ଥା ସାଙ୍ଗକୁ ବ୍ୟାଙ୍କ ମାନଙ୍କରୁ ଋଣ ବୀମା କରାଇବା ଦିଗରେ ଆଶା କିରଣ ପ୍ରୋଜେକ୍ଟ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶିକ ସୁଧୀର କୁମାର ଚୈଧୁରୀ ନିଜ ଅଭିଭାଷଣରେ କହିଛନ୍ତି । ଏହି କାର୍ଯ୍ୟକ୍ରମ ରେ ପରଜଙ୍ଗ ବ୍ଲକର ଶତାଧିକ ଚାଷୀ ପୁରୁଷ, ମହିଳା , ଜନସେବା କେନ୍ଦ୍ର ମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପ୍ରକଳ୍ପ ପ୍ରବନ୍ଧକ ପୂଜାରାଣୀ ରାଉତ, କାର୍ଯ୍ୟ ନିର୍ବାହ ଅଧିକାରୀ ଶ୍ରୀୟାଶ୍ରୀ ସାମଲ, କୋଡିନେଟର ପ୍ରକାଶ ଦାସ,ଉଦ୍ୟୋକ୍ତା ରୁଦ୍ରନାରାୟଣ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ବେଆଇନ୍ ବିସ୍ଥାପନର ଫଳ: ନିର୍ଦ୍ଧୁମ୍ ଛେଚା ଖାଇଲେ ବନପାଳ

## ଅଧିକାରୀଙ୍କ କାରନାମାରେ ତଳିଆ କର୍ମଚାରୀ ନିର୍ଯାତିତ





ଅନୁଗୁଳ(ଭାସ୍କର ନ୍ୟୁଜ୍): ଅନୁଗୋଳ ବ୍ଲକ ଅନ୍ତର୍ଗତ ସାତକୋଶିଆ ଅଭୟାରଣ୍ୟର ଭୂର୍କୁଣ୍ଡି ଜଂଗଲ ଗ୍ରାମକୁ ବନ ବିଭାଗ ଚଂଚକତାପୂର୍ଣ୍ଣ ବିସ୍ଥାପନ କରିବାରେ ସଫଳ ହୋଇଛି । ଗ୍ରାମବାସୀଙ୍କୁ ବିଭାଜନ ନୀତିରେ ବିଭାଜନ କରି ଗ୍ରାମସଭାରେ ଆଲୋଚନା ନକରି ଏକ ପ୍ରକାର ଜୋରଜବରଦସ୍ତ ବାସଚ୍ୟୁତ କରାଯାଇଅଛି । ବନ ବିଭାଗ ଅଧିନରେ କାର୍ଯ୍ୟ କରୁଥିବା କିଛି ଅସ୍ଥାୟୀ ୱାଚରଙ୍କ ଅନ୍ୟ ଗ୍ରାମରେ ଘରଦ୍ୱାର ଥିବା ବଳେ ସେମାନଙ୍କୁ ହାତକରି ବାସଚ୍ୟୁତ କରାଯାଇଥିବାର ଅଭିଯୋଗ ହୋଇଛି । ପର୍ଯ୍ୟାୟକ୍ରମେ ଗ୍ରାମର ଗ୍ରାମବାସୀଙ୍କୁ ବିସ୍ଥାପନ ପ୍ୟାକେଜ୍ ଦିଆଯାଇଅଛି । ଏପରିକି କୌଣସି ସୁବିଧା ପାଇ ନଥିବା ୧୫ ପରିବାର ଗ୍ରାମରୁ ଯାଇନଥିବା ବେଳେ ସେମାନଙ୍କୁ କୌଶଳପୂର୍ଣ୍ଣ ଭାବରେ ତଡି ଦିଆଯାଇଅଛି । ବନ ଅଧିକାରୀଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ବନପାଳ ୧୦ ଦିନ ମଧ୍ୟରେ ପ୍ୟାକେଜ୍ ଟଙ୍କା ପାସବହିକୁ ଆସିଯିବ କହି ଗାଁରୁ ବାସଚ୍ୟୁତ କରିଛନ୍ତି । ଏହି ପରିବାର ଏବେ ନରସିଂହପୁର ଅଞ୍ଚଳରେ ଜରିପାଲର ଅସ୍ଥାୟୀ ଘରେ ପ୍ରାୟ ୧ ମାସ ହେଲା ରହିବା ପରେ ମଧ ପାସବହିକୁ ଟଙ୍କା ଆସିନଥିବା ନେଇ ଅସନ୍ତୁଷ୍ଟ ଥିଲେ । ପ୍ରବଳ ଶୀତ କାକରରେ ରହିବା ପରେ ଅତିଷ୍ଠ ହୋଇ ବନପାଳଙ୍କୁ ପ୍ୟାକେଜ୍ ଟଙ୍କା ନ ଆସିବା ନେଇ ଜଣାଇଥିଲେ । ଏପରିକି ଜମି କିଣିବା ପାଇଁ ସ୍ଥିର କରିଥିବା ବେଳେ ଟଙ୍କା ନ ମିଳିଥିବାରୁ ଜମି କିଣିବାରେ ବିଫଳ ହେବା ପରେ ଗ୍ରାମବାସୀ ବନ ବିଭାଗର ଚାଲ୍‌କୁ ବୁଝିପାରିଥିଲେ । ଗ୍ରାମ ବିସ୍ଥାପନରେ ବାସଚ୍ୟୁତ ଗ୍ରାମବାସୀ କ୍ଷୁବଧ ହୋଇ ଭୂର୍କୁଣ୍ଡି ପୂର୍ବ ଗ୍ରାମକୁ ଆସି ବନପାଳଙ୍କୁ ପ୍ୟାକେଜ୍ ଟଙ୍କା ଆସିବା ନେଇ ପଚାରିଥିଲେ । ଆମ୍ଭ ମାନଙ୍କୁ ସତମିଛ କହି ଜୋରଜବରଦସ୍ତ ଗ୍ରାମରୁ ବାସଚ୍ୟୁତ କରିଥିବା ନେଇ ଭୂର୍କୁଣ୍ଡି ବନପାଳଙ୍କୁ ନିର୍ଦ୍ଧୁମ୍ ଛେଚିଲେ ଏବଂ ଥାନା କଚେରୀ ଗଲେ ପରିସ୍ଥିତି ସାଂଘାତିକ ହେବ ବୋଲି ମଧ ଧମକ୍ ଦେଇ ଆସିଲେ । ଏହି ଘଟଣା ସମ୍ପର୍କରେ ସ୍ଥାନୀୟ ବନପାଳ ପୁରୁଣାକୋଟ୍ ରେଂଜର୍ ଏବଂ ବନଖଣ୍ଡ ଅଧିକାରୀଙ୍କୁ ଜଣାଇଥିଲେ ମଧ ଅଧିକାରୀ ଚୁପ୍ ଥିବା ନେଇ ସ୍ଥାନୀୟ କ୍ଷେତ୍ର କର୍ମଚାରୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି । ପ୍ରକାଶ ଥାଉକି ବନଖଣ୍ଡ ଅଧିକାରୀ କୌଣସି ଚିଠି ପତ୍ର ମାଧ୍ୟମରେ ବିସ୍ଥାପନ କାର୍ଯ୍ୟ ନ କରି କଥାବାର୍ତ୍ତା ଆଦେଶ ମୁତାବକ ବିସ୍ଥାପନ କାର୍ଯ୍ୟ କରୁଥିବା ଜଣାଯାଇଅଛି । ବେଆଇନ୍ ଭାବେ ବିସ୍ଥାପନ କରୁଥିବାରୁ କୋର୍ଟ କଚେରୀରେ ନିଜକୁ ଦୋଷମୁକ୍ତ ରଖିବା ପାଇଁ ଏକ ଚାଲ୍ କରୁଥିବାର ଆଲୋଚନା ହେଉଛି । ଏପରିକି ବିସ୍ଥାପନ ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ବିଭିନ୍ନ ମକଦ୍ଦମାରେ ତହସିଲ୍ ଅଫିସ୍ ଓ ରେଂଜର୍ କରିଥିବାର ଲିଖିତ ଉତ୍ତର ବନଖଣ୍ଡ ଅଧିକାରୀ ସ୍ୱୟଂ ଦେଇଥିବା ଜଣାଯାଇଅଛି । ସ୍ୱେଚ୍ଛାକୃତ ଗ୍ରାମ ବିସ୍ଥାପନ ନୀତି ସ୍ୱଇଚ୍ଛାରେ ସମୂହ ଗ୍ରାମବାସୀଙ୍କ ମତାମତ ଗ୍ରାମସଭାରେ ନିଆଯିବାର ଆଇନଗତ ବ୍ୟବସ୍ଥା ଅଟେ । ମାତ୍ର ସାତକୋଶିଆ ବନଖଣ୍ଡ ପକ୍ଷରୁ ଗ୍ରାମସଭାରେ କୌଣସି ଗ୍ରାମବାସୀଙ୍କ ମତାମତ ନିଆ ନଯାଇ ଭୂର୍କୁଣ୍ଡି ଜଂଗଲ ଗ୍ରାମକୁ ବିସ୍ଥାପନ କରାଯାଇଅଛି । ଅନ୍ୟପକ୍ଷରେ ଗ୍ରାମ ବିସ୍ଥାପନରେ ବିସ୍ଥାପିତ ପରିବାର ଥଇଥାନ ଓ ପୁନଃବସତି ହେବା ପରେ ଗାଁ ଛାଡିବାର ବ୍ୟବସ୍ଥା ଥିଲେ ମଧ ବନ ବିଭାଗ ଜରିପାଲ ତଳେ ରହିବାକୁ ଏକ ପ୍ରକାର ବାଧ୍ୟ କରିବା ପରେ ପ୍ୟାକେଜ୍ ଟଙ୍କା ଆସିବା ର ମିଥ୍ୟା ପ୍ରତିଶ୍ରୁତି ସରଳ ଗ୍ରାମବାସୀଂକ ପ୍ରତି ଅତ୍ୟାଚର ଓ ଅନ୍ୟାୟ କରୁଥିବାର ସାତକୋଶିଆ ଅଭୟାରଣ୍ୟ ଓ ପ୍ରଜା ସୁରକ୍ଷା ସମିତିର ସଭାପତି ନବ କିଶୋର ବିଶୋଇ କ୍ଷୋଭ ପ୍ରକାଶ କରିଛନ୍ତି । ଏପରିକି ସାତକୋଶିଆ ବନଖଣ୍ଡ ଅଧିକାରୀ ବିସ୍ଥାପନ ପ୍ରକ୍ରିୟାରେ ବେଆଇନ୍ କାର୍ଯ୍ୟ, ଦୁର୍ନୀତି ଏବଂ ସରଳ ନୀରିହ ଆଦିବାସୀ ଓ ବନବାସୀଙ୍କ ପ୍ରତି ଅପରାଧିକ କାର୍ଯ୍ୟ କରିଥିବାରୁ ଗିରଫ୍ କରାଯିବାକୁ ଦୃଢ ଦାବୀ କରିଛନ୍ତି । ଆଗାମୀ ଦିନରେ ବନଖଣ୍ଡ ଅଧିକାରୀଙ୍କ ର ଅସଲ ଚେହେରା ଜନ ସାଧାରଣ ଜାଣି ପାରିବେ ବୋଲି ଶ୍ରୀ ବିଶୋଇ ପ୍ରକାଶ କରିଛନ୍ତି ।

# ସିଟିଓ, ଓଏସ୍‌ଆରଟିସି ବସ୍ ବନ୍ଦ ନେଇ ଜନଅସନ୍ତୋଷ

## ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ସାଂସଦ, ସଚିବ, ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ

କୁଚିଣ୍ଡା(ଭାସ୍କର ନ୍ୟୁଜ୍): କୁଚିଣ୍ଡାରୁ ସମ୍ବଲପୁର, ବାମରା,ଜମନକିରା ବ୍ଲକ ତଥା ଭୁବନେଶ୍ୱର ରାଜଧାନୀକୁ ଯାତାୟତ ସମସ୍ତ ସିଟିଓ ଓଏସ୍‌ଆରଟିସି ବସକୁ ୬ ମାସ ହେଲା ବନ୍ଦ କରିଦିଆଯାଇଛି । ସୁବିଧା ଓ ସୁଲଭ ମୂଲ୍ୟରେ ତଥା ସଠିକ ସମୟରେ ଉପରୋକ୍ତ ସ୍ଥାନକୁ ଯାଇ ଯାତ୍ରୀ କାମ ସାରି ଫେରିଆସୁଥିଲେ । ବନ୍ଦ ହେବାପରେ ସାଧାରଣ ଜନତା ପୋଷଣର ଶିକାର ହେଉଛନ୍ତି । ଏସମ୍ବନ୍ଧରେ ଜିଲ୍ଲାପାଳ ସମ୍ବଲପୁରଙ୍କ ଠାରେ ଅଭିଯୋଗକଲେ ମଧ କୌଣସି ସୁଫଳ ମିଳିପାରୁନାହିଁ ।ଏଣେ ପ୍ରଚଳିତ ବସଗୁଡିକ ସମ୍ବଲପୁରରେ ଅକାରଣ ରେ ଛିଡା କରିଦିଆଯାଇଛି । ସରକାରଙ୍କ ପହବିଲରୁ ଏବାବଦରେ କୋଟି କୋଟି ଟଙ୍କା ଯନ୍ତ୍ରପାତି ଖତ ଖାଉଛି । ଏହାକୁ ନେଇ ଉପଖଣ୍ଡରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି, ଏବଂ ଏନେଇ ଜନସାଧାରଣ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ମାନ୍ୟବର ମୋହନ ମାଝୀ, କୁଚିଣ୍ଡା ବିଧାୟକ ତଥା ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତରାଜ ଓ ପାନୀୟଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ସଚିବ ସାଧାରଣ ଅଭିଯୋଗ ବିଭାଗ, ମୁଖ୍ୟ ସଚିବ ଓଡ଼ିଶା ସରକାର, ଏବଂ ସମ୍ବଲପୁର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଅବଗତ ଓ ତୁରନ୍ତ ସମାଧାନ ନିମନ୍ତେ ଜଣାଇଛନ୍ତି । ଏହି ଅଭିଯୋଗ ପୂର୍ବତନ ସରପଞ୍ଚ ଜଗଦୀଶ ପ୍ରସାଦ ଖଣ୍ଡେଲ ୱାଲ, ଯୁଧିଷ୍ଠିର ନାଏକ, ପ୍ରମୋଦ ପଟେଲ, ରାଜୁ ପୃଷେଠ ସମେତ ଶତାଧିକ ସ୍ୱାକ୍ଷରରେ ଏହି ଅଭିଯୋଗ କରିଛନ୍ତିଯେ,କୁଚିଣ୍ଡା ଉପଖଣ୍ଡ ସଦରମହକୁମା ଠାରୁ ଚଳାଚଳ ବସକୁ ପୁନଃ ପ୍ରଚଳନ କରିବା । ସୂଚନାଯୋଗ୍ୟ ଯେ, କୁଚିଣ୍ଡା ଆଇଟିଡିଏ ସଦର ମହକୁମାରୁ ୩ଗୋଟି ସିଟିବସ ସମ୍ବଲପୁର ମଧ୍ୟରେ ଯାତାୟତ କରୁଥିଲା । ୨ଗୋଟି ଭାୟା ଜମନକିରା ବ୍ଲକ ସଦରମହକୁମା ଦେଇ ଚଳାଚଳ କରୁଥିବାବେଳେ, ଗୋଟିଏ ଭାୟା ଲଇଡା ଦରେଙ୍ଗାଳି ଦେଇ ସମ୍ବଲପୁର ଜାତାୟତ କରୁଥିଲା । ଏହି ୩ବସକୁ ୬ମାସ ହେଲା ବନ୍ଦ କରିଦିଆଯାଇଛି । ବାମରା କୁଚିଣ୍ଡା ଦେଇ ଏକ ଓଏସ୍‌ଆର୍‌ଟିସି ଏସି ବସ ଚାଲିଥିଲା । ତାକୁ ୫ମାସ ହେଲା ବନ୍ଦ କରିଦିଆଯାଇଛି । ସକାଳେ କୁଚିଣ୍ଡାରୁ ରାଜଧାନୀ ଭୁବନେଶ୍ୱରକୁ ଓଏସ୍‌ଆରଟିସି ବସ୍ ଦିନବେଳା ଚାଲିଥିଲା । ନିର୍ଭୟରେ ମହିଳା ଛାତ୍ରୀ ଓ ମହିଳା ସୁରକ୍ଷିତ ଯାତାୟତ କରୁଥିଲେ । ଗହଳି ମଧ ହେଉଥିଲା ତାକୁ ମଧ ବନ୍ଦ କରିଦିଆଯାଇଛି' ପୁଣି ଝାରସୁଗୁଡା ଜିଲ୍ଲା ସଦରମହକୁମାଠାରୁ ଭାୟା କୁଚିଣ୍ଡା ଦେବଗଡ଼ ପାଲ ଲହଡ଼ା ଓ ଏସ୍ ଆର ଟି ସି ର ଭଲ୍‌ଭୋ ବସ ପୁରୀ ଯାଉଥିଲା ସେଥିରେ ଅଧା ଭଡ଼ା ଦେଇ ମହିଳାମାନେ ପୁରୀ ଯାଇ ଭଗବାନ ଜଗନ୍ନାଥଙ୍କୁ ଦର୍ଶନ କରୁଥିଲେ ଓ ସେହି ବସରେ ଫେରିଆସୁଥିଲେ ସେହି ବସକୁ ମଧ ବନ୍ଦ କରିଦିଆଗଲା । ତେଣୁ ଉପରୋକ୍ତ ପ୍ରଚଳିତ ବସ ଯଥାଶିଘ୍ର ଚଳାଚଳ କରାନଗଲେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଚେତାବନୀ ମଧ ଦିଆଯାଇଛି ।

# ରବିଚାଷ ପାଇଁ କେନାଲକୁ ଆସିଲା ପାଣି

## ଚାଷୀଙ୍କ ମହଲରେ ଖୁସିର ଲହରୀ

ଖଡ଼ିଆଳ(ଭାସ୍କର ନ୍ୟୁଜ୍):ନୂଆପଡା ଜିଲ୍ଲା ଖଡ଼ିଆଳ ଅଞ୍ଚଳକୁ ରବି ଧନ ଚାଷ ପାଇଁ ଜଳସେଚନ ପାଇଁ କେନାଲରେ ପାଣି ଛଡ଼ାଯାଇଛି । ଚଳିତ ବର୍ଷ ରବି ଚାଷ ପାଇଁ ଖଡ଼ିଆଳ ଉପଖଣ୍ଡର ୨୬ ଗୋଟି ପାଣି ପଞ୍ଚାୟତର ୬ ହଜାର ୭୭୯ ହେକ୍ଟର ଜମିକୁ ଜଳସେଚନ ପାଇଁ ଲକ୍ଷ୍ୟ ରଖାଯାଇଛି । ଚାଷୀଙ୍କ ଜୀବନରେଖା ପାଲଟିଥିବା ସୁନ୍ଦର ନଦୀରେ ନିର୍ମାଣ ହୋଇଥିବା ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରୁ ଏହି ସମସ୍ତ ଜମିକୁ କେନାଲ ମାଧ୍ୟମରେ ପାଣି ସିଞ୍ଚନ ହେବ । ଫଳରେ ରବିରେ ଶସ୍ୟଶ୍ୟାମଳା ହେବ ଖଡ଼ିଆଳ ନିକଟବର୍ତ୍ତୀ ଅଞ୍ଚଳ ତଥା ବ୍ଲକର ଗ୍ରାମାଞ୍ଚଳର ଚାଷ ଜମି । ମୁଖ୍ୟ କେନାଲରେ ପାଣି ଛଡ଼ା ଯାଇଥିବା ବେଳେ ଜଳସେଚନ ଅପ୍ରିଲ ମାସ ଶେଷ ପର୍ଯ୍ୟନ୍ତ ଜାରି ରହିବ ଓ ଆବଶ୍ୟକସ୍ଥଳେ ସମୟ ଅବଧି ବୃଦ୍ଧି କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦେଇଛନ୍ତି । ତିଖାଲି ଜଳ ଭଣ୍ଡାରରୁ ଖଡ଼ିଆଳ ମୁଖ୍ୟ କେନାଲ ମାଧ୍ୟମରେ ଜଳ ନିଷ୍କାସନ ହେଉଛି । ଚଳିତ ବର୍ଷ ଖରିଫ ଋତୁରେ ୧୫ ହଜାର ୨୦୦ ହେକ୍ଟର, ଧାନ ଚାଷ ହୋଇଥିବା ବେଳେ ରବିରେ ୬୭୭୯ ହଜାର ହେକ୍ଟର ଜମି ଜଳସେଚିତ ହେବ । ୨୦୦୧ ମସିହାରେ ଆରମ୍ଭ ହୋଇଥିବା ଲୋୟର ଇନ୍ଦ୍ର ଇରିଗେସନ ପ୍ରକଳ୍ପ (ତିଖାଲି ଡ୍ୟାମ) ୨୦୨୧ ମସିହାରୁ ଜଳସେଚନ ଆରମ୍ଭ ହୋଇଛି । ବିଗତ ବର୍ଷ ଗୁଡିକରେ ରବି ଋତୁରେ କେବଳ ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ସୁନ୍ଦର ନଦୀରୁ କିମ୍ବା ବିଭିନ୍ନ ଜଳସ୍ରୋତରୁ ରବି ଧାନ ଚାଷ କରୁଥିବାବେଳେ ଚଳିତ ବର୍ଷ ରବି ଚାଷ ପାଇଁ କେନାଲ ମାଧ୍ୟମରେ ଚାଷ ହେଉଥିବାରୁ ଚାଷୀ ଖୁସି ଥିବା ପ୍ରକାଶ କରିଛନ୍ତି । ରବି ଧାନ ଚାଷ



ପାଇଁ ପାଣିର କୌଣସି ଅସୁବିଧା ହେବ ନାହିଁ ବୋଲି ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ସଞ୍ଜୀବ ଜ୍ଞାନଭତ୍ରା ପ୍ରକାଶ କରିଛନ୍ତି ।

# ବାମରାରେ ପ୍ରସିଦ୍ଧ ମକର ମହୋତ୍ସବ ଆରମ୍ଭ

ବାମରା (ଭାସ୍କର ନ୍ୟୁଜ୍) : ସମ୍ବଲପୁର ଜିଲ୍ଲା ବାମରା ପ୍ରସିଦ୍ଧ ମକର ମହୋତ୍ସବ ୧୪ ତାରିଖ ରୁ ଆରମ୍ଭ ହୋଇଯାଇଛି । ବାମରା ବ୍ଲକ ଉଚ୍ଛକାପାଟ ପଞ୍ଚାୟତ ର କେଛୁପାଣିସ୍ଥିତ ଶ୍ରୀ ଶ୍ରୀ ଧବଳେଶ୍ୱର ଶିବ ମନ୍ଦିରରୁ ଏକ ବିଶାଳ ଶୋଭାଯାତ୍ରାରେ ହର ମହାପ୍ରଭୁ ସୁ ସଜ୍ଜିତ ରଥରେ ରଥାରୁଢ ହୋଇ ହନୁମାନ ମନ୍ଦିର ଓ ସମଲେଶ୍ୱରୀ ମନ୍ଦିର ପହଞ୍ଚିଥିଲେ । ସେଠାରୁ ବିଶାଳ ଶୋଭାଯାତ୍ରାରେ ଘଣ୍ଟବାଜା , ଦୁଲଦୁଲି , ସମ୍ବଦା, କିଶାନ ନୃତ୍ୟ ତାଳେ ତାଳେ ପ୍ରାୟ ୭/୮ କିଲୋମିଟର ନୁନିଆମୁଣ୍ଡା ଦେଇ ବାମରା ବଡଡୁମେରମୁଣ୍ଡା , ଷ୍ଟେସନବସ୍ତି , ବସଷ୍ଟାଣ୍ଡ , ବ୍ଲକ ଛକ୍ , ଗୁଣ୍ଡିଚା ମନ୍ଦିର ଦେଇ ମକର ମିଳନ ପଡିଆରେ ପହଞ୍ଚିଥିଲେ । ବାମରା ଗୋବିନ୍ଦପୁରସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରୁ ମହାପ୍ରଭୁ ହରି ଏକ ସୁସଜ୍ଜିତ ରଥରେ ରଥାରୁଢ ହୋଇ ମିଳନ ପଡିଆରେ ପହଞ୍ଚିଥିଲେ । ଉଭୟ ହର ହରି ମହାପ୍ରଭୁ ପଡିଆରେ ପହଞ୍ଚିବା ପରେ ଶହ ଶହ ଶ୍ରଦ୍ଧାଳୁ ହୁଳହୁଳି ଦେଇ ସ୍ୱାଗତ କରିଥିଲେ । ସେଠାରେ ଉଭୟ ହରହରି ମହାପ୍ରଭୁଙ୍କ ମଧ୍ୟରେ ମୈତ୍ରୀ ବସିଥିଲେ । ପରେ ସମସ୍ତ ଭକ୍ତ ମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା ।

# ବାତ୍ୟା 'ଦାନା' ସହାୟତା ପ୍ରକଳ୍ପକୁ ନେଇ ହାଇକୋର୍ଟରେ ମାମଲା

## ଫେବୃଆରୀ ୭ରେ ପରବର୍ତ୍ତୀ ଶୁଣାଣି

ତିହିଡ଼ି (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ତିହିଡ଼ି ବ୍ଲକର ୯ଟି ପଞ୍ଚାୟତକୁ ସରକାର ବାତ୍ୟା ଦାନା ସହାୟତା ଯୋଗାଇ ଦେଇଥିଲେ । ଏହି ସହାୟତାରେ ରାସ୍ତା ନିର୍ମାଣ ସହିତ ଅଙ୍ଗନୱାଡ଼ି ଓ ସ୍କୁଲ ଗୃହ ମରାମତି ହେବା ପାଇଁ ଅନୁଦାନ ମିଳିଥିଲା । ଏଥିପାଇଁ ବ୍ଲକ ପ୍ରଶାସନ ମାଧ୍ୟମରେ ପ୍ରକଳ୍ପ ଗୁଡ଼ିକ ଅନୁମୋଦନ ପାଇଁ ଜିଲା ପ୍ରଶାସନକୁ ଦିଆଯାଇଥିଲା । ମାତ୍ର ୯ ନଂ ଜୋନର ବିଜେଡି ଜିଲାପରିଷଦ ସଭ୍ୟ ଓ ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥିତ ନିର୍ବାଚିତ ଲୋକପ୍ରତିନିଧିମାନେ ଯେଉଁ ପ୍ରକଳ୍ପ ଗୁଡ଼ିକ ବ୍ଲକ ପ୍ରଶାସନକୁ ଦେଇଥିଲେ ସେହି ପ୍ରକଳ୍ପ ଗୁଡ଼ିକ ମଧ୍ୟରୁ କୌଣସି ପ୍ରକଳ୍ପ ଅନୁମୋଦନ ହୋଇନାହିଁ । ଏହା ସରକାରୀ ନିୟମକୁ ଉଲଂଘନ କରାଯାଇ କେଉଁମାନଙ୍କ ପ୍ରକଳ୍ପ ଅନୁମୋଦନ କରାଯାଇଛି ବୋଲି ଦର୍ଶାଇ ୯ନମ୍ବର ଜୋନ ଜିଲାପରିଷଦ ସଭ୍ୟ ଅମୂଲ୍ୟ କୁମାର ମାଝୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥିତ ନିର୍ବାଚିତ ସରପଞ୍ଚ ଓ ସମିତିଭ୍ୟମାନେ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ । ମାନ୍ୟବର ହାଇକୋର୍ଟ ସେମାନଙ୍କ ଆବେଦନକୁ ଗ୍ରହଣ କରି ଡବ୍ଲୁପି(ସି) ନଂ ୪୦୧/୨୫ ମାମଲା ରୁଜୁ କରି ଆସନ୍ତା ଫେବୃଆରୀ ୭ ତାରିଖକୁ ଶୁଣାଣି ତାରିଖ ଧାର୍ଯ୍ୟ କରିଛନ୍ତି । ଯାହାଫଳରେ ପ୍ରକଳ୍ପ ଗୁଡ଼ିକ ଉପରେ ହାଇକୋର୍ଟଙ୍କ ନିକଟରେ ବିଚାରାଧୀନ ରହିଛି ବୋଲି ଜଣାପଡ଼ିଛି । ତେବେ ଏପରି ପରିସ୍ଥିତିକୁ ନେଇ ପ୍ରଶାସନ ଅଡୁଆରେ ପଡ଼ିଥିବା ଜଣାପଡ଼ିଛି । ବାତ୍ୟା ଦାନା ପରେ କ୍ଷତିଗ୍ରସ୍ତ ବିଭିନ୍ନ ପ୍ରକଳ୍ପର ମରାମତି ଓ ନିର୍ମାଣ ପାଇଁ ବିଜେଡ଼ିର ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କ ପକ୍ଷରୁ ବ୍ଲକ ପ୍ରଶାସନକୁ ପ୍ରକଳ୍ପ ତାଲିକା ଦିଆଯାଇଥିଲା । ପ୍ରଶାସନର ସୂଚନାକ୍ରମେ ପ୍ରତି ପ୍ୟଞ୍ଚାୟତରୁ ୨ଟି ଲେଖାଏଁ ମୋଟ ୧୮ଟି ପ୍ରକଳ୍ପର ଚିଠା ପ୍ରଶାସନକୁ ଦିଆଯାଇଥିଲା । ୯ ନଂ ଜିଲାପରିଷଦ ଅଧୀନରେ ଥିବା ଦୌଲତପୁର, ସାହାପୁର, ବାମନବିନ୍ଧା, ହରସିଂହପୁର, ଜାମଯୋଡ଼ି, ରାଜନଗର, ନରେନ୍ଦ୍ରପୁର, ବାରସର ଓ ଗୋବିନ୍ଦପୁର ପଞ୍ଚାୟତରେ ଏହିସବୁ ପ୍ରକଳ୍ପର ନିର୍ମାଣ ନେଇ ପ୍ରସ୍ତାବ ଦିଆଯାଇଥିଲା । ତେବେ ବାତ୍ୟା ସହାୟତା ଭାବେ ଏଫଡ଼ିଅର ଯୋଜନାରେ ସେହିସବୁ ପଞ୍ଚାୟତକୁ ମୋଟ ୨୦କୋଟି ଟଙ୍କାର ଅନୁଦାନ ମିଳିଛି । ମାତ୍ର ପ୍ରକଳ୍ପ ତାଲିକା ପ୍ରକାଶ ପାଇବା ପରେ ବିଜେଡ଼ି ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବରୁ ଗୋଟିଏ ବି ପ୍ରକଳ୍ପ ଅନୁମୋଦିତ ପ୍ରକଳ୍ପ ତାଲିକାରେ ନଥିଲା । ଏହାକୁ ନେଇ ବିଜେଡ଼ିର ନେତୃବୃନ୍ଦଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା ।

# ମୃତ ନିର୍ମାଣ ଶ୍ରମିକଙ୍କ ପରିବାରକୁ ଭେଟିଲେ ଶ୍ରମିକ ସଂଘ ପ୍ରତିନିଧି

ଡେରାବିଶ (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଏଣ୍ଡର ପଂଚାୟତ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମର ନିର୍ମାଣ ଶ୍ରମିକ ସ୍ମୃତିକାନ୍ତ କାମିଲାଙ୍କ ଆକସ୍ମିକ ପରଲୋକ ଘଟିଯାଇଛି । ଖବର ପାଇ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀଙ୍କ ସହିତ ସଂଘର ବରିଷ୍ଠ ସଦସ୍ୟ ଓ କର୍ମକର୍ତାମାନେ ଦଳ ତୁରନ୍ତ ସ୍ୱର୍ଗତ କାମିଳାଙ୍କ ଘରେ ପହଂଚି ଶୋକ ସନ୍ତପ୍ତ ପରିବାରକୁ ଭେଟି ସାନ୍ତ୍ୱନା ଦେଇଛନ୍ତି । ତାଙ୍କର ପତ୍ନୀ ସସ୍ମିତା କାମିଳା, ପୁଅ ଋଷିକାନ୍ତ ଝିଅ ସଙ୍ଗିତା, ଅଙ୍କିତାଙ୍କୁ ସନ୍ତ୍ୱନା ପ୍ରଦାନ କରିଥିଲେ ।

# ପାଣିହାଣ୍ଡିରେ ପଡି ଶିଶୁ ମୃତ

ଝରିଗାଁ(ଭାସ୍କର ନ୍ୟୁଜ୍): ଖେଳୁଥିବା ସମୟରେ ପାଣି ହାଣ୍ଡି ଭିତରେ ପଡି ଜଣେ ଶିଶୁର ମୃତ୍ୟୁ ଘଟିଛି । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନାଅଧୀନରେ । ମୃତ ଶିଶୁ ଜଣକ ହେଲେ ଝରିଗାଁ ବ୍ଲକ ଏକମ୍ବା ଗ୍ରାମର ନେହା ଭାଟ(ଦେଢ ବର୍ଷ) । ମିଳିଥିବା ସୂଚନା ଅନୁସାରେ ନେହା ଘର ସାମ୍ନାରେ ଖେଳୁଥିଲେ ।ଘର ସାମ୍ନାରେ ଗୋଟିଏ ହାଣ୍ଡିରେ ପାଣି ଥିଲା । ନେହା ସେହି ପାଣି ହାଣ୍ଡି ଭିତରେ ପଶି ଯିବା ଫଳରେ ଅଚେତ ହୋଇଯାଇଥିଲା । ଗୁରୁତର ଅବସ୍ଥାରେ ପରିବାର ଲୋକେ ନେହା କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ନେହା କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ କୁ ଭିତ୍ତି କରି ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ପୋଲିସ ଏହାକୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି । ତଦନ୍ତ ଭାର ଏଏସଆଇ ଦିଲିପ ବାଘ ସମ୍ଭାଳିଛନ୍ତି ।

# ଶାରଦାରେ ମେଧାବୃତ୍ତି ଛାତ୍ରଛାତ୍ରୀଙ୍କୁ ଶୁଭ କାମନା




ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଶାରଦା ବିଦ୍ୟାମନ୍ଦିର ପରିସରରେ ଗୁରୁବାର ପ୍ରଧାନଶିକ୍ଷକ ଶରତଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ମେଧାବୃତ୍ତି ଛାତ୍ରଛାତ୍ରୀଙ୍କୁ ଶୁଭକାମନା ଜ୍ଞାପନ କରାଯାଇଛି । ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷାରେ ସଫଳତା ହାସଲ କରିଥିବା ଶାରଦାର ଶୁଭମ ଶେଖର ସାମଲ, ସୁଜିତ କୁମାର ମଲ୍ଲିକ, ପ୍ରାଚୀ ପ୍ରିୟଦର୍ଶନୀ ଦାସ, ଶିବଶଙ୍କର ସେଠୀ, ଅର୍ଣ୍ଣବ କୁମାର ସେନାପତି ଓ ସୋନି ସମୀକ୍ଷା ଜେନା ଛାତ୍ରଛାତ୍ରୀମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା । ଏଥିରେ ବିଇଓ ଅଧିର କୁମାର ତରାଇ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱମ୍ଭର ନାଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପାଦେୟ ପୁସ୍ତିକା ଆଦିପ୍ରଦାନ କରି ଶୁଭକାମନା ଜଣାଇଥିଲେ ।

# ଝାଡେଶ୍ୱର ଜୁନିୟର କଲେଜ ଅଧ୍ୟାପକ-କର୍ମଚାରୀଙ୍କ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବ୍ୟାସନଗର (ଭାସ୍କର ନ୍ୟୁଜ୍): ଦାନଗଦୀ ବ୍ଲକ ଟୋଲକାନୀ ସ୍ଥିତ ଝାଡେଶ୍ୱର ଜୁନିୟର କଲେଜରେ ଅଧ୍ୟାପକ ଓ କର୍ମଚାରୀମାନେ ଓଡ଼ିଶା ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ତାଙ୍କ ସୁକିନ୍ଦା ସ୍ଥିତ ବାସ ଭବନରେ ଭେଟି ୪୮୮ବର୍ଗ ଅଧକ୍ଷ ଓ କର୍ମଚାରୀମାନଙ୍କ ଚାକିରୀ ସର୍ତ୍ତାବଳୀ ଓ ପେନସନ ପ୍ରମୁଖ ଦାବୀ ନେଇ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଅଧକ୍ଷ ଡ. ଅକ୍ଷୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଅଧ୍ୟାପକ ରଞ୍ଜନ କୁମାର ସାହୁ, ଖଗେଶ କୁମାର ଜେନା, ତୋଫାନ ଜେନା, କର୍ମଚାରୀ ବିଜୟ କୁମାର ସାହୁ ପ୍ରମୁଖ ମନ୍ତ୍ରୀଙ୍କୁ ଦେଖାକରି ମହାବିଦ୍ୟାଳୟର ସମସ୍ୟା ସଂପର୍କରେ ଆଲୋଚନା କରିବା ସହ ୪୮୮ବର୍ଗ ଅଧ୍ୟାପକ ଓ କର୍ମଚାରୀମାନଙ୍କ ଦୁର୍ଦ୍ଦିନ କଥା ବର୍ଣ୍ଣନା କରି ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ । ଏସଂପର୍କରେ ମନ୍ତ୍ରୀ ଶ୍ରୀଯୁକ୍ତ ବଳ ସାମନ୍ତ ନିଶ୍ଚିତ ଦୃଷ୍ଟି ଦେବେ ବୋଲି ଅଧ୍ୟାପକମାନଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ ।



# ଜାନୁଆରୀ ୧୮ରେ କେନ୍ଦୁଝର ବନଖଣ୍ଡରେ ପକ୍ଷୀ ଗଣନା



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ବନଖଣ୍ଡରେ ଆସନ୍ତା ଜାନୁଆରୀ ୧୮ ତାରିଖ ଶନିବାର ପକ୍ଷୀ ଗଣନା କରାଯିବ ବୋଲି ଜଣାପଡିଛି । ଚଳିତ ବର୍ଷ ବିଳମ୍ବରେ ପକ୍ଷୀ ଗଣନା କାର୍ଯ୍ୟ ହେଉଛି । ଶୀତଦିନେ ବିଶେଷ କରି ଡିସେମ୍ବର ଓ ଜାନୁଆରୀ ମାସରେ ଏହି ବହିରାଗତ ପକ୍ଷୀମାନେ କେନ୍ଦୁଝର ଜିଲ୍ଲା ମଧ୍ୟରେ ଥିବା କେନ୍ଦୁଝର ବନଖଣ୍ଡର ବିଭିନ୍ନ ଜଳଉତ୍ସ ନିକଟକୁ ଆସି ଅବସ୍ଥାନ କରିଥିବାବେଳେ ଶୀତ ଶେଷରେ ପୁଣି ଥରେ ଅନ୍ୟ ସ୍ଥାନକୁ ଚାଲି ଯାଇଥାନ୍ତି । କେନ୍ଦୁଝର ବନଖଣ୍ଡର ସଦର ରେଞ୍ଜ,ଘଟଗାଁ,ବିଜେପି,ତେଲକୋଇ ଓ ଚମ୍ପୁଆ ରେଞ୍ଜ ଅଧିନ ୨୧ଟି ବନ୍ଧ,ପୋଖରୀ ଓ ଆଦ୍ରଭୂମି ଚିହ୍ନଟ କରାଯାଇଛି । ଏହି ପକ୍ଷୀ ଗଣନା କାର୍ଯ୍ୟକ୍ରମ ପାଇଁ ୪୨ଟି ଟିମ୍ ଗଠନ କରାଯାଇଛି । ପୂର୍ବରୁ କେନ୍ଦୁଝରକୁ ବିଦେଶୀ ପକ୍ଷୀ ଆଗମନ କରୁନଥିବାବେଳେ ଚଳିତବର୍ଷ ଅତ୍ୟଧିକ ଥଣ୍ଡା ଅନୁଭୂତ ହେଉଥିବାରୁ ରଙ୍ଗବେରଙ୍ଗ ପକ୍ଷରୁ ଆଗୁଆ ଆସି ପହଞ୍ଚିଛନ୍ତି । ଆଗରୁ ୧୦ ତାରିଖ ପକ୍ଷୀ ଗଣନା ହେଉଥିବାବେଳେ ଚିଲିକା ବାର୍ଡ ଫେଷ୍ଟିଭାଲ ଯୋଗୁଁ ୧୮ ତାରିଖ ଗଣନା କରିବାକୁ ନିଷ୍ପତ୍ତି ହୋଇଛି । ପୂର୍ବରୁ ୩ ଦିନ ପକ୍ଷୀ ଗଣନା ହେଉଥିବାବେଳେ ଚଳିତବର୍ଷ ଗୋଟିଏ ଦିନ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି । କେନ୍ଦୁଝର ସଦର ରେଞ୍ଜ ଅଧିକ ୩ଟି ସ୍ଥାନ ନଳପଙ୍ଗା ଡ୍ୟାମ,ଟିକରପଡା ଡ୍ୟାମ,ଚାନ୍ଦିନୀ ପୋଖରୀ,କୋଡିପଶା ଡ୍ୟାମ,ଜଗଦଳା ଡ୍ୟାମ,ଧୂଳିଆବେଡା ଡ୍ୟାମ,କାନ୍‌ଝାରୀ ଜଳଭଣ୍ଡାର,ବଡଶାସନ ପୋଖରୀ ଓ ସାପୁଆ ଡ୍ୟାମ୍ ପ୍ରଭୃତି ଅଂଚଳରେ ପକ୍ଷୀ ଗଣନା କରାଯିବ । ଘଟଗାଁ ରେଞ୍ଜ ଅଧିନରେ ୩ଟି ସ୍ଥାନ କାଳିମାଟି ଜଳଭଣ୍ଡାର,ମାନପୁର ଡ୍ୟାମ,କାଣ୍ଡସର ଡ୍ୟାମ୍‌ରେ ପକ୍ଷୀ ଗଣନା ପାଇଁ କର୍ମଚାରୀ ନିୟୋଜନ କରାଯାଇଛି । ବିଜେପି ରେଞ୍ଜର ବଡଘାଗରା ଜଳଭଣ୍ଡାର ଓ ତେଲକୋଇ ରେଞ୍ଜ ଅଧିନ ୫ଟି ସ୍ଥାନ ଖଜୁରିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ,ଦଣ୍ଡାଧାର ଡ୍ୟାମ,ଖୁଣ୍ଟାପଡା ଡ୍ୟାମ,କାକୁଡିଅମ୍ବା ଡ୍ୟାମ୍ ଓ ସଲେଇକେନା ଡ୍ୟାମ୍‌ରେ ପକ୍ଷୀ ଗଣନା କରାଯିବ । ଚମ୍ପୁଆ ରେଞ୍ଜ ଅଧିନ ଯୋଡା ସେକ୍ସନର ଟାଟାଷ୍ଟିଲ ସିଲ୍ଲେ ଡ୍ୟାମ୍‌ରେ ପକ୍ଷୀ ଗଣନା ହେବ । ପାଟଣା ବନାଞ୍ଚଳର ଖିରେଇଟାଙ୍ଗିରୀ ବଡବନ୍ଧରେ ମଧ ପକ୍ଷୀ ଗଣନା କରାଯିବ । ୨୧ଟି ସ୍ଥାନ ପାଇଁ ୪୨ଟି ଟିମ୍ ଗଠନ କରାଯାଇଛି । ଏଥିପାଇଁ ଗଣନାକାରୀଙ୍କୁ ସବିଶେଷ ତାଲିମ ଦିଆଯାଇଛି । ପ୍ରତି ଦଳକୁ ବାଇନାକୁଲାର,କ୍ୟାମେରା,ଜିପିଏସ୍ ଷ୍କେଲ ଓ ଡିଏଚ୍‌ଏଫ୍ ଆଦି ଯନ୍ତ୍ର ଯୋଗାଇ ଦିଆଯାଇଛି ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି । ଗଣନା ସମୟରେ ଯେପରି ବାଧା ସୃଷ୍ଟି ନହେବ ସେଥିପ୍ରତି ବନାଞ୍ଚଳ ଅଧିକାରୀମାନେ ଦାୟିତ୍ୱ ତୁଲାଇବେ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି । ଏଥିନେଇ ମତ୍ସ୍ୟଜୀବୀମାନଙ୍କୁ ମଧ ସଚେତନ କରାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ ଯେ, ପକ୍ଷୀ ଗଣନା ୩ଟି ପଦ୍ଧତିରେ କରାଯାଇଛି ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



କଟକ(ଭାସ୍କର ନ୍ୟୁଜ): ମାଦକ ଦ୍ରବ୍ୟ ସେବନଠାରୁ ନିଜକୁ ଦୂରେଇ ରଖିବା ସହ ନିଶାମୁକ୍ତ ସମାଜ ଗଠନ ଦିଗରେ ଆଇନ୍ ପ୍ରୟୋଗକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏ ଦିଗରେ ସଚେତନତା ସୃଷ୍ଟି କରିବା ସହ ସିଗାରେଟ ଓ ଅନ୍ୟ ମାଦକ ଦ୍ରବ୍ୟ ଅଧିନିୟମ (ସିଓଟିପିଏ) ୨୦୦୩ ତଥା ଅନ୍ୟାନ୍ୟ ଆଇନଗୁଡିକୁ କଡାକଡି ଲାଗୁ କରିବା ଉପରେ ଆଇନ୍ ପ୍ରୟୋଗକାରୀଙ୍କ ଜିଲ୍ଲାସ୍ତରୀୟ ତାଲିମ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶଦିବ୍ୟଲୋଚନ ମହନ୍ତଙ୍କ ଅଧ୍ୟକ୍ଷତାରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାବନା ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ କର୍ମଶାଳାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ପ୍ରସନ୍ନ କୁମାର ହୋତା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ଲୋକନାଥ ପାତ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ଦୀପା ପଟ୍ଟନାୟକ ଏବଂ ମୁଖ୍ୟବକ୍ତା ଭାବେ ଆଚାର୍ଯ୍ୟ ହରିହର କର୍କଟ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡଃ ନିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ମାଦକ ଦ୍ରବ୍ୟ ସେବନ ଦ୍ୱାରା ସାମାଜିକ, ଅର୍ଥନୈତିକ ଓ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୋଇଥାଏ ବୋଲି ମତପ୍ରକାଶ କରିଥିଲେ । ଡଃରାଉତ ଶରୀର ଉପରେ ମାଦକଦ୍ରବ୍ୟ ସେବନର କୁପ୍ରଭାବ ଏବଂ କର୍କଟ ରୋଗର ଭୟାବହତା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମାଦକଦ୍ରବ୍ୟ ମୁକ୍ତ କଟକ ବିଷୟବସ୍ତୁ ଉପରେ ଏକ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଥିଲା । କର୍ମଶାଳାରେ ପୋଲିସ୍ ଅଧିକାରୀ ଓ ଅନ୍ୟାନ୍ୟ ଅଂଶୀଦାରମାନେ ଅଂଶଗ୍ରହଣ କରିଥିଲେ ।



### ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ

# ସଫଳ ତୀର୍ଥଯାତ୍ରା କାମନା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆପଣମାନେ ଯେପରି ଖୁସି ମନରେ ତୀର୍ଥଯାତ୍ରା କରିବାକୁ ଯାଉଛନ୍ତି, ସେହିଭଳି ସୁସ୍ଥ ଓ ନିରାପଦ ଭାବେ ତୀର୍ଥଯାତ୍ରା ସମ୍ପନ୍ନ କରି ଅଶେଷ ପୁଣ୍ୟ ଅର୍ଜନ କରି ଘରକୁ ଫେରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଭୁବନେଶ୍ୱର ଠାରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ ଅବସରରେ ବରିଷ୍ଠ ନାଗରିକମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି । ଭୁବନେଶ୍ୱର ରେଳ ଷ୍ଟେସନଠାରୁ ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡା ଓ ଢେଙ୍କାନାଳ ଜିଲ୍ଲାର ୮୦୦ ବରିଷ୍ଠ ନାଗରିକ ମହାରାଷ୍ଟ୍ରର ପ୍ରସିଦ୍ଧ ତୀର୍ଥସ୍ଥଳୀ ସିରିଡି ଓ ନାସିକ ଦର୍ଶନ ପାଇଁ ଯାତ୍ରା ଆରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ ପାରମ୍ପରିକ ପୂଜା ସହିତ ପତକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । ଏଥିସହ ଟ୍ରେନ ଭିତରେ ବୁଲି ବୁଲି ତୀର୍ଥଯାତ୍ରୀଙ୍କୁ ସଫଳ ଯାତ୍ରା ପାଇଁ ଶୁଭକାମନା ଜଣାଇଥିଲେ । ସୂଚନାଯୋଗ୍ୟ ଯେ, ରାଜ୍ୟର ଆର୍ଥିକ ଅନଗ୍ରସର ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକଙ୍କ ଆଧ୍ୟାତ୍ମିକ ଓ ଧାର୍ମିକ ଆକାଂକ୍ଷା ପୂରଣ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରଣୟନ କରାଯାଇଛି । ଚଳିତ ବର୍ଷ ରାଜ୍ୟର ୮୦୦୦ ବରିଷ୍ଠ ନାଗରିକଙ୍କ ପାଇଁ ୧୦ଟି ପର୍ଯ୍ୟାୟରେ ସିରିଡି, ନାସିକ, କୋଲକତା ଦକ୍ଷିଣକାଳୀ, କାମାକ୍ଷା, ଅଯୋଧ୍ୟା, ବାରଣାସୀ ଆଦି ତୀର୍ଥସ୍ଥାନ ଭ୍ରମଣର ବ୍ୟବସ୍ଥା କରାଯାଇଛି । ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାୟଗଡା ଓ ବାଲେଶ୍ୱର ଷ୍ଟେସନରୁ ଦୁଇଟି ପର୍ଯ୍ୟାୟରେ ଏହି ତୀର୍ଥଯାତ୍ରା ଟ୍ରେନ ଚଳାଚଳ କରିବ । ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ସନାତନ ପରମ୍ପରା ଅନୁଯାୟୀ, ଜୀବନକାଳ ମଧ୍ୟରେ କିଛି କିଛି ଧର୍ମସ୍ଥଳୀ ଦର୍ଶନ କରି ଈଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତ କରିବା ସମସ୍ତଙ୍କ ଇଚ୍ଛା ଥାଏ । କୌଣସି କାରଣବଶତଃ ଏହା ସମ୍ଭବ ହୋଇନଥାଏ । ଖୁସିର କଥା ଆପଣଙ୍କ ପାଇଁ ବାବା ଭୋଲେନାଥ ଓ ସିରିଡି ସାଇଙ୍କ ଦରବାରକୁ ଡୋର ଲାଗିଛି ଏବଂ ଆପଣମାନେ ତାଙ୍କ ଦର୍ଶନ ପାଇଁ ଯାଉଛନ୍ତି । ନିଜର ଓ ନିଜ ପରିବାରର ମଙ୍ଗଳ କାମନା କରିବା ସହ ରାଜ୍ୟର ସମୃଦ୍ଧି ଓ ଉନ୍ନତି ପାଇଁ ମଧ୍ୟ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବେ । ସେ ଆହୁରି କହିଥିଲେ ଯେ, ଭାରତୀୟ ସଂସ୍କୃତିକୁ ଏକ ସୂତ୍ରରେ ବାନ୍ଧି ରଖିଛି ଆମ ମନ୍ଦିର ପରମ୍ପରା । ଅତୀତରେ ମନ୍ଦିର ପରମ୍ପରା ଆମ ସାଂସ୍କୃତିକ ଭାବ ବିନିମୟର କେନ୍ଦ୍ର ଥିଲା । ଆମ ଐତିହ୍ୟ, କଳା, ସଂସ୍କୃତି, ଭାସ୍କର୍ଯ୍ୟ ଓ ଅର୍ଥନୀତିର ସମନ୍ୱୟ ପୀଠ ଥିଲା ମନ୍ଦିର । ସେଥିପାଇଁ ପ୍ରତ୍ୟେକ ଭାରତୀୟ ତୀର୍ଥସ୍ଥଳୀ ଓ ମନ୍ଦିର ପରିଦର୍ଶନ କରିବା ପାଇଁ ମନ ଭିତରେ ସବୁ ବେଳେ ଆଶା ରଖିଥାନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ତୀର୍ଥଯାତ୍ରୀମାନେ ଯେପରି ସୁରୁଖୁରୁରେ, ସୁବିଧାରେ ଭ୍ରମଣ ଓ ଦର୍ଶନ କରିପାରିବେ ସେଥିପାଇଁ ସେମାନଙ୍କ ସହିତ ପୁରା ଯାତ୍ରା ସମୟ ପାଇଁ ସ୍ୱତନ୍ତ୍ର ଅଧିକାରୀ, ଗାଇଡ୍ ଓ ଡାକ୍ତରୀ ଦଳର ବ୍ୟବସ୍ଥା କରାଯାଇଛି । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଯେ, ଆମ ରାଜ୍ୟର ସାଂସ୍କୃତିକ ପର୍ଯ୍ୟଟନର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ହେଉଛି ଏକ ଅନନ୍ୟ କାର୍ଯ୍ୟକ୍ରମ । କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ ଉପସ୍ଥିତ ଥିଲେ । ପର୍ଯ୍ୟଟନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ବାଳମୁକୁନ୍ଦ ଭୂୟାଁ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ।



ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ୍ ପକ୍ଷରୁ ଅଧ୍ୟକ୍ଷ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଦାରୀ ଶରଣସିଂହଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଉଛନ୍ତି ।

## ୨୦ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଗାମୀ ୨୦ ତାରିଖ (ସୋମବାର)ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ୟୁନିଟ-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଏହି ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ ଏବଂ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

राष्ट्रीय परीक्षा एजेंसी
National Testing Agency
Excellence in Assessment
National Council For Hotel Management And Catering Technology
NCHMCT
(उच्चत्तर शिक्षा विभाग, शिक्षा मंत्रालय, भारत सरकार के तहत एक स्वायत्त संगठन)
(An Autonomous Organization under the Department of Higher Education, Ministry of Education, GoI)

**ରାଷ୍ଟ୍ରୀୟ ପରୀକ୍ଷା ଏଜେନ୍ସି (ଉଚ୍ଚତର ଶିକ୍ଷା ବିଭାଗ, ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧିକ ଏକ ସ୍ୱୟଂଚାଳିତ ସଂସ୍ଥା)**

ଏନ୍‌ସିଏଚ୍‌ଏମ୍-ଜେଇଇ ପାଇଁ ଅନ୍‌ଲାଇନ୍ ଆବେଦନ ପାଇଁ ସାର୍ବଜନୀନ ସୂଚନା ରାଷ୍ଟ୍ରୀୟ ପରୀକ୍ଷା ସଂଗଠନ ଏନ୍‌ସିଏଚ୍‌ଏସ୍‌ସିଟିରେ ହୋଟେଲ ପ୍ରବନ୍ଧନ ସଂସ୍ଥା(ଆଇଏଚ୍‌ଏମ୍)ରେ ଆତିଥ୍ୟ ଏବଂ ହୋଟେଲ ପ୍ରଶାସନ ପାଇଁ ବିଜ୍ଞାନ ସ୍ନାତକ ପାଠ୍ୟକ୍ରମରେ ପ୍ରବେଶ ନିମନ୍ତେ ରାଷ୍ଟ୍ରୀୟ ହୋଟେଲ ପ୍ରବନ୍ଧନ ଏବଂ କ୍ୟାଟରିଂ ଟେକ୍ନୋଲୋଜି ପରିଷଦ(ପର୍ଯ୍ୟଟନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧିନ)ରେ ଏବଂ ଏନ୍‌ସିଏଚ୍‌ଏମ୍-ଜେଇଇ ୨୦୨୫ର ପରୀକ୍ଷା ଆୟୋଜନ କରୁଛନ୍ତି ।

| | |
|---|---|
| ଅନ୍‌ଲାଇନ୍ ଆବେଦନ ପତ୍ର | ୧୬.୧୨.୨୦୨୪ରୁ ୧୫.୦୨.୨୦୨୫ (ଅପରାହ୍ନ ୫ଟା ପର୍ଯ୍ୟନ୍ତ) |
| ପରୀକ୍ଷା ତାରିଖ | ୨୭.୦୪.୨୦୨୫(ରବିବାର) |

ପରୀକ୍ଷା ନିମନ୍ତେ ପଞ୍ଜୀକରଣ ପାଇଁ ଅନ୍ୟ ସମସ୍ତ ଆବଶ୍ୟକ ବିବରଣୀ ସହ ସୂଚନା ବିବରଣୀ ପୁସ୍ତିକା ରାଷ୍ଟ୍ରୀୟ ପରୀକ୍ଷା ଏଜେନ୍ସି ଅଧିକାରୀଙ୍କ ୱେବ୍‌ସାଇଟ୍ https//exams.nta.ac.in/NCHMCT website on https//nchm.gov.in/ ରେ ଉପଲବ୍ଧ ।

ଇଚ୍ଛୁକ ଆବେଦନକାରୀଙ୍କୁ ପରାମର୍ଶ ଦିଆଯାଉଅଛି ଯେ, ନିର୍ଦ୍ଧାରିତ ଶେଷ ତାରିଖ ପୂର୍ବରୁ ଆବେଦନ କରନ୍ତୁ ଏବଂ ନିୟମିତ ଶେଷ ଅପ୍‌ଡେଟ୍ ପାଇଁ ଅଫିସିଆଲ୍ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ ।

ଯଦି କୌଣସି ଆବେଦନକାରୀ ଏନ୍‌ସିଏଚ୍‌ଏମ୍-୨୦୨୫ ପାଇଁ ଆବେଦନ କରିବାରେ ଅସୁବିଧା ଅନୁଭବ କରନ୍ତି, ତେବେ ସେ ୦୧୧-୪୦୭୫୯୦୦୦/୦୧୧-୬୯୨୨୭୭୦୦ରେ ସମ୍ପର୍କ କରନ୍ତୁ କିମ୍ବା nchm@nta.ac.in ରେ ଇ-ମେଲ୍ କରନ୍ତୁ ।

CBC 21354/12/0003/2425

ସ୍ୱାକ୍ଷର/-
(ନିର୍ଦ୍ଦେଶକ)

## ଓଡ଼ିଶା ଗସ୍ତରେ କର୍ଣ୍ଣାଟକ ବିଧାନ ପରିଷଦର ସ୍ୱାଧିକାର କମିଟିର ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କର୍ଣ୍ଣାଟକ ବିଧାନ ପରିଷଦର ସ୍ୱାଧିକାର କମିଟିର ଏକ ପ୍ରତିନିଧି ମଣ୍ଡଳି ଶ୍ରୀ ଏମ୍. ନାଗାରାଜୁଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଗସ୍ତରେ ଆସିଥିବାବେଳେ ଆଜି ଓଡ଼ିଶା ବିଧାନସଭାଠାରେ ବାଚସ୍ପତି ସୁରମା ପାଢ଼ୀଙ୍କୁ ସାକ୍ଷାତ କରିଥିଲେ । ଏହି ଅବସରରେ ପ୍ରତିନିଧି ମଣ୍ଡଳି ଓଡ଼ିଶା ବିଧାନସଭାର ସ୍ୱାଧିକାର କମିଟିର କାର୍ଯ୍ୟବିଧି ଓ କାର୍ଯ୍ୟ ପରିଚାଳନା ସମ୍ପର୍କରେ ବିଶଦ ଭାବେ ପଚାରି ବୁଝିବା ସହ ବାଚସ୍ପତିଙ୍କୁ ମଧ୍ୟ କର୍ଣ୍ଣାଟକ ବିଧାନ ପରିଷଦର କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରାଇଥିଲେ । ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ପରମ୍ପରାର ଖୁବ୍ ଉଚ୍ଚକୋଟୀର ବୋଲି ମତଦେବା ସହ ଓଡ଼ିଶାର ଅତିଥି ପରାୟଣତାର ସେ ଭୂୟସୀ ପ୍ରଶଂସା କରିଥିଲେ । ଏହି ଆଲୋଚନା ସମୟରେ ବିଧାନସଭା ସଚିବ ଶ୍ରୀ ଦାଶରଥି ଶତପଥୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ଏହି ପ୍ରତିନିଧି ମଣ୍ଡଳି ଶୁକ୍ରବାର ସକାଳେ ଲିଙ୍ଗରାଜ ମନ୍ଦିର ପରିଦର୍ଶନ କରି ପୁରୀ ଓ କୋଣାର୍କ ଗସ୍ତରେ ଯାଇଛନ୍ତି । ଆସନ୍ତାକାଲି ଚିଲିକା ଓ ଅନ୍ୟାନ୍ୟ ସ୍ଥାନ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି ।

## ଅନ୍ତର୍ଜାତୀୟ ସହଭାଗିତାର ନୂଆ ଅଧ୍ୟାୟ ଆରମ୍ଭ: ଧର୍ମେନ୍ଦ୍ର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଭୁବନେଶ୍ୱରରେ ସିଙ୍ଗାପୁରର ରାଷ୍ଟ୍ରପତି ଥର୍ମନ ଶନ୍ମୁଗରତ୍ନମଙ୍କୁ ଭେଟି ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ହେଉଥିବା ସକାରାତ୍ମକ ପରିବର୍ତ୍ତନ ଏବଂ ପରିବର୍ତ୍ତିତ ଶିକ୍ଷା ଦୃଶ୍ୟପଟ୍ଟରେ ଜାତୀୟ ଶିକ୍ଷାନୀତିର ପରିକଳ୍ପନା ଉପରେ ଆଲୋଚନା କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଥମେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସିଙ୍ଗାପୁର ରାଷ୍ଟ୍ରପତିଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ସ୍ୱାଗତ କରିଥିଲେ । ଏହାପରେ ଏକ ଦ୍ୱିପାକ୍ଷିକ ସାକ୍ଷାତ୍ ଆଲୋଚନାରେ ଶ୍ରୀ ପ୍ରଧାନ ଭାରତର ଶିକ୍ଷା ବ୍ୟବସ୍ଥା, ସିଙ୍ଗାପୁର ସହିତ ଗୁରୁତ୍ୱପୂର୍ଣ୍ଣ ଗବେଷଣା ଓ ଉଦ୍ଭାବନ କ୍ଷେତ୍ରରେ ଉଭୟ ପକ୍ଷର ସହଯୋଗକୁ ସୁଦୃଢ଼ କରିବା ଏବଂ ଜ୍ଞାନ ସେତୁକୁ ସୁଦୃଢ଼ କରିବା ଉପରେ ଫଳପ୍ରଦ ବିଚାରବିମର୍ଶ କରିଥିଲେ । ଆଉ ଏକ ପୃଥକ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ, ସିଙ୍ଗାପୁରର ରାଷ୍ଟ୍ରପତି ଓ ପ୍ରତିନିଧିମଣ୍ଡଳୀଙ୍କ ଉପସ୍ଥିତିରେ ଓଡ଼ିଶା ଓ ସିଙ୍ଗାପୁର ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ବୁଝାମଣାପତ୍ର(ଏମଓୟୁ) ସ୍ୱାକ୍ଷରିତ ହୋଇଥିଲା । ଏମଓୟୁ ପ୍ରସଙ୍ଗରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସିଙ୍ଗାପୁର ଏବଂ ଓଡ଼ିଶା ମଧ୍ୟରେ ଆଜି ଅନେକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଓଡ଼ିଶା ଏବଂ ସିଙ୍ଗାପୁର ମଧ୍ୟରେ ଏମଓୟୁ ଦ୍ୱାରା ଅନ୍ତର୍ଜାତୀୟ ସହଭାଗିତାର ନୂଆ ଅଧ୍ୟାୟ ଆରମ୍ଭ ହୋଇଛି ।



ଓଡ଼ିଶା ଭାସ୍କର
ସମ୍ପାଦକୀୟ



ତୁମେ ଭଗବାନଙ୍କୁ ସେପର୍ଯ୍ୟନ୍ତ ବିଶ୍ୱାସ କରିପାରିବ ନାହିଁ,
ଯେପର୍ଯ୍ୟନ୍ତ ତୁମେ ନିଜେ ନିଜକୁ ବିଶ୍ୱାସ ନକରିଛ।

-ସ୍ୱାମୀ ବିବେକାନନ୍ଦ



କାହିଁରୁ ମୁଁ ଥିଲି ଆସି କାଳ -ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବି କାହିଁ ?
କୁଟୁମ୍ବାଦି ବନ୍ଧୁ ବିତ୍ତ ଧରମ ବ୍ୟତୀତ
ମୋ' ସାଙ୍ଗେ କେହି ତ' ଯିବେ ନାହିଁ ।

- ଖଗେଶ୍ୱର ସେଠ୍



## ଅର୍ଥନୈତିକ ରାଜଧାନୀରେ ଅଘଟଣ

# ଅଭିନେତାଙ୍କୁ ମରଣାନ୍ତକ ଆକ୍ରମଣ

ଭାରତର ଅର୍ଥନୈତିକ ରାଜଧାନୀ ମୁମ୍ବାଇ ମହାନଗରୀର ଛାତି ଉପରେ ଘଟିଥିବା ଏକ ଅଭାବନୀୟ ଘଟଣା ସମଗ୍ର ଦେଶରେ ହଇଚଇ ସୃଷ୍ଟି କରିଛି। ବଲିଉଡ୍‌ର ଜଣାଶୁଣା ଅଭିନେତା ସୈଫ୍ ଅଲ୍ଲୀ ଖାଁ ଜଣେ ଦୁର୍ବୃତ୍ତର ମରଣାନ୍ତକ ଆକ୍ରମଣରୁ ଅଳ୍ପକେ ବର୍ତ୍ତିଯାଇଥିଲେ ମଧ୍ୟ ଗୁରୁତର ଆହତ ହୋଇ ଏବେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅଭିନେତାଙ୍କ ବାନ୍ଦ୍ରାସ୍ଥିତ ବାସଭବନରେ କୌଶଳକ୍ରମେ ପ୍ରବେଶ କରି ଦୁର୍ବୃତ୍ତ ଜଣକ ଛୁରୀରେ ଭୁଷି ତାଙ୍କୁ ଆଘାତ କରିଥିଲା, ଯାହାଫଳରେ ତାଙ୍କ ଶରୀରର ଛ'ଟି ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ସେଥିମଧ୍ୟରୁ ଦୁଇଟି କ୍ଷତ ଗଭୀର ଥିବାବେଳେ ଆଉ ଚାରୋଟି ମଧ୍ୟମ ଓ ସାମାନ୍ୟ ଧରଣର କ୍ଷତ ବୋଲି ହସ୍ପିଟାଲ ସୂତ୍ରରୁ ଜଣାପଡିଛି। ତେବେ ସୈଫ୍‌ଙ୍କ ମେରୁଦଣ୍ଡରେ ଅଢ଼େଇ ଇଞ୍ଚ ଲମ୍ବ ବିଶିଷ୍ଟ ଛୁରୀର ଏ ଅଂଶ ରହିଯିବାରୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇ ଉଠିଥିଲା। ମାତ୍ର ଡାକ୍ତରମାନେ ଅସ୍ତ୍ରୋପଚାର କରି ଛୁରୀର ସେହି ଅଂଶକୁ କାଢ଼ିଦେବା ଫଳରେ ସେ ଏବେ ବିପଦମୁକ୍ତ ହୋଇଛନ୍ତି। ସୈଫ୍ ଅଲ୍ଲୀ ଭାରତର ଏକ ଖ୍ୟାତି ସମ୍ପନ୍ନ ପରିବାରର ଦାୟାଦ। ତାଙ୍କର ପିତା ମନ୍‌ସୁର ଅଲ୍ଲୀ ଖାଁ ପଟୌଦିର ନବାବ୍ ଏବଂ ଭାରତୀୟ କ୍ରିକେଟ୍ ଜଗତର ଜଣେ ଅଗ୍ରଗଣ୍ୟ କ୍ରୀଡାବିତ୍ ଥିଲେ। ମନସୁର୍ ଅନେକ ବର୍ଷ ଧରି ଭାରତୀୟ କ୍ରିକେଟ୍ ଟିମ୍‌ର ଅଧିନାୟକ ମଧ୍ୟ ରହିଥିଲେ। ସୈଫ୍‌ଙ୍କ ମାତା ଶର୍ମିଳା ଟାଗୋର ହିନ୍ଦୀ ଚଳଚ୍ଚିତ୍ର ଜଗତରେ ଏକଦା କିମ୍ବଦନ୍ତୀ ନାୟିକା ରୂପେ ସୁଖ୍ୟାତି ଅର୍ଜନ କରିଥିଲେ। ତାଙ୍କର ପତ୍ନୀ କରିନା କପୁର ଏବେ ବଲିଉଡ୍‌ର ଜଣେ ଆଗଧାଡ଼ିର ଅଭିନେତ୍ରୀ। ବୁଧବାର ରାତି ଦୁଇଟା ବେଳେ ସୈଫ୍ ଓ ପରିବାରର ସମସ୍ତେ ଶୋଇଥିବା ସମୟରେ ଜଣେ ଘରୋଇ ସହାୟିକାଙ୍କ ଚିତ୍କାର ଶୁଣି ତାଙ୍କର ନିଦ ଭାଙ୍ଗି ଯାଇଥିଲା। ଦୁର୍ବୃତ୍ତ ଜଣକ ପ୍ରଥମେ ଘରୋଇ ସହାୟିକା ଶୋଇଥିବା କୋଠରୀରେ ପ୍ରବେଶ କରି ତାକୁ ଆଘାତ କରିବାକୁ ଉଦ୍ୟମ କରୁଥିବା ବେଳେ ସୈଫ୍ ସେଠାକୁ ଦୌଡ଼ି ଆସି ଦୁର୍ବୃତ୍ତଙ୍କୁ କାବୁ କରିନେବାକୁ ପ୍ରୟାସ କରିଥିଲେ। ମାତ୍ର ଦୁର୍ବୃତ୍ତ ତାଙ୍କୁ ଛୁରୀରେ ଏକାଧିକବାର ଆଘାତ କରି ସେଠାରୁ ଖସି ପଳାଇ ଯାଇଥିଲା। ଆହତ ଓ ରକ୍ତାକ୍ତ ଅଭିନେତାଙ୍କୁ ତୁରନ୍ତ ଲୀଳାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଦଶଟି ଟିମ୍ ଗଠନ କରାଯାଇଛି ଓ ପ୍ରାଥମିକ ତଦନ୍ତ ପରେ ସେ ଚୋରି କରିବାକୁ ସୈଫ୍‌ଙ୍କ ଘରେ ପଶିଥିବାର ପୋଲିସ ସ୍ପଷ୍ଟ କରିଛି। ସୈଫ୍‌ଙ୍କ ଘରକୁ ଆସିବା ପାଇଁ ଅପରାଧୀ ଜଣକ ସେହି ଆପାର୍ଟମେଣ୍ଟର ଅଗ୍ନି ନିରାପତ୍ତା ଶିଡିକୁ ବ୍ୟବହାର କରିଥିବାର ସିସିଟିଭି କ୍ୟାମେରାରୁ ଜଣାପଡିଛି। ତେବେ ଅପରାଧୀ ଜଣକ ଚୋରି କରିବା ଉଦ୍ଦେଶ୍ୟରେ ଏଭଳି କାଣ୍ଡ ଘଟାଇଥିବା ବୟାନକୁ ଅନେକ ଗ୍ରହଣ କରିପାରୁ ନାହାନ୍ତି। ଚୋରି ଉଦ୍ଦେଶ୍ୟରେ ଆପାର୍ଟମେଣ୍ଟର ଅନ୍ୟ ଫ୍ଲାଟ୍‌କୁ ନବାଛି ୧୧ ମହଲାରେ ରହୁଥିବା ଜଣେ ବଲିଉଡ୍ ଷ୍ଟାରଙ୍କ ଫ୍ଲାଟ୍‌କୁ କାହିଁକି ବଛାଗଲା ବୋଲି ପ୍ରଶ୍ନ ଉଠୁଛି। ସୈଫ୍ ଓ ଅପରାଧୀ ମଧ୍ୟରେ ଲଢ଼େଇ ଚାଲିଥିବା ବେଳେ ଘରର ଅନ୍ୟ ସଦସ୍ୟମାନେ କେଉଁଠି ଥିଲେ ଓ ସାହାଯ୍ୟ ପାଇଁ କାହିଁକି ଆଗେଇ ଆସିଲେ ନାହିଁ, ତାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ଅପରାଧର ପ୍ରକୃତ କାରଣ ଜଣାପଡିବ ବୋଲି ଆଶା କରାଯାଉଛି। ତେବେ ଏହି ଘଟଣା ପ୍ରମାଣିତ କରୁଛି ଯେ, ମୁମ୍ବାଇ ଭଳି ବୃହତ୍ ମହାନଗରୀରେ ଆପାର୍ଟମେଣ୍ଟଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ପ୍ରତି ଯେତିକି ଧ୍ୟାନ ଦିଆଯିବାର କଥା ତାହା ଦିଆଯାଉ ନାହିଁ। ସୈଫ୍ ଅଲ୍ଲୀ ଖାଁଙ୍କୁ ଛୁରାମାଡ଼ ଘଟଣା ପରେ ମହାରାଷ୍ଟ୍ରରେ ରାଜନୈତିକ ବାତାବରଣ ଉଷ୍ମ ହେବା ସହିତ ଶାସକ ଓ ବିରୋଧୀ ଦଳ ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଛି। ପୂର୍ବରୁ ମୁମ୍ବାଇରେ ଲୋକପ୍ରିୟ ଅଭିନେତା ସଲମାନ ଖାଁଙ୍କ ଉପରେ ଆକ୍ରମଣ ଉଦ୍ୟମ ଏବଂ ପରେ ପରେ ବାବା ସିଦ୍ଦିକ୍‌ଙ୍କୁ ହତ୍ୟା ଘଟଣାକୁ ନେଇ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଘେରିଥିବା ବେଳେ କେବଳ ଗୋଟିଏ ଘଟଣା ପାଇଁ ମୁମ୍ବାଇକୁ ଅସୁରକ୍ଷିତ କହିବା ଠିକ୍ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ ଫଡ୍‌ନାଭିସ୍ କହିଛନ୍ତି। ତେବେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ରାଜନୈତିକ ବିଚାର ଧାରାର ଊର୍ଦ୍ଧ୍ୱରେ ରଖିବା ବିଜ୍ଞତାର କାର୍ଯ୍ୟ ହେବ।

## ନୀତିବାଣୀ



**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥**

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ରାଜ୍ୟମାନଙ୍କୁ ରିଜର୍ଭବ୍ୟାଙ୍କର ଆର୍ଥିକ ଅନୁଶାସନ ପରାମର୍ଶ



**ଗୋପାଳ ମହାପାତ୍ର**
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଭାରତ ଭଳି ବିଶାଳ ଏବଂ ବିବିଧତା ଭରା ଦେଶର ସାମାଜିକ ଏବଂ ଆର୍ଥିକ ଅସମାନତା ଏକ ସାଧାରଣ କଥା। ଦେଶରେ ଆର୍ଥିକ ବିକାଶ ଏବଂ ସାମାଜିକ କଲ୍ୟାଣ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ସବୁବେଳେ କଷ୍ଟକର ହୋଇ ପଡୁଛି। ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ସରକାରଙ୍କ ଦ୍ୱାରା ଲାଗୁ କରାଯାଉଥିବା ମାଗଣା ଯୋଜନାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସରକାଙ୍କ ଦ୍ୱାରା ଲାଗୁ କରାଯାଉଥିବା ମାଗଣା ଯୋଜନାର ଉଦ୍ଦେଶ୍ୟ ହେଉଛି ସମାଜର ଦୁର୍ବଳ ଶ୍ରେଣୀର ଏବଂ ବଞ୍ଚିତ ବର୍ଗଙ୍କୁ ସହାୟତା ପ୍ରଦାନ କରିବା। କିନ୍ତୁ ଏହାର ଦୀର୍ଘକାଳ ପ୍ରଭାବ ରାଜ୍ୟର ଆର୍ଥିକ ସ୍ଥିତି ଉପରେ ପଡିପାରେ। ଏକ ସନ୍ତୁଳିତ ଦୃଷ୍ଟିକୋଣରେ ଏସବୁ ଯୋଜନର ମହତ୍ୱ ଏବଂ ଏହାର ଆର୍ଥିକ ପ୍ରବନ୍ଧନ ଉପରେ ବିଚାର କରିବା ଆବଶ୍ୟକ। ସଠିକ୍ ରଣନୀତି ସହ ଏହି ଯୋଜନା ସବୁକୁ କେବଳ ଯେ ସାମାଜିକ ସୁରକ୍ଷାର ଆଧାରରେ ପରିଣତ କରାଯାଇ ପାରିବ ତା' ନୁହେଁ ବରଂ ଆର୍ଥିକ ବିକାଶର ସାଧନରେ ପରିଣତ କରାଯାଇ ପାରିବ। ମାଗଣା ଯୋଜନା ସମାଜର ବଞ୍ଚିତ ଏବଂ ଦୁର୍ବଳ ବର୍ଗଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଜୀବନରେଖା ସାବ୍ୟସ୍ତ ହୋଇଥାଏ। ଆର୍ଥିକ ସ୍ତରରେ ଦୁର୍ବଳ ଏବଂ ଯେଉଁମାନଙ୍କୁ ବୁନିଆଦି ସୁବିଧା ମିଳୁନାହିଁ ସେମାନେ ଏହି ଯୋଜନା ପାଇଁ ଉପକୃତ ହୋଇ ପାରୁଛନ୍ତି। ଏହାର ଏକ ଉଦାହରଣ ହେଉଛି କରୋନା ମହାମାରୀ ସମୟରେ ମାଗଣା ରାସନ (ଚାଉଳ - ଗହମ) ବିତରଣ ଯୋଜନା ପାଇଁ ଲକ୍ଷ ଲକ୍ଷ ଲୋକଙ୍କୁ ଖାଦ୍ୟାଭାବର କଷ୍ଟରୁ ମୁକ୍ତି ମିଳିଥିଲା। ସେହିପରି ଆୟୁଷ୍ମାନ ଯୋଜନା ଗରୀବ ପରିବାରଙ୍କ ବ୍ୟୟବହୁଳ ଚିକିତ୍ସାର ସୁଯୋଗ ସୃଷ୍ଟି କରିଛି। ଏହି ଯୋଜନା ସବୁ ଦୁର୍ବଳ ଓ ବଞ୍ଚିତ ବର୍ଗଙ୍କୁ ସହାୟତା କରିବା ସହ ସମାଜରେ ଅସମାନତାକୁ କମ୍ କରିବାରେ ସହାୟକ ହୋଇ ପାରିଛି।

ମାଗଣା ଶିକ୍ଷା ଯୋଜନା ଏବଂ ଛାତ୍ରବୃତ୍ତି ଛାତ୍ରମାନଙ୍କୁ ଶିକ୍ଷାର ମାଧ୍ୟମରେ ଆତ୍ମନିର୍ଭର ହେବାର ଅବସର ଦେଇଛି। ଏହି ଯୋଜନା ସମାଜକୁ ଶସକ୍ତ କରିବା ସହ ଦୀର୍ଘକାଳୀନ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିଥାଏ। ଏସବୁ ପରେ ମଧ୍ୟ ଯୋଜନା ଗୁଡିକର ଆର୍ଥୀକ ଦିଗକୁ ଅଣଦେଖା କରାଯାଇ ପାରିବ ନାହିଁ। ରାଜର୍ଭବ୍ୟାଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଯେ ମାଗଣା ଯୋଜନା ଗୁଡିକର ବିତ୍ତପୋଷଣ ଯଦି ଦୀର୍ଘକାଳୀନ ଦୃଷ୍ଟିକୋଣରେ କରାଯିବ ତେବେ ଏହା ରାଜ୍ୟର ଆର୍ଥୀକ ସନ୍ତୁଳନକୁ ବିଗାଡିଦେବ। ମାଗଣା ବିଦ୍ୟୁତ୍, ମାଗଣା ପରିବହନ, ନଗଦ ଆର୍ଥିକ ସହାୟତା ଏବଂ କୃଷିଋଣ ଛାଡ ଭଳି ଯୋଜନା ଅତ୍ୟଧିକ ବ୍ୟୟ କାରଣରୁ ରାଜ୍ୟର ଆର୍ଥୀକ ସ୍ଥିତି ଦୁର୍ବଳ ହୋଇ ପଡିବ। ପରିଣାମ ସ୍ୱରୂପ ରାଜ୍ୟର ବିକାଶ କାର୍ଯ୍ୟ ଓ ବୁନିଆଦି ଢ଼ାଞ୍ଚାର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ସଂଶୋଧନର ଅଭାବ ପଡିବ। ଏତଦ୍ ବ୍ୟତୀତ ଅଧିକ ଋଣ ଆଣିଲେ ରାଜ୍ୟରେ ଆର୍ଥିକ ସଙ୍କଟର ସମ୍ଭାବନା ଦେଖାଯିବ ଯାହା ରାଜ୍ୟର ଆର୍ଥିକ ସ୍ଥିରତାକୁ ପ୍ରଭାବିତ କରିବ। ଏଣୁ ମାଗଣା ଯୋଜନାକୁ ପ୍ରଭାବୀ କରିବା ପାଇଁ ଏକଥା ଦେଖିବାକୁ ପଡିବ ଯେ ଯେମିତି ପ୍ରକୃତ ବଞ୍ଚିତ ଓ ଦୁର୍ବଳ ବର୍ଗଙ୍କ ନିକଟରେ ଏହି ଯୋଜନା ପହଞ୍ଚିବ। ଡିଜିଟାଲିକରଣ ଏବଂ ଆଧାର-ଆଧାରିତ ତନ୍ତ୍ର ଉପଯୋଗ ଲାଭାର୍ଥୀଙ୍କୁ ଚିହ୍ନଟ କରାଯାଇ ପାରିବ। ଯୋଜନାର ଦୁରୂପଯୋଗ କେମିତି ନହେବ ତାହା ଉପରେ ମଧ୍ୟ ଦୃଷ୍ଟି ଦିଆଯିବା ଆବଶ୍ୟକ। ରାଜ୍ୟ ସରକାରମାନେ ଏକଥା ମଧ୍ୟ ଦୃଷ୍ଟି ଦିଆଯିବା ଆବଶ୍ୟକ। ରାଜ୍ୟ ସରକାରମାନେ ଏକଥା ମଧ୍ୟ ଧ୍ୟାନ ରଖିବା ଉଚିତ ଯେ ମାଗଣା ଯୋଜନା ଯେମିତି ଦୀର୍ଘକାଳୀନ ସମାଧାନ ପ୍ରଦାନ କରିବାରେ ସହାୟକ ହେବ।

ମାଗଣା ଶିକ୍ଷା ଯୋଜନା ସହ କୌଶଳ ବିକାଶ କାର୍ଯ୍ୟକ୍ରମକୁ ମଧ୍ୟ ଯୋଡ଼ାଯାଇ ପାରିବ ଯାହାଦ୍ୱାରା ଲୋକେ ଆତ୍ମନିର୍ଭର ହୋଇପାରିବେ। ମାଗଣା ଯୋଜନା ଆର୍ଥିକ ଅନୁଶାସନ ମଧ୍ୟ ଜରୁରି। ରାଜ୍ୟ ସରକାରମାନଙ୍କୁ ନିଜର ଖର୍ଚ୍ଚକୁ ତର୍କସଙ୍ଗତ କରିବାକୁ ପଡିବ ଏବଂ କେବଳ ଆବଶ୍ୟକ ଯୋଜନା ବାବଦରେ ହିଁ ଖର୍ଚ୍ଚ କରିବାକୁ ପଡିବ। ବୁନିଆଦି ଢାଞ୍ଚାର ନିର୍ମାଣ ଏବଂ ରୋଜଗାର ସୃଜନ ଉପରେ ଧ୍ୟାନ କେନ୍ଦ୍ରୀତ କରି ରାଜ୍ୟର ଆର୍ଥୀକ ସ୍ଥିତିକୁ ସୁଧାରିବା ଦିଗରେ ରାଜ୍ୟ ସରକାରମାନେ ଉଦ୍ୟମ କରିବା ଆବଶ୍ୟକ। ଏହା ବ୍ୟତୀତ ରାଜ୍ୟ ସରକାରମାନେ ସାର୍ବଜନୀକ ଏବଂ ଘରୋଇ ଉଦ୍ୟୋଗ କ୍ଷେତ୍ର ସହ ଭାଗିଦାରୀକୁ ଗୁରୁତ୍ୱ ଦେଇ ଏସବୁ ଯୋଜନା ପାଇଁ ଆର୍ଥିକ ସଂସାଧନ ଯୋଗାଡ କରିବା ଉପରେ ରିଜର୍ଭବ୍ୟାଙ୍କ ଗୁରୁତ୍ୱ ଦେଇଛି। ସାମାଜିକ କଲ୍ୟାଣ ଏବଂ ଆର୍ଥିକ ସ୍ଥିରତା ମଧ୍ୟ ସନ୍ତୁଳନ ରକ୍ଷା କରିବା ସହ ଜନ ଭାଗିଦାରୀକୁ ମଧ୍ୟ ଗୁରୁତ୍ୱ ଦିଆଯିବା ଆବଶ୍ୟକ ଏବଂ ଯୋଜନାକୁ ଏଭଳି ପ୍ରସ୍ତୁତ କରାଯିବା ଆବଶ୍ୟକ ଯେପରି ଏହା ସାମାଜିକ ଉତ୍‌ଥାନ ସହ ଆର୍ଥିକ ବିକାଶ ଦିଗରେ ସହଯୋଗୀ ହୋଇପାରିବ। ରିଜର୍ଭ ବ୍ୟାଙ୍କ ପରାମର୍ଶ ଦେଇଛନ୍ତି ଯେ ରାଜ୍ୟ ନିଜର ସବ୍‌ସିଡ଼ି ଖର୍ଚ୍ଚକୁ ନିୟନ୍ତ୍ରିତ କରିବା ଆବଶ୍ୟକ। ରାଜ୍ୟ ସରକାରମାନେ ପୁଞ୍ଜିଗତ ବ୍ୟୟକୁ ବୃଦ୍ଧି କରିବା ଏବଂ ବ୍ୟୟର ଗୁଣବତ୍ତାକୁ ସୁଧାରିବା ଦିଗରେ କାମ କରିବା ଉଚିତ୍ ଯାହାଦ୍ୱାରା ଆର୍ଥିକ ସ୍ଥିରତା ବଜାୟ ରହିବ। ସଶକ୍ତ ନାଗରିକ ଉତ୍ତମ ଅର୍ଥବ୍ୟବସ୍ଥା ଦିଗରେ ସହାୟକ ହୋଇଥାନ୍ତି। ଯଦି ସମାଜର ଦୁର୍ବଳ ବର୍ଗଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ରୋଜଗାରର ସୁବିଧା ପ୍ରଦାନ କରାଯାଏ ତେବେ ସେମାନଙ୍କ ଜୀବନସ୍ତର ସୁଧୁରିବା ସହ ସେମାନେ ଦେଶର ପ୍ରଗତିରେ ସହାୟକ ହୁଅନ୍ତି।

ମାଗଣା ଯୋଜନା କଲ୍ୟାଣକାରୀ ରାଜ୍ୟ/ରାଷ୍ଟ୍ରର ଏକ ଅଭିନ୍ନ ଅଂଶ ଅଟେ କିନ୍ତୁ ଏହାକୁ ଠିକ୍ ଭାବରେ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। ରିଜର୍ଭବ୍ୟାଙ୍କ ଏବେ ଯେଉଁ ଚିନ୍ତା ପ୍ରକଟ କରିଛି ସେଥିରୁ ସ୍ପଷ୍ଟ ଯେ କେମିତି ଏସବୁ ଯୋଜନାକୁ ଆର୍ଥିକସ୍ଥିରତା ସହ ସନ୍ତୁଳିତ କରାଯାଇ ପାରିବ। ଏହାର ସଠିକ୍ କାର୍ଯ୍ୟକାରିତା କେବଳ ବର୍ତ୍ତମାନର ପିଢି ପାଇଁ ଯେ ଉଦ୍ଦିଷ୍ଟ ତା' ନୁହେଁ ବରଂ ଏହା ଭବିଷ୍ୟତ ପିଢିଙ୍କ ପାଇଁ ଏକ ମଜଭୁତ ଏବଂ ଶସକ୍ତ ଭାରତର ନିର୍ମାଣରେ ସହାୟକ ହେବ। ରାଜ୍ୟ ସରକାରମାନେ ଦୀର୍ଘକାଳୀନ ଆର୍ଥିକ ସ୍ଥିରତାକୁ ଦୃଷ୍ଟିରେ ରଖି ଏସବୁ ଯୋଜନାକୁ ଲାଗୁ କରିବା ଉଚିତ୍। ଏପରି କରାଗଲେ ରାଜ୍ୟରେ ଆର୍ଥିକ ସଙ୍କଟ ସୃଷ୍ଟି ହେବନାହିଁ ଓ ଅନ୍ୟ ପକ୍ଷରେ ଏକ ନ୍ୟାୟସଙ୍ଗତ ସମୃଦ୍ଧ ସମାଜ ସୃଷ୍ଟି ହୋଇପାରିବ।

# ନିରବ ମହାମାରୀ ସାଜିଛି ସଡ଼କ ଦୁର୍ଘଟଣା



**ତପନ କୁମାର ପାଲ**
ଦେଉଳ ସାହି, ତୁଳସୀପୁର, କଟକ
ମୋ : ୯୯୩୭୬୫୮୩୬୨

ସଡ଼କ ସୁରକ୍ଷା ପାଇଁ କଡ଼ା ନିୟମ ରହିଛି, ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର ହେଉଛି। ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ପ୍ରତି ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରୁଛନ୍ତି। ପ୍ରତିବର୍ଷ ସଡ଼କ ସୁରକ୍ଷା ମାସ ପାଳନ ଜରିଆରେ ଲୋକଙ୍କୁ ସରକାର ସଚେତନ କରୁଛନ୍ତି। ଆଗକୁ ଆହୁରି ଦକ୍ଷ ଓ ଉନ୍ନତମାନର ଜ୍ଞାନକୌଶଳ ବ୍ୟବହାର କରିବା ପାଇଁ ସରକାର କାମ ଆରମ୍ଭ କଲେଣି। ଏତେ ସବୁ ବିଧି ବ୍ୟବସ୍ଥା ସତ୍ତ୍ୱେ କିନ୍ତୁ ସଡ଼କ ଦୁର୍ଘଟଣା ଏବଂ ତଦ୍‌ଜନିତ ମୃତ୍ୟୁ ନିରବ ମହାମାରୀ ଭଳି ମାଡ଼ି ଚାଲିଛି। ପ୍ରତିଦିନ ଦେଶରେ ସଡ଼କ ଦୁର୍ଘଟଣା ୪୦୦ ଜୀବନ ନେଉଥିବା ବେଳେ ଓଡ଼ିଶାରେ ପ୍ରାୟ ୧୫ଜଣ ପ୍ରାଣ ହରାଉଛନ୍ତି। ଏଭଳି ଆକସ୍ମିକ ବିପତ୍ତି କେବଳ ନିର୍ଦ୍ଦିଷ୍ଟ ପରିବାରକୁ ତଳିତଳାନ୍ତ କରୁନାହିଁ ରାଜ୍ୟ ଓ ଦେଶର ଆର୍ଥିକ ପ୍ରଗତିରେ ମଧ୍ୟ ବାଧା ସୃଷ୍ଟି କରୁଛି। ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ପ୍ରତିବର୍ଷ ହାରାହାରି ୫ ହଜାରରୁ ଅଧିକ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ବେଳେ ତିନି ଗୁଣାରୁ ଅଧିକ ଲୋକ ଗୁରୁତର ଆହତ ହେଉଛନ୍ତି। ଓଡ଼ିଶାରେ ସଡ଼କ ଦୁର୍ଘଟଣା ମୃତ୍ୟୁ ଜାତୀୟ ହାରଠାରୁ ବି ଅଧିକ ହୋଇଗଲାଣି। ୨୦୨୩ରେ ୫୭୩୯ ଜଣଙ୍କ ମୃତ୍ୟୁ ହୋଇଛି, ଯାହା କି ଏ ପର୍ଯ୍ୟନ୍ତ ସର୍ବାଧିକ ମୃତ୍ୟୁ। ୨୦୨୩ରେ ଗ୍ରାମାଞ୍ଚଳରେ ସଡ଼କ ଦୁର୍ଘଟଣା ହାର ୬୩.୧% ଥିବାବେଳେ ମୃତ୍ୟୁ ହାର୬୭.୭% ରହିଛି। ଏହି ସମୟରେ ସହରାଞ୍ଚଳରେ ଏହି ହାର ଯଥାକ୍ରମେ ୩୬.୯% ଓ ୩୨.୩% ରହିଥିଲା।

ପରିବହନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଓଡ଼ିଶାରେ ପ୍ରତିଦିନ ହାରାହାରି ୧୬ଟି ଗୁରୁତର ସଡ଼କ ଦୁର୍ଘଟଣା ଘଟୁଥିବା ବେଳେ ତାହାର ପ୍ରଭାବ ଢ଼େର ଅଧିକ ରହୁଛି। ଓଡ଼ିଶାରେ ପ୍ରତି ୧୦୦ଟି ଦୁର୍ଘଟଣାରେ ୪୭ ଜଣ ପ୍ରାଣ ହରାଉଥିବା ବେଳେ ଜାତୀୟ ସ୍ତରରେ ଏହି ହାର ୩୭% ରହିଛି। ଗତ ୧୦ ବର୍ଷ ମଧ୍ୟରେ ଜାତୀୟସ୍ତରରେ ପ୍ରାଣ ହରାଇଥିବା ଲୋକଙ୍କ ମଧ୍ୟରୁ ଓଡ଼ିଶାରୁ ୩.୨% ରହିଥିଲା। ୨୦୨୨ରେ ଓଡ଼ିଶାରେ ମୃତ୍ୟୁ ହାର ୪୬.୯% ଥିବାବେଳେ ଜାତୀୟ ସ୍ତରରେ ଏହି ହାର ୩୬.୫% ରହିଥିଲା। ୨୦୨୦ରେ ଓଡ଼ିଶାରେ ମୃତ୍ୟୁ ହାର ୪୮.୩% ଓ ଜାତୀୟ ସ୍ତରରେ ୩୬% ଥିଲା। ୨୦୨୧ ଯଥାକ୍ରମେ ୪୬.୩% ଓ ୩୭% ରହିଥିଲା। ୨୦୨୪ରେ ସଡ଼କ ଦୁର୍ଘଟଣା ଏବଂ ମୃତ୍ୟୁହାର ରିପୋର୍ଟ ସରକାରଙ୍କ ପକ୍ଷରୁ ଆସିନାହିଁ।

ସଡ଼କ ଦୁର୍ଘଟଣା ଯୋଗୁଁ ଦେଶରେ ବର୍ଷକୁ ୧ଲକ୍ଷ ୭୮ ହଜାର ଲୋକ ପ୍ରାଣ ହରାଉଛନ୍ତି। ମୃତକଙ୍କ ମଧ୍ୟରେ ଅଧିକାଂଶ ଯୁବବର୍ଗ ଏବଂ ୬୦ ପ୍ରତିଶତଙ୍କ ବୟସ ୧୮ରୁ ୩୪ ମଧ୍ୟରେ। ସଡ଼କ ଦୁର୍ଘଟଣା ପାଇଁ ମଦ୍ୟପାନ, ଦ୍ରୁତଗତିରେ ଗାଡ଼ି ଚାଳନା ଏବଂ ଟ୍ରାଫିକ ନିୟମ ଉଲ୍ଲଂଘନ ଆଦିକୁ ମୁଖ୍ୟତଃ ଦାୟୀ କରାଯାଇଥାଏ। ଜାତୀୟ ରାଜପଥ କାମ ନିର୍ଦ୍ଧାରିତ ସମୟ ଭିତରେ ଶେଷ ନହେବା ଫଳରେ ଗାଡ଼ି ଚାଳକମାନେ ଏକ ନିରାପଦ ଏବଂ ପରିଚ୍ଛନ୍ନ ରାସ୍ତା ପାଇ ପାରୁନାହାନ୍ତି, ଏଥିପାଇଁ ମଧ୍ୟ ଦୁର୍ଘଟଣା ବଢୁଛି। ଗାଡ଼ି ମଟର ସଂଖ୍ୟାର ଲଗାମ ଛଡ଼ା ବୃଦ୍ଧି ମଧ୍ୟ ଦୁର୍ଘଟଣାର ଆଉ ଏକ କାରଣ। ଗାଡ଼ି ମଟର ସଂଖ୍ୟାକୁ ଚାହିଁ ରାସ୍ତାର ଓସାର ଯଥେଷ୍ଟ ହେଉନି। କିନ୍ତୁ ଏକଥା ମଧ୍ୟ ସତ ଯେ ରାସ୍ତାର ସଂପ୍ରସାରଣ ବାରମ୍ବାର କରିବା ସମ୍ଭବ ନୁହେଁ। ତେଣୁ ଆମକୁ ହିଁ ଏଥିପ୍ରତି ସଜାଗ ହେବାକୁ ପଡ଼ିବ। ଯେତେ କମ୍ ଗାଡ଼ି ମଟର ବ୍ୟବହାର କରାଯାଇପାରିବ ତା ଉପରେ ଗୁରୁତ୍ୱ ଦେବାକୁ ହେବ। ଦୁର୍ଘଟଣାର ଆଉ ଏକ ମୁଖ୍ୟ କାରଣ ହେଉଛି ଦୁଶ୍ଚିନ୍ତା। ପ୍ରତିଟି କ୍ଷେତ୍ରରେ ମଣିଷର ଦୁଶ୍ଚିନ୍ତା ବଢ଼ିଛି। ପ୍ରତି ମୁହୂର୍ତ୍ତରେ ବିଫଳତାର ସାମ୍ନା କରିବାର ଆଶଙ୍କା ମଣିଷକୁ ଚିନ୍ତାଗ୍ରସ୍ତ କରୁଛି। ଆପଣ ଯେକୌଣସି ଦପ୍ତରକୁ ଯାଆନ୍ତୁ, ବିଶେଷକରି ସରକାରୀ ଦପ୍ତରକୁ ଯାଆନ୍ତୁ କୌଣସି କାମ ପାଇଁ ସେଠି ଯେ ଆପଣଙ୍କ କାମ ଗୋଟିଏ ଦିନରେ ହୋଇଯିବ ଏଭଳି ଆଶା ଆଜିର ଦିନରେ କରିହୁଏନି। ସବୁପ୍ରକାର କାଗଜପତ୍ର ଠିକ୍ ଥାଇ ମଧ୍ୟ ଆପଣଙ୍କୁ ବାରମ୍ବାର ଦଉଡିବାକୁ ପଡ଼ିବା ଏଭଳି ଏକ ସମ୍ଭାବନା ମଣିଷକୁ ଚିନ୍ତାଗ୍ରସ୍ତ କରୁଛି। ଅନେକ ସମୟରେ ଆପଣଙ୍କର କୌଣସି ତ୍ରୁଟି ନଥାଇ ମଧ୍ୟ ଆପଣ ସମସ୍ୟାରେ ପଡ଼ିପାରନ୍ତି।

ଓଡ଼ିଶାର ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ସଡ଼କ ଦୁର୍ଘଟଣା ସ୍ଥିତି ଉଦ୍‌ବେଗଜନକ ରହିଛି। ୨୧% ଘାତକ ଦୁର୍ଘଟଣାରେ ଭାରି ଯାନର ସମ୍ପୃକ୍ତି ରହୁଛି। ୫-ଇ ଏଜୁକେସନ ଏନକରେଜମେଣ୍ଟ, ଇଞ୍ଜିନିୟରିଂ ଏନଫୋର୍ସମେଣ୍ଟ ଏବଂ ଇଭାଲ୍ୟୁସନ ନୀତି ଆଧାରରେ ସଡ଼କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟ ଦେଇଥିବା ନିର୍ଦ୍ଦେଶ ଅନୁସାରେ ରାଜ୍ୟ ସରକାର କାମ କରୁଛନ୍ତି। ଦୁର୍ଘଟଣା ପ୍ରବଣ କ୍ଷେତ୍ର ବ୍ଲାକସ୍ପଟର ମରାମତି, ସୂଚନାଫଳକ ଲଗାଇବା ଠାରୁ ଆରମ୍ଭ କରି ଜାତୀୟ ଓ ରାଜ୍ୟ ରାଜପଥର ସ୍ମାର୍ଟ କ୍ୟାମେରା ଲାଗିଛି। ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ କାର୍ଯ୍ୟକାରୀ ହୋଇଛି। ସଡ଼କ ଦୁର୍ଘଟଣାର ସବିଶେଷ ବିବରଣୀ ଅପଲୋଡ଼ ପାଇଁ ଇଣ୍ଟିଗ୍ରେଟେଡେ ରୋଡ୍ ଆକ୍ସିଡାଣ୍ଟ ଡାଟାବେସ ଭଳି ଅତ୍ୟାଧୁନିକ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଚଳିତ ବର୍ଷ ଆଇଆଇଟି ମାଡ୍ରାସ ଦ୍ୱାରା ପ୍ରସ୍ତୁତ ହୋଇଥିବା ଆଲାର୍ମ ସିଷ୍ଟମ ବାଣିଜ୍ୟିକ ଗାଡ଼ିରେ ବ୍ୟବହାର କରାଯିବ। ଟ୍ରାଫିକ ନିୟମ ଉଲ୍ଲଂଘନ ଅଭିଯୋଗରେ ଗତ ତିନି ବର୍ଷ ମଧ୍ୟର ୬୦ ଲକ୍ଷରୁ ଅଧିକ ଇ-ଚାଲାଣ କଟାଯାଇଛି। ସମୟ ସମୟରେ ପୁଲିସ ଓ ପରିବହନ ବିଭାଗ ଯାନ ବାହାନ ଯାଞ୍ଚ କରୁଛନ୍ତି। କିନ୍ତୁ ଏହା ସତ୍ତ୍ୱେ ସଡ଼କ ଦୁର୍ଘଟଣା ଏବଂ ତଦଜନିତ ମୃତ୍ୟୁରେ ରୋକ ଲାଗିପାରୁନାହିଁ।

# ଏ ପଥର କଥାକହେ



**ମାୟାଧର ନାୟକ**
ଯାଜପୁର ରୋଡ, ଯାଜପୁର
ମୋ: ୯୮୬୧୦୩୪୧୬୩

ମୁଁ ପଥର। ମୋ ଉପରେ ମଣିଷ, ଜୀବଜନ୍ତୁମାନେ କେତେ ଯେ ଅତ୍ୟାଚାର କରିଛନ୍ତି, ଲାଞ୍ଛନା-ଅବମାନନା-ଅଭିଶାପ ଦେଇଆସିଛନ୍ତି, ସବୁକିଛି ମୁଁ ସହି ଆସିଛି। ଇଂଚେ ମାଟି ସୃଷ୍ଟି କରିବା ପାଇଁ ପୃଥିବୀକୁ ହଜାର ହଜାର ବର୍ଷ ଲାଗିଛି। ଥରେ ମାତ୍ର ଭାବି ଦେଖ ତ ପଥରଖଣ୍ଡେ ସୃଷ୍ଟି ହେବା ପାଇଁ କେତେ ଲକ୍ଷ ବର୍ଷ ଲାଗିଥିବ। ସେଇ ପଥରର ଆତ୍ମା ଆଜି କାନ୍ଦୁଛି। ତା'ର ଭାଇବନ୍ଧୁପରିଜନ ଆଇରନ୍ ଓର୍, କ୍ରୋମାଇଟ, କୋଇଲା, ନିକେଲ, ବକ୍ସାଇଟ୍, ମାଙ୍ଗାନିଜ ଠାରୁ ଆରମ୍ଭ କରି ସୁନା, ହୀରା, ମୋତିମାଣିକ ପର୍ଯ୍ୟନ୍ତ ନାନା ଜାତି-ପ୍ରଜାତିର ଛୋଟବଡ଼ ପଥର ଧୀରେଧୀରେ ପଳାଇ ଯାଉଛନ୍ତି କାହିଁ କୁଆଡ଼େ। ପ୍ରକୃତିର ଏହି ଅମୂଲ୍ୟ ରତ୍ନକୁ ନବ୍ୟସଭ୍ୟ ଶିକ୍ଷାପ୍ରାପ୍ତ ମୁହୂର୍ତ୍ତବାଦୀ ମଣିଷ ଲୁଣ୍ଠନ କରିଚାଲିଛି। ଏହି ଖଣିଜପଦାର୍ଥ ଅସରନ୍ତି ନୁହେଁ। ଦିନେ ଏହା ସରିଯିବ। ଯାନ୍ତ୍ରିକ ମଣିଷମାନେ ଏ ଧରିତ୍ରୀମାତାକୁ କେତେ ଦୁଃଖ ପହଞ୍ଚାଉଛନ୍ତି। କେତେ ବେଇମାନ ହେଲେ ଯାଇ ମଣିଷ ପ୍ରକୃତିକୁ ନଷ୍ଟ କରେ!

ମୁଁ ବି ମଣିଷ, ଜୀବଜନ୍ତୁ ଭଳି ସଂପର୍କ, ସୌହାର୍ଦ୍ଦ୍ୟ କଥା ବୁଝୁଥିଲି। ମାଟି, ବାଲିଗରଡ଼ା ସହିତ ବନ୍ଧୁତା ବାନ୍ଧିଥିଲି। ବାଲିଗରଡ଼ାକୁ ମନେପ୍ରାଣେ ମୋର ସାନସଂଗାତ ମଣୁଥିଲି। ମୋତେ ଛାଡ଼ି ସେ ବାଲିଗରଡ଼ା କୁଆଡ଼େ ପଳାଇଗଲା। ତା ସତା-ପତା ଖୋଜି ଖୋଜି ପାଉନି।

ମୁଁ ମୋ ସାନସଂଗାତ ବାଲିଗରଡ଼ାକୁ ଖୋଜିଖୋଜି ପର୍ବତରୁ ଗଡ଼ିଗଡ଼ି ଆସିଲାବେଳେ ମୋ ଆକାରପ୍ରକାର ଭାଙ୍ଗିଚୂରି ଟୁକୁରା ଟୁକୁରା ହୋଇଗଲା; ଯାହା ମଞ୍ଜିଟି ଥିଲା ସେ ଦେହକୁ ନେଇ ମୁଁ ରାସ୍ତା ଉପରେ ପଡ଼ିଗଲି। ରାସ୍ତାରେ କେତେ ଯେ ମାଡ଼ଗାଳି, ଗୋଇଠା ଖାଇଛି, ତା'ର ହିସାବ ନାହିଁ। ମୋ ହୀନିମାନିଆ କପାଳକୁ ନିନ୍ଦିବାକୁ ଲାଗିଲି। ମୋ ସାନସଂଗାତ ସିନା ମୋତେ ଛାଡ଼ି ଚାଲିଗଲା, ଏଣେ ରାସ୍ତାରେ ଖାଲି ମାଦଳ ଭଳି ଗଡ଼ିଲି ସିନା ହେଲେ କେହି ମୋତେ ପଚାରିଲେ ନାହିଁ। ଏଇ ଗଡ଼ାଗଡ଼ି ଭିତରେ ମୋ ଦେହରେ ଯେଉଁ ଖାଦ ଥିଲା, ମଳି ଥିଲା, ସବୁ ଛାଡ଼ି ଯାଇଥିଲା। କେବଳ ଧୂଳିମଳିରେ ଟିକେ କୋତରା ଦେଖାଯାଉଥିଲି। କେଉଁଠି ଥିଲା କେଜାଣି କଳାହାଣ୍ଡିଆ ମେଘଟା ବର୍ଷିଗଲା ଯେ ମୋ ଦେହ ପୂରା ସଫା ହୋଇଗଲା। ମୁଁ ଚିକ୍ ଚିକ୍ ଦେଖାଗଲି। ସେଇ ରାସ୍ତାରେ ଧଳା ଲୋକଟାଏ ଘୋଡ଼ାରେ ଚଢ଼ି ଯାଉଥିଲା।

ତା' ଚିଲା ଆଖି ମୋ ଚକ୍‌ଚକିଆ ମଞ୍ଜିଦେହ ଉପରେ ଲାଖି ରହିଲା। ଘୋଡ଼ାରୁ ଓହ୍ଲାଇ ମୋତେ ଉଠାଇ ନେଇ ପୋଛାପୋଛି କରି ଅତି ଆଦରଯତ୍ନରେ ତା' ବ୍ୟାଗ ଭିତରେ ପୂରାଇ ଘୋଡ଼ା ଛୁଟାଇ ଅନ୍ତର୍ଦ୍ଧାନ ହୋଇଗଲା।

ମହାଗିରି ପର୍ବତର ପାଦଦେଶରେ ସେଇ ଧଳା ଲୋକଟି ଏବଂ ଆଉ ଚାରିପାଞ୍ଚଜଣ ତମ୍ବୁ ପକାଇ ରହୁଥିଲେ। ବ୍ୟାଗ ଭିତରୁ ମୋତେ ବାହାର କରି ତା' ଟେବୁଲରେ ରଖିଲା। ସମସ୍ତେ ମୋତେ ନିରୀକ୍ଷଣ କରି ଓଲଟପାଲଟ କଲେ। ଯତ୍ନରେ ଆଣିଥିବା ଘୋଡ଼ାଚଢ଼ାଳି ଟେବୁଲ ଉପରେ ମୋତେ ଦୁଇ ତିନିଥର କଚଡ଼ାକଚଡ଼ି କଲା। ମୋର ଅବଶ୍ୟ ଆଉ ଧୂଳିମଳି ନ ଥିଲା। ମୁଁ ମଧ୍ୟ ବିଶେଷ କଷ୍ଟ ପାଇଲି ନାହିଁ। ମୋତେ ଟିକିଏ କୁତୁକୁତୁ ଲାଗୁଥାଏ। କିଛି ମଣିଷ ମୋତେ ଗୋଇଠା ମାରୁଥିଲେ- ଏମାନେ ମୋତେ ଯତ୍ନରେ ଆଣି ଟେବୁଲ ଉପରେ ଥୋଇ ଟିକେ ଗେହ୍ଲା କରୁଛନ୍ତି। ସେମାନଙ୍କ ଭିତରେ କ'ଣ ଟୁପୁର ଟାପୁରୁ ହେଲେ କେଜାଣି ମୋତେ ନେଇ କାଚପାତ୍ରରେ ବନ୍ଦୀ କଲେ। ଦୁଇ ଦିନ ପରେ ବିନା ପାଶ୍‌ପୋର୍ଟରେ ବିମାନ ଯାତ୍ରା କରି ଇଂଲଣ୍ଡରେ ପହଞ୍ଚିଗଲି।

ଇଂଲଣ୍ଡର ଏକ ବିରାଟ ଲାବୋରେଟୋରୀରେ ମୋତେ ରଖାଗଲା। ପ୍ରଥମେ ଇଂଲଣ୍ଡର ବୈଜ୍ଞାନିକ, ଇଞ୍ଜିନିୟର, ଭୂତତ୍ତ୍ୱବିତ୍ ପ୍ରମୁଖ ଆସି ପହଞ୍ଚି ଅଣୁବୀକ୍ଷଣ ଯନ୍ତ୍ରରେ ମୋତେ ପରୀକ୍ଷା ନିରୀକ୍ଷା କଲେ। ପ୍ରାୟ ପନ୍ଦର ଦିନ କାଳ ବିଭିନ୍ନ ଦେଶର ବିଶେଷଜ୍ଞମାନେ ଆସି ମୋତେ ଦେଖିଲେ। ଓଲଟପାଲଟ ଯେ କେତେଥର ହୋଇଛି- ତା'ର ହିସାବ ରଖିନି।

ତା'ପରେ ସେମାନେ ଶେଷ ସିଦ୍ଧାନ୍ତରେ ପହଞ୍ଚିଲେ - ମୋର ଜନ୍ମସ୍ଥାନକୁ ଯାଇ ମୋ ଭାଇବନ୍ଧୁ କୁଟୁମ୍ବମାନଙ୍କୁ ଠାବ କରିବେ। ମୋ ଭଳି ପଥର କାଳେ ପୃଥିବୀରେ ବିରଳ।

ହଜାର ହଜାର ବର୍ଷ ଧରି ପାହାଡ଼ ପର୍ବତ ଜଙ୍ଗଲ ଭିତରେ ମାଟି ତଳେ ଆମେମାନେ ବସବାସ କରୁଛୁ। ତା'ର ସନ୍ଧାନ ମଣିଷ ଜାତି ପାଇ ନ ଥିଲେ। ମୋ' ସାନସଂଗାତ ବାଲିଗରଡ଼ାକୁ ଖୋଜିବାକୁ ଯାଇ ରାସ୍ତାକୁ ଓହ୍ଲାଇ ଆସିଥିଲି ସିନା, ଏବେ ଆମର ବଂଶକୁ ମଣିଷମାନେ ବିରାଟକାୟ ଯନ୍ତ୍ର ସାହାଯ୍ୟରେ ଉଠାଇ ଆଣିବେ। ଆମକୁ କାଳେ ମଣିଷ ଆଉ ଜୀବଜନ୍ତୁମାନଙ୍କର ବିକାଶ ପାଇଁ ବ୍ୟବହାର କରାଯିବ।

ସେମାନେ ଆମ ଜନ୍ମସ୍ଥାନକୁ ଯାଇ ପହଞ୍ଚିଗଲେ। ଆମ ଜନ୍ମସ୍ଥାନ ପାହାଡ଼ ପର୍ବତ ଜଙ୍ଗଲ ଭିତରେ। ସେତେବେଳେ ସାମନ୍ତବାଦୀ ସାଆନ୍ତ ରାଜାମାନେ ସେସବୁ ଅଞ୍ଚଳର ମାଲିକ। ଖବର ଖୁବରା ନେଇ ଆମ ଗହଳିଆ ଜନ୍ମସ୍ଥାନକୁ ଭୂତତ୍ତ୍ୱ ସର୍ଭେ କରିବା ପାଇଁ ଜଙ୍ଗଲ ମାଲିକ ରଜାଙ୍କୁ ଯାଇ ଅନୁରୋଧ କଲେ ଏବଂ ପ୍ରସ୍ତାବ ଦେଲେ ରଜା ଭାଗୀଦାର ରହନ୍ତୁ। ରଜା କିନ୍ତୁ ରାଜି ହେଲେନି। କହିଲେ- ମୋତେ ଟଙ୍କା ଆଉ ଗୋଟିଏ ମଟରଗାଡ଼ି ଦିଅ। ଧଳା ଲୋକମାନେ ଏ ପ୍ରସ୍ତାବରେ ରାଜି ହୋଇ କେତେହଜାର ଟଙ୍କା ଏବଂ ଇଂଲଣ୍ଡ ପ୍ରସ୍ତୁତ ସୁନ୍ଦରିଆ ମଟର ଗାଡ଼ିଟିଏ ଉପହାର ଦିଅନ୍ତେ ସଙ୍ଗେସଙ୍ଗେ ରଜା ଅନୁମତି ଦେଇ ସେ ଜଙ୍ଗଲକୁ ବିକ୍ରି କରିଦେଲେ।

ଧଳା ଲୋକମାନେ ତମ୍ବୁ ମାରି ଶହେ ମିଟର ପର୍ଯ୍ୟନ୍ତ ପାଇପ୍ ପୂରାଇଲେ। ଆମ ଜନ୍ମସ୍ଥାନ ଭାରି ଗହଳିଆ। ୧୦ ମିଟରରୁ ଆରମ୍ଭ କରି ୧୦୦ ମିଟର ମଧ୍ୟରେ ଆମେମାନେ ବାସ କରୁଥିଲୁ। ଧଳାଲୋକସବୁ ଅନୁସନ୍ଧାନ ଅଭିଯାନକୁ ସଫଳ କରିବା ପାଇଁ ଆଖପାଖ ମଣିଷମାନଙ୍କୁ ଡାକି ମାଟି ଖୋଳିଲେ। ବଡ଼ ବଡ଼ ମେସିନ ଆଣିଲେ। ବହୁତ ଟ୍ରକ୍ ମଧ୍ୟ ଆସି ଗଦା ହେଲେ।

ମାତ୍ର କେଇଟା ଦିନ ଭିତରେ ସବୁ ବଦଳିଗଲା। ଗହଳି ଚହଳି। ଥାଟ ପଟାଳି। ଟ୍ରକ୍ ପରେ ଟ୍ରକ୍ ଆସି ଭିଡ଼ ଜମେଇଲେ। ଦୋକାନ ବଜାର ଖୋଲିଗଲା। ଦେଖାଦେଖି ଅନ୍ୟ କମ୍ପାନୀମାନେ ଆସି ଆମ ଅଞ୍ଚଳକୁ ଖଣ୍ଡେ ଖଣ୍ଡେ ବାଣ୍ଟି ନେଲେ। ରାତିଦିନ ମାଟି ଖୋଳି ଆମକୁ ପଦାକୁ ବାହାର କରି ଟ୍ରକ୍‌ରେ ବନ୍ଦର ପାଖକୁ ଆଉ କଳକାରଖାନାକୁ ପଠାଇବା ଆରମ୍ଭ କରିଦେଲେ।

ଆମେ ପଥର ଜାତିଟା ଅନେକ କିସମର। ମଣିଷ ଭିତରେ ଯେମିତି ଗୋରା-କଳା, ଜୀବଜନ୍ତୁ ଭିତରେ ଯେମିତି ମଶା ମାଛିଟାରୁ ଆରମ୍ଭ କରି ସାପନେଉଳ ପର୍ଯ୍ୟନ୍ତ ଅଛନ୍ତି- ଆମେ ମଧ୍ୟ ସିଂହ, ଶୃଗାଳ, ମାଙ୍କଡ଼, ଠେକୁଆ ଠାରୁ ହାତୀ, ଗୟଳ, ବାଘ, ଭାଲୁ ଭଳି ପଥର ଅଛୁ। ଜନ୍ତୁ ଏବଂ ନିର୍ବୁଦ୍ଧିଆ ମଣିଷମାନଙ୍କୁ ଯେପରି ବିଭିନ୍ନ କାମରେ ଲଗାଯାଏ- ଆମେମାନେ ମଧ୍ୟ ବିଭିନ୍ନ କାମରେ ଲାଗୁ।

ଏ ପୃଥିବୀରେ କିସମକିସମର ପ୍ରଜାତି ଆମର। ନାନା ଜାତିର ପଥରକୁ ନେଇ କାହିଁ କେଉଁ କାଳୁ ଗଢ଼ିଉଠିଛି ଗୋଟାଏ ବିରାଟ ଶିଳାସମାଜ । କିଏ କହେ ଆମର ପ୍ରାଣ ନାହିଁ - ଆମେ ହେଉଛୁ ନିଷ୍ପ୍ରାଣ ପାଷାଣ ? ଯିଏ କହେ, ସିଏ ମହାମୂର୍ଖ। ଏକବାରେ ଅଜ୍ଞ। ଆମ ପଥର ଦେହ ଭିତରେ ବି ମନ ଅଛି, ପ୍ରାଣ ଅଛି, ଆତ୍ମା ଅଛି - ଖାଲି ଅନୁଭବ କରିବାକୁ ଅଲଗା ଆଖି ଦରକାର। ଆମ ଦେହ ସହିତ ଦେହ ମିଶାଇ ଅରଣ୍ୟର ମାଟି ତଳୁ ଯେତେବେଳେ ମଥା ଟେକିଥାନ୍ତି ନାନା ଔଷଧୀୟ ବୃକ୍ଷଲତାଗୁଳ୍ମ, ଆମେ ସେମାନଙ୍କ ମାର୍ଫତ ପୃଥିବୀକୁ ପଠାଇ ଦେଇଥାଉ ଆମ ଜୀବନୀଶକ୍ତିର କିଛି ଅଂଶ। ରସରୁ ରକ୍ତକୁ ସଂଚରିଯାଏ ସେ ଶକ୍ତି। ନୀରୋଗ ହୁଅନ୍ତି ମନୁଷ୍ୟ, ପଶୁପକ୍ଷୀ, ଜୀବଜଗତ। ପରଶମଣି ନାଆଁ ଶୁଣିଥିବ। ତାକୁ ଛୁଆଁଇଦିଅ ନିଜଠି, ଦେଖିବ ରହସ୍ୟମୟ ରୂପାନ୍ତର।

ମନୁଷ୍ୟ ନିଜ ଆତ୍ମାକୁ ମଣିଥାଏ ପରମାତ୍ମାଙ୍କର ଏକ ଅଂଶ। ସେ ପରମାତ୍ମା କାଳେ ପୁରୁଷ। ଆମ ପଥରମାନଙ୍କର ପରମାତ୍ମା କିନ୍ତୁ ନାରୀ - ସେ ପ୍ରକୃତି। ଭାଗବତରେ ନାହିଁ 'ଆତ୍ମାକୁ ସ୍ତିରୀବେଶ' କରିବା କଥା ? ଏ 'ଆତ୍ମାର ସ୍ତିରୀବେଶ' ହେଲା ଅସଲ ଅର୍ଥରେ ଏଇ ପ୍ରସାରିତ ପ୍ରକୃତି। କିଏ ବୁଝିବ ଆଉ ବୁଝାଇବ ମୋ ଭଳି ପଥରର ଏ ମର୍ମବାଣୀ ? ଯଦି କେହି ବୁଝୁଥାନ୍ତେ, ତାହା ହେଲେ କ'ଣ କହୁଥାନ୍ତେ ପଥର ହେଉଚି ପ୍ରାଣହୀନ ପଦାର୍ଥ, ଆତ୍ମାହୀନ ଉପକରଣ ? ଆମକୁ ନାନା ଉପାୟରେ ଉପକରଣ କରିଛି କିଏ ? ପଦାର୍ଥରେ ପରିଣତ କରିଛି କିଏ ? ଏ ମଣିଷ। ସେ ଅ-ସଭ୍ୟ ଥିବା ବେଳେ ତା' ହାତରେ ଆମେ ଥିଲୁ ଅସ୍ତ୍ର, ସଭ୍ୟ ହେଲା ପରେ ସେ ଆମକୁ କରିଛି କେତେ କିସମର ଉପକରଣ! ସ୍ୱାର୍ଥର ସାମଗ୍ରୀ ପାଲଟିଛୁ ଆମେ ପଥରମାନେ ଏ ମଣିଷ ହାତରେ। ମଣିଷର ବୁଦ୍ଧି ତା' ନିଜ ପାଇଁ ଯେଉଁ ନିୟମ ତିଆରି କରେ, ନିଜେ ପୁଣି ସେଇ ନିୟମକୁ ଭାଙ୍ଗିଦେବାକୁ ବି ଲଜ୍ଜାବୋଧ କରେନା। ସେଥିପାଇଁ ମୋ ଭଳି ପଥରମାନେ ଅଜସ୍ରବର୍ଷ ରହିଆସିଲୁ ଅଜ୍ଞାତବାସରେ। ମାତ୍ର ମଣିଷର ଶାଣିତ-ତିର୍ଯ୍ୟକ୍ ଦୃଷ୍ଟିଭଙ୍ଗୀ। ଭିନ୍ନ ଦୃଷ୍ଟି। ସେ ଦୃଷ୍ଟିଭଙ୍ଗୀଟି ଶ୍ୱେନଦୃଷ୍ଟି ଠାରୁ ସୁଦ୍ଧା ତାହା ତୀକ୍ଷ୍ଣତର। ତା' ନଜରର ନାରାଚରୁ କିଏ ବା ନିସ୍ତାର ପାଇବ ? ସ୍ୱର୍ଗମର୍ତ୍ତ୍ୟପାତାଳ - ସବୁ ତା' ଗୁପ୍ତ ଆଁ'ର ଆହାର! ଅନ୍ୟ ଗ୍ରହରେ ଆଗ୍ରହ ତାର ଯେମିତି ମହାକାଶବ୍ୟାପୀ, ଏ ଗ୍ରହର ଖଣିରୁ ମଣି ଲୁଟିବାର ଲୋଭ ବି ତା'ର ସେମିତି ପାତାଳଭେଦୀ!

ଏତେ କଥା କହିଯାଉଛି ଖଣ୍ଡେ ପଥର ହୋଇ। ପଥରର ଭାଷା ନାହିଁ ଭାବୁଥିବା ବୁଦ୍ଧିଆ ମଣିଷମାନଙ୍କୁ ପଚାରୁଛି ଗୋଟିଏ ପ୍ରଶ୍ନ - ଭାଷା କହିଲେ କ'ଣ ବୁଝ ? କିଛି ଧ୍ୱନି, କିଛି ଶବ୍ଦ, କିଛି ଲିଖନଭଙ୍ଗୀର କୁଶଳୀ କସରତ ? ତୁମ ମଣିଷମାନଙ୍କ ଭାଷା ତ ଜଟିଳ - ପ୍ରବଞ୍ଚନାପୂର୍ଣ୍ଣ - ଗୋଟିଏ କଥା କହିଲା ଭିତରେ ଚାପାପଡ଼ିରହିଥାଏ ଆଉ ଗୋଟିଏ ଉଦ୍ଦେଶ୍ୟ! ଦିନରେ ମିଠା କଥା କହି ରାତିରେ ଛୁରୀ ଚଳାଇବାର ଯୋଜନାରେ ତିଆରି ହୋଇଛି ତୁମର ତାଲିମପ୍ରାପ୍ତ ଭାଷା। ପଥରର ଭାଷା କିନ୍ତୁ ଭିନ୍ନ। ସେ ଭାଷା ହେଉଛି ନୀରବତା - ଯାହା ଧରିରଖିଥାଏ 'ଅନନ୍ତ ବକ୍ତବ୍ୟ'। କେବେ ଯାଇ ବୁଝିବ ଏ କଥା ?

ମୁଁ ସାରା ମଣିଷଜାତିକୁ ଗୋଟିଏ କଥା ମନେପକାଇ ଦେବାକୁ ଚାହେଁ । ଆଗେଇଯିବାର ଉନ୍ମାଦ ଅଭିଯାନ ମଧ୍ୟରେ ସେମାନେ ଟିକିଏ କେଇଦଣ୍ଡ ପାଇଁ ଛିଡ଼ାହୋଇ ପଛକୁ ଚାହିଁବେ କି ? ପଛରେ ପୁରାଣ। ପ୍ରାଚୀନ କଥାକାହାଣୀର ପ୍ରସାରିତ ପରମ୍ପରା। ସେଇ ପୁରାଣ ଆଉ ପରମ୍ପରା ଭିତରେ ଅଳ୍ପଟିକିଏ କାନେଇ ପାରିଲେ ସେମାନେ ଶୁଣିବେ କେତେ ଶୀତଳ ନିଃଶ୍ୱାସପତନର ସ୍ୱରଶବ୍ଦ! ଆଜି ବି ପବନରେ ସେ ନିଃଶ୍ୱାସର ସ୍ପର୍ଶ । ଅନୁଭବ କଲେ ହେଲା। କେତୋଟି କଥାର ଖିଅ ଧରାଇ ଦେବାକୁ ଇଚ୍ଛା ହେଉଛି । ଯାହା ବୁଝିବା କଥା ବୁଝିନିଅ। (କ୍ରମଶଃ...)



ବାଲିମେଳା(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ମାରିବେଡ଼ା ସଦର ପଞ୍ଚାୟତ ସ୍ଥିତ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗ ଦେଲେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ । ଶୁକ୍ରବାର ଦିନ ୧୨.୩୦ ସମୟରେ ବିଧାୟକ ଶ୍ରୀ ଖିଲ ପ୍ରଥମେ ପହଞ୍ଚିବା ପରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ବିଧାୟକ ଶ୍ରୀ ଖିଲ ନିଜର ଅଭିଭାଷଣରେ ପିଲାମାନଙ୍କୁ ନିଜ ପିଲାବେଳର କିଛି କୌତୁକିଆ କଥା ଖାଇ ବିଭିନ୍ନ ଉଦାହରଣ ଦେଇ ମନ ଦେଇ ପାଠ ପଢିବାକୁ ପରାମର୍ଶ ଦେଇଥିଲେ । ପରେ ମଧାହ୍ନ ସମୟରେ ପିଲାମାନଙ୍କ ଦିଆଯାଉଥିବା ଭୋଜନ କେଉଁ ମାନର ତାହା ନିଜେ ପରଖି ଦେଖିଥିଲେ । ବିଦ୍ୟାଳୟର ଚତୁଃପାର୍ଶ୍ୱ ବୁଲି ବିଦ୍ୟାଳୟର କ'ଣ କ'ଣ ସମସ୍ୟା ଅଛି ତାହା ମଧ ଦେଖିଥିଲେ । ବିଧାୟକଙ୍କ ଏହି ଗସ୍ତ ସମୟରେ କୋରୁକୋଣ୍ଡା ବିଧାୟକ ପ୍ରତିନିଧି ବିନାୟକ ପାତ୍ର, ମାରିବେଡା ସରପଞ୍ଚ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ପୂର୍ବତନ ପୋଟରେଲ ସରପଞ୍ଚ ଭୀମା ବାରସେ, ବାଲିମେଳା ବିଧାୟକ ପ୍ରତିନିଧି ଇସାକ୍ ଖୋସଲା ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସତ୍ୟବାନ ପାତ୍ର ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ଶ୍ରୀମନ୍ଦିରରେ ଲାଗୁହେଲା ପଞ୍ଚସୂତ୍ରୀ କାର୍ଯ୍ୟାବଳୀ ବ୍ୟବସ୍ଥା



ପୁରୀ(ଭାସ୍କର ନ୍ୟୁଜ) : ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପଞ୍ଚସୂତ୍ରୀ କାର୍ଯ୍ୟାବଳୀ ବ୍ୟବସ୍ଥା ଆଜିଠାରୁ ଆରମ୍ଭ ହୋଇଛି । ମାସର ତୃତୀୟ ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନର ଆନୁସଙ୍ଗିକ ସମସ୍ତ ଉପବିଭାଗକୁ ନେଇ ଅନୁଷ୍ଠିତ ବୈଠକରେ ପଞ୍ଚସୂତ୍ରୀ କାର୍ଯ୍ୟାବଳୀକୁ ଲାଗୁ କରିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଦୁର୍ନୀତିକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଚରମବାଣୀ ଶୁଣାଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ସେପଟେ ପଞ୍ଚସୂତ୍ରୀ ମାର୍ଗଦର୍ଶିକାକୁ ସବୁରି ମହଲରେ ସ୍ୱାଗତ କରାଯାଇଥିବା ବେଳେ ଶ୍ରୀମନ୍ଦିର ଓ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଶୃଙ୍ଖଳା ଓ ସ୍ୱଚ୍ଛତା ଆଣିବାକୁ ଏହି ପଦକ୍ଷେପ ନିଆଯାଇଛି । ଶ୍ରୀମନ୍ଦିର ପ୍ରଶାସନର ପଞ୍ଚସୂତ୍ରୀ କାର୍ଯ୍ୟାବଳୀ ଅନୁପାଳନ କରିବା ପାଇଁ ଅନୁଷ୍ଠିତ ମାସିକ ସମୀକ୍ଷା ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀ ଓ ଅଧିକାରୀ ଆଜିଠାରୁ କୌଣସି ମାଦକଦ୍ରବ୍ୟ ସହ ପାନ ଗୁଟଖାର ବ୍ୟବହାର ଡ୍ୟୁଟି ସମୟରେ କରିବେ ନାହିଁ । ସେହିପରି ମୋବାଇଲ ଫୋନ୍ ଶ୍ରୀମନ୍ଦିର ଭିତରେ ଆଦୌ ବ୍ୟବହାର କରିପାରିବେ ନାହିଁ । ସମସ୍ତ ଅଧିକାରୀ ଓ କର୍ମଚାରୀ ବିଗତ ବର୍ଷ ପାଇଁ ସମ୍ପତ୍ତି ତାଲିକା ଜାନୁଆରୀ ୩୧ ତାରିଖ ସୁଦ୍ଧା ବାଧ୍ୟତାମୂଳକ ଭାବେ ଦାଖଲ କରିବେ । ଏହା ନକଲେ ସେମାନଙ୍କର ପଦୋନ୍ନତି, ପୁରସ୍କାର କିମ୍ବା କୌଣସି ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ନାହିଁ । ଆବଶ୍ୟକ ପଡିଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପ୍ରତ୍ୟକ ଶୁକ୍ରବାର ସମସ୍ତ ଅଧିକାରୀ ଓ କର୍ମଚାରୀ ହସ୍ତତନ୍ତ ଲୁଗାପିନ୍ଧି କାର୍ଯ୍ୟାଳୟ ଆସିବେ । ମାସିକ ସମୀକ୍ଷା ବୈଠକରେ ନୀତି ଶୃଙ୍ଖଳାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ସେପଟେ ଶ୍ରୀମନ୍ଦିରରେ ଓ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ସ୍ୱଚ୍ଛତା ଓ ଶୃଙ୍ଖଳା ଆଣିବାରେ ଏହା ସହାୟକ ହୋଇପାରିବ ମୁଖ୍ୟ ପ୍ରଶାସକଙ୍କ ପଞ୍ଚସୂତ୍ରୀ ମାର୍ଗଦର୍ଶିକାକୁ ସବୁରି ମହଲରେ ସ୍ୱାଗତ କରାଯାଇଛି । ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ କଡା ନିର୍ଦ୍ଦେଶ ସମ୍ପତି ତାଲିକା ନଦେଲେ ପଦୋନ୍ନତି ବନ୍ଦ । ଏହି ବୈଠକରେ ରାଜସ୍ୱ ଭୂସମ୍ପତ୍ତି ଓ ମହାପ୍ରଭୁଙ୍କ ଜମିଜମା ସମସ୍ୟା ଭକ୍ତଙ୍କ ଦାନ ଖଣିଖାଦନରୁ ରାଜସ୍ୱ ବୃଦ୍ଧି ଓ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ସ୍ୱଚ୍ଛତା ରକ୍ଷା ଉପରେ ଆଲୋଚନା ହୋଇଥିଲା । ବିଶେଷକରି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଦୁର୍ନୀତିକୁ ଆଦୌ ପ୍ରଶୟ ଦିଆଯିବ ନାହିଁ । ଦୁର୍ନୀତିରେ କିଏ ସମ୍ପୃକ୍ତ ରହିଥିବା ପ୍ରମାଣ ମିଳିଲେ ତଦନ୍ତ କରାଯିବ । ତଦନ୍ତରୁ ସତ ସାମ୍ନାକୁ ଆସିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ଆବଶ୍ୟକ ପଡିଲେ ଚାକିରୀରୁ ବରଖାସ୍ତ କରାଯିବ ବୋଲି ଚରମବାଣୀ ଶୁଣାଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ମହାପ୍ରଭୁଙ୍କ ସମସ୍ତ ଭୂସମ୍ପତ୍ତିର ଡିଜିଟାଇଜେସନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ସମସ୍ତ ବିଭାଗର କାର୍ଯ୍ୟ କମ୍ପ୍ୟୁଟରୀକରଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ମହାପ୍ରଭୁଙ୍କ ଖଣିଖାଦନରୁ ରାଜସ୍ୱ ବୃଦ୍ଧି ପାଇଁ ଉଦ୍ୟମ କରାଯାଉଥିବା କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ଚଳିତବର୍ଷ ପାଇଁ ରାଜସ୍ୱ ଟାର୍ଗେଟକୁ ଶ୍ରୀମନ୍ଦିର ପ୍ରଶାସନ ଅତିକ୍ରମ କରିଛି । ମହାପ୍ରଭୁଙ୍କ ଭୂସମ୍ପତ୍ତିର ଜମିଜମା ସମସ୍ୟା ଓ ଜନ ଅଭିଯୋଗ ଶୁଣାଣୀ ପାଇଁ ଶ୍ରୀ ସମ୍ପତ୍ତି.କମ୍ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି । ଅନଲାଇନ୍ ଡୋନେସନ୍ ବ୍ୟବସ୍ଥାକୁ ସୁଦୃଢ କରାଯିବ । ଶ୍ରୀମନ୍ଦିର ପ୍ରଶାସନର ସେଣ୍ଟ୍ରାଲ୍ ଲାଇବ୍ରେରୀରେ ଥିବା ସମସ୍ତ ପୁସ୍ତକର ଡିଜିଟାଇଜେସନ କରାଯିବ ବୋଲି ମାସିକ ସମୀକ୍ଷା ବୈଠକରେ ଆଲୋଚନା କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନକୁ ଅଧିକ କ୍ରିୟାଶୀଳ ଓ ଉତ୍ତରଦାୟୀ କରିବା ପାଇଁ ଏଭଳି ପଞ୍ଚସୂତ୍ରୀ କାର୍ଯ୍ୟାବଳୀ ଆରମ୍ଭ ହୋଇଛି । ତେବେ ଆଗାମୀ ଦିନରେ ଏହା କିଭଳି କାର୍ଯ୍ୟାନ୍ୱିତ ହେଉଛି ତାହା ଦେଖିବାକୁ ବାକି ରହିଲା ।

# ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ କାୟାକଳ୍ପ ୫ ଜଣିଆ ଟିମ୍




ନିମାପଡ଼ା(ଭାସ୍କର ନ୍ୟୁଜ): ଶୁକ୍ରବାର ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ କାୟାକଳ୍ପ ୫ ଜଣିଆ ଟିମ୍ । ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ବିଭିନ୍ନ ସ୍ଥାନ ବୁଲି ଅନୁଧ୍ୟାନ କରିଛନ୍ତି । କିପରି ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି ସେ ସଂପର୍କରେ ମଧ୍ୟ ସମୀକ୍ଷା କରିଛନ୍ତି । ଏହି କାର୍ଯ୍ୟକ୍ରମ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ାକ୍ତରଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ରାଜ୍ୟ କାୟାକଳ୍ପ ଟିମ୍ର ୫ ଜଣିଆ ସଦସ୍ୟ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ରୋଗୀ ୱାର୍ଡ଼, ନିରାମୟ ମେଡ଼ିସିନ୍ ବିଭାଗ, ଅସ୍ଥି ଶଲ୍ୟ ବିଭାଗ, ଆଉଟ୍ ଡ଼ୋର, ହର୍ବାଲ ଗାର୍ଡ଼େନ୍ ବୁଲି ଦେଖିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ପରିମଳ ସମୀକ୍ଷା କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ବିଭାଗ ଠିକ୍ ଥିବା ବେଳେ ଉତମ ରୋଗୀ ସେବା ଚାଲିଥିବା ଜାଣିବାକୁ ପାଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡ଼ଃ କ୍ଷମାନିଧି ସେଠୀ, ଡ଼ଃ ସୁବ୍ରତ କୁମାର ମହାପାତ୍ର, ବିଜୟିନୀ ସାହୁ, ଡ଼ଃ ଆଶୁତୋଷ ଜେନା, ଡ଼ଃ ମିନୁଶ୍ରୀ ପଶାୟତ, ଡ଼ଃ ସୋନାଲି ତ୍ରିପାଠୀ, ଡ଼ଃ ପ୍ରୀତି କିରଣ, ଡ଼ଃ ଜୀବନ ଜ୍ୟୋସ୍ନା ଶତପଥୀ, ଫାର୍ମାସିଷ୍ଟ ଆଇ. ତ୍ରିନାଥ ପାତ୍ର, ପ୍ରଭାସିନି ସେନାପତି, ସାଧନା ମହାପାତ୍ର, ଉର୍ମିଳା ସେନାପତି, ସୁଜାତା ସ୍ୱାଇଁ, ସ୍ୱାଗତିକା ସେଠୀ, ଲୋପାମୁଦ୍ରା ସ୍ୱାଇଁ, ଅନିତା ମହାନ୍ତି, ନିବେଦିତା ପ୍ରିୟଦର୍ଶିନୀ ବେହେରା, ସଂଧାରାଣୀ ପ୍ରଧାନ, କୃତାଳୀ ସେଠୀ, ସୁଚିସ୍ମିତା ପତି ପ୍ରମୁଖ ଉପସ୍ଥିତ ଥିଲେ । ଦୀର୍ଘଦିନ ହେବ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉତମ ସେବା ଯୋଗାଇ ଆସୁଛି । ଡ଼ଃ କ୍ଷମାନିଧି ସେଠୀ କର୍ମଚାରୀଙ୍କର ବିଭିନ୍ନ କାର୍ଯ୍ୟ ଉପରେ ତୀକ୍ଷ୍ଣ ନଜର ରଖିବା ସହ ନିଜେ ମଧ ବହୁତ ରୋଗୀ ସେବା କରି ଆସୁଛନ୍ତି ।

## ମାଘ ସପ୍ତମୀ ବୁଡ଼ ନିମନ୍ତେ ତୀର୍ଥ ପୁଷ୍କରିଣୀରୁ ଜଳ ନିଷ୍କାସନ ଆରମ୍ଭ



କୋଣାର୍କ(ଭାସ୍କର ନ୍ୟୁଜ): ଆସନ୍ତା ଫେବୃୟାରୀ ୩ ଓ ୪ ତାରିଖରେ ଚନ୍ଦ୍ରଭାଗା ତୀର୍ଥରେ ପବିତ୍ର ମାଘ ସପ୍ତମୀ ବୁଡ଼ । ଏଥର ଚନ୍ଦ୍ରଭାଗା ତୀର୍ଥରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇବା ଅନୁମାନ କରାଯାଉଛି । ଚଳିତ ବର୍ଷ ମାଘ ବୁଡ଼ ପାଇଁ ବିଳମ୍ବରେ ପ୍ରସ୍ତୁତି ଆରମ୍ଭ ହୋଇଛି । ଡ୍ରେନେଜ ବିଭାଗ ପକ୍ଷରୁ ତୀର୍ଥ ପୁଷ୍କରିଣୀରୁ ଜଳ ନିଷ୍କାସନ କାର୍ଯ୍ୟ ଆରମ୍ଭ ହୋଇଛି । ପ୍ରଥମେ ୪ଟି ମୋଟର ଲଗାଯାଇ ଜଳ ନିଷ୍କାସନ ହେଉଛି । ଆଉ ୬ଟି ମୋଟର ଲଗାଯାଇ ତୀର୍ଥ ପୁଷ୍କରିଣୀରୁ ଜଳ ନିଷ୍କାସନ ହେବ । କାର୍ଯ୍ୟ ସରିଲେ ପଙ୍କଉଦ୍ଧାର ଓ ଅଳିଆ ଆବର୍ଜନା ସଫେଇ ହେବ । ପରେ ଏନ୍ଏସି ପକ୍ଷରୁ ବ୍ଲିଚିଂ ଓ ଚୂନ ପକାଇ ଜଳ ବିଶୋଧନ କରାଯିବ । ମାଘ ସପ୍ତମୀ ବୁଡ଼ ୩ଦିନ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ ହୋଇ ତୀର୍ଥ ପୁଷ୍କରିଣୀ ପ୍ରସ୍ତୁତ ରହିବ । ଏହି ତୀର୍ଥଜଳରେ ସ୍ନାନସାରି ସୂର୍ଯ୍ୟ ଦର୍ଶନ ଓ ଦାନ କଲେ ଅଶେଷ ପୁଣ୍ୟ ଲାଭ ହୋଇଥାଏ ବୋଲି ଶ୍ରଦ୍ଧାଳୁଙ୍କ ମନରେ ବିଶ୍ୱାସ ରହିଛି ।

## ରାଣୀଓଳା ସେବା ସମବାୟ ସମିତିରେ ତାଲା ପକାଇଲେ ମଣ୍ଡଳ ସଭାପତି

ନିଆଳି(ଭାସ୍କର ନ୍ୟୁଜ): ନିଆଳି ବ୍ଲକ ଦେବୀ କନ୍ଦଳ ଦୀପାଞ୍ଚଳ ରାଣୀଓଳା ସେବା ସମବାୟ ସମିତିରେ ୧୭ରେ ମଣ୍ଡି ଖୋଲିବା ନେଇ ଧାର୍ଯ୍ୟ ହୋଇଥିବା ବେଳେ ଗତ ୧୫ରେ ସେବା ସମବାୟ ସମିତି ଦିନ କର୍ମଚାରୀଙ୍କ ଉପସ୍ଥିତିରେ ସିଠାଳ ମଣ୍ଡଳ ସଭାପତି ବୃଷକେତୁ ସାମଲଙ୍କ ସମେତ ଜନାର୍ଦ୍ଦନ ମହାପାତ୍ର, ସମୀର ସ୍ୱାଇଁ, ସୁବ୍ରତ ସ୍ୱାଇଁ କୋଣସି ଅଭିଯୋଗର ସୂଚନା ନଦେଇ ତାଲା ପକାଇଥିବା ସମିତି ସଭାପତି ଅଭିମନ୍ୟୁ ସ୍ୱାଇଁ ଅଭିଯୋଗ କରିଛନ୍ତି । ଅଭିଯୋଗ ହେବା ପରେ ଶୁକ୍ରବାର ଘଟଣା ସ୍ଥଳରେ ନିଆଳି ଅତିରିକ୍ତ ତହସିଲଦାର ଦୁର୍ଯ୍ୟୋଧନ ସାହୁ, ଯୋଗାଣ ବିଭାଗ ଅଧିକାରୀ ଏସଆରସି ସୁଶାନ୍ତ ମିଶ୍ର, ଅନୁସୟା ମଲ୍ଲ, ଫାଣ୍ଡି ଅଧିକାରୀ କସ୍ତୁରୀ ଚରଣ ଦାଶ ପ୍ରମୁଖ ଘଟଣା ସ୍ଥଳରେ ତଦନ୍ତ ଆରମ୍ଭ କରିଛନ୍ତି । ସନ୍ଧ୍ୟା ସୁଦ୍ଧା ତାଲା ଖୋଲାଯାଇନଥିବା ବେଳେ ଚାଷୀମାନେ ଧାନ ଦେବାରୁ ବଞ୍ଚିତ ହୋଇଛନ୍ତି । ଏ ନେଇ ସଭାପତି ଅଭିମନ୍ୟୁ ସ୍ୱାଇଁଙ୍କୁ ପଚାରିବାରୁ ମଣ୍ଡି ଖୋଲିପାରିବନି ବୋଲି କହିଛନ୍ତି ।

## ମୀରାବାଇ କଳାବିକାଶ କେନ୍ଦ୍ରର ବାର୍ଷିକ ଉତ୍ସବ




ଭୁବନ(ଭାସ୍କର ନ୍ୟୁଜ): ଓଡିଶା ସଂଗୀତ ନାଟକ ଏକାଡ଼େମୀ ଓ ପ୍ରାଚୀନ କଳା କେନ୍ଦ୍ର, ଚଣ୍ଡିଗଡ ସହିତ ସହ ଅନୁବନ୍ଧିତ ଭୁବନର ମୀରାବାଇ କଳାବିକାଶ କେନ୍ଦ୍ର ଶୁକ୍ରବାରରୁ ୩ଦିନ ଧରି ବାର୍ଷିକ ଉତ୍ସବ ପାଳନ କରୁଛି । କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୂଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି ଅଞ୍ଚଳରେ କଳାର ବିକାଶ ପାଇଁ ସମସ୍ତ ପ୍ରକାର ସହଯୋଗ କରାଯିବାର ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟବକ୍ତା ଭାବେ ରାଜ୍ୟ ଲୋକକଳା ଉପସଭାପତି ଅବନୀ ମିଶ୍ର ଓ ସମ୍ମାନିତ ଅତିଥି ଭାବରେ ନାଟ୍ୟ ନିର୍ଦ୍ଦେଶକ ଶତ୍ରୁଘ୍ନ ମାଟି, କାଉନସିଲର ସୁଶାନ୍ତ ନାୟକ, ମନମୋହନ ସାହୁ, ଭୁବନ ବ୍ଲକ ଲୋକକଳା ଉପସଭାପତି ଅଶୋକ ସାମଲ ଯୋଗ ଦେଇଥିଲେ । କଳାର ବିକାଶ ପାଇଁ ତଥା କଳାକାର କାରଖାନା ଭାବରେ ପରିଚିତ ମୀରାବାଇ କଳାବିକାଶ କେନ୍ଦ୍ର ୧୧ ତମ ବାର୍ଷିକ ଉତ୍ସବ ପାଳନ ଅବସରରେ କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାସ ମିଳନ ଗୀତିନାଟ୍ୟ ପରିବେଷଣ କରାଯାଇଥିବା ବେଳେ ଭୁବନ ବ୍ଲକ କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ଲୋକକଳା ପରିବେଷଣ କରିଥିଲେ । ଶେଷରେ ମୀରାବାଇ କଳାବିକାଶ କେନ୍ଦ୍ରର ପ୍ରତିଷ୍ଠାତା ଭଗବାନ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ଦେବଦୁତ ସାଜିଛି ସଡ଼କ ସୁରକ୍ଷା ବାହିନୀ

## ଗ୍ରୀନ୍ ପାରାଦୀପ ଟ୍ରଷ୍ଟ ପକ୍ଷରୁ ଫାଷ୍ଟଏଡ୍ ବକ୍ସ ପ୍ରଦାନ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ଓ କଟକ ରାଜ୍ୟ ରାଜପଥରେ ବହୁ ସମୟରେ ଦୁର୍ଘଟଣା ଘଟି ଅନେକ ଧନଜୀବନ ହାନି ହେଉଛି । ଏପରି ସ୍ଥଳେ ଅନେକ ସମୟରେ ସରକାରୀ କିମ୍ବା ବେସରକାରୀ ସ୍ତରରେ ସହାୟତା ଉପଲବ୍ଧ ହେଉନଥିବା ବେଳେ ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଅନ୍ତର୍ଗତ ହସିଣା ଗ୍ରାମର ଦେବଦୁତ ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ କୁମାର ତରାଇ ଦୁର୍ଘଟଣା ଖବର ପାଇ ରାତି ହେଉ କିମ୍ବା ଦିନ ହେଉ ଘଟଣା ସ୍ଥଳରେ ତାଙ୍କ ସହଯୋଗୀଙ୍କ ସହ ପହଞ୍ଚି ଦୁର୍ଘଟଣାଗ୍ରସ୍ତଙ୍କ ଆଶୁ ଚିକିତ୍ସା କରି ତାଙ୍କୁ ଚିକିତ୍ସାଳୟ ପଠାଇବାରେ ସହାୟତା କରିଥାନ୍ତି । ବିନା କାହା ସହଯୋଗରେ ଏପରି ମହତ କାର୍ଯ୍ୟ କରି ଶ୍ରୀ ତରାଇ ସମସ୍ତଙ୍କ ପାଇଁ ଦେବଦୁତ ସାଜିଥିବା ବେଳେ ଏପରି କାର୍ଯ୍ୟକୁ ସାଧାରଣରେ ବେସ ପ୍ରଶଂସା କରାଯାଉଛି । ତେବେ ତାଙ୍କୁ ଏଦିଗରେ କୌଣସି ସହଯୋଗ ମିଳୁନଥିବା ବେଳେ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଗ୍ରୀନ ପାରାଦୀପ ଟ୍ରଷ୍ଟର ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ସମାଜସେବୀ ରାକେଶ କୁମାର ପଟ୍ଟନାୟକ ଦ୍ୱିତୀୟ ଥର ପାଇଁ ଏକ ଫାଷ୍ଟଏଡ଼ ବକ୍ସ ବା ଆଶୁ ଚିକିତ୍ସା ଉପକରଣ ପ୍ରଦାନ କରିଥିଲେ । ଏହି ଅବସରରେ ଗ୍ରୀନ ପାରାଦୀପ ଟ୍ରଷ୍ଟର ଉପଦେଷ୍ଟା ତଥା ସାମ୍ବାଦିକ ଶଶାଙ୍କ ଶେଖର ଆଚାର୍ଯ୍ୟ ଉପସ୍ଥିତ ଥିଲେ ।

## ୬ ଦଫା ଦାବି ନେଇ ଆଉଟ୍ସୋର୍ସିଂ କର୍ମଚାରୀଙ୍କ ବିକ୍ଷୋଭ




କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲାର ସମସ୍ତ ହସ୍ପିଟାଲରେ ଏଲଏଣ୍ଡକେ ଠିକାସଂସ୍ଥା ମାଧ୍ୟମରେ ଦୀର୍ଘବର୍ଷ ଧରି କାର୍ଯ୍ୟରତ ସମସ୍ତ ଆଉଟସୋର୍ସିଂ କର୍ମଚାରୀ ଶୁକ୍ରବାର ୬ଦଫା ଦାବିନେଇ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ । କମ୍ପାନୀ ଆଉଟସୋର୍ସିଂ କର୍ମଚାରୀ, ଶ୍ରମିକଙ୍କୁ ଚାକିରିରୁ ବାହାର କରିବା ଏବଂ ମାସିକ ବେତନରୁ ଟଙ୍କା କାଟିବା ବିରୋଧ କରି ପୂର୍ବରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଫେରାଦ ହୋଇ ନିରାଶ ହୋଇଥିବା ବେଳେ ଶୁକ୍ରବାର ସଂଘର କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗଣଧାରଣାରେ ବସିଥିଲେ । ୬ଦଫା ଦାବି ହେଲା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟ କରୁଥିବା ଠିକା ଶ୍ରମିକଙ୍କ ପାଇଁ ୱେଲି ୱେଜେସ ବୋର୍ଡ ଗଠନ କରାଯାଉ, ଛଟେଇ କର୍ମଚାରୀଙ୍କୁ ପୁନର୍ବାର ନିଯୁକ୍ତି ଦିଆଯାଉ, ଅଗ୍ରାଧିକାର ଭିତିରେ ଷ୍ଟାଫ ନର୍ସଙ୍କୁ ସ୍ଥାୟୀ କାମରେ ସ୍ଥାୟୀ ନିଯୁକ୍ତି କରାଯାଉ, ସମସ୍ତ ଠିକା କର୍ମଚାରୀଙ୍କୁ ଇପିଏଫ ଏବଂ ଇଏସଆଇରେ ଅନ୍ତର୍ଭୁକ୍ତ କରାଯାଉ, ଯେଉଁ ସବୁ ମାସରେ ଶ୍ରମିକଙ୍କ ଦରମାରୁ ୫୦୦ଟଙ୍କା ଏବଂ ୫୦୦ଟଙ୍କାରୁ ଊର୍ଦ୍ଧ୍ୱ କଟାଯାଇଛି ତାହାକୁ ଶ୍ରମିକଙ୍କ ଆକାଉଣ୍ଟରେ ଜମା କରାଯାଉ, ପ୍ରତି ମାସ ୧୦ ତାରିଖ ମଧ୍ୟରେ ମାସିକ ବେତନ ପ୍ରଦାନ କରାଯିବା । କେନ୍ଦୁଝର ଜିଲା ହସ୍ପିଟାଲ କର୍ମଚାରୀ ସଂଘର ସଭାପତି ଉମାକାନ୍ତ ଦାସ ଓ ସାଧାରଣ ସମ୍ପାଦିକା ରିମା ରାଣୀ ବାରିକଙ୍କ ନେତୃତ୍ୱରେ କର୍ମଚାରୀ ଧାରଣାରେ ବସିବା ସହ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏହାର ଏକକିତା ନକଲ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ନିର୍ଦ୍ଦେଶକ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଶ୍ରମ କମିଶନର, ମାନବାଧିକାର କମିଶନ, ଜିଲା ଶ୍ରମ ଆୟୁକ୍ତ, ଜିଲା ଶ୍ରମ ଅଧିକାରୀ, ଆରକ୍ଷୀ ଅଧିକ୍ଷକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଅଧିକ୍ଷକ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ, ଅଧିକ୍ଷକ ଉପଖଣ୍ଡ ହସ୍ପିଟାଲ, କମ୍ୟୁନିଟି ହେଲଥ ସେଣ୍ଟର, ଟାଉନ ଥାନା ଅଧିକାରୀଙ୍କୁ ଦେଇଛନ୍ତି ।

## ଦୁର୍ଘଟଣାରେ ଶଳା ମୃତ, ଭିଣୋଇ ଆହତ

ବାରିପଦା(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ ଦୁର୍ଗାପୁରଠାରେ ଶଳା ଓ ଭିଣୋଇ କୁକୁଡ଼ା ନେଇ ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ । ପରେ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ବାରିପଦା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ତେବେ ଭିଣୋଇ ଚିକିତ୍ସା ପରେ ଭଲ ହୋଇଯାଇଥିବା ବେଳେ ଶଳା ସମରାୟ ଚପୟାର ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ବେଳେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଥିବା ମୋରଡା ପକ୍ଷରୁ ସୂଚନା ଦିଆଯାଇଛି । ତେବେ ମୋରଡା ଥାନା ଅନ୍ତର୍ଗତ ସାନମୁଣ୍ଡାବଣୀ ଗ୍ରାମରେ ସମରାୟ ଚପୟାରଙ୍କ ଘର ବୋଲି ଜଣାପଡିଛି । ଯାହାକୁ ନେଇ ମୋରଡା ଥାନାରେ ୧୩/୨୫ରେ ଏକ ମାମଲା ରୁଜୁ କରାଯାଇଛି ।

## ଭୁବନ କୃଷକ ସମାଜ ପକ୍ଷରୁ ୨୮ ତମ ବାର୍ଷିକ ଉତ୍ସବ ଓ ତାଲିମ ଶିବିର




ଭୁବନ(ଭାସ୍କର ନ୍ୟୁଜ): ଭୁବନ କୃଷକ ସମାଜ ତରଫରୁ ୨୮ ତମ ସ୍ୱନକ୍ଷତ୍ର ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ଭାରତୀୟ କିଶାନ ସଂଘ କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ଶ୍ରୀ ଶ୍ରୀନିବାସ ଉଦଘାଟନୀ ଉତ୍ସବରେ ଯୋଗଦେଇ ଜୈବିକ ଚାଷ ଓ କୃଷି ଭିତ୍ତିକ ଶିଳ୍ପ ଉପରେ ଗୁରୁତ୍ୱ ଦେଇ ଆଗକୁ ଯିବା ପାଇଁ ଆହ୍ୱାନ ଦେଇଥିଲେ । ସହରାଞ୍ଚଳ କୃଷକମାନଙ୍କୁ ସିଏମ କିଶାନ, ପିଏମ କିଶାନରେ ସାମିଲ କରିଥିବାରୁ ସରକାରଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଥିଲା । କୃଷକ ସମାଜ ସଭାପତି ବାସୁଦେବ ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆୟୁଷୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷି କ୍ଷେତ୍ରରେ ମହିଳା ଚାଷୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ଭାଗ୍ୟଧର ସାହୁ ବିଭିନ୍ନ ସରକାରୀ ଯୋଜନା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । କୃଷକ ସମାଜର ପୂର୍ବତନ ସଭାପତି ଦିଲ୍ଲୀପ କୁମାର ଦାସ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଉପସଭାପତି ଶ୍ରୀଧର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲା କୃଷି ଅଧିକାରୀ ବିଦ୍ୟାଧର ସାହୁ, ବ୍ଲକ କୃଷି ଅଧିକାରୀ ଭଗ୍ୟଧର ସାହୁ ଚାଷୀମାନଙ୍କୁ ତୈଳବୀଜ ଫସଲ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ । କାର୍ଯ୍ୟକ୍ରମରେ ଶତାଧିକ ଅଗ୍ରଣୀ ଚାଷୀ ଯୋଗ ଦେଇଥିଲେ ।

## ଅଜଣା ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ବଳଙ୍ଗା ଥାନା ଅଞ୍ଚଳର ଦମ୍ପତି ବାଇକ୍ରେ ଯାଉଥିବା ବେଳେ ଅଜଣା ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ ଘଟିଛି । ଏ ସଂପର୍କରେ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ ହେବା ପରେ ଥାନାଧିକାରୀ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ଯାହାକୁ ନେଇ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ବଳଙ୍ଗା ଥାନା ବରିମୁଣ୍ଡ ଗ୍ରାମର ସୁରେନ୍ଦ୍ର ମାଝି ତାଙ୍କ ପତ୍ନୀ ବବିତା ମାଝି (୩୬) ମଧାହ୍ନ ସମୟରେ ବାଇକ୍ରେ ଗ୍ରାମରୁ ବଳଙ୍ଗା ବଜାରକୁ ଗ୍ୟାସ୍ ଚୁଲା ସଜାଡ଼ିବା ପାଇଁ ଆସୁଥିବା ବେଳେ ବନ୍ଧମୁଣ୍ଡା ଠାରେ ବିପରୀତ ଦିଗରୁ ଆସୁଥିବା ଏକ ଅଜଣା ବାଇକ୍ ଧକ୍କା ଦେଇଥିଲା । ବାଇକ୍ରେ ବସିଥିବା ମହିଳା ବବିତା ରାସ୍ତା ଉପରେ ପଡ଼ି ଯାଇଥିବା ବେଳେ ପିଚୁ ରାସ୍ତାରେ ମୁଣ୍ଡ ପିଟି ହୋଇ ନାକ ଓ କାନ ଆଡ଼େ ପ୍ରବଳ ରକ୍ତସ୍ରାବ ହୋଇଥିଲା । ସ୍ଥାନୀୟ ଲୋକମାନେ ଗୁରୁତର ଅବସ୍ଥାରେ ମହିଳାଙ୍କୁ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ । ମାତ୍ର ଡ଼ାକ୍ତର ମହିଳାଙ୍କୁ ମୃତ ଘୋଷଣା କରି ଏ ସଂପର୍କରେ ନିମାପଡ଼ା ଥାନାରେ ଜଣାଇବା ପରେ ନିମାପଡ଼ା ଥାନା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବକୁ ଜବତ କରିଥିଲା । ପରେ ମହିଳାଙ୍କ ସ୍ୱାମୀ ସୁରେନ୍ଦ୍ର ମାଝି ଏକ ଲିଖିତ ଅଭିଯୋଗ ବଳଙ୍ଗା ଥାନାରେ ଦେବା ପରେ ବଳଙ୍ଗା ଥାନାଧିକାରୀ ଗୁରୁତ୍ୱ ଉପଲବ୍ଧ କରି ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣା ଘଟାଇ ଫେରାର ଥିବା ବାଇକ୍କୁ ଧରିବା ପାଇଁ ଚଢ଼ଉ ଜାରି ରଖିଛନ୍ତି । ଏପଟେ ବରିମୁଣ୍ଡ ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ନନ୍ଦନକାନନରେ ଜଳହସ୍ତୀ ଶାବକ ଜନ୍ମ

ବାରଙ୍ଗ(ଭାସ୍କର ନ୍ୟୁଜ): ଶୁକ୍ରବାର ପ୍ରାଣୀ ଉଦ୍ୟାନ ନନ୍ଦନକାନନରୁ ଆସିଛି ଏକ ଖୁସି ଖବର । ପ୍ରାଣୀ ଉଦ୍ୟାନର ୬୨ ନମ୍ବର ଖୁଆଡ଼ରେ ରହୁଥିବା ଜଳହସ୍ତୀ ଏକ ଶାବକ ଜନ୍ମ ଦେଇଛି । ତେବେ ମା' ଓ ଛୁଆ ସୁସ୍ଥ ଥିବାବେଳେ ଜଳାଶୟରେ ବିଚରଣ କରୁଥିବା ଜଣାପଡ଼ିଛି । ଜଳହସ୍ତୀ ଛୁଆ ଜନ୍ମ ହେବା ପରେ ନନ୍ଦନକାନନରେ ଜଳହସ୍ତୀଙ୍କ ସଂଖ୍ୟା ୧୨କୁ ବୃଦ୍ଧି ପାଇଛି । ସେଥିମଧ୍ୟରେ ୬ ମାଈ ଓ ୫ ଅଣ୍ଡିରା ରହିଥିବା ସୂଚନା ମିଳିଛି । ତେବେ ସଦ୍ୟ ଜନ୍ମିତ ଶାବକର ଲିଙ୍ଗ ନିରୂପଣ ହୋଇନଥିବା ସୂଚନା ମିଳିଛି । ସାଧାରଣତଃ ଏହି ପ୍ରଜାତିର ଜଳହସ୍ତୀ ଆଫ୍ରିକା ମହାଦେଶର ନଦୀ ଓ ହ୍ରଦରେ ଦଳବଦ୍ଧ ଭାବେ ରହଥାନ୍ତି ।

## ପ୍ରେମକାଲ ଯୋଗ ମନ୍ଦିରର ପ୍ରଥମ ବାର୍ଷିକୋତ୍ସବ ଉପଲକ୍ଷେ ସୂର୍ଯ୍ୟ ନମସ୍କାର ପ୍ରତିଯୋଗିତା



ବାରିପଦା(ଭାସ୍କର ନ୍ୟୁଜ): ସ୍ଥାନୀୟ ଦେବେନ୍ଦ୍ରପୁରସ୍ଥିତ ପ୍ରେମକାଲ ଯୋଗ ମନ୍ଦିର ଆନୁକୁଲ୍ୟରେ ପ୍ରଥମ ବାର୍ଷିକ ଉତ୍ସବରେ ବାରିପଦା କ୍ଲୋବ ପ୍ରାଙ୍ଗଣରେ ସୂର୍ଯ୍ୟ ନମସ୍କାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଚିନ୍ମୟ ମିଶନ ବାରିପଦାର ସଂପାଦକ ଅଜିତ୍ କୁମାର ବେହେରା ପୌରୋହିତ୍ୟରେ ଅନୁଷ୍ଠିତ ସଭାକାର୍ଯ୍ୟରେ ମୁଖ୍ୟ ଅତିଥି ଚିନ୍ମୟ ମିଶନ ବାରିପଦାର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ, ସମ୍ମାନୀୟ ଅତିଥି ବରିଷ୍ଠ ସାମ୍ବାଦିକ କବି ବିଷ୍ଣୁ ଶତପଥୀ, ଡ଼ା ନିରୋଜ ପୁଥାଳ, ଡ଼ା ଦିଲ୍ଲୀପ ପଣ୍ଡା, ରୋଟରୀୟନ୍ ରାକେଶ ସିଂ ଯୋଗଦେଇ ଦୀପ ପ୍ରଜ୍ଜ୍ୱଳନ କରିଥିଲେ । ପ୍ରେମକାଲ ଯୋଗ ମନ୍ଦିରର ମୁଖ୍ୟ ଯୋଗୀରାଜ ଡ଼ା ରାକେଶ ମହାନ୍ତ ଏକ ଶହ ଆଠ ରାଉଣ୍ଡ ସୂର୍ଯ୍ୟ ନମସ୍କାର ପ୍ରତିଯୋଗୀଙ୍କୁ କରାଇଥିଲେ । ମୟୁରଭଞ୍ଜ କ୍ରୀଡ଼ା ସଂସଦର ସମ୍ପାଦକ ବିଜୟ ଦାସ, ସହ ସମ୍ପାଦକ ଅମର ସେଠୀ, ଓଆରଡି ସଂସ୍ଥାର ଅଧ୍ୟକ୍ଷ ସାଇ ପ୍ରକାଶ ମହାନ୍ତି, ସଚ୍ଚିଦାନନ୍ଦ ସେବା ଟ୍ରଷ୍ଟର ଟ୍ରଷ୍ଟି ଉର୍ମିଳା ବେହେରା, ବିରଞ୍ଚି ନାରାୟଣ ବେହେରା, ସବ୍ୟସାଚୀ ପଳେଇ ପ୍ରତିଯୋଗିତା ମାନଂକୁ ସାର୍ଟିଫିକେଟ ପ୍ରଦାନ କରିଥିଲେ କ୍ଷ ଅନଲାଇନ ମଧ୍ୟମରେ ନେପାଳ, ରାଜସ୍ଥାନ ଓ ଉତ୍ତରପ୍ରଦେଶର ବହୁ ପ୍ରତିଯୋଗୀ ଭାଗ ନେଇଥିଲା ବେଳେ ସ୍ଥାନୀୟ ଅଞ୍ଚଳର ବହୁ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟରର ସାଧାରଣ ସମ୍ପାଦକ ଜ୍ୟୋତିରଂଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଆସନ୍ତା ୨୫ ତାରିଖ ଦିନ ବାର୍ଷିକ ଉତ୍ସବର ଉଦଯାପିତ ଦିବସରେ କର୍ଣ୍ଣାଟକର ବିଖ୍ୟାତ ଯୋଗଗୁରୁ କରୁଣାକର ଉପାଧ୍ୟାୟ ଯୋଗ ଦେଇ ବିଜେତାମାନଙ୍କୁ ପୁରସ୍କୃତ କରିବେ । ବରିଷ୍ଠ ଆଇନଜିବୀ ସତ୍ୟବ୍ରତ ମହାନ୍ତି, ଇଞ୍ଜିନିୟର ବିଜୟ ସାହୁ, ଓମ୍ ପ୍ରକାଶ ସାହୁ, ସଂଜିତ୍ ମହାନ୍ତ, ଚିତ୍ରସେନ ମହାନ୍ତ, ସୁଶାନ୍ତ ମହାନ୍ତ, ପଦ୍ମନାଭ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ସୌମ୍ୟ ରଂଜନ ମହାନ୍ତ, ଚିନ୍ମୟ ମହାନ୍ତ ପ୍ରମୁଖ ସହଯୋଗ କରିଥଲେ ।

### ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

## ଖଣିଜ ସମ୍ପଦ ତସ୍କରି ରୋକିବା ନେଇ ଚଢାଉ ଉପରେ ରାଜସ୍ୱମନ୍ତ୍ରୀଙ୍କ ନିର୍ଦ୍ଦେଶ




ଛତ୍ରପୁର(ଭାସ୍କର ନ୍ୟୁଜ): ରାଜସ୍ୱ ବିଭାଗକୁ ଅଧିକ କ୍ରିୟାଶୀଳ କରିବା ଦିଗରେ ସରକାର ଯତ୍ନବାନ । ମହିଳାଙ୍କୁ ସଶକ୍ତିକରଣ କରାଯାଇଛି । ଯେଉଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନକ୍ରୟ କାରବାର ନିମନ୍ତେ ଇଚ୍ଛା ପ୍ରକାଶକରୁ ନାହାନ୍ତି, ସେମାନଙ୍କୁ ବାଦ ଦେଇ ଅନ୍ୟ ଅନ୍ୟ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସେହି ସୁଯୋଗ ଦେବା ସକାଶେ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଚାଷୀଙ୍କ ଦ୍ୱାରା ଉତ୍ପାଦନ ଧାନର ମାନ ସେମାନେ ବ୍ୟବହାର କରୁଥିବା ଚାରା ଉପରେ ନିର୍ଭର କରେ । ସେମାନେ ଯେଭଳି ଉତ୍ତମ ମାନର ଚାରା ବ୍ୟବହାର କରିଥିବେ ସେହି ଅନୁସାରେ ଅମଳ ହୋଇଥାଏ । ଏଣୁ ଉତ୍ତମ ଚାରାର ବ୍ୟବହାର ଦିଗରେ ଗୁରୁତ୍ୱ ଆରୋପ କରିଥିଲେ । ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ । ଶୁକ୍ରବାର ପୂର୍ବାହ୍ନରେ ଗଞ୍ଜାମ ଜିଲ୍ଲା ଗସ୍ତ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିଜ ବିଭାଗ ସମେତ ଧାନ କ୍ରୟ, ଶିଳ୍ପ ଏବଂଅନ୍ୟାନ୍ୟ ବିଭାଗର କାର୍ଯ୍ୟକାରିତା ଘେନି ସମୀକ୍ଷା କରିଥିଲେ । ଜିଲ୍ଲାପାଳଙ୍କ ସଭାବନା ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ରାଜ୍ୟ ସରକାରଙ୍କ ବାଣିଜ୍ୟ ପରିବହନ ଏବଂ ଇସ୍ପାତ ଓ ଖଣି ବିଭାଗୀୟ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ ଦିଗପହଣ୍ଡି ବିଧାୟକ ଡଃ ସିଦ୍ଧାନ୍ତ ମହାପାତ୍ର, ଆସ୍କା ବିଧାୟକ ସରୋଜ କୁମାର ପାଢୀ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡଃ ପ୍ରମୋଦ କୁମାର ପୃଷ୍ଟି ସମେତ ଜିଲ୍ଲାର ସମସ୍ତ ଉପ ଜିଲ୍ଲାପାଳ, ତହସିଲଦାର ଏବଂ ରାଜସ୍ୱ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ । ବୈଠକ ପ୍ରାରମ୍ଭରେ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା କରଣ ନେଇ ଆଲୋଚନା ହୋଇଥିଲା । ଧାନ ସଂଗ୍ରହ ସକାଶେ ୩୬୬ ଗୋଟି ପ୍ୟାକ୍ସ, ୧୧୧ଗୋଟି ମହାଳା ସ୍ୱୟମ ସହାୟିକା ଗୋଷ୍ଠୀ ଏବଂ ଗୋଟିଏ ପାଣି ପଞ୍ଚାୟତ ଏଭଳି ସମୁଦାୟ ୪୭୮ ଗୋଟି ପ୍ୟାକସ୍ ଦ୍ୱାରା ଧାନ ସଂଗ୍ରହ କରାଯିବ । ସମୁଦାୟ ୩୬୧ ଗୋଟି ମିଲ୍ରେ ଧାନ ପ୍ରକ୍ରିୟା କରଣ କରିବାର ବ୍ୟବସ୍ଥା କରାଯାଇଛି । ୧୪୬୫୦୪ ଜଣ ଖରିଫ୍ ଧାନ ବିକ୍ରୟ କରିବା ସକାଶେ ପଞ୍ଜିକରଣ କରିଥିବା ସ୍ଥଳେ ସମସ୍ତ ଚାଷୀଙ୍କର ତଥ୍ୟ ଡିଆରସିଏସ୍/ଏଆରସିଏସ୍ ଦ୍ୱାରା ଯାଞ୍ଚ କାର୍ଯ୍ୟ ଶେଷ ହୋଇଛି । ଗତ ୧୬ତାରିଖ ସୁଦ୍ଧା ୪୩୫ ପ୍ୟାକସ୍ ଦ୍ୱାରା ୪୦୭୯ କୃଷକଙ୍କ ଦ୍ୱାରା ୧୭୩୪୨୪.୪୭ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି । ବର୍ତ୍ତମାନ ଧାନ ସଂଗ୍ରହ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରାଯାଉଥିବା ଘେନି ଜିଲ୍ଲାପାଳ ଶ୍ରୀ ପରିଡା ଅବଗତ କରାଇଥିଲେ । ଚଳିତ ମାସ ୩ ତାରିଖରୁ ଗଞ୍ଜାମ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ଅଦିନିଆ ବର୍ଷା ହୋଇଥିବା ଅଞ୍ଚଳରେ ଚାଷୀଙ୍କର ଧାନର ସ୍ଥିତି ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଜାଣିବାକୁ ଚାହିଁଥିଲେ । ଆସନ୍ତା ଫେବୃୟାରୀ ଶେଷ ସୁଦ୍ଧା ଧାନକ୍ରୟ କାର୍ଯ୍ୟ ଶେଷ ହେବ ବୋଲି ଜିଲ୍ଲାପାଳ ଶ୍ରୀ ପରିଡା ଅବଗତ କରାଇଥିଲେ । ଯେଉଁ ଚାଷୀଙ୍କର ଧାନ ଗମିଯାଇଛି ସେଗୁଡିକ ମଧ କ୍ରୟ କରିବା ଦିଗରେ ଚାଷୀଙ୍କ ଠାରେ ସ୍ପଷ୍ଟ କରାନ୍ତୁ ବୋଲି ଦିଗପହଣ୍ଡି ବିଧାୟକ ଶ୍ରୀ ମହାପାତ୍ର ଅବଗତ କରାଇଥିଲେ । ସରକାର ଚାଷୀଙ୍କୁ ସହାୟତା ଦେବା ସକାଶେ ଅଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପୁଜାରୀ ସ୍ପଷ୍ଟ କରି କହିଥିଲେ । ଗଞ୍ଜାମ ଜିଲ୍ଲାରେ ଯଥେଷ୍ଟ ମଣ୍ଡି ନାହିଁ । ଟେଣ୍ଡର ଆହ୍ୱାନ କରି ନୂତନ ମଣ୍ଡି କରାଯିବ । ଆସନ୍ତା ଖରିଫ୍ ବେଳକୁ ମଣ୍ଡି ପ୍ରସ୍ତୁତ ହୋଇଯାଇଥିବ ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଥିଲେ । ରାଜସ୍ୱ ବିଭାଗର ମ୍ୟୁଟେସନ୍ ଓଏଲଆର୍, ବସୁନ୍ଧରା ଶିକ୍ଷାନୁଷ୍ଠାନ ଗୁଡିକୁ ପଟ୍ଟା ପ୍ରଦାନ, ଜମି ଅଧିଗ୍ରହଣ, ଗ୍ରାମ କଣ୍ଠ ପରମ ଭୋକ, ରାଜସ୍ୱ ଆଦାୟ ଇତ୍ୟାଦି ବ୍ୟତୀତ ତହସିଲ କାର୍ଯ୍ୟାଳୟର ସେବା ତଥା ଷ୍ଟାଫ୍ ସମ୍ପର୍କିତ ସମସ୍ୟା ସମାଧାନ ଗୁଡିକ ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ । ଗ୍ରାମ କଣ୍ଠ ପରମ ଭୋକ୍ତ ପଟ୍ଟା ପ୍ରଦାନ ସକାଶେ ଏକ ବର୍ଷ ମଧ୍ୟରେ ସର୍ଭେ କାମ କରିବା ସକାଶେ ମ୍ୟାନ ପାୱାର ବୃଦ୍ଧି କରାଇବେ । ଓଆରଏସ୍ ଏ ଓଏଏସ୍ ମାନଙ୍କୁ ଫିଲ୍ଡ ସ୍ତରରେ ପ୍ରଶିକ୍ଷଣ ପ୍ରଦାନ କରାଯିବ । ରାଜସ୍ୱ ବିଭାଗକୁ ଅଧିକ ସଶକ୍ତ ଓ ସମୃଦ୍ଧ କରିବା ଘେନି ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା ।



ବ୍ୟାସନଗର, (ଭାସ୍କର ନ୍ୟୁଜ୍) : ଦାନଗଦୀ ବ୍ଲକ ଟୋଲକାନୀ ସ୍ଥିତ ଝାଡେଶ୍ୱର ଜୁନିୟର କଲେଜରେ ଅଧ୍ୟାପକ ଓ କର୍ମଚାରୀମାନେ ଓଡ଼ିଶା ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ତାଙ୍କ ସୁକିନ୍ଦା ସ୍ଥିତ ବାସଭବନରେ ଭେଟି ୪୮୮ବର୍ଗ ଅଧକ୍ଷ ଓ କର୍ମଚାରୀ ମାନଙ୍କ ଚାକିରୀ ସର୍ତ୍ତାବଳୀ ଓ ପେନସନ୍ ପ୍ରମୁଖ ଦାବୀ ନେଇ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଅଧକ୍ଷ ଡ. ଅକ୍ଷୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଅଧାପକ ରଞ୍ଜନ କୁମାର ସାହୁ, ଖଗେଶ କୁମାର ଜେନା, ତୋଫାନ ଜେନା, କର୍ମଚାରୀ ବିଜୟ କୁମାର ସାହୁ ପ୍ରମୁଖ ମନ୍ତ୍ରୀଙ୍କୁ ଦେଖାକରି ମହାବିଦ୍ୟାଳୟର ସମସ୍ୟା ସଂପର୍କରେ ଆଲୋଚନା କରିବା ସହ ୪୮୮ବର୍ଗ ଅଧାପକ ଓ କର୍ମଚାରୀମାନଙ୍କ ଦୁର୍ଦ୍ଦିନ କଥା ବର୍ଣ୍ଣନା କରି ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। ଏ ସଂପର୍କରେ ମନ୍ତ୍ରୀ ବଳ ସାମନ୍ତ ନିଶ୍ଚିତ ଦୃଷ୍ଟି ଦେବେ ବୋଲି ଅଧାପକ ମାନଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ।



## ମା ଚଣ୍ଡେଶ୍ୱରୀ ଲୋକୋତ୍ସବ ଉଦ୍‌ଘାଟିତ

# ଢ଼େମସା ନୃତ୍ୟରେ ଝୁମିଲେ ଦର୍ଶକ

କୋରାପୁଟ୍, (ଭାସ୍କର ନ୍ୟୁଜ୍ ) : ସଇଁତଲା, କଳା ସଂସ୍କୃତି, ପରମ୍ପରା ଓ ବିଭିନ୍ନ ନୃତ୍ୟ ଦିନକୁ ଦିନ ହଜିବାକୁ ବସିଲାଣି। କିଭଳି କୋରାପୁଟ ଜିଲ୍ଲାର ଏହି ଲୋକକଳା ସଭିଙ୍କ ମାନସପଟରେ ଚିର ଉଜ୍ଜିବୀତ ରହିବ ଓ ଦର୍ଶକଙ୍କ ମନକୁ ବିମୋହିତ କରିବ ସେଥିପାଇଁ ଚତୁର୍ଥ ଥର ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ସ୍ଥାନୀୟ ଡାକ ବଙ୍ଗଳା ଠାରେ ମା ଚଣ୍ଡେଶ୍ୱରୀ ଲୋକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଭିନ୍ନ ସ୍ଥାନରୁ ଆସିଥିବା ପାରମ୍ପରିକ ଲୋକକଳା ଓ ଲୋକନୃତ୍ୟରେ ଦୁଲୁକୁଛି ମା ଚଣ୍ଡେଶ୍ୱରୀ ଲୋକୋତ୍ସବ। କୋରାପୁଟରୁ ଆସିଥିବା ଢ଼େମେସା ନୃତ୍ୟରେ ଝୁମିଥିଲେ ହଜାର ହଜାର ଦର୍ଶକ। ପ୍ରଥମେ ସଇଁତଳାର ଅଧିଷ୍ଠାତ୍ରୀ ଦେବୀ ମା’ ଚଣ୍ଡୀଙ୍କ ମନ୍ଦିରରୁ ଏକ



ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିସାରିବା ପରେ ଡାକବଙ୍ଗଳା ଠାରେ ପହଞ୍ଚିଥିଲା । ଶୋଭାଯାତ୍ରାରେ ବୁଲୁ ବରଗଡି କୁମ୍ଭାରୀଙ୍କ ଟିମ ଦ୍ୱାରା ଅଘୋରୀ ନୃତ୍ୟ ପରିବେଷଣ କରାଯାଇଥିଲା । କମିଟିର ସଭାପତି ଭୀମସେନ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଶିଶୁ ସାହିତ୍ୟକ ଯୁଗଳ କିଶୋର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ବ୍ୟଙ୍ଗକବି ସୁବାଷ ରଥ, ବ୍ୟଙ୍ଗକବି ପ୍ରମୋଦ ବୈଠାରୁ, ଆଇନଜୀବୀ ପ୍ରୀତିସାଗର ମହାନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମଞ୍ଚାସିନ ଥିଲେ। ଲୋକୋତ୍ସବ ଦ୍ୱାରା ବିଲୁପ୍ତ ହୋଇଯାଉ ଥିବା ଲୋକକଳା, ସଂସ୍କୃତି, ପରମ୍ପରାକୁ ପୁନଃ ଜାଗ୍ରତ କରିବ ବୋଲି ଅତିଥି ମାନେ ମତବ୍ୟକ୍ତ ଦେଇଥିଲେ। ଶେଷରେ ଡ଼ଃ. ବିଶ୍ୱଜିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି ଗଣ ଯୋଗଦେଇ କଳାକୁ ସବୁବେଳେ ଜୀବତ କରିବା ସହ କଳାକାର ମାନଙ୍କ ପାଇଁ ସରକାର ସହଯୋଗ କରିବାର ଆବଶ୍ୟକ ରହିଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସରୋଜ ବୈଠାରୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ହଜାର ହଜାର ଦର୍ଶକଙ୍କ ଭିଡ଼ ଜମି ଥିଲା।

# ମିଲରଙ୍କ ମନମାନୀକୁ ପ୍ରଶୟ ଦିଆଯିବ ନାହିଁ : ଯୋଗାଣ ମନ୍ତ୍ରୀ

ଭଦ୍ରକ, (ଭାସ୍କର ନ୍ୟୁଜ୍ ) : ଓଡ଼ିଶା ସରକାରଙ୍କ ଖାଦ୍ୟଯୋଗାଣ ଏବଂ ଖାଉଟି କଲ୍ୟାଣ, ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭଦ୍ରକ ଜିଲ୍ଲା ଗସ୍ତରେ ଆସି ଭଦ୍ରକ ଜିଲ୍ଲା ପ୍ରଶାସନର ଧାନ ସଂଗ୍ରହ କାର୍ଯ୍ୟ ପରିଚାଳନାର ସମୀକ୍ଷା କରିଛନ୍ତି। ସେ ଭଦ୍ରକରେ ପହଞ୍ଚି ପ୍ରଥମେ ଭଣ୍ଡାରିପୋଖରୀ ବ୍ଲକ୍‌ର ଆଦମପୁରର ଶକ୍ତି ସ୍ୱରୂପା ଏସ୍‌ଏଚ୍‌ଜି ଧାନକ୍ରୟ କେନ୍ଦ୍ର, ଭଦ୍ରକ ବ୍ଲକ୍‌ର ବହୁଦରଡ଼ାର ଶ୍ରୀରାମ ପାକ୍‌ସ ଓ ଅର୍ଣ୍ଣପାଳ ପାକ୍‌ସ, ତିନିଟି ଧାନମଣ୍ଡିକୁ ଯାଇ ସରକାରୀ ଦରରେ ଧାନକ୍ରୟ ବ୍ୟବସ୍ଥାର ତଦାରଖ କରିଥିଲେ। କଟନୀଛଟନୀ ନେଇ ଉପସ୍ଥିତ ସ୍ଥାନୀୟ ଜନସାଧାରଣ ଓ ଚାଷୀମାନଙ୍କ ଅଭିଯୋଗ ଶୁଣି ଏଫ୍‌ଏକ୍ୟୁ ମାନର ଧାନ ବିକ୍ରୟ ପାଇଁ ମଣ୍ଡିକୁ ଆଣିବାକୁ ପରାମର୍ଶ ପ୍ରଦାନ କରିଥିଲେ। ଅଣ ଏଫ୍‌ଏକ୍ୟୁ ଧାନ ଗ୍ରହଣ କରାଯିବ ନାହିଁ, ମଣ୍ଡିରୁ ଫେରାଇ ଦିଆଯିବ ବୋଲି କହିଥିଲେ। ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ,



ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ପ୍ରମୁଖ ମନ୍ତ୍ରୀଙ୍କ ଗସ୍ତ କ୍ଷେତ୍ରରେ ଉପସ୍ଥିତ ଥିଲେ। କ୍ଷେତ୍ର ପରିଦର୍ଶନ ପରେ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମଧ ଏହି ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସରକାରୀ ଦରରେ ଧାନକ୍ରୟ ପାଇଁ ପ୍ରସ୍ତୁତି, ପରିଚାଳନା, ସଚେତନତା, ଅଦ୍ୟାବଧି ଧାନକ୍ରୟ ପରିମାଣ, ଉପୁଜୁଥିବା ସମସ୍ୟା ସମାଧାନରେ ଜିଲ୍ଲା ପ୍ରଶାସନର ସହଯୋଗ ଆଦି ସମ୍ବନ୍ଧରେ ଦୃଶ୍ୟ ଫଳକ ଜରିଆରେ ଉପଜିଲ୍ଲାପାଳ ଉପସ୍ଥାପନ କରିଥିଲେ। ଧାନ କିଣାରେ ଅଦିନିଆ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ପ୍ରଥମଥର ପାଇଁ ସରକାର କ୍ଷତି ପୂରଣ ପ୍ରଦାନ କରିଛନ୍ତି। କ୍ଷତିଗ୍ରସ୍ତ ସେହି ଫସଲର ଉତ୍ତମ ମାନ ନଥିବା ଧାନ ମଣ୍ଡିକୁ ନ ଆଣିବା ପାଇଁ ସେ ପ୍ରକାଶ କରିଥିଲେ। ଧାନ କିଣାରେ ମିଲରମାନଙ୍କ ମନମାନିକୁ ମଧ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଥିଲେ। ମଣ୍ଡିରୁ ଧାନ ଉଠାଇବାରେ ସହଯୋଗ କରୁନଥିବା ମିଲର ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ପ୍ରଦାନ କରି ଆବଶ୍ୟକ ହେଲେ ଜିଲ୍ଲା ବାହାରୁ ମିଲର୍ ନିୟୋଜିତ କରାଯିବ ବୋଲି ପ୍ରକାଶ କରିଥିଲେ। କଟନୀ ଛଟନୀକୁ ସୁଯୋଗ ନଦେଇ ଖରାପ ଥିବା ଧାନକୁ ମଣ୍ଡିରୁ ଫେରାଇ ଦେବା ପାଇଁ କହିଥିଲେ। ଭଲଧାନ ନ ହେଲେ ଭଲ ଚାଉଳ ମିଳିବ ନାହିଁ। ଭଲ ଚାଉଳ ନ ହେଲେ, ଏଫ୍‌ସିଆଇ ତାହା ଗ୍ରହଣ କରିବ ନାହିଁ ବୋଲି ସେ ପ୍ରକାଶ କରିଥିଲେ। ଚାଷୀମାନେ ଯେପରି ଅସୁବିଧାରେ ନ ପଡ଼ନ୍ତି, ସୁସଙ୍ଗଠିତ ଢଙ୍ଗରେ ସରକାରୀ ମଣ୍ଡି ଜରିଆରେ ମିଲର ମାନଙ୍କ ଦ୍ୱାରା ସେମାନଙ୍କ ଠାରୁ ଉତ୍ତମ ମାନର ଧାନ ସଂଗ୍ରହ କରାଯିବା ଦିଗରେ ନିୟୋଜିତ ସମସ୍ତ ପ୍ରଶାସନିକ ଅଧିକାରୀମାନେ ଅଧିକ ଯତ୍ନବାନ୍ ହେବାକୁ ମଧ ମାନ୍ୟବର ମନ୍ତ୍ରୀ ବୈଠକରେ ପରାମର୍ଶ ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟକି ଅଦ୍ୟାବଧି ଜିଲ୍ଲା ପ୍ରଶାସନ ଦ୍ୱାରା ସମୁଦାୟ ୧,୦୦,୧୭୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି।

## ବାଇକ୍ ଧକ୍କାରେ ୨ ଆହତ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ଠାରୁ ବାଲିମେଳାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ତେନ୍ତୁଳୀଗୁଡା ଗ୍ରାମ ନିକଟରେ ଦୁଇଟି ବାଇକ୍ ଦୁର୍ଘଟଣା ହେବା ଫଳରେ ଦୁଇଜଣ ଆହତ ହୋଇଛନ୍ତି । ଦୁଇଜଣ ବାଇକ୍ ଆରୋହୀ ସୁସ୍ଥ ଥିବା ଜଣାପଡ଼ିଛି। ସୂଚନା ଥାଉକି, କୌଣସି କାର୍ଯ୍ୟରେ ନକାମାମୁଡି ଗ୍ରାମ ପଞ୍ଚାୟତ ପରଜାଗୁଡାର ଚାରିଜଣ ଯୁବକ ଦୁଇଗୋଟି ବାଇକ୍ ଯୋଗେ ମାଲକାନଗିରି ଯାଇଥିଲେ। ନିଜ ନିଜ କାର୍ଯ୍ୟ ଶେଷହେବାରେ ବିଳମ୍ବ ହୋଇଯାଇଥିବାରୁ ପ୍ରାୟ ରାତ୍ର ୯ ଘଣ୍ଟିକା ସମୟରେ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ତେନ୍ତୁଳୀଗୁଡା ନିକଟରେ ଅର୍ଦ୍ଧ ନିର୍ମିତ ରାସ୍ତାରେ ମାଟି ପଡ଼ିଥିବାରୁ ଉଭୟ ବାଇକ ଚାଳକ ସେଠାରେ ଦୁର୍ଘଟଣାର ଶିକାର ହୋଇଥିଲେ । ଉକ୍ତ ରାସ୍ତାଦେଇ ଯାଉଥିବା ପଥଚାରୀମାନେ ତୁରନ୍ତ ଆମ୍ବୁଲାନ୍ସକୁ ଖବର କରି ଆହତଙ୍କୁ କୋରୁକୋଣ୍ଡା ଡାକ୍ତର ଖାନାକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ନିମନ୍ତେ ଉକ୍ତ ଆହତ ଦୁଇଜଣଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ପରିବାର ଲୋକେ ସୂଚନା ଦେଇଛନ୍ତି ।

## ସତୀଗୁଡ଼ାରେ ପକ୍ଷୀଗଣନା ପାଇଁ ମକ୍‌ଡ୍ରିଲ୍



ମାଲାକନଗିରି, (ଭାସ୍କର ନ୍ୟୁଜ୍ ) : ପ୍ରତିବର୍ଷ ଭଳି ଚଳିତବର୍ଷ ରାଜ୍ୟର ବିଭିନ୍ନ ଜଳଭଣ୍ଡାର, ନଦୀ, ଜଳାଶୟରେ ପକ୍ଷୀଗଣନା ଭଳି ମାଲକାନଗିରି ଜିଲ୍ଲାର ବନ ବିଭାଗ ପକ୍ଷରୁ ମଧ ସତୀଗୁଡା ଜଳଭଣ୍ଡାରରେ ପକ୍ଷୀଗଣନା ହେବ। ଡିଏଫଓ ପ୍ରତାପ କତାପାଲ୍ଲୀଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ବନ ସଂରକ୍ଷକ ମୌସୁମୀ ଖେମୁଣ୍ଡୁଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ୫୦ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ, କିଛି ବିଦ୍ୟାଳୟର ଛାତ୍ରମାନଙ୍କୁ ନେଇ ଆସନ୍ତା ୧୯ ତାରିଖ ପକ୍ଷୀ ଗଣନା ପାଇଁ କି କି ପଦ୍ଧତି ଅବଲମ୍ବନ କରାଯିବ ସେ ସମ୍ବନ୍ଧରେ ଏକ ମକଡ୍ରିଲ କରାଯାଇଥିଲା। ଶ୍ରୀମତୀ ଖେମୁଣ୍ଡୁ ଗଣନାକାରୀମାନଙ୍କୁ ବୈଜ୍ଞାନିକ ପ୍ରଣାଳୀ ସମ୍ବନ୍ଧରେ ସୁଚନା ଦେଇଥିଲେ। ଛଅଟି ଦଳ ଜଳଭଣ୍ଡାରରେ ଉନ୍ନତମାନର କ୍ୟାମେରା, ଜିପିଏସ୍, ଡ୍ରୋନ, ନେଇ ଯନ୍ତ୍ରଚାଳିତ ବୋଟରେ ଦଳମାନ ଭାଗ ଭାଗ ହୋଇ ପକ୍ଷୀଙ୍କ ଉପସ୍ଥିତି, କେଉଁ କେଉଁ ପ୍ରଜାତିର ପକ୍ଷୀ, ସ୍ୱଦେଶୀ ନା ବିଦେଶୀ, ସେ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିଥିଲେ । ଆସନ୍ତା ୧୯ ତାରିଖ ଦିନ ସେହି ସବୁ ଅଞ୍ଚଳକୁ ଯାଇ ବିଭିନ୍ନ ଦଳ ସତୀଗୁଡ଼ା ଜଳଭଣ୍ଡାରରେ କେତେ ପକ୍ଷୀ ଅଛନ୍ତି, କେଉଁ ପ୍ରଜାତିର, ସ୍ୱଦେଶୀ କି ବିଦେଶୀ ତାହାର ସବିଶେଷ ତଥ୍ୟ ସଂଗ୍ରହ କରିବେ। ସତିଗୁଡା ଜଳଭଣ୍ଡାର ଠାରେ ମୋକଡ୍ରିଲ କାର୍ଯ୍ୟକ୍ରମରେ ଛଅଟି ଦଳ ସଂଗ୍ରହ କରିଥିବା ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ସତିଗୁଡା ଜଳଭଣ୍ଡାରକୁ ପାଣିଡୁବୁକି, ଛୋଟ ପାଣିକୁଆ, ବଡପାଣି କୁଆ, ରାଣୀ ବଗ, ଛୋଟ ବଗ, କୁଇକୁତମ୍ଭ, ଖଇରାବଗ, ଗେଣ୍ଡାଳିଆ, ତୁଳସା ହଂସ, ହଂସରାଳି, ମାଛରଙ୍କା, ମାଟିଆ ଡୁବୁକି, ପାଣିବଗ, ଜଟିଆ ଗେଣ୍ଡି, ଅଞ୍ଜନା ଭଳି ପକ୍ଷୀମାନେ ଆସିଛନ୍ତି। ଜଳଭଣ୍ଡାରକୁ ଦୁଷିତ ନକରିବା, ପକ୍ଷୀମାନଙ୍କ ସୁରକ୍ଷା ଉପରେ ଅଞ୍ଚଳବାସୀମାନେ ଧ୍ୟାନ ଦେବାପାଇଁ ପ୍ରଚାର ପ୍ରସାର କରାଯିବ ବୋଲି ଶ୍ରୀମତୀ କେମୁଣ୍ଡୁ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବନପାଳ ତଥା ସବୁଜବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର, ମାଲକାନଗିରି ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ରାଉତ, ଉପ ବନାଞ୍ଚଳ ଅଧିକାରୀ ବାଣିଶ୍ରୀ ମନସ୍ୱିନୀ ଦେବୀଙ୍କ ସହ ମାଲକାନଗିରି ମହାବିଦ୍ୟାଳୟର ଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

## ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ



କୁଜଙ୍ଗ, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତ ସରପଞ୍ଚ ସସ୍ମିତା ବେହେରା ବର୍ଦ୍ଧିତ ଭତ୍ତା ହିତାଧୀକାରୀଙ୍କୁ ୩୫୦୦ ଟଙ୍କା ପ୍ରଦାନ କରିଛନ୍ତି। ପାରାଦ୍ୱୀପଗଡ ଗ୍ରାମ ପଞ୍ଚାୟତ ଏକ ବୃହତ୍ ପଞ୍ଚାୟତ ହୋଇଥିବାରୁ ୮୦ ବର୍ଷରୁ ଉର୍ଦ୍ଧ୍ୱ ଭତ୍ତା ହିତାଧୀକାରୀ ଓ ୮୦% ରୁ ଉର୍ଦ୍ଧ ୧୦୬ ଜନ ଭିନ୍ନକ୍ଷମଙ୍କୁ ମାସିକ ୩୫୦୦ ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିଛନ୍ତି। ଏଥିପାଇଁ ସରପଞ୍ଚ ସସ୍ମିତା ବେହେରା ପଞ୍ଚାୟତ ବାସୀଙ୍କ ତରଫରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଟ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଚନ୍ଦ୍ରଶେଖର ଚୌଧୁରୀ, ଅଲେଖ ମହାରଥା, ପ୍ରଭାତ କୁମାର ସାହୁ, ନାୟବ ସରପଞ୍ଚ ପ୍ରକାଶ ସାହୁ, ୱାର୍ଡ ସଭ୍ୟ/ ସଭ୍ୟା ସୁଧାଂଶୁ ସାହୁ, କଳ୍ପନା ଖଟୁଆ, ଲିଲି ଗୋଛାୟତ, ରେବତୀ ସ୍ୱାଇଁ, ଶକୁନ୍ତଳା ସ୍ୱାଇଁ, ସୁରେନ୍ଦ୍ର ସେଠୀ, ନିରଞ୍ଜନ ମଲ୍ଲିକ, ନଳିନୀ ସାହୁ, ଗୋଲାପି ସାମଲ, ମିନାକ୍ଷୀ ନାୟକ, ପ୍ରମିଳା ବାରିକ, ସୀମା ରାଉତ, ସନାତନ ମାଝି, ମଞ୍ଜୁଲତା ପଲାଇ ଓ କଳ୍ପନା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଭୂତ ଭୟରେ ହଷ୍ଟେଲ ଛାଡୁଛନ୍ତି ଛାତ୍ରୀ

କନ୍ଧମାଳ, (ଭାସ୍କର ନ୍ୟୁଜ୍ ) : ହଷ୍ଟେଲରେ ରାତି ହେଲେ ପିଲାଙ୍କୁ ଦେଖାଦେଉଛି କୁଆଡ଼େ ଭୂତ । ଆଉ ଭୂତ ଭୟରେ ପିଲାଙ୍କ ଦେହ ଖରାପ ହେଉଥିବାରୁ ଅନେକ ଛାତ୍ରୀ ଏବେ ହଷ୍ଟେଲ ଛାଡ଼ି ନିଜ ନିଜ ଗାଁକୁ ଚାଲିଯାଉଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ରୀମାନେ ରହୁଥିବା ହଷ୍ଟେଲ ଗୃହରେ। ଶିଳ୍ପ ତାଲିମ ଅନୁଷ୍ଠାନର ନିଜସ୍ୱ ହଷ୍ଟେଲ ଗୃହ ନଥିବାରୁ ଅନୁଷ୍ଠାନ ନିକଟରେ ଖାଲି ପଡ଼ିଥିବା ଏକ ଦୁଇ ଶହ ଶଯ୍ୟା ବିଶିଷ୍ଟ ହଷ୍ଟେଲ ଗୃହରେ ମୁଖ୍ୟ କରି ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ରୀମାନେ ଗତ ୩ ମାସ ହେବ ରହିଆସୁଛନ୍ତି। ହେଲେ ଗତ ୧୩ ତାରିଖ ପର ଠାରୁ ଛାତ୍ରୀମାନଙ୍କ ମଧ୍ୟରେ ଭୂତ ଭୟ ଦେଖା ଦେଇଥିବା ବେଳେ ଭୟ ହେତୁ ୪ ରୁ ୫ ଜଣ ଛାତ୍ରୀଙ୍କର ଛୋଟ ମୋଟ ସ୍ୱାସ୍ଥ୍ୟ ସମସ୍ୟା ମଧ ଦେଖାଦେଇଛି। ହଷ୍ଟେଲରେ ପାଖାପାଖି ୪୫ ଜଣ ଛାତ୍ରୀ ରହୁଥିବା ବେଳେ ସେମାନଙ୍କ ଦେଖାରେଖା ପାଇଁ ସେହି ପରିସର ମଧ୍ୟରେ ୫ ଜଣ ଷ୍ଟାପ ମଧ ରହୁଛନ୍ତି। ତେବେ ଭୂତ ଭୟରେ ୧୦ ରୁ ୧୨ ଜଣ ଛାତ୍ରୀ ହଷ୍ଟେଲ ଛାଡ଼ି ନିଜ ନିଜ ଗାଁକୁ ଚାଲିଯାଇଥିବା ବେଳେ ଆଜି ସୁଦ୍ଧା ୩୩ ଜଣ ଛାତ୍ରୀ ହଷ୍ଟେଲରେ ଉପସ୍ଥିତ ଥିବା ଜଣାପଡିଛି। ତେବେ ଏନେଇ ଶିଳ୍ପ ତାଲିମ ଅନୁଷ୍ଠାନର ଅଧକ୍ଷ ଅଶୋକ କୁମାର ପ୍ରଧାନଙ୍କୁ ପଚାରିବାରୁ ସେ ସେଭଳି କିଛି ନାହିଁ ବୋଲି ଉତ୍ତର ରଖିବା ସହ ପୂର୍ବରୁ ଏଭଳି କିଛି କେବେ ହୋଇନି। ଏବେ ଦୁଇରୁ ତିନି ଦିନ ମଧ୍ୟରେ ପିଲାଙ୍କ ମଧ୍ୟରେ ଏ ଭୟ ଦେଖାଦେଇଛି। ହେଲେ ପିଲାଙ୍କ ସହ ସେଠି ଆମ ଅନୁଷ୍ଠାନର ମହିଳା ଷ୍ଟାପ ମାନେ ମଧ ରହୁଛନ୍ତି। ଏମିତି କି ସେମାନେ ସମୟ ସମୟରେ ଏକା ମଧ ସେଠି ରହୁଛନ୍ତି। ହେଲେ ସେମାନଙ୍କ ପକ୍ଷେ ତ, ସେମିତି କିଛି ହୋଇନି କୌଣସି ଦିନ ବୋଲି ସେ କହିଛନ୍ତି। ତେବେ ବାସ୍ତବରେ ହଷ୍ଟେଲ ଛାତ୍ରୀଙ୍କ ମଧ୍ୟରେ ସତରେ କଣ ଭୁତକୁ ନେଇ ଭୟ ରହିଛି। ନା ଆଉ କିଛି ଘଟଣା ଏହାରି ପଛରେ ରହିଛି । ତାକୁ ନେଇ କୌଣସି ସ୍ୱଷ୍ଟତା ଦେଖାଦେଇନଥିବା ବେଳେ ଏହାର ତଦନ୍ତ ସହ ହଷ୍ଟେଲ ଛାଡ଼ି ଯାଇଥିବା ଛାତ୍ରୀଙ୍କୁ କିଭଳି ପୁଣି ହଷ୍ଟେଲକୁ ଅଣାଯାଇପାରିବ ସେ ନେଇ ମଧ ପଦକ୍ଷେପ ଗ୍ରହଣ କରାଯିବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଛି।

## ବାଦିପାଲା ଉଦ୍‌ଯାପିତ

ଡେରାବିଶ, (ଭାସ୍କର ନ୍ୟୁଜ୍ ) : ଡେରାବିଶ ବ୍ଲକ ଏଣ୍ଡର ପଂଚାୟତ ଅନ୍ତର୍ଗତ ଡେରାଡିହ ଓ କେଉଟକଣ୍ଡିଆ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମା’ ବୁଢ଼ୀଜାଗୁଳାଇଙ୍କ ମନ୍ଦିର ପ୍ରାଙ୍ଗଣରେ ବାଦିପାଲା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ଏହି ବାଦିପାଲା ମହୋତ୍ସବ ୧୩୫ ବର୍ଷରେ ପଦାର୍ପଣ କରିଥିବା ବେଳେ ଗତ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ଏହି ବାଦିପାଲା ଉତ୍ସବରେ ଓଡ଼ିଶାର ବିଭିନ୍ନ ଅଂଚଳରୁ ସ୍ୱନାମଧନ୍ୟ ପାଲାଗାୟକମାନେ ପାଲା ପରିବେଶଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ କମିଟିର ସଭ୍ୟ ହରେକୃଷ୍ଣ ମହାନ୍ତି, ନାରାୟଣ ସେଠୀ, ଭାସ୍କର ବେହେରା, କାଙ୍ଗାଳି ଦାସ, କୈଳାସ ସେଠୀ ଓ ବିଷ୍ଣୁ ଚରଣ ସେଠୀ ପ୍ରମୁଖ ପ୍ରକାଶ କରିଛନ୍ତି। ଏହି ପାଲା ମହୋତ୍ସବକୁ ଦେଖିବା ପାଇଁ ଅଂଚଳର ଶହଶହ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା।

## ରସୁଣ ଫାକ୍ଟ୍ରିରେ କାର୍ଯ୍ୟରତ ଡ୍ରାଇଭରଙ୍କ ଆତ୍ମହତ୍ୟା

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍) : ଚଣ୍ଡିଖୋଲ ଠାରେ ଥିବା ଶ୍ରୀ ଗଣେଶ ଏଣ୍ଟରପ୍ରାଇଜରରେ ପିଆଜ ଓ ରସୁଣ ଗ୍ରାଇଣ୍ଡିଙ୍ଗ କରାଯାଇ ଜରି ପାକେଟରେ ପୁରାଇ ଏହାକୁ ରାଜ୍ୟର ବିଭିନ୍ନ ସ୍ଥାନକୁ ସପ୍ଲାୟ କରାଯାଏ। ଏଠାରେ କେତେକ ଶ୍ରମିକ ମଧ କାର୍ଯ୍ୟ କରନ୍ତି। କୁଆଖିଆ ଥାନା ଖଇରାବାଗ (ମୁଗୁପାଳ) ଅଞ୍ଚଳର ଗଙ୍ଗାଧର ମଲିକଙ୍କ ପୁଅ ଶୁଚିକାନ୍ତ ମଲିକ(୨୪) ଏଠାରେ ଡ୍ରାଇଭର ଭାବେ କାମ କରି ଗାଡି ଯୋଗେ ବିଭିନ୍ନ ସ୍ଥାନକୁ ଜିନିଷ ସପ୍ଲାଏ କରନ୍ତି। ସୂଚୀକାନ୍ତ ଦୁଇ ଦିନ ଛୁଟିରେ ଘରକୁ ଯାଇ ପୁଣି କାମକୁ ଫେରିଥିଲେ। ଗାଡ଼ିରେ ଜିନିଷ ନେଇ ଭଦ୍ରକରେ ପହଞ୍ଚାଇ ରାତି ୧୦ଟାରେ ଫାକ୍ଟ୍ରିରେ ପହଞ୍ଚିଥିଲେ। ସେହି ଦିନ ରାତିରେ ଖାଇ ପି ଉପର ମହଲାର ଏକ କୋଠରୀରେ ଶୋଇଥିଲେ। ପର ଦିନ ସକାଳୁ ସୂଚୀକାନ୍ତ ନ ଉଠିବାରୁ ଅନ୍ୟ କର୍ମଚାରି ଓ ମାଲିକ ତାଙ୍କୁ ଖୋଜିଥିଲେ। ସେ ଶୋଇଥିବା କୋଠରୀର ଭିତର ପଟୁ କବାଟ ଦିଆ ଯାଇଥିଲା, ଯେତେ ଡାକିଲେ ମଧ କିଛି ଜବାବ ନଥିଲା ଓ ମୋବାଇଲ ସ୍ୱିଚଅଫ ଥିଲା। ଏ ସମ୍ପର୍କରେ ଗୋଦାମର ମାଲିକ ସନ୍ତୋଷ ସାହୁ ସଙ୍ଗେ ସଙ୍ଗେ ସୂଚୀକାନ୍ତର ପରିବାରକୁ ଜଣାଇବା ସହ ଚଣ୍ଡିଖୋଲ ଫାଣ୍ଡି ପୋଲିସକୁ ଜଣାଇଥିଲେ। ସୂଚୀକାନ୍ତର ପରିବାର ଲୋକେ ପହଞ୍ଚିବା ପରେ ତାର ସାନଭାଇ ଶ୍ରୀକାନ୍ତ ମଲିକ ଚଣ୍ଡିଖୋଲ ଫାଣ୍ଡିରେ ଏକ ଲିଖିତ ଅଭିଯୋଗ ମଧ କରିଥିଲେ। ବଡ଼ଚଣା ଥାନା ଅଧିକାରୀ ଅସିତ କୁମାର ବଳବନ୍ତରାୟ ଓ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ସୁରେନ୍ଦ୍ର କୁମାର ଜେନା ଅନ୍ୟ ସହକର୍ମୀ ଏବଂ ସୂଚୀକାନ୍ତର ପରିବାରର ଲୋକେ ଓ ଗୋଦାମର ମାଲିକଙ୍କ ଉପସ୍ଥିତିରେ କବାଟ ଭଙ୍ଗା ଯାଇଥିଲା। ଘର ଭିତରେ ଏକ ପଙ୍ଖାରେ ସୂଚୀକାନ୍ତ ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରି ପଙ୍ଖାରେ ଝୁଲି ଥିବାର ଦେଖା ଯାଇଥିଲା। ପୋଲିସ ଉପସ୍ଥିତିରେ ମୃତଦେହ ଜବତ କରାଯାଇ ବଡ଼ଚଣା ଥାନାରେ କେସ୍ ନଂ ୧/୨୫ରେ ଏକ ମାମଲା ରୁଜୁ କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠା ଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି। ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ଜେନାଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆ ଯାଇଅଛି।

## ଯାଜପୁର ଜିଲ୍ଲା ଯୁବ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବ୍ୟାସନଗର, (ଭାସ୍କର ନ୍ୟୁଜ୍ ) : ଦୁର୍ଯ୍ୟୋଧନ ରାଉତ ଫାଉଣ୍ଡେସନ ଆନୁକୁଲ୍ୟରେ ଯାଜପୁର ଜିଲ୍ଲା ଯୁବ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ହୋଟେଲ ରୟାଲ କଳିଙ୍ଗ ଠାରେ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ସଭାପତି ଡ଼ଃ ଦୁଷ୍ମନ୍ତ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ୟାସନଗର ପୌରପରିଷଦର ଅଧକ୍ଷା ସଂଗୀତା ପିଙ୍ଗୁଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏଭଳି ଏକ ମହୋତ୍ସବ ଯାଜପୁର ଜିଲ୍ଲାରେ ଆବଶ୍ୟକ ଥିଲା ତାହା ଦୁର୍ଯ୍ୟୋଧନ ରାଉତ ଫାଉଣ୍ଡେସନ ଦ୍ୱାରା ସଫଳ ରୂପାୟନ ହେବାକୁ ଯାଉଥିବାରୁ ସେ ଖୁସି ବ୍ୟକ୍ତ କରିଥିଲେ ଏବଂ ସବୁ ପ୍ରକାର ସହଯୋଗ ଯୋଗାଇଦେବାକୁ ପ୍ରତିଶୃତି ମଧ ଦେଇଥିଲେ। ଯାଜପୁର ଜିଲ୍ଲାର ସମସ୍ତ ବ୍ଲକ ଓ ଦୁଇଟି ମୁନିସିପାଲିଟିରୁ ଆସିଥିବା ପ୍ରତିନିଧିମାନେ ବକ୍ତବ୍ୟ ରଖି ପୂର୍ଣ୍ଣ ସହଯୋଗ କରିବା ପାଇଁ ଦୃଢ ପ୍ରତିଶୃତି ଫାଉଣ୍ଡେସନର କାର୍ଯ୍ୟକାରୀ ସଭାପତି ହୃଦାନନ୍ଦ ସାମଲ, ସଂଘଠନ ସମ୍ପାଦକ ନିରଞ୍ଜନ ଘଡେଇ ଓ ପ୍ରାକ୍ତନ ପୌରାଧକ୍ଷା ସବିତା ରାଉତ ପ୍ରମୁଖ ବକ୍ତବ୍ୟ ରଖି ଯୁବ ମହୋତ୍ସବର ସଫଳତା ପାଇଁ ବିଭିନ୍ନ ମତ ରଖିଥିଲେ। ପ୍ରାରମ୍ଭରେ ଅକ୍ଷୟ ଦେଓ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଜ୍ୟୋତି ପ୍ରକାଶ ମିଶ୍ର ବେଦ ପାଠ କରିଥିଲେ। ସାଧାରଣ ସମ୍ପାଦକ ଇଂ ବିଶ୍ୱଜିତ ମହାନ୍ତି ବିବରଣୀ ପାଠ କରିଥିଲେ ଓ ଅଶ୍ୱିନୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ସଭ୍ୟ ଡ଼ଃ ଅକ୍ଷୟ କୁମାର ପଣ୍ଡା ସ୍ୱାଗତ ଭାଷଣ ସହ ଆଗାମୀ ମାର୍ଚ୍ଚ ୭ତାରିଖରୁ ୧୩ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜିଲ୍ଲା ଯୁବ ମହୋତ୍ସବର ଆଭିମୁଖ୍ୟ ଓ ଏଥିରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ନିମ୍ନ ମତେ ଏକ ମହୋତ୍ସବର ଅଭ୍ୟର୍ଥନା କମିଟି ଗଠନ କରାଗଲା ଏହି ଉପଲକ୍ଷେ ଏକ ସ୍ମରଣିକା ପ୍ରକାଶ



କରାଯିବା ପାଇଁ ନିଷ୍ପତି ନିଆଗଲା। ଜିଲ୍ଲାର ଆଗ୍ରହୀ ଲେଖକ, ଲେଖିକା ମାନଙ୍କୁ ଲେଖା ଦେବାପାଇଁ ଆହ୍ୱାନ କରାଗଲା। କୋରେଇ ବିଧାୟକ ଆକାଶ ଦାଶ ନାୟକଙ୍କୁ ଆଭ୍ୟର୍ଥନା କମିଟିର ଅଧକ୍ଷ, ପୌରପରିଷଦର ଅଧକ୍ଷା ସଂଗୀତା ପିଙ୍ଗୁଆଙ୍କୁ କମିଟିର ଉପାଧକ୍ଷ ଓ ପୌରପରିଷଦର ଉପାଧକ୍ଷଙ୍କୁ କମିଟିର ସହ ଉପାଧକ୍ଷ ଓ ଉପସ୍ଥିତ ସମସ୍ତଙ୍କୁ ଅଭ୍ୟର୍ଥନା କମିଟିର ସଦସ୍ୟଭାବେ ଗ୍ରହଣ କରାଗଲା। ଅନ୍ୟମାନଙ୍କ ମଧ୍ୟରେ ନରେନ୍ଦ୍ର କୁମାର ଜେନା, ବିଭୂତି ଭୂଷଣ ପାଲ, ଦିଲ୍ଲୀପ କୁମାର ଦାଶ, କୈଳାଶ ପରିଡା, ରଘୁନାଥ ବେହେରା, ବରିଷ୍ଠ ସାମ୍ବାଦିକ ନିତ୍ୟାନନ୍ଦ ମହାଳିକ ଅସେକ୍ ବୋଷ, ରାଜେନ୍ଦ୍ର ବିଶ୍ୱାଳ, ଟିକାୟତ ପାଲ, ମନୀନ୍ଦ୍ର କୁମାର ଧଳ, ମମତାଜ ଅଲ୍ଲୀ, ଜ୍ଞାନରଞ୍ଜନ ରାଉତ, ଦାମୋଦର ପଣ୍ଡା, ବିକାଶ ଦାଶ, ସୁନୀଲ ମୁଣ୍ଡା, ନୀଳକଣ୍ଠ ଜେନା, ଗଣେଶ୍ୱର ପାତ୍ର, ଅଭିରାମ ସାହୁ, ନିରାକାର ନାୟକ, ପ୍ରଶାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ନନ୍ଦିନୀଗୁଡା ବାଳିକା ଉଚ୍ଚ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ

ମାଲକାନାଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନାଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ରାସବେଡା ଗ୍ରାମ ପଞ୍ଚାୟତର ନନ୍ଦିନୀଗୁଡା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଆନୁକୁଲ୍ୟରେ ତୃତୀୟ ବାର୍ଷିକୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ ବିଦ୍ୟାଳୟ ପ୍ରଧାନଶିକ୍ଷକ। ୱାଗା ମାଡୀ କରିଥିଲେ ଓ ଏଥିରେ ମୁଖ୍ୟ ଅତିଥି ଭାବେ ଖଇରପୁଟ ବ୍ଲକର ଅଧକ୍ଷ ବିଘ୍ନ କିର୍ଷାନୀ ଯୋଗ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରୀ ସନ୍ତୋଷ କୁମାର ପଣ୍ଡା, ରାସବେଡା ସରପଞ୍ଚ ପ୍ରମିଳା ଗୁଣ୍ଡା, ୱାଗା ମାଡୀ, ଦିଦାୟୀ କଲ୍ୟାଣ ଅଧିକାରୀ ହରମନ ଲାକ୍ରା, ପୁରୁଣାଗୁମ୍ମା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ବିଶ୍ୱାଳ, ଖଇରପୁଟ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ



ରଘୁନାଥ ନାୟକ, ବିଦ୍ୟାଳୟ ପରିଚାଳନା ସଭାପତି ସୁନାଧର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମେ ସମସ୍ତ ଅତିଥି ମାନେ ଜଗତର ନାଥ ଜଗନ୍ନାଥଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପୂଜାର୍ଚ୍ଚନା କରିଥିଲେ ଓ ଛାତ୍ରଛାତ୍ରୀ ମାନେ ସମବେତ କଣ୍ଠରେ ସଙ୍ଗୀତ ଗାନ କରି ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପ୍ରଧାନଶିକ୍ଷକ ଶ୍ରୀ ମାଡୀ ବିଦ୍ୟାଳୟର ବିଭିନ୍ନ ଉପଲବ୍ଧି ଓ ସମସ୍ୟା ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ତା ମଧ୍ୟରୁ ନୂତନ ଭାବେ ତିଆରି ହୋଇଥିବା ନିକଟତମ ବିଦ୍ୟାଳୟକୁ ସ୍ଥାନାନ୍ତରିତ ସମସ୍ୟାକୁ ଉଲ୍ଲେଖ କରି କହିଥିଲେ ଯେ କିଛି ଆନୁସଙ୍ଗିକ ଓ ଭିତିଭୂମିର ଆବଶ୍ୟକତା କାରଣରୁ ଉକ୍ତ ନୂତନ ବିଦ୍ୟାଳୟକୁ ସ୍ଥାନାନ୍ତରିତ ହୋଇପାରୁନାହିଁ ଓ ଏହାର ଉଚିତ ତ୍ୱରିତ ସମାଧାନ ନିମନ୍ତେ ଜିଲ୍ଲା କଲ୍ୟାଣ ଅଧିକାରୀଙ୍କୁ ଅନୁରୋଧ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ କିର୍ଷାନୀ ଛାତ୍ରଛାତ୍ରୀ ମାନଙ୍କ ଉଦେଶ୍ୟରେ କହିଥିଲେ ଯେ ପ୍ରତ୍ୟେକ ପିଲାମାନେ ଆମ ଦେଶ ଭାରତମାତାକୁ ସମ୍ମାନ ଦେବା ସହ ନିଜକୁ ଏହାର ସେବାରେ ସମର୍ପଣ କରିବା ଉଚିତ୍। ଏହାପରେ ସମସ୍ତ ଅତିଥି ମାନେ ବିଦ୍ୟାଳୟର ବିଭିନ୍ନ କୃତି ପ୍ରତିଭା ମାନଙ୍କୁ ପୁରସ୍କୃତ କରିଥିଲେ ଓ ଶେଷରେ ନନ୍ଦିନୀଗୁଡା ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରିଥିଲେ ଯାହାକୁ ସମସ୍ତେ ଉତ୍ସୁକତାର ସହ ଉପଭୋଗ କରିଥିଲେ । କାର୍ଯ୍ୟକ୍ରମର ସଫଳତା ନିମନ୍ତେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିବା ବେଳେ ଶିକ୍ଷକ ଉମାଶଙ୍କର ଦାସ ମଞ୍ଚ ପରିଚାଳନା କରିଥିବା ଜଣାପଡିଛି ।

## ସରକାରୀ ହେବ କେନ୍ଦ୍ରାପଡ଼ା ମହାବିଦ୍ୟାଳୟ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ରାପଡ଼ା ମହାବିଦ୍ୟାଳୟକୁ ଖୁବଶୀଘ୍ର ସରକାରୀ ମହାବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାକୁ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ଅବସରରେ ସେ ଏହି ଘୋଷଣା କରିଛନ୍ତି। ସେହିପରି ଦୀର୍ଘଦିନ ଧରି କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ସ୍ଥାୟୀ ଅଧକ୍ଷ ନଥିବାରୁ ତୁରନ୍ତ ସ୍ଥାୟୀ ଅଧକ୍ଷ ନିଯୁକ୍ତ କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ ଘୋଷଣା କରିଥିଲେ। କେନ୍ଦ୍ରାପଡ଼ା




ମହାବିଦ୍ୟାଳୟ ୧୯୫୯ ମସିହାରେ ପ୍ରତିଷ୍ଠା ହୋଇଥିଲା। ଏହା ଓଡ଼ିଶାର ସର୍ବବୃହତ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ। ହେଲେ ଏହାକୁ ସରକାରୀ ମାନ୍ୟତା ମିଳୁ ନଥିବାରୁ ଏହାର ବିକାଶ ବାଧାପ୍ରାପ୍ତ ହେଉଥିଲା। ସେହିପରି ଏଠାରେ ସ୍ଥାୟୀ ଅଧକ୍ଷ ନଥିବାରୁ ଦୀର୍ଘ ଦିନ ହେବ ଇନ୍ଦୁପୁର ବିରୁପା ମହାବିଦ୍ୟାଳୟର ଅଧକ୍ଷ କାମଚଳା ଅଧକ୍ଷ ଭାବେ ଦାୟିତ୍ୱରେ ରହିଛନ୍ତି। ତେଣୁ ମହାବିଦ୍ୟାଳୟର ବିକାଶରେ ଅନ୍ତରାୟ ସୃଷ୍ଟି ହେଉଛି। ଏହି ମହାବିଦ୍ୟାଳୟ ପ୍ରଥମେ ସରକାରୀ ମହାବିଦ୍ୟାଳୟରେ ପରିଣତ ହେବା ପରେ ଏହାକୁ ଏକ ବିଶ୍ୱବିଦ୍ୟାଳୟ କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ। ଏ ନେଇ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ସ୍ମାରକପତ୍ର ଉଚ୍ଚଶିକ୍ଷାମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ସ୍ମାରକପତ୍ର ପ୍ରଦାନ ବେଳେ ପୁରାତନ ଛାତ୍ର ଚିତ୍ତରଞ୍ଜନ ଦାସ, ଭାଗୀରଥୀ ଜେନା, ପ୍ରତାପ ମହାନ୍ତି, ମୀର ମୁର୍ସିଦ, ନିରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ୍ ଶିବିର ଚଳିତ ମାସ ୮ତାରିଖ ଆରମ୍ଭ ହୋଇ ୧୭ ତାରିଖରେ ଉଦ୍‌ଯାପିତ ହୋଇଯାଇଛି । ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଶାନ୍ତ କୁମାର ମଲ୍ଲିକ ସଭାପତିତ୍ୱ ଗ୍ରହଣ କରିଥିଲେ । ସୁରଜ ସାସମଲ ମଞ୍ଚ ପରିଚାଳନା କରିଥିଲେ । ଏଥିରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଆରକ୍ଷୀ ଅଧିକାରୀ ରଞ୍ଜନ କୁମାର ଦେ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ଶେଖର ଯୋଗଦେଇଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଡ. କିରଣ ମହାପାତ୍ର, ଲୋକନାଥ ମହାନ୍ତି, ଏବଂ ଶର୍ମିଳା ମହାରଣା ଯୋଗଦେଇଥିଲେ । ଅତିଥିମାନେ ଆତ୍ମରକ୍ଷାର ଗୁରୁତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ପୋଷଣ କରିଥିଲେ । ପରିଶେଷରେ ନୋଡାଲ ଅଫିସର ଶ୍ରୀୟା ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ । ପ୍ରେମଚାନ୍ଦ ମଲିକ, ରଶ୍ମିତା ବେହେରା, ଜୟ ଲକ୍ଷ୍ମୀ ରଥ ପ୍ରମୁଖ ମଞ୍ଚାସୀନ ଥିଲେ । ଏହା ବ୍ୟତୀତ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହୋଇଯାଇଛି ।

# ଭତ୍ତା ବୃଦ୍ଧି ପାଇଁ ପଞ୍ଚାୟତ ଅଫିସ୍ ସମ୍ମୁଖରେ ବିକ୍ଷୋଭ



କୁକୁଡାଖଣ୍ଡି (ଭାସ୍କର ନ୍ୟୁଜ୍) : ଶୁକ୍ରବାର ଦିନ କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ କୁକୁଡାଖଣ୍ଡି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବୟସ୍କ ବ୍ୟକ୍ତିମାନେ ଦୀର୍ଘ ଦୁଇଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଭତ୍ତା ବୃଦ୍ଧି ନିମନ୍ତେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ ଜିଲ୍ଲା ଭିନ୍ନକ୍ଷମ ନେତା କେ ମଣି ବାବୁଙ୍କ ନେତୃତ୍ୱରେ ହୋଇଥଲା । ରାଜ୍ୟ ସରକାର ବୟସ୍କ ବ୍ୟକ୍ତିଙ୍କୁ କଥା ଦେଇ କଥା ରଖିନଥିବା କଥା ମଣି ବାବୁ କହିଥିଲେ । ବୟସ୍କ ବ୍ୟକ୍ତିଙ୍କ ମଧ୍ୟରେ ପାତରଅନ୍ତର କରୁଛନ୍ତି ରାଜ୍ୟ ସରକାର । ନିର୍ବାଚନ ବେଳେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ କରିନଥିବା କହିଛନ୍ତି ବୟସ୍କ ବ୍ୟକ୍ତି ରାମକୃଷ୍ଣ ପଣ୍ଡା । ଘଟଣାସ୍ଥଳରେ ସଦର ଥାନା ପୋଲିସ୍ ପହଞ୍ଚିବା ସହ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନ ପହଞ୍ଚି ବୟସ୍କ ବ୍ୟକ୍ତିମାନଙ୍କୁ ବୁଝେଇ ଥିଲେ ତାହା ମଧ୍ୟ ବିଫଳ ହୋଇଥିବା ଦେଖିବାକୁ ମିଳିଛି । ବୟସ୍କ ବ୍ୟକ୍ତିଙ୍କ ଭତ୍ତା ୩୦୦୦ ବୃଦ୍ଧି ନହେଲା ପର୍ଯ୍ୟନ୍ତ ଗ୍ରାମର କୌଣସି ବୟସ୍କ ବ୍ୟକ୍ତିମାନେ ଭତ୍ତା ନେବେ ନାହିଁ ବୋଲି ଉପସ୍ଥିତ ବୟସ୍କ ବ୍ୟକ୍ତିମାନେ ଗଣମାଧ୍ୟମ ଦ୍ୱାରା ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି । ଭତ୍ତା ବୃଦ୍ଧି ନ କରାଗଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗଣମାଧ୍ୟମ ଆଗରେ ମଣି ବାବୁ ନିଜର ମନ୍ତବ୍ୟ ଉପସ୍ଥାପନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଉଲା ବେହେରା, ଉଲା ସେଠୀ, ବିପିନ ଦାସ, ଆର୍ ନରସିଂହ, ପାଣ କୋଠିଆ, ନରସିଂହ ଡାକୁଆ, ତ୍ରିବେନ୍ଦ୍ର ଦାସଙ୍କ ସହ ଗ୍ରାମର ବହୁ ବୟସ୍କ ବ୍ୟକ୍ତି ଉପସ୍ଥିତ ରହିଥିଲେ ।

# ପୁରୁଷୋତ୍ତମପୁର ପଞ୍ଚାୟତ ସମିତିର ସପ୍ତମ ଅଧିବେଶନ

ପୁରୁଷୋତ୍ତମପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ କନଫରେନ୍ସ ଗୃହରେ ପଞ୍ଚାୟତ ସମିତିର ସପ୍ତମ ସଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି, କବିସୂର୍ଯ୍ୟନଗର ବିଧାୟକଙ୍କ ଅନୁପସ୍ଥିତିରେ ତାଙ୍କ ମନୋନୀତ ପ୍ରତିନିଧି ସୀତାରାମ ପାଣିଗ୍ରାହୀ, ଉପାଧ୍ୟକ୍ଷା ମମତା ବାରିକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ନାୟକ, ଆସିଷ୍ଟାଣ୍ଟ ଇଞ୍ଜିନିୟର ସରୋଜ କୁମାର ସାବତ ମଞ୍ଚରେ ଯୋଗଦେଇ ଆତିଥେୟତା ଗ୍ରହଣ କରିଥିଲେ । ଆସ୍କା ସାଂସଦ ଓ ଖଲ୍ଲିକୋଟ ବିଧାୟକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା କ୍ଷଣି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅତିଥିମାନଙ୍କୁ ସ୍ୱାଗତ କରିବା ପାଇଁ ପ୍ରତି ପଞ୍ଚାୟତର ଏସ୍‌ଏଚ୍‌ଜି ମହିଳାମାନେ ଉପସ୍ଥିତ ରହି ହୁଳହୁଳି ଦେଇ ପୁଷ୍ପ ବର୍ଷା କରି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ପାଛୋଟି ନେଇଥିଲେ । ବୈଠକ ଗୃହର ପ୍ରଦୀପ ପ୍ରଜ୍ୱଳନ କରି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ଆରମ୍ଭ ହୋଇଥିଲା । ବୈଠକ ନିର୍ଦ୍ଦିଷ୍ଟ ସମୟରୁ କିଛି ସମୟ ବିଳମ୍ବ ହେବା ଓ ଦୀର୍ଘ ତେର ମାସ ପରେ ୭ମ ବୈଠକ ଡାକିବା ନେଇ ଗୃହରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା । ଆସ୍କା ସାଂସଦଙ୍କ ହସ୍ତକ୍ଷେପ ପରେ ଶାନ୍ତି ଫେରି ଆସିଥିଲା । ପୂର୍ବ ବୈଠକର ଆଲୋଚନା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଯଥା- କେନ୍ଦ୍ର ଓ ରାଜ୍ୟ ଅର୍ଥ କମିଶନ ଅନୁଦାନର ଯୋଜନା ପ୍ରସ୍ତୁତି ସମ୍ପର୍କରେ, ଗ୍ରାମୀଣ ପାନୀୟ ଜଳ ଯୋଗାଣ, ସମନ୍ୱିତ ଶିଶୁ ଓ ମହିଳା, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଜଳ ସେଚନ, ଖାଦ୍ୟ, ଗ୍ରାମୀଣ ଆବାସ ପ୍ରଭୃତି ଉପରେ ଆଲୋଚନା କରାଯାଇଥିଲା । ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋଚନା କଲାବେଳେ ସମିତି ସଭ୍ୟମାନେ ବିଭିନ୍ନ ପ୍ରଶ୍ନ ପଚାରି ହୋ-ହାଲ୍ଲା କରିଥିଲେ । ଶେଷରେ ଅଧ୍ୟକ୍ଷାଙ୍କ ଅନୁମତି କ୍ରମେ ବାର୍ଦ୍ଧକ୍ୟ ଭତ୍ତା ଉପରେ ଆଲୋଚନା ହୋଇଥିଲା । ପ୍ରତି ପଞ୍ଚାୟତକୁ ଭତ୍ତା ବଣ୍ଟନ ପାଇଁ ଅନୁମତି ଆସିଥିବା ଘୋଷଣା ହୋଇଥିଲା ତାହା ଅତିଶୀଘ୍ର ବଣ୍ଟନ ବ୍ୟବସ୍ଥା କରାଯିବ ବୋଲି ଅଧ୍ୟକ୍ଷା ଜଣାଇଥିଲେ । ଏଥିରେ ସମସ୍ତ ସମିତି ସଭ୍ୟ, ସରପଞ୍ଚ, ଜିଲ୍ଲା ପରିଷଦ ସଦସ୍ୟ ମାନେ ବୈଠକରେ ଯୋଗ ଦେଇ ଆଲୋଚନା କରିଥିଲେ । ଶେଷରେ ଏକ ଗରିବ ମହିଳା ଦିବ୍ୟାଙ୍ଗଙ୍କୁ ମହାନଦୀ କୋଲ୍ଡ ଫିଲ୍ଡ ତରଫରୁ ଆସିଥିବା ବ୍ୟାଟେରୀ ଚାଳିତ ଅଟୋ ରିକ୍ସା ପ୍ରଦାନ କରିଥିଲେ ।

## ୪୯ନଂ ଜାତୀୟ ରାଜପଥରେ ଚଢ଼ଉ

# ୨ଟି କାର୍‌ରୁ ୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ୬ ଗିରଫ










କରଞ୍ଜିଆ (ଭାସ୍କର ନ୍ୟୁଜ୍) : ୪୯ନଂ ଜାତୀୟ ରାଜପଥର ଯଶିପୁର ଓ ସିଙ୍ଗଡ଼ା ଛକ ଠାରେ ବୁଧବାର ଦିନ ଯଶିପୁର ଓ ରରୁଆଁ ପୁଲିସ ଦ୍ୱାରା ଦୁଇଟି ଗଞ୍ଜେଇ ଭର୍ତ୍ତି କାର୍‌କୁ ଜବତ କରାଯିବା ସହ ୬ଜଣ ଅଭିଯୁକ୍ତଙ୍କୁ ଗିରଫ ପରେ ଆଜି କୋର୍ଟ ଚାଲାଣ କରାଯାଇଛି । ଆଜି ସନ୍ଧ୍ୟାରେ ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି । ସୂଚନା ଅନୁଯାୟୀ ବୁଧବାର ଯଶିପୁର ଥାନାର ଉପଆରକ୍ଷୀ ନିରୀକ୍ଷକ ପର୍ଶୁରାମ ଜେନା ସଦଳବଳେ ଯଶିପୁର ହାଟପଡ଼ିଆ ପାଖରେ ଗାଡି ଚେକିଂ କରୁଥିଲେ । କୌଣସି ସୂତ୍ରରୁ ଖବର ପାଇବା ପରେ ପୂର୍ବାହ୍ନ ୧୧.୫୦ ସମୟରେ କରଞ୍ଜିଆ ଆଡୁ ବାରିପଦା ଆଡ଼କୁ ଯାଉଥିବା ଓଡ଼ି-୦୨-ସିଏସ-୧୧୦୨ନଂ ଥିବା ଧଳାରଙ୍ଗର ମାରୁତି ସୁଜୁକି ଗ୍ରାଣ୍ଡ ଭିଟାରା କାର୍‌କୁ ଅଟକାଇଥିଲେ । ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଯଶିପୁର ତହସିଲଦାରଙ୍କ ଉପସ୍ଥିତିରେ ଘଟଣାର ତଦନ୍ତକାରୀ ଅଧିକାରୀ ଆଇଆଇସି ସଂଯୁକ୍ତା ମାହାଳିକ ଉକ୍ତ କାର୍‌ଟିକୁ ଯାଞ୍ଚ ସମୟରେ ଡିକି ଭିତରୁ ୧୭୧ ପ୍ୟାକେଟ ଗଞ୍ଜେଇ (୧୬୮.୩୫୦ କେଜି) ମିଳିଥିଲା । ଗାଡ଼ିର ଚାଳକ ଫୁଲବାଣୀ ସୁଦୁରୁକୁମ୍ପା ଗ୍ରାମର ଯତୀନ ବେହେରା(୨୫)କୁ ପୁଲିସ ଗିରଫ କରିବା ସହ କାର୍, ଗଞ୍ଜେଇ ଓ ଯତୀନ ପାଖରେ ଥିବା ୧ହଜାର ଟଙ୍କାକୁ ଜବତ କରିଥିଲେ । ଥାନାରେ ଏ ସଂକ୍ରାନ୍ତରେ କେସ୍ ନଂ ୧୬ ରୁଜୁ କରାଯିବା ପରେ ଏନଡିପିଏସ୍ ଆଇନର ଧାରା ୨୦(ବି)(୨)(ସି) ଅନୁଯାୟୀ ଆଜି ଯତୀନକୁ କୋର୍ଟ ଚାଲାଣ ହୋଇଥିଲା । ସେହିପରି ରରୁଆଁ ଥାନାର ଉପ ଆରକ୍ଷୀ ନିରୀକ୍ଷକ ବିବେକାନନ୍ଦ ବେହେରା ସଦଳବଳେ ବୁଧବାର ଜାତୀୟ ରାଜପଥ ୪୯ର କାଶିଆ ଜଙ୍ଗଲ ପାଖରେ ପେଟ୍ରୋଲିଂ କରୁଥିଲେ । ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ସନ୍ଧ୍ୟା ୭.୧୦ ସମୟରେ ଓଡ଼ି-୦୨-ସିଏସ-୦୧୩୪ ନଂ ଥିବା ଏକ ଧଳା ରଙ୍ଗର ମାରୁତି ସୁଜୁକି ଡିଜାୟାର କାର୍ କରଞ୍ଜିଆ ଆଡୁ ଆସି ବାରିପଦା ଅଭିମୁଖେ ଯାଉଥିବା ଏବଂ ଉକ୍ତ କାର୍‌କୁ ସୁରକ୍ଷା ଦେବା ପାଇଁ ଅନ୍ୟ ଏକ ଡିଜାୟାର କାର୍ ନଂ ଓଡ଼ି-୦୨-ସିଡ଼ବ୍ଲ୍ୟୁ-୯୨୬୬କୁ ଅଟକାଇ ଥିଲେ । ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ଭାବେ ଶୁକୃଳି ତହସିଲଦାରଙ୍କ ଉପସ୍ଥିତିରେ ରରୁଆଁ ଭାରପ୍ରାପ୍ତ ଆରକ୍ଷୀ ନିରୀକ୍ଷକ ସୁମନ୍ତ ସେଠୀ ଉକ୍ତ କାର ଦ୍ୱୟକୁ ଯାଞ୍ଚ କରିଥିଲେ । ଓଡ଼ି-୦୨-ସିଏସ-୦୧୩୪ କାର୍ ଡିକିରେ ଥିବା ୪୬ ପ୍ୟାକେଟ ଗଞ୍ଜେଇ (୪୭.୧୬୦ କେଜି)କୁ ଜବତ କରିବା ସହ ସୁରକ୍ଷା ଦେଉଥିବା କାର୍ ଭିତରେ ଥିବା ୪ଜଣ ଓ ଗଞ୍ଜେଇ ଥିବା କାର୍ ଡ୍ରାଇଭରକୁ ଗିରଫ କରିବା ପରେ ସେମାନଙ୍କ ନିକଟରୁ ନଗଦ ୧୦ହଜାର ଟଙ୍କାକୁ ଜବତ କରାଯାଇଥିଲା । ଏ ସଂକ୍ରାନ୍ତରେ ଥାନାରେ କେସ୍ ନଂ ୧୦ ରୁଜୁ କରାଯିବ ପରେ ଏନଡିପିଏସ୍ ଆଇନର ଧାରା ୨୦(ବି)(୨)(ସି),୨୫,୨୯ ବଳରେ ଆଜି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଫୁଲବାଣୀରୁ ବାରିପଦା, ଓଡ଼ିଶାର ବିଭିନ୍ନ ଅଞ୍ଚଳ ଓ କଲିକତାରେ ବିକ୍ରୟ ପାଇଁ ଗଞ୍ଜେଇ ନେଉଥିଲେ ବୋଲି ପୁଲିସ ଆଗରେ ଅଭିଯୁକ୍ତମାନେ ପ୍ରକାଶ କରିଛନ୍ତି ।

# ଅର୍ଥ ହରିଲୁଟ୍ ପାଇଁ ନୂଆ ଉପାୟ, ଗୋଟିଏ ପରିବାକୁ ଦୁଇଟି ପ୍ରକଳ୍ପରୁ ଜଳ ଯୋଗାଣ

କଣ୍ଟାପଡ଼ା (ଭାସ୍କର ନ୍ୟୁଜ୍): କଣ୍ଟାପଡା ବ୍ଲକ ଗୋବିନ୍ଦପୁର ପଞ୍ଚାୟତରେ ପାଣି ପାଇପ୍ ସଂଯୋଗରେ ମହା ଦୁର୍ନୀତି, କାମ ବୁଝୁଥିବା ସୁପରଭାଇଜର ଓ ଠିକାଦାର ମାଲେମାଲ୍ । ମିଳିଥିବା ସୂଚନା ଅନୁଯାଇ ଗୋବିନ୍ଦପୁର ପଞ୍ଚାୟତରେ ଗୋବିନ୍ଦପୁର-୧, ଗୋବିନ୍ଦପୁର-୨ ମାଙ୍କ ଗ୍ରାମରେ ନିର୍ମାଣ ହୋଇଛି ଦୁଇ ଦୁଇଟି ପାଣି ଟାଙ୍କି । ଲୋକମାନଙ୍କୁ ସୂଚନା ଧାରା ଯୋଜନାରେ ପାଣି ଯୋଗାଇ ଦବା ପାଇଁ ରାଜ୍ୟ ସରକାର ବଦ୍ଧପରିକର । ସମ୍ପୃକ୍ତ ଠିକାଦାର ସୁପର ଭାଇଜର କଥାରେ ପଡି ନିଜ ମନ ମର୍ଜିରେ କାମ କରୁଛନ୍ତି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅଢେଇ ଫୁଟ୍‌ରୁ ୩ ଫୁଟ୍ ଗାତ ଖୋଳି ପାଇପ୍ ବିଛାଇବା ପାଇଁ ନିୟମ ଥିବାବେଳେ ମାତ୍ର ୧ ଫୁଟ ଖୋଳି ଠିକାଦାର ପାଇପ୍ ବିଚାଇଛନ୍ତି । ଏମିତିକି ଗୋବିନ୍ଦପୁର-୧ ନମ୍ବର ଟାଙ୍କିରୁ ସଂଯୋଗ ନେଇଥିବା ପରିବାରକୁ ପୁନର୍ବାର ଗୋବିନ୍ଦପୁର-୨ ରୁ ସଂଯୋଗ ଦର୍ଶାଇ ଟଙ୍କା ହରିଲୁଟ୍ କରାଯାଇଛି । ଏଭଳି ବହୁ ପରିବାରର ନାଁ ପଦାକୁ ଆସିବା ପରେ ଦୁର୍ନୀତିର ପେଡି ଦିନକୁ ଦିନ ଖୋଲୁଛି । ଏହିଭଳି ଉଦାହରଣ ସ୍ୱରୂପ ପରିବାର ଗୁଡିକ ହେଲେ - ଧନେଶ୍ୱର ଦାଶ, ପାଗେଲି ଦାଶ, କିଶୋର ଦାଶ, କାର୍ତ୍ତିକ ଦାଶ, ଗୋବିନ୍ଦ ଦାଶ, ସୁମିତ୍ରା ଦାଶ, ବେଣୁଧର ମହାନ୍ତି, ନିଶା ମହାନ୍ତି । ଏହିଭଳି ପରିବାରକୁ ଚିହ୍ନଟ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି । ଏଥିସହ ସମ୍ପୃକ୍ତ ଠିକାଦାର ନିମ୍ନମାନର କାମ କରୁଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଯଥାଶୀଘ୍ର ସମ୍ପୃକ୍ତ ଠିକାଦାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।

## ମୋବାଇଲି ଟର୍ଚ୍ଚରେ ଚାଲିଛି ଅସ୍ତରଙ୍ଗ ଥାନା

# ବଦଳିଲା ରଙ୍ଗ, ବଦଳିଲାନି ଭିତ୍ତିଭୂମି

➪ କେତେବେଳେ ଅଘଟଣ ଘଟିପାରେ

➪ ଅନ୍ଧାରରେ କର୍ମଚାରୀ ଓ ସାଧାରଣ ଜନତା ବସୁଛନ୍ତି ଘଣ୍ଟା ଘଣ୍ଟା

➪ ଅଭିଯୋଗ ଲେଖା ହେଉଛି ଟର୍ଚ୍ଚ ଲାଇଟ୍‌ରେ





ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ନିକଟରେ ଉଦ୍‌ଘାଟିତ ହୋଇଛି ଅସ୍ତରଙ୍ଗ ଥାନା । ପୂର୍ବତନ ମୁଖ୍ୟମନ୍ତ୍ରୀ ଥାନାକୁ ମଡେଲ ଥାନା କରିବାକୁ ପ୍ରୟାସ ଆରମ୍ଭ କରିଥିଲେ । କିନ୍ତୁ ସରକାର ବଦଳିବା ପରେ ନୂତନ ସରକାର ଆସିବା ପରେ ମଡେଲ ଥାନାର ରଙ୍ଗ ପରିବର୍ତ୍ତନ କରି ଡିସେମ୍ବର ୧୬ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଶୁଭ ଉଦ୍‌ଘାଟନ କରିଥିଲେ । କିନ୍ତୁ କୋଟି କୋଟି ଟଙ୍କାରେ ନିର୍ମିତ ଅସ୍ତରଙ୍ଗ ଥାନା ଚାଲିଛି ମୋବାଇଲ ଟର୍ଚ୍ଚ ଲାଇଟ୍‌ରେ । ଖବର ମୁତାବକ ଲୋକମାନଙ୍କୁ ସବୁପ୍ରକାର ପୋଲିସ ସେବା ଯୋଗାଇ ଦେବା ପାଇଁ ନବନିର୍ମିତ ଥାନାରେ ଅତ୍ୟାଧୁନିକ ସୁବିଧା ରହିଛି । ୨୦୦୯ମସିହାରେ ଅସ୍ତରଙ୍ଗ ଥାନାର ମାନ୍ୟତା ପାଇବା ପରେ ରାଜ୍ୟ ସରକାରଙ୍କ ତରଫରୁ ୨୦୨୧-୨୨ମସିହାରେ ଓପିଏଚଡବ୍ଲ୍ୟୁସି ପକ୍ଷରୁ ୨କୋଟି ୨୮ଲକ୍ଷ ୧୩ହଜାର ଟଙ୍କା ମଞ୍ଜୁର କରାଯାଇଥିଲା । ୮ହଜାର ୬୩ବର୍ଗ କ୍ଷେତ୍ରଫଳ ବିଶିଷ୍ଟ ୩ମହଲା ବିଶିଷ୍ଟ ଏହି ନୂତନ କୋଠାରେ ତଳ ମହଲାରେ ଅଭ୍ୟଥନା ପ୍ରକୋଷ୍ଟ, ଡିସିଓ ରୁମ୍, ମୁଖ୍ୟ ଫାଟକ ନିକଟରେ ଥାନାଅଧିକାରୀଙ୍କ ପ୍ରକୋଷ୍ଟ, ଅତିରିକ୍ତ ଥାନା ଅଧିକାରୀ ପ୍ରକୋଷ୍ଟ, ମହିଳା ଓ ଶିଶୁ ଡେସ୍କ, ରେକର୍ଡ ରୁମ୍, ମାଲଖାନା, ସ୍ୱତନ୍ତ୍ର ପୁରୁଷ ଏବଂ ମହିଳା ହାଜତ, ଅସ୍ତ୍ରାଗାର ଡିସିଓପ୍ରକୋଷ୍ଟ ଅନ୍ୟାନ୍ୟ ଅଧିକାରୀଙ୍କ ଲାଗି ୮ଟି କ୍ୟାବିନ ଗୃହ, ମହିଳା, ପୁରୁଷ ଓ ଦିବ୍ୟାଙ୍ଗଙ୍କ ଲାଗି ସ୍ୱତନ୍ତ୍ର ଶୌଚାଳୟ ବ୍ୟବସ୍ଥା ରହିଛି । ସେହିପରି ଦ୍ୱିତୀୟ ମହଲାରେ ସମ୍ମିଳନୀ କକ୍ଷ, ଜିମ୍, ଅପରାଧୀଙ୍କୁ ପଚରା ଉଚରା ପ୍ରକୋଷ୍ଟ, କର୍ମଚାରୀଙ୍କ ବାରାକ, ଫୋର୍ସ ଲାଗି ବାରାକ ବିଦ୍ୟୁତ ପରିଚାଳନା ରୁମ୍ ରହିଛି । ତୃତୀୟ ମହଲାରେ ଗୋଟିଏ ବଡ଼ ଗୃହ ରହିଛି । କିନ୍ତୁ ଅସ୍ତରଙ୍ଗ ଥାନାରେ ବିଦ୍ୟୁତ କଟିଲେ ଅନ୍ଧକାର ମୟ ହେଉଛି ଥାନା । ଘଣ୍ଟା ଘଣ୍ଟା ଧରି କର୍ମଚାରୀମାନେ ମୋବାଇଲ ଟର୍ଚ୍ଚ ଲାଇଟ୍‌ରେ କାମ କରୁଛନ୍ତି । ଅଭିଯୋଗ କରିବାକୁ ଆସୁଥିବା ଅଭିଯୋଗକାରୀ ମୋବାଇଲ ଟର୍ଚ୍ଚରେ ଅଭିଯୋଗ ଲେଖୁଛନ୍ତି । ମହିଳାମାନେ ଥାନା ପରିସରରେ ଅନ୍ଧାରରେ ବସିରହୁଛନ୍ତି । ସିସିଟିଭି ଚାଲୁନାହିଁ କି ବିଦ୍ୟୁତ କଟିଗଲେ କମ୍ପ୍ୟୁଟର ଚାଲୁନାହିଁ । ଏହି ଅନ୍ଧାର ସୁଯୋଗ ନେଇ କେତେବେଳେ କୌଣସି ଅଘଟଣ ଘଟିପାରେ । ଏଠାରେ ପ୍ରଶ୍ନ ଉଠୁଛି, ସରକାର ପରିବର୍ତ୍ତନ ପରେ ଥାନାର ରଙ୍ଗ ପରିବର୍ତ୍ତନ ହୋଇଗଲା ଅଥଚ ଥାନାର ଭିତ୍ତିଭୂମି ନସଜାଡି ଉଦ୍‌ଘାଟନ ହେଲା । ଉଦ୍‌ଘାଟନକୁ ୧ମାସ ବିତିଯାଇଥିଲେ ମଧ୍ୟ ପୋଲିସ କର୍ମଚାରୀ ବିଦ୍ୟୁତ କଟିଗଲେ ଅନ୍ଧାରରେ ବସୁଛନ୍ତି ନଚେତ ମୋବାଇଲ ଟର୍ଚ୍ଚରେ କାମ କରୁଛନ୍ତି । ଲୋକମାନେ ଅନ୍ଧକାରରେ ଘଣ୍ଟା ଘଣ୍ଟା ବସି ରହୁଛନ୍ତି । ଯାହାକି ନୂତନ ସରକାରଙ୍କ କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଯେଉଁ ପୋଲିସ ଅନ୍ୟକୁ ସୁରକ୍ଷା ଦେବା ପାଇଁ ଜାଗ୍ରତ ପ୍ରହରୀ, ଦୀପ ତଳ ଅନ୍ଧାର ଭଳି ନୂତନ ଅସ୍ତରଙ୍ଗ ଥାନା କୋଠା ଅନ୍ଧାର । ମୋବାଇଲ ଟର୍ଚ୍ଚ ପାଲଟିଛି ସାହାରା । କେତେବେଳେ ଅନ୍ଧାର ସୁଯୋଗ ନେଇ ଅପରାଧୀ ଖସିଯାଇପାରନ୍ତି । ଏ ନେଇ ସ୍ଥାନୀୟ ଅଞ୍ଚଳ ସମାଜସେବୀ ତଥା ବଜାର କମିଟି ସଭାପତି ଦୁଷ୍ମନ୍ତ କୁମାର ପରିଡା କହିଛନ୍ତି ଦୁଃଖର ବିଷୟ ବିଦ୍ୟୁତ କଟିଗଲେ ଆଲୋକୀକରଣ ବ୍ୟବସ୍ଥା ନାହିଁ, ସିସିଟିଭି ମଧ୍ୟ ଚାଲୁନାହିଁ, ଉପରିସ୍ଥ ଅଧିକାରୀ ଏହାକୁ ଧ୍ୟାନ ଦେବାକୁ ଦାବି କରିଛନ୍ତି । ଲୋକ ପ୍ରତିନିଧି ରାମଚନ୍ଦ୍ର ନାୟକ ନିଜ ମନ୍ତବ୍ୟ କହିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଥାନାଗୁଡିକ ଭିତ୍ତିଭୂମି ସୁଦୃଢ଼ ପାଇଁ ମଡେଲ ଥାନା ନିର୍ମାଣ କରିଥିଲେ, ନୂତନ ସରକାର ଏଥିପ୍ରତି ଧ୍ୟାନ ଦିଅନ୍ତୁ । କେବଳ ରଙ୍ଗ ବଦଳାନ୍ତୁ ନାହିଁ । ଭିତ୍ତିଭୂମିକୁ ସୁଦୃଢ଼ କରନ୍ତୁ କେବେ ହେବ ଅସ୍ତରଙ୍ଗ ଥାନାରେ ୨୪ଘଣ୍ଟିଆ ଆଲୋକୀକରଣ ସହ ଭିତ୍ତିଭୂମି ସୁଦୃଢ଼ ହେବ ତାହା ହିଁ ଅପେକ୍ଷା । ଏ ନେଇ ଉପଖଣ୍ଡ ଅଧିକାରୀ ପ୍ରଭାତ ମଲ୍ଲିକ କହିଛନ୍ତି ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ, ବଡ଼ କୋଠା ହୋଇଥିବାରୁ ତାହା ମଧ୍ୟରେ ଏକ ସବଷ୍ଟେସନ ବସିବ ।

# ୪୭ତମ ରାଜ୍ୟ ପାଲା ଗାୟକ ସମ୍ମିଳନୀ ଉଦ୍‌ଘାଟିତ




ନିଆଳି (ଭାସ୍କର ନ୍ୟୁଜ୍): ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦର ସତଚାଳିଶତମ ବାର୍ଷିକ ସମ୍ମିଳନୀ ଶ୍ରୀକ୍ଷେତ୍ର ପୁରୀ ଶ୍ରୀଗୁଣ୍ଡିଚା ସମ୍ମୁଖସ୍ଥ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ପ୍ରଭାତରେ, ଓଡ଼ିଶାର ବିଭିନ୍ନ ଜିଲ୍ଲା ତଥା ଛତିଶଗଡ଼ ଓ ଝାଡ଼ଖଣ୍ଡ ଜିଲ୍ଲାରୁ ସମାଗତ ତିନି ହଜାରରୁ ଊର୍ଦ୍ଧ୍ୱ ଗାୟକ, ଗାୟିକା, ବାଦକ ଓ ସଂଗୀତମାନଙ୍କ ଉପସ୍ଥିତିରେ ପରିଷଦର ସାଂସ୍କୃତିକ ସ୍ୱାଭିମାନ ପତାକା ଉତ୍ତୋଳନ, କଣ୍ଟାକବିଙ୍କ ଲିଖିତ ବନ୍ଦେ ଉତ୍କଳ ଜନନୀ ଓ ପଦ୍ମଶ୍ରୀ ଶ୍ରୀମଦ ବାବା ବଳିଆଙ୍କ ରଚିତ, ଜାଗ ହେ ଅନନ୍ତ ଜାଗ... ସଂଗୀତ ଗାନ କରାଯାଇଥିଲା । ପୂର୍ବାହ୍ନ ଦଶ ଘଟିକାରେ ସାଙ୍ଗଠନିକ ଆଲୋଚନାରେ ବିଭିନ୍ନ ଜିଲ୍ଲା, ମଣ୍ଡଳ, ବାଦକ ଓ ସଂଗୀତମାନଙ୍କର ସମସ୍ୟା ସମ୍ପର୍କରେ ଆଲୋଚନା ଓ ଆଶୁ ସମାଧାନ କରାଯାଇଥିଲା । ସାନ୍ଧ୍ୟ ସାହିତ୍ୟ ଆସର, ଶ୍ରୀପୁରୁଷୋତ୍ତମଙ୍କ ଦାରୁବିଗ୍ରହ ସମ୍ମୁଖରେ, ଡ. ଚିଦାନନ୍ଦ ବ୍ରହ୍ମଚାରୀଙ୍କ କରକମଳରେ ପ୍ରଦୀପ ପ୍ରଜ୍ୱଳନ, ବେଦଧ୍ୱନି ଓ ଶୁଭ ମଙ୍ଗଳାଚରଣ ପାଠରୁ ଆରମ୍ଭ ହୋଇଥିଲା । ସଭାପତି ମଦନ ମୋହନ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସାରସ୍ୱତ ସାହିତ୍ୟ ସଭାକୁ, ମୁଖ୍ୟ ସାଂସ୍କୃତିକ ସମ୍ପାଦକ ବନବିହାରୀ ଗ୍ରହାଚାର୍ଯ୍ୟ ଓ ସହକାରୀ ଚନ୍ଦ୍ରଶେଖର ପାଢ଼ୀ, ଶିବପ୍ରସାଦ ଦ୍ୱିବେଦୀ, ସୁଶ୍ରୀ ନିରୁପମା ପଣ୍ଡା, କୋଷାଧ୍ୟକ୍ଷ ସନ୍ତୋଷ ପଟ୍ଟନାଏକ, ସଂଗଠନ ସମ୍ପାଦକ ମନୋଜ ମିଶ୍ର, ଲମ୍ବୋଦର ବେହେରା, ଅଭିମନ୍ୟୁ ନାଏକ, ଡ. ଧର୍ମାନନ୍ଦ ତୃପ୍ତି ପ୍ରମୁଖ ପରିଚାଳନା କରିଥିଲେ । ସାଧାରଣ ସମ୍ପାଦକ ବିବରଣୀ ପାଠ କରିଥିଲେ । ଦୁଇଦିନର ସାହିତ୍ୟ ସଭାରେ ସମ୍ମାନନୀୟ ଅତିଥି ଭାବରେ ଡ. ସିଦ୍ଧେଶ୍ୱର ମହାପାତ୍ର, ଉମାକାନ୍ତ ଦାସ ମହାରାଜ, ରାମ ଚନ୍ଦ୍ର, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପ୍ରାକ୍ତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଡ. ରବିନାରାୟଣ ପଣ୍ଡା, ପରିଷଦ ନିର୍ଦ୍ଦେଶକ ଅମୀୟ ପଟ୍ଟନାଏକ, ପଣ୍ଡିତ ପଦ୍ମନାଭ ତ୍ରିପାଠୀ, କବିଗୌରବ ଡ. ପଦ୍ମନାଭ ସେଠି, ସଂଯୋଜକ ରଞ୍ଜିତ ଆଚାର୍ଯ୍ୟ, ସନ୍ତୋଷ କୁମାର ମହାପାତ୍ର, ଡ. ନିରୋଦ ଦାସ, ପରିଷଦ ଉପଦେଷ୍ଟା ଅଧିବକ୍ତା ପ୍ରତାପ ଚନ୍ଦ୍ର ପ୍ରଧାନ, ପଣ୍ଡିତ ବସନ୍ତ କୁମାର ସ୍ୱାଇଁ, କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ଯୁଧିଷ୍ଠିର ପରିଜା, ସମ୍ପାଦକ ସୁଦର୍ଶନ ମହାପାତ୍ର, ଅଖଣ୍ଡ ପୁରୀଜିଲ୍ଲା ସଭାପତି ଲକ୍ଷ୍ମୀଧର ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣକରି ପାଲା ଏକ ଶାସ୍ତ୍ରୀୟ ନାଟକ ବୋଲି ପ୍ରାମାଣିକ ତଥ୍ୟ ଉପସ୍ଥାପନା କରିଥିଲେ । ଉଦ୍‌ଯାପନୀ ପ୍ରଭାତରେ ନିଜ ନିଜର ବେଶଭୂଷା, ଚାମର, ମନ୍ଦିରା, ମୃଦଙ୍ଗ ଓ କରତାଳ ଧରି ଶ୍ରୀଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିର ତଥା ପ୍ରଭୁଙ୍କ ଜନ୍ମବେଦୀରୁ ଦୋଳବେଦୀ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ର ପରିକ୍ରମା ବଡ଼ଦାଣ୍ଡର ଶୋଭାକୁ ବହୁଗୁଣିତ କରିଥିଲା । ଅଭ୍ୟର୍ଥନା କମିଟିର ମୁଖ୍ୟ ସୁରେନ୍ଦ୍ରନାଥ ଦାଶ, ସମ୍ପାଦକ ଭ୍ରମରବର ପ୍ରଧାନଙ୍କ ଆପ୍ରାଣ ସହଯୋଗରେ, ପଣ୍ଡିତ ପ୍ରିୟ ପ୍ରସାଦ, ବିଜୟ କୁମାର ସାମନ୍ତରାୟ, ରମେଶ ଚନ୍ଦ୍ର ପଲେଇଙ୍କ ତତ୍ତ୍ୱାବଧାନରେ ସତ୍ୟବାଦୀ ମଣ୍ଡଳ ଓ ବ୍ରାହ୍ମନାରାୟଣ ମଣ୍ଡଳରୁ ଚାଳିଶରୁ ଊର୍ଦ୍ଧ୍ୱ ସଂସ୍କୃତି ସେବକ ଖାଦ୍ୟ ପ୍ରସ୍ତୁତି, ପରିବେଷଣ ଓ ଶୃଙ୍ଖଳା ରକ୍ଷାରେ ସକ୍ରୀୟ ସହଯୋଗ କରିଥିଲେ । ତ୍ରିଶକ୍ତି ଭକ୍ତିସୁଧା ଚ୍ୟାନେଲ ଏ ସବୁ ଦୃଶ୍ୟର ଚିତ୍ର ଉତ୍ତୋଳନ କରିଥିଲା । ଏହି ଐତିହାସିକ ସ୍ୱର୍ଣ୍ଣିମ ସଫଳତାର ଶ୍ରେୟ, ଶ୍ରୀମଦ ବାବା ବଳିଆଙ୍କ ମାର୍ଗଦର୍ଶନ, କାଳିଆ ଠାକୁରଙ୍କ କଲ୍ୟାଣ, ଆୟୋଜନ କମିଟିର ସହଯୋଗ, ସଂସ୍କୃତି ସେବକମାନଙ୍କର ଶ୍ରମ, ସାଧାରଣ ସମ୍ପାଦକଙ୍କ ପ୍ରଗତିଶୀଳ ଚିନ୍ତନ, ସମ୍ପାଦନା ମଣ୍ଡଳୀର ସକ୍ରିୟ କାର୍ଯ୍ୟକ୍ରମ ପରିଚାଳନା, ଦୃଶ୍ୟ-ଶ୍ରାବ୍ୟ-ଛପା ଗଣମାଧ୍ୟମର ପ୍ରଚାରପ୍ରସାର ଏବଂ ସର୍ବୋପରି ଓଡ଼ିଶା ତଥା ଓଡିଶାବାହାରୁ ଆସି ଉତ୍ସାହର ସହିତ ଯୋଗଦାନ କରିଥିବା ପାଲା କଳାକାର ଭାଇ ଭଉଣୀମାନଙ୍କର ବୋଲି ରାଜ୍ୟ ପାଲା ପରିଷଦର ସଭାପତି ସଭିଙ୍କୁ କୃତଜ୍ଞତା ପ୍ରଦାନ କରିଛନ୍ତି ।

# ରାଶିଫଳ

ଶନିବାର, ୧୮ ଜାନୁଆରୀ ୨୦୨୫



**ମେଷ:** ସ୍ୱଭାବରେ ଉଗ୍ରତା ଉପରେ ନିୟନ୍ତ୍ରଣ ରଖିବାକୁ ଉପଦେଶ । ଶାରୀରିକ ତଥା ମାନସିକ ଅସୁସ୍ଥତା ଅନୁଭବ କରିପାରନ୍ତି । କମ ସଫଳତା ମିଳିବାରୁ ନିରାଶା ହୋଇପାରନ୍ତି । ସନ୍ତାନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତା ହୋଇପାରେ ।



**ବୃଷ:** ପ୍ରତ୍ୟେକ କାର୍ଯ୍ୟ ଆତ୍ମବିଶ୍ୱାସ ଏବଂ ଅଟଳ ମନୋବଳର ସହିତ କରନ୍ତୁ, ନିଶ୍ଚିତ ସଫଳତା ମିଳିବ । ପିତା କିମ୍ବା ପୈତୃକ ସଂପତ୍ତିରେ ଲାଭ ହେବ । ବିଦ୍ୟାର୍ଥୀମାନେ ନିଜର ପଢ଼ାରେ ଭଲ ପ୍ରଦର୍ଶନ କରିବେ । ଖେଳକୁଦ ଏବଂ କଳା କ୍ଷେତ୍ରରେ କଳାକାରମାନଙ୍କୁ ନିଜର ପ୍ରତିଭା ଦର୍ଶାଇବାପାଇଁ ମୌକା ମିଳିବ ।



**ମିଥୁନ:** ନୂଆ ଯୋଜନାକୁ ଅମଳରେ ଆଣିବା ପାଇଁ ଶୁଭ ଦିନ ଅଟେ । ଚାକିରିପେଶା ଲୋକଙ୍କୁ ଉଚ୍ଚ ପଦାଧିକାରିମାନଙ୍କ ତଥା ସରକାରଙ୍କ ତରଫରୁ ପରିଶ୍ରମର ଭଲ ଫଳ ମିଳିବ । ଭାଇ-ଭଉଣୀମାନଙ୍କ ତଥା ମିତ୍ରମାନଙ୍କ ସହିତ ଆନନ୍ଦପୂର୍ବକ ସମୟ କଟିବ ।



**କର୍କଟ:** ଭୁଲ ବୁଝାବଣା ଏବଂ ନକାରାତ୍ମକ ବ୍ୟବହାର ଆପଣଙ୍କ ଚିତ୍ତରେ ଗ୍ଲାନିର ଭାବ ସୃଷ୍ଟି କରିବ । ପାରିବାରିକ ସଦସ୍ୟମାନଙ୍କ ସହିତ ମନମାଳିନ୍ୟ ହେବ । କାମରେ ସନ୍ତୋଷର ଭାବନା ଆସିବ । ବିଦ୍ୟାର୍ଥିମାନଙ୍କ ପାଇଁ ବିଦ୍ୟାଭ୍ୟାସରେ ନିର୍ଦ୍ଧାରିତ ସଫଳତା ମିଳିବ ନାହିଁ ।



**ସିଂହ:** ମଉଜ-ମସ୍ତି ଏବଂ ମନୋରଞ୍ଜନ ପ୍ରବୃତ୍ତିଗୁଡ଼ିକରେ ଆପଣଙ୍କ ବିଶେଷ ରୁଚି ରହିବ । ପିତା ତଥା ବରିଷ୍ଠ ନାଗରୀକମାନଙ୍କ ସହଯୋଗ ପ୍ରାପ୍ତ କରିବେ । ଆପଣଙ୍କ ସ୍ୱଭାବରେ କ୍ରୋଧ ଏବଂ ବ୍ୟବହାରରେ ଉଗ୍ରତା ରହିବ, ଏହା ଉପରେ ଅଂକୁଶ ରଖିବାକୁ ଉପଦେଶ ।



**କନ୍ୟା:** ଆଜି ଆପଣଙ୍କ ଅହଂକାର କାରଣରୁ ଝଗଡ଼ା ହେବାର ଆଶଂକା ଅଛି । ଶାରୀରିକ ଏବଂ ମାନସିକ ଚିନ୍ତା ସହିତ ଆଜିର ଦିନ କଟିବ । ମିତ୍ରମାନଙ୍କ ସହିତ ମନମାଳିନ୍ୟ ନ ହେଉ, ଏହାର ଧ୍ୟାନ ରଖିବେ । ଧାର୍ମିକ କାର୍ଯ୍ୟଗୁଡ଼ିକରେ ଭାଗ ନେବାର ଅବସର ଆସିବ ।



**ତୁଳା:** ଗୃହସ୍ଥ ଜୀବନରେ ସୁଖ ଏବଂ ଆନନ୍ଦ ପ୍ରାପ୍ତି ହେବ । ଅଫିସ୍, ବ୍ୟବସାୟ କ୍ଷେତ୍ରରେ ଅନୁକୂଳ ବାତାବରଣ ରହିବ । ପ୍ରମୋସନ ମିଳିବାରର ସଂକେତ ଅଛି । ପାରିବାରିକ ସଦସ୍ୟ ତଥା ମିତ୍ର ମାନଙ୍କ ସହିତ ଖୁସି ରହିବେ । ଉତ୍ତମ ବୈବାହିକ ସୁଖ ପ୍ରାପ୍ତି ହେବ ।



**ବିଛା:** ଜଗନ୍ନାଥଙ୍କର କୃପାରୁ ଆପଣଙ୍କ ସମସ୍ତ କାର୍ଯ୍ୟ ସଫଳତା ପୂର୍ବକ ସଂପନ୍ନ ହେବ । ଗୃହସ୍ଥ ଜୀବନରେ ଆନନ୍ଦ ଏବଂ ସନ୍ତୋଷର ଅନୁଭବ ହେବ । ଉଚ୍ଚ ପଦାଧିକାରି ଏବଂ ବରିଷ୍ଠ ନାଗରିକମାନଙ୍କ କୃପା ଆପଣ ଉପରେ ରହିବ । ସନ୍ତାନମାନଙ୍କର ସନ୍ତୋଷଜନକ ପ୍ରଗତିରେ ଆନନ୍ଦ ଅନୁଭବ ହେବ ।



**ଧନୁ:** ଶରୀରରେ ଆଳସ୍ୟ, ଏବଂ ଅଣନିଶ୍ୱାସୀ ହୋଇପାରେ । କୌଣସି ବିଷୟରେ ଚିନ୍ତା କରନ୍ତୁ ନାହିଁ, ଆପଣଙ୍କ ପରିଶ୍ରମରେ ଶେଷରେ ସବୁ ଠିକ ହୋଇଯିବ । ସନ୍ତାନମାନଙ୍କ ବିଷୟରେ ଟିକେ ଚିନ୍ତା ହୋଇପାରେ । ଚାକିରି-ଧନ୍ଦାରେ ଉଚ୍ଚ ପଦାଧିକାରିମାନଙ୍କର କ୍ରୋଧର ଶିକାର ହୋଇପାରନ୍ତି ।



**ମକର:** ନକାରାତ୍ମକ ବିଚାରରୁ ଦୂରରେ ରୁହନ୍ତୁ । ଅଚିକିତ୍ସାରେ ଖର୍ଚ୍ଚ ହେବାର ଆଶଂକା ଅଛି । ବ୍ୟାପାରରେ ଭାଗିଦାରୀମାନଙ୍କ ସହିତ ଆନ୍ତରିକ ମତଭେଦ ହୋଇପାରେ । ସାହିତ୍ୟ ଏବଂ କଳା କ୍ଷେତ୍ରରେ କିଛି ନୂଆ ସୃଜନ କରିବାର ପ୍ରେରଣା ମିଳିବ । ପ୍ରେମୀଜନ ଏବଂ ପ୍ରିୟ ବ୍ୟକ୍ତିମାନଙ୍କ ସହିତ ମିଳନ ତଥା ସାକ୍ଷାତ ସମ୍ଭବ ।



**କୁମ୍ଭ:** ପ୍ରଣୟ, ରୋମାନ୍ସ, ଯାତ୍ରା, ପର୍ଯ୍ୟଟନ ଏବଂ ମନୋରଞ୍ଜନରେ ଆପଣଙ୍କ ଦିନଟି କଟିବ । ମିତ୍ରମାନଙ୍କ ସହିତ ଭୋଜନ କରିବାର ଅବସର ଆସିବ । ବସ୍ତ୍ରାଭୂଷଣ ଏବଂ ବାହନ ପ୍ରାପ୍ତିର ଯୋଗ ଅଛି । ଦୃଢ଼ ଆତ୍ମ ବିଶ୍ୱାସ ଯୋଗୁଁ କାର୍ଯ୍ୟରେ ସଫଳତା ପ୍ରାପ୍ତ କରିବେ । ଜଗନ୍ନାଥଙ୍କର ଆଶୀର୍ବାଦ ଆପଣଙ୍କ ସହିତ ଅଛି ।



**ମୀନ:** ଦୈନିକ କାର୍ଯ୍ୟ ବିନା କୌଣସି ଅବରୋଧରେ ସମ୍ପୂର୍ଣ୍ଣ ହେବ । ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାସ୍ତ କରି ପାରିବେ । ସହକର୍ମୀମାନଙ୍କର ସହଯୋଗ ଆପଣଙ୍କ ବ୍ୟବସାୟ କ୍ଷେତ୍ରର କାର୍ଯ୍ୟକୁ ସରଳ ବନାଇବ । ମାମୁଁଘର ତରଫରୁ ଲାଭ ହେବ ।



ଜ୍ୟୋତିଷ ଶିଳ୍ପ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ସୁକୁମା ଜିଲ୍ଲାର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଲଖମା କବାସୀଙ୍କୁ ଗତକାଲି ଇଡିର ଏକ ଦଳ ତାଙ୍କ ବାସଭବନରେ ଚଢାଉ କରି ତାଙ୍କୁ ଉଠାଇ ନେଇଯାଇଥିବା ପ୍ରତିବାଦରେ ଆଜି ସୁକୁମା ଜିଲ୍ଲା କଂଗ୍ରେସ ଦଳ ତରଫରୁ ଜିଲା ବନ୍ଦ ଡାକରା ଦିଆଯାଇଥିବା ବେଳେ ଏହାର ପ୍ରଭାବ ମାଲକାନଗିରି ଜିଲ୍ଲାରେ ମଧ ଦେଖିବାକୁ ମିଳିଛି। ମାଲକାନଗିରି ଜିଲ୍ଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର ଏବଂ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ମାଲକାନଗିରି ସହର ମୁଖ୍ୟରାସ୍ତାରେ ଇଡିର ଏପରି କାର୍ଯ୍ୟକୁ ନିନ୍ଦା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାୟଙ୍କ ଫଟୋଚିତ୍ରରେ ନିଆଁ ଲଗାଇ ପ୍ରତିବାଦ କରିଛନ୍ତି। ମାଲକାନଗିରି ଜିଲ୍ଲାର ବିକାଶ, କଂଗ୍ରେସ ଦଳର ସଂଗଠନ ଉପରେ ଶ୍ରୀ କବାସୀ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି। ତୁରନ୍ତ ଛତିଶଗଡ ସରକାର ଶ୍ରୀ କବାସୀଙ୍କୁ ସସମ୍ମାନେ ଛାଡ଼ିବା ପାଇଁ ଦଳ ଦାବି କରିଛି । ଏହି ସମ୍ମିଳନୀରେ ଜିଲ୍ଲା ସଭାପତିଙ୍କ ସମେତ ମାଲା ମାଡ଼ି,ଜୀ. ଶ୍ରୀନିବାସ ରାଓ, ପି. କେଶୁ ରାଓ, ସରୋଜ ପାତ୍ର, ଭିମା ବାର୍ସେ, ପଦ୍ମ ପାଙ୍ଗି, ପର୍ଶୁରାମ ଭକ୍ତ , ଇଶାକ ଖୋସଲା ପ୍ରମୁଖ ଉପସ୍ଥିତ ଥିଲେ।



## ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ଭିନ୍ନକ୍ଷମଙ୍କ ପାଇଁ ବର୍ଦ୍ଧିତ ଭତ୍ତା ଶୁଭାରମ୍ଭ

# ଜିଲ୍ଲାରୁ ଉପକୃତ ହେବେ ୬,୦୫୮ ହିତାଧିକାରୀ



ରାୟଗଡ(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଭିଡିଓ କନଫରେନସିଂ ସିଧା ପ୍ରସାରଣ ମାଧମରେ କେଉଁଝର ଜିଲ୍ଲାରୁ କାର୍ଯ୍ୟକ୍ରମରେ ଯୋଗଦେଇ ବର୍ଦ୍ଧିତ ଭତ୍ତା ପ୍ରଦାନର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ରାୟଗଡ଼ ଠାରେ ଜିଲ୍ଲାପାଳ ପାରୁଲ ପଟାୱରୀ ୮୦ବର୍ଷରୁ ଉର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ଓ ୮୦% ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ବର୍ଦ୍ଧିତ ଭତ୍ତା ୩୫୦୦ଟଙ୍କା ବଣ୍ଟନ କରିଛନ୍ତି। ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡିଶାଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକ, ପୌରପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପ୍ରତ୍ୟେକ ଗ୍ରାମପଂଚାୟତ କାର୍ଯ୍ୟାଳୟରେ ଏହି ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଛି । ବର୍ଦ୍ଧିତ ଭତ୍ତା ମଧ୍ୟରେ ମଧୁବାବୁ ପେନସନ ଯୋଜନାରେ ରାୟଗଡ ଜିଲ୍ଲାରୁ ୮୦ବର୍ଷରୁ ଉର୍ଦ୍ଧ୍ୱ ୫୦୪୪ ଜଣ ଏବଂ ୮୦%ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ୧୦୧୪ ଜଣଙ୍କୁ ମିଶାଇ ଜିଲ୍ଲାରେ ସର୍ବମୋଟ ୬୦୫୮ ଜଣଙ୍କୁ ପାଇବାକୁ ଥିବାବେଳେ ଆଜି ସେଥିମଧ୍ୟରୁ ୮୦ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ବ୍ୟକ୍ତି ୪୫୪ଜଣଙ୍କୁ ଏବଂ ୮୦%ରୁ ଅଧିକ ଦିବ୍ୟାଙ୍ଗ ୨୫୭ଜଣଙ୍କୁ ଜିଲ୍ଲାରେ ବର୍ଦ୍ଧିତ ହାରରେ ଟ ୩୫୦୦/-ଙ୍କା ଲେଖାଏଁ ଭତ୍ତା ପ୍ରଦାନ ଦିଆଯାଇଛି । ଏହି ଭତ୍ତା ପ୍ରଦାନ କାର୍ଯ୍ୟକ୍ରମରେ ରାୟଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ କୁମାର ମିଶ୍ର, ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ,ସମାଜସେବୀ ତଥା ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଶ୍ରୀ ଶିବ ପଟ୍ଟନାୟକ, ଶ୍ରୀ କାଳିରାମ ମାଝୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁଚରଣ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀମତୀ ରଂଜିତା ବେହେରା ଆଦି ଯୋଗଦାନକରି ସରକାରଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ବରିଷ୍ଠ ଶିକ୍ଷକ ନୀଳାଚଳ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସେହିପରି ଗୁଣୁପୁର ଉପଜିଲ୍ଲାପାଳ, ସୁଶ୍ରୀ କିରଣଦୀପ କୌର ସହୋତା,ଗୁଣପୁର ବ୍ଲକ ଓ ଗୁଣୁପୁର ପୌର ପରିଷଦରେ ବର୍ଦ୍ଧିତ ଭତ୍ତା ବଣ୍ଟନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭାସ୍କର ରଇତ ମୁନିଗୁଡା ବ୍ଲକରେ ବଣ୍ଟନ କରିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ଅକ୍ଷୟ କୁମାର ଖେମୁଣ୍ଡୁ ପଦ୍ମପୁର ବ୍ଲକରେ, ଉପଜିଲ୍ଲାପାଳ ରାୟଗଡ, କଲ୍ୟାଣୀ ସଂଘମିତ୍ରା ଦେବୀ କାଶୀପୁର ବ୍ଲକରେ,ପ୍ରକଳ୍ପ ପ୍ରଶାସକ ଆଇଟିଡ଼ିଏ, ଗୁଣୁପୁର ଚନ୍ଦ୍ରପୁର ବ୍ଲକରେ, ପିଏ ଆଇଟିଡ଼ିଏ ରକ୍ଷୟଗଡ଼, ଗୁଡ଼ାରୀ ବ୍ଲକ ଓ ଗୁଡ଼ାରୀ ପୌର ପରିଷଦରେ, ଜିଲ୍ଲା ସାମାଜିକ ସୁରକ୍ଷା ତଥା ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ଶ୍ରୀମତୀ ପୁଷ୍ପଲତା ଦୀକ୍ଷିତ ବିଷମ କଟକ ବ୍ଲକରେ, କଲନରା ବ୍ଲକରେ ବିଡ଼ିଓ ରୀନା ପ୍ରଧାନ, ଉପାଧକ୍ଷ ହଳଧର ହିମିରିକା,ଉପଖଣ୍ଡ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ରାୟଗଡ, ଶ୍ରୀକାନ୍ତ ପାଣିଗ୍ରାହୀ ଓ ଗୁଣୁପୁର ଏଲ. ସନ୍ତୋଷ କୁମାର ଯଥାକ୍ରମେ କଲ୍ୟାଣସିଂପୁର ଓ ରାମନାଗୁଡ଼ା ବ୍ଲକରେ ଉପସ୍ଥିତ ରହି ଭତ୍ତା ବଣ୍ଟନ କରିଥିଲେ। ବିଭିନ୍ନ ବ୍ଲକରେ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସହରାଞ୍ଚଳର ନିର୍ବାହୀ ଯନ୍ତ୍ରୀ, ସରପଞ୍ଚ, ଜନପ୍ରତିନିଧି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ଏହି ଭତ୍ତା ପ୍ରଦାନରେ ସହଯୋଗ କରିଥିଲେ।

## ବନାଞ୍ଚଳ ଅଫିସ ପକ୍ଷରୁ ପକ୍ଷୀ ଗଣନା

ଖଡ଼ିଆଳ (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ପ୍ରତ୍ୟୋକ ରେଞ୍ଜ ଗୁଡିକରେ ପର୍ଯ୍ୟାୟ କ୍ରମେ ୨୦୨୫ ପକ୍ଷୀ ଗଣନା ପାଇଁ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ଅବସରରେ ଗୁରୁବାର ଖଡ଼ିଆଳ ରେଞ୍ଜ ଅନ୍ତର୍ଗତ ଲୋୟର ଇନ୍ଦ୍ର ଇରିଗେସନ ଅଧିନରେ ଥିବା ତିଖାଲି ଡ୍ୟାମ ଠାରେ ଏସିଏଫ ପ୍ରସନ୍ନଦୀପ ନାଏକଙ୍କ ନେତୃତ୍ୱରେ ପକ୍ଷୀ ଗଣନା ମକଡ୍ରିଲ ଆରମ୍ଭ ହୋଇଯାଇଛି । ଏଥିରେ ଏସିଏଫଙ୍କ



ସମେତ ବନ କର୍ମଚାରୀ, ଛାତ୍ରଛାତ୍ରୀ ପ୍ରକୃତିପ୍ରେମୀ, ସାମ୍ବାଦିକ ସାମିଲ ରହି କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି । ବାୟୁ ପ୍ରଦୂଷଣ ଗୋଳାବାରୁଦ ଶବ୍ଦ ଅପ୍ରାକୃତିକ ପରିବେଶ ପାଇଁ ଜୀବ ଜଗତରୁ ଦିନକୁ ଦିନ ପକ୍ଷୀ ଦୂରେଇ ରହୁଥିବା ଦେଖାଦେଇଛି । ଯେପରି ଘର ଚଟିଆ, କାଉ, ଶୁଆ, ସାରି ଭଳି ଏକାଧିକ ଆକର୍ଷଣୀୟ ପକ୍ଷୀ ନୂଆପଡା ଖଡ଼ିଆଳ ବୋଡ଼େନ କୋମନା ଅଞ୍ଚଳରୁ ଲୋପ ପାଇବାରେ ଲାଗିଛି । ପକ୍ଷୀକୁ ଆବଶ୍ୟକୀୟ ଖାଦ୍ୟ ପାଣି ଦେବା ସହିତ ସୁରକ୍ଷା ଯୋଗାଇ ଦେବାପାଇଁ ଜନ ସଚେତନତା ସୃଷ୍ଟି କରିବା ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଦୂରବିକ୍ଷଣ ଯନ୍ତ୍ର, ବାଇନାକୁଲ ଯନ୍ତ୍ର ଦ୍ୱାରା ଦୂର ସ୍ଥାନରେ ରହିଥିବା ପକ୍ଷୀ ଗୁଡିକୁ ଛାତ୍ରଛାତ୍ରୀ, ବନ କର୍ମଚାରୀ ଦେଖି ବେଶ ଖୁସି ଅନୁଭବ କରିଥିଲେ ।

## ପଦଯାତ୍ରୀଙ୍କୁ ଜିଲ୍ଲାପାଳଙ୍କ ସମ୍ବର୍ଦ୍ଧନା



କୋରାପୁଟ(ଭାସ୍କର ନ୍ୟୁଜ): ଭାରତକୁ ଅତି ନିକଟରୁ ଦେଖିବାପାଇଁ ଝାଡଖଣ୍ଡ ଧନବାଦ ଅଞ୍ଚଳର ଯୁବକ ଶଶିନାଥ ସିଂହ ପଦଯାତ୍ରାରେ ବାହାରି କୋରାପୁଟରେ ପହଚିଛନ୍ତି । ଯାନବାହାନରେ ଭ୍ରମଣ କଲେ ନିର୍ଦ୍ଦିଷ୍ଟ ସ୍ଥାନରେ କିଛି ସମୟ ରହି ଫେରିବାକୁ ପଡିଥାଏ। ଚାଲିଚାଲି ଗଲେ ସମୟର କଟକଣା ନଥାଏ ଏବଂ ଭାବ ବିନିମୟ ପାଇଁ ଯଥେଷ୍ଟ ସମୟ ମିଳେ ବୋଲି କହିଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରେ ଆଇଟିଆଇ କରିଥିବା ଶଶିନାଥ ଚଳିତମାସ ୭ ତାରିଖରେ ପଶ୍ଚିମବଙ୍ଗର ଆସାନସୋଲରୁ ଯାତ୍ରା ଆରମ୍ଭ କରିଛନ୍ତି । କେନ୍ଦୁଝର, ଦେବଗଡ, ବରଗଡ, ସମ୍ବଲପୁର, କଳାହାଣ୍ଡି, ନବରଙ୍ଗପୁର ଦେଇ କୋରାପୁଟ ପହଂଚିବା ପରେ ଶାବର ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସେହିପରି ଦକ୍ଷତା ବିକାଶ ତାଲିମ କେନ୍ଦ୍ର ଠାରେ ଜିଲ୍ଲାପାଳ ଭି. କୀର୍ତିଭାସନଙ୍କୁ ଭେଟି ଭ୍ରମଣ ପଛର କାରଣ ଜଣାଇଥିଲେ। ଜିଲ୍ଲାପାଳ ଶୁଭେଚ୍ଛା ଜଣାଇ ସମ୍ବର୍ଦ୍ଧିତ କରିଥିଲେ। କୋରାପୁଟ ପ୍ରେସ କ୍ଲବରେ ରାତ୍ରି ରହଣି ପରେ ଦେଓମାଳି ଯିବାକୁ ଶଶିନାଥ ଲକ୍ଷ୍ୟ ରଖିଛନ୍ତି । ଦେଓମାଳିରେ ରାତିଯାପନ କରି ଶୀତୁଆ ସକାଳର ନୂଆ ଅନୁଭୂତି ନେବେ ବୋଲି ଜଣାଇଛନ୍ତି। ଏହା ପୂର୍ବରୁ ହୀରାକୁଦ ବନ୍ଧ ମଣ୍ଡଳ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଇଂ. ସୁଧୀର କୁମାର ସାହୁ ତାଙ୍କୁ ସମ୍ବର୍ଦ୍ଧିତ କରିଥିବା ସୂଚନା ଦେଇଛନ୍ତି ।

## ଟ୍ରାଫିକ୍ ପୋଷ୍ଟରେ ପିଟିହେଲା ବୋଲେରୋ



ବ୍ରଜରାଜନଗର(ଭାସ୍କର ନ୍ୟୁଜ): ଗାନ୍ଧୀଛକ ଫାଣ୍ଡି ଅନ୍ତର୍ଗତ ଜାତୀୟ ରାଜପଥ ୪୯ ଗାନ୍ଧୀଛକ ମଝି ରାସ୍ତାରେ ଥିବା ଟ୍ରାଫିକ ପୋଷ୍ଟକୁ ଗତକାଲି ବିଳମ୍ବିତ ରାତିରେ ଏକ ବୋଲେରୋ ଧକ୍କା ଦେଇଛି । ସୂଚନା ଅନୁଯାୟୀ ଗତକାଲି ରାମପୁର ଥାନା ବୁନ୍ଦିଆ କଲୋନୀ ଆରିୟନ୍ ସିଦ୍ଧାର୍ଥ (୨୫) ଦୁଇଜଣ ସାଙ୍ଗମାନଙ୍କ ସହ ଏକ ବୋଲେରୋ ଓଡି ୨୩ ଏସ ୨୯୦୯ ସୁନ୍ଦରଗଡ଼ରୁ ଯାତ୍ରା ଦେଖି ବିଳମ୍ବିତ ରାତିରେ ଫେରିବା ସମୟରେ ଭାରସାମ୍ୟ ହରାଇ ଗାନ୍ଧୀଛକ ଜାତୀୟ ରାଜପଥରେ ଥିବା ଟ୍ରାଫିକ ପୋଷ୍ଟକୁ ଧକ୍କା ଦେଇଥିଲା । ଏହି ଧକ୍କାରେ ବୋଲେରୋ ଚାଳକ ସମୀର ପ୍ରଧାନ (୨୪) ଓ ଅନ୍ୟମାନେ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ଗାନ୍ଧୀଛକ ଥାନା ଅଧିକାରୀ ମଦନମୋହନ ନାୟକ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିବା ସହିତ ଆହତମାନଙ୍କୁ ଚିକିତ୍ସାଳୟ ନେଇ ଚିକିତ୍ସା କରାଇଥିଲେ।

## କ୍ରୀଡା ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍‌ଙ୍କ କନ୍ଧମାଳ ଗସ୍ତ



କନ୍ଧମାଳ(ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲାରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍‌କୁ ବିପୁଳ ସ୍ୱାଗତ କରାଯାଇଛି। ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ଦୁଇଟି ବିଭାଗର ମନ୍ତ୍ରୀ ଥିବାବେଳେ ୧୭ ଜାନୁଆରୀ ୨୦୨୫ ଦିନ ଫୁଲବାଣୀ ସ୍ଥିତ କନ୍ଧମାଳ ଷ୍ଟାଡିୟମ୍, ଇଣ୍ଡୋର୍ ଷ୍ଟାଡିୟମ୍, କୋରୋନେସନ ପଡିଆ ବୁଲି ଦେଖିବା ସହିତ ଦୀର୍ଘ ବର୍ଷର ଯେଉଁ ସବୁ ସମସ୍ୟା ରହିଅଛି ଗ୍ରାଉଣ୍ଡ ଜିରୋରେ ପହଞ୍ଚି ପୁଙ୍ଖାନୁପୁଙ୍ଖ ଭାବରେ ତଦନ୍ତ କରି ଫୁଲବାଣୀ ବିଧାୟକ ଶ୍ରୀ ଉମା ଚରଣ ମଲିକ ଓ ଜିଲ୍ଲାପାଳଙ୍କ ସହିତ ଏହା ଉପରେ ଆଲୋଚନା କରିଥିଲେ । ଏହି ଗସ୍ତ କାଳରେ ଖଜୁରୀପଡ଼ା ବ୍ଲକ୍‌ରେ ଥିବା ୪୦ ବର୍ଷର ପିଲାସଲୁଙ୍କି ଡ୍ୟାମ୍‌ର ଉନ୍ନତି କରଣ ନିମନ୍ତେ ନିର୍ମାଣ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବା ସହିତ ପିଲାସଲୁଙ୍କିର ୪୦ ବର୍ଷ ପୂର୍ତ୍ତି ଅବସରରେ ଏକ ଉତ୍ସବପାଳନ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଏଥିସହିତ କନ୍ଧମାଳ ଜିଲ୍ଲାରେ ବିଭିନ୍ନ ପ୍ରକାରର ପର୍ଯ୍ୟଟନସ୍ଥଳୀ ଗୁଡିକରେ ଜିଲ୍ଲାର ଲୁକ୍କାୟିତ କଳା ଓ ସଂସ୍କୃତିକୁ ଚିତ୍ର କଳା ମାଧମରେ ସ୍ଥାନିତ କରିବା ନିମନ୍ତେ ପ୍ରେରଣା ଦେଇଥିଲେ । ଜିଲ୍ଲାରେ କ୍ରୀଡାକୁ ସମ୍ପ୍ରସାରଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।ଏହାସହିତ ଫୁଲବାଣୀରେ ବିଭିନ୍ନ ପ୍ରକାରର ଉତ୍ସବ ଓ ମହୋତ୍ସବ ପାଳନରେ ବହୁତ ଅସୁବିଧା ହେଉଥିବାରୁ ସ୍ୱତନ୍ତ୍ର ଏକ ପଡିଆ ପାଇଁ କନ୍ଧମାଳ ଜିଲ୍ଲାପାଳଙ୍କୁ ଆଦେଶ ଦେଇଥିଲେ। ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍‌ଙ୍କୁ ସ୍ୱାଗତ ନିମନ୍ତେ କନ୍ଧମାଳ ଜିଲ୍ଲାର ଫୁଲବାଣୀ ବିଧାୟକ ସମେତ ୧୨ ଟି ବ୍ଲକ୍‌ରୁ ସକ୍ରିୟ ବିଜେପି କର୍ମୀ,ସଭ୍ୟ, ଜିଲ୍ଲା ସଭାପତି, ନଗର ସଭାପତି, ସାଂସଦଙ୍କ ପ୍ରତିନିଧି ଆଦି ଉପସ୍ଥିତ ରହି ସ୍ୱାଗତ ଜଣାଇବା ସହ କନ୍ଧମାଳ ଜିଲ୍ଲାର ବିଭିନ୍ନ ଅସୁବିଧାକୁ ନେଇ ଆଲୋଚନା କରିଥିଲେ ।

# ଆଦିବାସୀ କଳା,ସଂସ୍କୃତି ଓ ପରମ୍ପରାର ଅପୂର୍ବ ମିଳନ: ଚଟା ଦଶହରା

ଝରିଗାଁ/ଉମରକୋଟ (ଭାସ୍କର ନ୍ୟୁଜ): ଝରିଗାଁ ଚଟା ମଣ୍ଡେଇ, କେଉଁ ଅନାଦିକାଳରୁ ଏହି ଯାତ୍ରା ପ୍ରତିବର୍ଷ ସମୟକ୍ରମେ ପିଢ଼ି ପିଢ଼ି ଧରି ଖୁବ ଧୂମଧାମରେ ପାଳିତ ହୋଇ ଆସୁଛି। ପ୍ରତିବର୍ଷ ଲୋକଙ୍କ ଅମଳ ସରିଯିବା ପରେ ପୌଷ କିମ୍ବା ମାଘ ମାସରେ ଅନୁଷ୍ଠିତ ହୋଇଥାଏ ଏହି ଚଟା ମଣ୍ଡେଇ ବା ଚଟା ଦଶହରା। ଏହି ପାରମ୍ପରିକ ସାଂସ୍କୃତିକ ଯାତ୍ରା କୁ ଉପଭୋଗ କରିବା ପାଇଁ ଅପେକ୍ଷା କରିଥାନ୍ତି ଅଞ୍ଚଳବାସୀ। ଚଟା ଦଶହରା ନା ଶୁଣିବା ମାତ୍ରେ ଏହାକୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ବେଶ ଆଗ୍ରହ ଦେଖାଦେଇଥାଏ। ଏଠାରେ ନୃତ୍ୟ ଗୀତର ତାଳେ ତାଳେ ଏ ଅଂଚଳର ସଂସ୍କୃତି ପରମ୍ପରାର ଝଲକ ବେଶ ଆକର୍ଷିତ କରିଥାଏ ଦର୍ଶକଙ୍କୁ । ଏଠି ସଂସ୍କୃତି ପରମ୍ପରା ଏବଂ କଳା ର ଅପୂର୍ବ ମିଳନ ଘଟିଥାଏ। ଚଟାର ଆରାଧ ଦେବତା ବୁଢ଼ା ଚାଉଁରିଆଙ୍କ ନିମନ୍ତ୍ରଣରେ ବିଭିନ୍ନ ଗ୍ରାମରୁ ଦେବାଦେବୀ ଏହି ଚଟା ଠାରେ ଏକତ୍ରିତ ହୋଇଥାନ୍ତି। ସମସ୍ତ ଦେବଦେବୀଙ୍କୁ ନେଇ ପୂଜାରୀ ଏବଂ ଗ୍ରାମବାସୀ ଉପସ୍ଥିତ ହୋଇଥାନ୍ତି ଏବଂ ଏକ ଭାବ ଭକ୍ତି ଭରା ପରିବେଶ ସୃଷ୍ଟି ହୋଇଥାଏ। ନିମନ୍ତ୍ରିତ ଦେବାଦେବୀ ନିଜର ଉପସ୍ଥିତି ଜାହିର କରିବା ପାଇଁ



ବିଭିନ୍ନ ପ୍ରକାର ଶକ୍ତି ପ୍ରଦର୍ଶନ କରିଥାନ୍ତି, ମୁନିଆ କଣ୍ଟା ଦୋଳିରେ ଝୁଲିବା ସହ କଣ୍ଟା ଚାବୁକ ରେ ଶରୀରକୁ ଆଘାତ କରିଥାନ୍ତି ଏବଂ ଲୋକଙ୍କୁ ଫୁଲ ଚାଉଳ ଦେଇ ଆଶୀର୍ବାଦ ମଧ କରିଥାନ୍ତି। ଏହି ଦଶହରା ଦେଖିବା ଲାଗି ବିଭିନ୍ନ ଅଞ୍ଚଳରୁ ଆବାଳ ବୃଦ୍ଧ ବନିତା ଚଟା ଆସିଥାନ୍ତି। ଏଠି ବଜାର ବସିଥାଏ। ଖୁବ ଭିଡ଼ ଜମିଥାଏ । ଅପରପକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ମଞ୍ଚ ଯୋଗାଡ଼ ହୋଇଥିଲା। ଚଳିତ ବର୍ଷ ମଞ୍ଚରେଓଡ଼ିଶାର ଆରାଧ ଦେବ ଶ୍ରୀଜଗନ୍ନାଥ ଙ୍କ ପ୍ରତିମୂର୍ତ୍ତି ସହ ଚନ୍ଦନ ଧାର ଜଳପ୍ରପାତ ଏବଂ ଆଦିବାସୀ ସଂସ୍କୃତିର କୁଟୀର ବେଶ ଆକର୍ଷଣ ଥିଲା। ଦୁଇଦିନ ଧରି ଏହି ପର୍ବ ପାଳନ ହୋଇଥିବା ବେଳେ କଳାହାଣ୍ଡି ଏବଂ ନବରଙ୍ଗପୁର ଅଞ୍ଚଳରୁ ଘୁମୁରା ନାଚ ଏବଂ ବିଭିନ୍ନ ପ୍ରକାର ପାରମ୍ପରିକ ବାଜାବାଜଣା ସହ ନୃତ୍ୟ ପରିବେଷଣ କୁ ଦର୍ଶକ ଖୁବ ଉପଭୋଗ କରିଥିଲେ।

## ଜାତୀୟ ଯୁବ ସପ୍ତାହ ପାଳିତ

ମାଲକାନଗିରି(ଭାସ୍କର ନ୍ୟୁଜ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ନେହେରୁ ଯୁବ କେନ୍ଦ୍ରର ମିଳିତ ଆନୁକୁଲ୍ୟରେ ନାୟକଗୁଡା ସ୍ଥିତ ଜିଲ୍ଲା ସ୍ୱତନ୍ତ୍ର ବିଦ୍ୟାଳୟ ଠାରେ ଜାତୀୟ ଯୁବ ସପ୍ତାହ ପାଳନ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନେହେରୁ ଯୁବ କେନ୍ଦ୍ର ଦ୍ୱାରା ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୁବ ଅଧିକାରୀ ହରିଶ ରୂପଲ୍ ଯୋଗ ଦେଇଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧରୁଆ, ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ମନସ୍ୱୀ ସେଠୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଓ ଜିଲ୍ଲା ମୁଖ୍ୟାଳୟ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଉପସ୍ଥିତ ଥିଲେ। ଜିଲ୍ଲା ସ୍ୱତନ୍ତ୍ର ବିଦ୍ୟାଳୟର ସୁପରିଟେଣ୍ଡେଣ୍ଟ ତଥା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଜଙ୍ଗଲ ଓ ପରିବେଶ ବିଭାଗ ସହଯୋଗରେ କାର୍ଯ୍ୟ କରୁଥିବା ସୃଷ୍ଟି ଏନଜିଓ ସଦସ୍ୟ ହୃଷୀକେଶ ପଣ୍ଡା ଯୋଗ ଦେଇ ବୃକ୍ଷରୋପଣର ଉପକାରୀତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ନେହେରୁ ଯୁବ କେନ୍ଦ୍ର କର୍ମଚାରୀ ଓ ଜିଲ୍ଲା ସ୍ୱତନ୍ତ୍ର ବିଦ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।



## ବିଭିନ୍ନ ରାଜସ୍ୱ ଗ୍ରାମ ଗସ୍ତକରି ସମସ୍ୟା ସଂପର୍କରେ ଆଲୋଚନା କଲେ ସାଂସଦ



ଝରିଗାଁ (ଭାସ୍କର ନ୍ୟୁଜ): ନବରଙ୍ଗପୁର ଲୋକସଭା ସାଂସଦ ଝରିଗାଁର ବ୍ଲକର ବିଭିନ୍ନ ରାଜସ୍ୱ ଗ୍ରାମ ଗସ୍ତକରି ଗ୍ରାମର ଜନସାଧାରଣଙ୍କ ସହ ବିଭିନ୍ନ ସମସ୍ୟା ଓ ତାର ପ୍ରତିକାର ଉପରେ ଆଲୋଚନା କରିଛନ୍ତି ।ବିଶେଷ କରି ଦାଦନ ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଇଥିବା ଶ୍ରୀ ମାଝୀ ନିଜ ପ୍ରତିକ୍ରିୟାରେ କରିଛନ୍ତି । ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣ ବାହାର ରାଜ୍ୟକୁ ଦାଦନ ଖଟିବାକୁ ନଯାଇ ନିଜ ଅଞ୍ଚଳରେ କେମିତି କାମ କରି ପରିବାର ସହ ଖୁସିରେ ଜୀବନଯାପନ କରିବେ, ଗ୍ରାମର ମୌଳିକ ସମସ୍ୟା ସବୁର କିପରି ସ୍ଥାୟୀ ସମାଧାନ ହୋଇପାରିବ ସେଥିପ୍ରତି ସରକାର ପଦକ୍ଷେପ ନେଉଥିବା ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି । ପ୍ରଥମେ ନୂଆଗାଁ ଗସ୍ତ କରି ଜନସାଧାରଣଙ୍କୁ ସାକ୍ଷାତ କରି ଗମନା ଗମନ ଓ ପାନୀୟ ଜଳ ତଥା ଗ୍ରାମର ଅନ୍ୟାନ୍ୟ ସମସ୍ୟା ସବୁ ପଚାରି ବୁଝିବା ସହ ତାର ଯଥାଶୀଘ୍ର ସମାଧାନ କରିବାକୁ ପ୍ରତିଶୃତି ଦେଇଥିଲେ । ରେ ଉକ୍ତ ଗ୍ରାମର ଅଙ୍ଗନବାଡି କେନ୍ଦ୍ର ଓ ବିଦ୍ୟାଳୟକୁ ମଧ ପରିଦର୍ଶନ କରି ଅଙ୍ଗନବାଡି କର୍ମୀ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ସେଇଠୁ ଜୁନାପାନୀ ଗ୍ରାମକୁ ଗସ୍ତ କରି ଗ୍ରାମର ଜନସାଧାରଣ ମାନଙ୍କ ସହ ବିଭିନ୍ନ ସମସ୍ୟା ସବୁ ଉପରେ ଆଲୋଚନା କରିବା ସହ ଏନ ଆରଏଜିଏସ କାମ ସବୁ କରିବାକୁ ପରାମର୍ଶ ଦେଇଥିଲେ ।ପରେ ବେଲଗାଁ ପଞ୍ଚାୟତ ସଦର ମହକୁମାରେ ପହଞ୍ଚି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ଉଦ୍ଘାଟନ ଉତ୍ସବରେ ଯୋଗଦେଇ ଜେଇ, ଆରଆଇ ମାନଙ୍କୁ କାମ ସବୁ ଠିକରେ ତଦାରଖ କରିବାକୁ ପରାମର୍ଶ ଦେଇଥିଲେ ।ଅନ୍ୟମାନଙ୍କ ମଧରେ ଝରିଗାଁ ବିଧାୟକ ନରସିଂହ ଭତରା,ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ସମାଜସେବୀ ପ୍ରଫୁଲ୍ଲ ପ୍ରଧାନୀ, ଗିରି ପାଣ୍ଡେ ପ୍ରମୁଖ ସାଂସଦ ଓ ବିଧାୟକଙ୍କ ଗସ୍ତ ସମୟରେ ଉପସ୍ଥିତ ରହିଥିଲେ ।

## ସଡ଼କ ସୁରକ୍ଷା ସଚେତନତା ରାଲି



ଗୁଣୁପୁର(ଭାସ୍କର ନ୍ୟୁଜ): ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ରାଲି ଅନୁଷ୍ଠିତ ହୋଇ ଯାଇଛି ।ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ଡ. ଏଭିଏନଏଲ ଶର୍ମା ଯୋଗ ଦେଇ ସଡକ ସୁରକ୍ଷା ବିଷୟରେ କହିବା ସହ ସମସ୍ତେ ଏ ଦିଗରେ ଯତ୍ନବାନ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ରାଲି ସ୍ଥାନୀୟ ନୂଆ ବସଷ୍ଟାଣ୍ଡ ଠାରୁ ବାହାରି ଗୁଣୁପୁର ମହାବିଦ୍ୟାଳୟ ଠାରେ ସମାପନ ହୋଇଥିଲା। ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ବାଣୀ ପ୍ରସାଦ ନାୟକ, ଘନିଷ୍ଠା ପୃଷ୍ଟି , ସଦସ୍ୟ ପ୍ରମୋଦ ରଞ୍ଜନ ପଣ୍ଡା, ବି. ପ୍ରିୟଙ୍କା, ଡ.ନିର୍ମଳା ପଟେଲ, ନିହାରିକା ପଟେଲ , ଧୂମେଶ ମେହେର ସେହିପରି ସମର ଶିକ୍ଷାର୍ଥୀ ବାହିନୀର ଅଧିକାରୀ ଚିନ୍ମୟ ରଞ୍ଜନ ସ୍ୱାଇଁ, ସିଭିଲ୍ ବିଭାଗ ର ମୁଖ୍ୟ ପ୍ରଫେସର ଆଶିଷ କୁମାର ସାମଲସହକାରୀ ସୁରକ୍ଷା ଅଧିକାରୀ ପବିତ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସଧାରଣ ଜନତା, ବାଇକ ଆରୋହୀ , ଅଟୋ ଚାଳକ ଙ୍କୁ ଏହି ସଡକ ସୁରକ୍ଷା ବିଷୟରେ ସଚେତନତା କରିଥିଲେ। ସେବା ଯୋଜନାର ସ୍ୱେଚ୍ଛାସେବୀ ଓ ସମର ଶିକ୍ଷାର୍ଥୀ ବାହିନୀର କେଡର ମାନେ ଏହି ରାଲି ଅଂଶ ଗ୍ରହଣ କରିଥିଲେ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

କୋରାପୁଟ (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ଜିଲ୍ଲାପାଳ ଭି.କୀର୍ତିଭାସନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକ ଉତ୍ସବ ପାଳନ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ବକ୍ତୃତା, ଦେଶାତ୍ମବୋଧକ ସଂଗୀତ, କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବ । ୨୫ ତାରିଖ ଦିନ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଆଲୋକୀକରଣ କରିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା । ସାଧାରଣତନ୍ତ୍ର ପାଳନ ଅବସରରେ ରକ୍ତଦାନ ଶିବିର ଆୟୋଜନ କରାଯିବ । ତେଣୁ ସମସ୍ତ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ । ଏହି ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବ । ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଅଭ୍ୟାସଗତ ପ୍ୟାରେଡ୍ ଆୟୋଜନ କରାଯିବ । ୨୬ ତାରିଖ ଭୋର ୫ଟାରେ




ଡାକବାଜି ଯନ୍ତ୍ର ଦ୍ୱାରା ସହରରେ ରାମଧୂନ ଗାନ କରାଯିବ । ସକାଳ ୭ଟାରୁ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକରେ ଜାତୀୟ ପତାକା ଉତ୍ତୋଳନ କରାଯିବ ଏବଂ ସକାଳ ସାଢେ ୮ଟାରେ ପୋଲିସ ପଡିଆରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ପ୍ରଜ୍ଞାପନ ମେଢ ପ୍ରଦର୍ଶିତ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ କୋରାପୁଟ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହି ଅଧିକାରୀ ବେଣୁଧର ଶବର, ବ୍ଲକ ଅଧକ୍ଷା ନମିତା ମାଝି, ଜିଲ୍ଲା ବିଜେପି ସଭାପତି ସୁମନ୍ତ କୁମାର ପ୍ରଧାନ, ଜିଲ୍ଲା ପୋଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ସିସା ବୈଠକ ପରିଚାଳନା କରିଥିବା ବେଳେ କାର୍ଯ୍ୟାଳୟର ସତ୍ୟନାରାୟଣ ପ୍ରଧାନ, ଏ କେ ବେହେରା, ସନ୍ତୋଷ କୁମାର ସେଠୀ ପ୍ରମୁଖ ସହଯୋଗ କରିଥିଲେ ।

## ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ଉଦ୍‌ଯାପିତ



ବାଲିମେଳା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ ପକ୍ଷରୁ ଅଷ୍ଟଦିବସୀୟ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିବାବେଳେ ଆଜି ଦିନ ୧୨.୩୦ ସମୟରେ ଏହାର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ମହାବିଦ୍ୟାଳୟ ଅଧକ୍ଷ ରବିନ୍ଦ୍ରନାଥ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମହାବିଦ୍ୟାଳୟ ବରିଷ୍ଠ ଅଧାପିକା ସବିତା ଭୁକ୍ତା ଓ ମମତା ପାତ୍ର ଯୋଗ ଦେଇ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲିମ ଗ୍ରହଣର ଉପଯୋଗିତା ସମ୍ପର୍କରେ ଅନେକ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲିମେଳା ବନଖଣ୍ଡ ରେଞ୍ଜର ଲିସ୍ମିତା କହଁର ଯୋଗ ଦେଇଥିଲେ। ଉକ୍ତ ପ୍ରଶିକ୍ଷଣ ଶିବିରରେ ୧୬୦ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିବାବେଳେ ମାଷ୍ଟର ଟ୍ରେନର୍ ଶୈଳଜା ସାହାଣୀ ଓ ରାଜଲକ୍ଷ୍ମୀ ମାଡ଼କାମୀ ଛାତ୍ରୀମାନଙ୍କୁ ଏତେ ଦିନ ଧରି ତାଲିମ ପ୍ରଦାନ କରିଥିବା ହେତୁ ଉଭୟଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଶେଷରେ କିଛି ଛାତ୍ରୀମାନଙ୍କୁ ସାର୍ଟିଫିକେଟ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜିକା ଅଧାପିକା ସୁଶ୍ରୀ ବନିତା ନାୟକ ଓ ସୁଶ୍ରୀ ରଶ୍ମି ସରକାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଶିବିର ପରିଚାଳନାରେ ଅଧାପିକା ରେଶ୍ମା ବିଶ୍ୱାସ ସହଯୋଗ କରିଥିଲେ ।



ନୂଆଦିଲ୍ଲୀ: ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ (ପିଏମ୍-ଏଭିଆଇଏମ୍) କାର୍ଯ୍ୟକାରୀ ହେବା ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି । ଦିଲ୍ଲୀ ହାଇକୋର୍ଟ ତାଙ୍କ ଏକ ନିର୍ଦ୍ଦେଶରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଦିଲ୍ଲୀ ସରକାରଙ୍କ ମଧ୍ୟରେ ବୁଝାମଣା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୁଝାମଣା ଅନୁଯାୟୀ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ (ପିଏମ୍-ଏଭିଆଇଏମ୍) କୁ ଜାତୀୟ ରାଜଧାନୀରେ କାର୍ଯ୍ୟକାରୀ କରାଯିବାର ଥିଲା । ତେବେ ଏବେ ସୁପ୍ରିମକୋର୍ଟ ଦିଲ୍ଲୀ ହାଇକୋର୍ଟଙ୍କ ରାୟ ଉପରେ ରୋକ ଲଗାଇଛନ୍ତି । ଜଷ୍ଟିସ ବିଆର୍ ଗଭାଇ ଏବଂ ଜଷ୍ଟିସ ଏଜି ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ହାଇକୋର୍ଟଙ୍କ ଆଦେଶ ଉପରେ ରହିତାଦେଶ ଜାରି କରିଛନ୍ତି । ଦିଲ୍ଲୀ ହାଇକୋର୍ଟଙ୍କ ରାୟକୁ ଦିଲ୍ଲୀ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ଏବେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରି ଜବାବ ମାଗିଛନ୍ତି । ଦିଲ୍ଲୀ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ସୁପ୍ରିମକୋର୍ଟରେ ହାଜର ହୋଇଥିଲେ ।

### ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋ ଉଦ୍‌ଘାଟିତ

## ସହଜ ଗମନାଗମନ ଭାରତ ପାଇଁ ସର୍ବୋଚ୍ଚ ପ୍ରାଥମିକତା: ମୋଦୀ




ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଭାରତର ସର୍ବବୃହତ ମୋବିଲିଟି ଏକ୍ସପୋ 'ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋ -୨୦୨୫'କୁ ଉଦଘାଟନ କରିଛନ୍ତି । ସଭାକୁ ସମ୍ବୋଧିତ କରି ସେ କ୍ରମାଗତଭାବେ ତୃତୀୟଥର ପାଇଁ ସରକାର ଗଠନ ଲାଗି ନିର୍ବାଚିତ ହୋଇଥିବାରୁ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଚଳିତ ବର୍ଷ ଜାତୀୟ ରାଜଧାନୀ ଅଞ୍ଚଳର ଆଉ ଦୁଇଟି ସ୍ଥାନକୁ ଏହି ପ୍ରଦର୍ଶନୀର କାର୍ଯ୍ୟ ବିସ୍ତାର ହୋଇଥିବା ଉଲ୍ଲେଖ କରି ସେ ଏହି ବର୍ଷର ମୋବିଲିଟି ଏକ୍ସପୋକୁ ବହୁତ ବଡ଼ ଆକାର ନେଇଥିବା କହିଛନ୍ତି । ଗତବର୍ଷ ଏହି ପ୍ରଦର୍ଶନୀରେ ୮୦୦ରୁ ଅଧିକ ପ୍ରଦର୍ଶକ ଏବଂ ଦେଢ଼ ଲକ୍ଷରୁ ଅଧିକ ଦର୍ଶକ ଆସିଥିଲେ । ଏଥର ଏଠାରେ ଦର୍ଶକଙ୍କ ସଂଖ୍ୟା ଆହୁରି ବଢ଼ିବ ବୋଲି ଆଶା କରାଯାଉଛି । ଚଳିତ ପ୍ରଦର୍ଶନୀ ସମ୍ପର୍କରେ ଅର୍ଥାତ ଆସନ୍ତା ୫ ଦିନ ମଧ୍ୟରେ ଅନେକ ନୂଆ ଯାନ ଏଠାରେ ଉନ୍ମୋଚନ କରାଯିବ ଏବଂ ଏଥିରେ ବହୁ ପ୍ରତିନିଧି ଯୋଗ ଦେବେ ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି । ଏହି ଅଭିବୃଦ୍ଧି ଭାରତରେ ଯାତାୟାତ କ୍ଷେତ୍ରର ଭବିଷ୍ୟତ ସହ ଜଡ଼ିତ ବହୁତ ସକାରାତ୍ମକ ଦିଗକୁ ଦର୍ଶାଉଛି ବୋଲି ସେ ମତ ରଖିଛନ୍ତି । ପ୍ରଧାନମନ୍ତ୍ରୀ ଏହି ଭବ୍ୟ କାର୍ଯ୍ୟକ୍ରମ ଅବସରରେ ରତନ ଟାଟା ଏବଂ ଓସାମୁ ସୁଜୁକିଙ୍କୁ ମନେ ପକାଇଥିଲେ । ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ଏବଂ ତୃତୀୟ ବୃହତ୍ତମ ଯାତ୍ରୀବାହୀ ଯାନ ବଜାର ଭାବେ ପରିଚିତ ହେଉଛି । ଏହା ବିଶ୍ୱର ଶ୍ରେଷ୍ଠ ତିନି ଅଟୋ ବଜାର ଆଡ଼କୁ ମୁହାଁଉଛି । ଯେତେବେଳେ ଏହି ଯାତ୍ରାରେ ଦେଶ ଅଗ୍ରସର ହେବ, ଭାରତର ଅଟୋମୋବାଇଲ ବଜାରରେ ଅଭୂତପୂର୍ବ ପରିବର୍ତ୍ତନ ଓ ସମ୍ଭାବନା ଦେଖିବାକୁ ମିଳିବ ବୋଲି ସେ କହିଛନ୍ତି । ସମଗ୍ର ଭାରତରେ ବହୁ ଲେନ୍ ରାଜପଥ ଏବଂ ଏକ୍ସପ୍ରେସ୍ ୱେ ନିର୍ମାଣ କରାଯାଉଛି । ପୁଣି ପିଏମ୍ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ବହୁବିଧ ସଂଯୋଗକୁ ତ୍ୱରାନ୍ୱିତ କରିଛି ଏବଂ ପରିବହନ ଖର୍ଚ୍ଚ ହ୍ରାସ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଭାରତରେ ଅଟୋ ଶିଳ୍ପର ଅଭିବୃଦ୍ଧି ସମ୍ଭାବନାରେ 'ମେକ୍ ଇନ୍ ଇଣ୍ଡିଆ ଅଭିଯାନ' ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ପିଏଲଆଇ ଯୋଜନା ମେକ୍ ଇନ୍ ଇଣ୍ଡିଆ ଅଭିଯାନକୁ ତ୍ୱରାନ୍ୱିତ କରିଛି, ଯାହା ୨.୨୫ ଲକ୍ଷ କୋଟି ଟଙ୍କାରୁ ଅଧିକ ବିକ୍ରିରେ ସହାୟକ ହୋଇଛି । ବିଗତ କିଛି ବର୍ଷ ମଧ୍ୟରେ ଭାରତରେ ଇଲେକ୍ଟ୍ରିକ୍ ମୋବିଲିଟିର ଦ୍ରୁତ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମୋଦୀ କହିଥିଲେ ଯେ ଗତ ଦଶନ୍ଧି ମଧ୍ୟରେ ଇଲେକ୍ଟ୍ରିକ୍ ଯାନର ବିକ୍ରି ୬୪୦ ଗୁଣ ବୃଦ୍ଧି ପାଇଛି । ଗ୍ଲୋବାଲ ୱାର୍ମିଂ ଏବଂ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଆହ୍ୱାନ ମୁକାବିଲା ପାଇଁ ସୌର ଶକ୍ତି ଏବଂ ବିକଳ୍ପ ଇନ୍ଧନକୁ ନିରନ୍ତର ପ୍ରୋତ୍ସାହନ ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତର ଜି-୨୦ ଅଧ୍ୟକ୍ଷତା ସମୟରେ ସବୁଜ ଭବିଷ୍ୟତ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଭାରତରେ ଉଭୟ ଇଭି ଏବଂ ସୌର ଶକ୍ତି ଉପରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରାଯାଉଛି ବୋଲି ସେ କହିଥିଲେ । କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ଶ୍ରୀ ନିତିନ ଗଡକରୀ, କେନ୍ଦ୍ର ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ, କେନ୍ଦ୍ର ଭାରୀ ଶିଳ୍ପ ଏବଂ ଇସ୍ପାତ ମନ୍ତ୍ରୀ ଏଚ୍ ଡି କୁମାରସ୍ୱାମୀ, କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ, କେନ୍ଦ୍ର କ୍ଷୁଦ୍ର, ଅତି କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଜିତନ ରାମ ମାଝୀ, କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଏହି ଉତ୍ସବରେ ଉପସ୍ଥିତ ଥିଲେ ।

## ଛତିଶଗଡରେ ସ୍ୱଚ୍ଛ ପର୍ଯ୍ୟାବରଣ ଲକ୍ଷ୍ୟ ପୂରଣ ପାଇଁ ପ୍ରୟାସ ଜାରି : ବିଷ୍ଣୁଦେବ




ରାୟପୁର : ଛତିଶଗଡରେ ସ୍ୱଚ୍ଛ ପର୍ଯ୍ୟାବରଣ ଏବଂ ଶୂନ ପ୍ରଦୁ୍ୟଷଣ ଲକ୍ଷ୍ୟରେ ସରକାର କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ । ଶୁକ୍ରବାର ନିଜ ବାସଭବନରେ ଆୟୋଜିତ କମ୍ପୋଷ୍ଟ ବାୟୋ ଗ୍ୟାସ୍ ଉତ୍ପାଦନ ପାଇଁ ଛତିଶଗଡର ବାୟୋ ଫୁଲ୍ ବିକାଶ ପ୍ରାଧିକରଣ, ଗେଲ୍ ଇଣ୍ଡିଆ ଲିମିଟେଡ, ଭାରତୀୟ ପେଟ୍ରୋଲିୟମ ଏବଂ ପ୍ରଦେଶର ୬ନଗର ନିଗମ ମଧ୍ୟରେ ଐତିହାସିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ମୁଖ୍ୟମନ୍ତ୍ରୀ ଚୁକ୍ତିନାମା ସ୍ୱାକ୍ଷରିତ ପରେ ସମସ୍ତ ସଂସ୍ଥାକୁ ଏହି ଏଏମ୍‌ଓ ପାଇଁ ଧନ୍ୟବାଦ ପ୍ରଦାନ ସହ ସ୍ୱଚ୍ଛତା, ଉର୍ଜା ଉତ୍ପାଦନ ଏବଂ ଏହାର ବିକାଶ ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଶ୍ରୀ ସାଏ କହିଥିଲେ ଛତିଶଗଡର ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ସ୍ୱାକ୍ଷରିତ କରାଗଲା । କମ୍ପୋଷ୍ଟ ବାୟୋଗ୍ୟାସ ଉତ୍ପାଦନ ପାଇଁ ଏହା ଦିଶା ଦେଖାଇବ । ଫଳରେ ଛତିଶଗଡ ବିକାଶ ଦିଗରେ ଆଗକୁ ବଢ଼ିବାରେ ଏହା ସହାୟକ ହୋଇପାରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱଚ୍ଛ ଭାରତ ମିଶନ ଆରମ୍ଭ କରିଥିଲେ । ଯାହା ମାଧ୍ୟମରେ ଦେଶ ବାସୀ ନିଜର ପରିବେଶକୁ ସ୍ୱଚ୍ଛ ରଖିବା ସହ ସଚେତନତା ଜାରି ରଖିଥିଲେ । ସେ ଆହୁରି କହିଥିଲେ ଯେ ଛତିଶଗଡରେ ସ୍ୱଚ୍ଛତା ରଖିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ନଗର ନିଗମମାନେ ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ସଂକଳ୍ପ ମଧ୍ୟ ନେଇଛନ୍ତି । ଜୈବ ଇନ୍ଧନ କ୍ଷେତ୍ରରେ ବାୟୋ ଗ୍ୟାସର ଉତ୍ପାଦନ ଆମର ଉର୍ଜା ଆବଶ୍ୟକତାକୁ ପୂରଣ କରିପାରିବ ଓ ଶକ୍ତି କ୍ଷେତ୍ରରେଯେଉଁ ପରିକଳ୍ପନା କରାଯାଇଛି ତାହା ମଧ୍ୟ ସାକାର ହେବ ।

## ପ୍ରଧାନମନ୍ତ୍ରୀଙ୍କୁ କେଜରିୱାଲଙ୍କ ଚିଠି



ନୂଆଦିଲ୍ଲୀ: ଦିଲ୍ଲୀରେ ବିଧାନସଭା ନିର୍ବାଚନ ପୂର୍ବରୁ ଆମ ଆଦମୀ ପାର୍ଟିର ସଂଯୋଜକ ଅରବିନ୍ଦ କେଜରିୱାଲ ଏକ ବଡ଼ ବାଜି ଖେଳିଛନ୍ତି । ଯୁବ ଭୋଟରଙ୍କୁ ନିଜ ପାଖରେ ରଖିବା ପାଇଁ କେଜରିୱାଲ କେନ୍ଦ୍ର ନିକଟରେ ଏକ ବଡ଼ ଦାବି କରିଛନ୍ତି । ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଚିଠି ଲେଖି ମେଟ୍ରୋରେ ଛାତ୍ରୀଛାତ୍ରଙ୍କ ପାଇଁ ୫୦ ପ୍ରତିଶତ ରିହାତି ଦାବି କରିଛନ୍ତି । ସୂଚନାଯୋଗ୍ୟ, ଶୁକ୍ରବାର ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନର ଶେଷ ଦିନ । ଫେବୃଆରୀ ୫ରେ ଦିଲ୍ଲୀରେ ମତଦାନ ହେବ, ଯେତେବେଳେ କି ଫେବୃଆରୀ ୮ରେ ନିର୍ବାଚନ ଫଳାଫଳ ଘୋଷଣା କରାଯିବ । ସେହିପରି, ଆମ ଆଦମୀ ପାର୍ଟି (ଏଏପି) ବିଧାନସଭା ନିର୍ବାଚନ ପାଇଁ ଦିଲ୍ଲୀର ସମସ୍ତ ୭୦ଟି ଆସନରେ ନିଜର ପ୍ରାର୍ଥୀଙ୍କୁ ଛିଡ଼ା କରାଇଛି । ଅନ୍ୟପକ୍ଷରେ, ଭାଜପା ଏବଂ କଂଗ୍ରେସ ମଧ୍ୟ ସେମାନଙ୍କର ସମସ୍ତ ୭୦-୭୦ ପ୍ରାର୍ଥୀଙ୍କୁ ପ୍ରାର୍ଥୀ କରିଛନ୍ତି । ତଥାପି, ଭାଜପା ମେଣ୍ଟରେ ଥିବା ଅନ୍ୟ ଦୁଇ ଦଳ (ଜେଡିୟୁ-ଏଲଜେପି)କୁ ଗୋଟିଏ ଲେଖାଏଁ ଆସନ ଦେଇଛି ।

## କୃଷକଙ୍କ ବିରୋଧରେ ଆରେଷ୍ଟ ୱାରେଣ୍ଟ ଜାରି

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟି ମାମଲାରେ ଫିରୋଜପୁର କୋର୍ଟ ୨୫ଜଣ ଚାଷୀଙ୍କ ବିରୁଦ୍ଧରେ ଗିରଫ ପରୱାନା ଜାରି କରିଛନ୍ତି । ଏହି ମାମଲାରେ, IPCe ଧାରା ୩୦୭ ଏବଂ ହତ୍ୟା ଉଦ୍ୟମ ଧାରା ଯୋଡାଯାଇଛି । ୨୦୨୨ ମସିହାରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାଫଲାକୁ ପ୍ରଦର୍ଶନକାରୀମାନେ ଅଟକାଇ ଦେଇଥିଲେ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସେଠାରୁ ଫେରିବାକୁ ପଡିଥିଲା । ସେତେବେଳେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ କହିଥିଲା, 'ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦିଙ୍କ କାଫଲା ଏକ ଫ୍ଲାଏଓଭରରେ ପହଞ୍ଚିଲା, ସେତେବେଳେ ଜଣାପଡିଲା ଯେ କିଛି ପ୍ରଦର୍ଶନକାରୀ ରାସ୍ତା ଅବରୋଧ କରିଛନ୍ତି । ପ୍ରଧାନମନ୍ତ୍ରୀ ୧୫ ରୁ ୨୦ ମିନିଟ ପାଇଁ ଫ୍ଲାଏଓଭରରେ ଫସି ରହିଥିଲେ । ଏହା ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ଏକ ବଡ଼ ଭୁଲ ଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫ ଜାନୁଆରୀ ୨୦୨୨ରେ ଫିରୋଜପୁର ପିଜିଆଇ ସାଟେଲାଇଟ ସେଣ୍ଟରର ଶିଳାନ୍ୟାସ କରିବାକୁ ଯାଉଥିଲେ, କିନ୍ତୁ କିଛି ପ୍ରଦର୍ଶନକାରୀ ତାଙ୍କ କାଫଲାକୁ ଅଟକାଇ ଦେଇଥିଲେ, ଯାହା ଫଳରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରାୟ ୧୫ ମିନିଟ ପାଇଁ ପ୍ୟାରେଆନା ଗ୍ରାମର ସେତୁ ଉପରେ ଠିଆ ହୋଇ ଉଦଘାଟନ ନକରି ଫେରିଯିବାକୁ ପଡିଥିଲା । ଏହା ପରେ, ପୋଲିସ ୨୫ ଜଣ ଅଜଣା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିଥିଲା । ପୋଲିସ ଆଇପିସିର ଧାରା ୨୮୩ଲାଗୁ କରିଥିଲା, ଯଦିଓ ଏହା ଏକ ଜାମିନଯୋଗ୍ୟ ଧାରା ଥିଲା, କିନ୍ତୁ ପରେ ଫିରୋଜପୁର ପୋଲିସ ଏହି ମାମଲାରେ ଅପରାଧ ବୃଦ୍ଧି କରିଥିଲା ଏବଂ ୨୦/୧୨/୨୦୨୨ରେ ହତ୍ୟା ଉଦ୍ଦେଶ୍ୟ ପାଇଁ ଆଇପିସିର ଧାରା ୩୦୭, ୩୫୩, ୩୪୧, ୧୮୬, ୧୪୯ ଯୋଡିଥିଲା ।

## ଋଷୀୟ ସେନାରେ ଯୋଗଦେଇଥିବା ୧୨ ଭାରତୀୟଙ୍କ ମୃତ୍ୟୁ, ୧୬ ନିଖୋଜ



ନୂଆଦିଲ୍ଲୀ : ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଶୁକ୍ରବାର ସୂଚନା ଦେଇ କହିଛନ୍ତି ଯେ ୟୁକ୍ରେନ ବିରୋଧରେ ଯୁଦ୍ଧ ଲଢ଼ିବା ପାଇଁ ଋଷୀୟ ସେନାରେ କାର୍ଯ୍ୟରତ ଅନ୍ୟୁନ ୧୬ ଜଣ ଭାରତୀୟ ନାଗରିକ ନିଖୋଜ ଅଛନ୍ତି । ଏହା ଛଡା ଏହି ଯୁଦ୍ଧରେ ଋଷିଆ ପକ୍ଷରୁ ଲଢ଼ି ୧୨ ଜଣ ଭାରତୀୟଙ୍କ ମୃତ୍ୟୁ ହେଲାଣି । ଏଣୁ ୟୁକ୍ରେନ ଯୁଦ୍ଧରେ ଋଷିଆ ପକ୍ଷରୁ ଲଢ଼ୁଥିବା ଭାରତୀୟ ନାଗରିକଙ୍କ ସ୍ଥିତି ଏବେ ଦେଶ ପାଇଁ ଚିନ୍ତାଜନକ ହେଲାଣି । ଏହି ବୟାନ ଭାରତ ଦ୍ୱାରା ୟୁକ୍ରେନରେ କେରଳର ଜନୈକ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଋଷିଆ ସେନାରୁ ଭାରତୀୟ ନାଗରିକଙ୍କୁ ଯଥାଶୀଘ୍ର ଛୁଟି କରିବା ପାଇଁ ନୂଆ କରି ଅପିଲ କରାଯିବା ପରେ ଆସିଛି । ଋଷିଆ ପକ୍ଷରୁ ୟୁକ୍ରେନ ଉପରେ ଆକ୍ରମଣ କରାଯିବା ପରେ ହଜାର ହଜାର ବିଦେଶୀ ନାଗରିକଙ୍କୁ ଏହି ଯୁଦ୍ଧରେ ଲଢ଼ିବା ପାଇଁ ଭର୍ତ୍ତିକରାଯାଇଛି । ଏଥିରେ ଅନେକ ଭାରତୀୟ ମଧ୍ୟ ଅଛନ୍ତି । ବିଦେଶ ମନ୍ତ୍ରାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଶୁକ୍ରବାର ବ୍ରିଫିଂରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଋଷିଆ ସେନାରେ ସାମିଲ ଭାରତୀୟ ନାଗରିକଙ୍କ ସମ୍ପର୍କରେ ଏ ପର୍ଯ୍ୟନ୍ତ ୧୨୬ଟି ମାମଲା ସାମ୍ନାକୁ ଆସିଛି । ଏଥିରୁ ୯୬ ଜଣ ଭାରତ ଫେରି ଆସିଛନ୍ତି । ସେମାନଙ୍କୁ ଋଷିଆ ସଶସ୍ତ୍ର ବଳରୁ ଛୁଟି ଦେଇଦିଆଯାଇଛି । ତଥାପି ଋଷିଆ ସେନାରେ ଏବେବି ୧୮ ଜଣ ଭାରତୀୟ ସୈନିକ ଲଢୁଛନ୍ତି । ଏମାନଙ୍କ ମଧ୍ୟରୁ ୧୬ ଜଣଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରୁ ନାହିଁ । ଜୟସ୍ୱାଲ କହିଛନ୍ତି ଯେ ଋଷିଆରେ ୧୬ ଜଣ ଭାରତୀୟ ନାଗରିକଙ୍କୁ ନିଖୋଜ ମନେ କରାଯାଉଛି । ତେବେ ଭାରତ ବଳକା ଲୋକଙ୍କୁ ତୁରନ୍ତ ସେନାରୁ ମୁକ୍ତ କରିବାକୁ ଓ ସ୍ୱଦେଶ ପଠାଇ ଦେବାକୁ ଦାବି କରିଆସୁଛି । ତେବେ ମୃତକଙ୍କ ସମ୍ପର୍କରେ ସୂଚନା ଦେଇ ଜୟସ୍ୱାଲ କହିଛନ୍ତି ଯେ ଏ ପର୍ଯ୍ୟନ୍ତ ୧୨ ଜଣ ଭାରତୀୟ ନାଗରିକ ପ୍ରାଣ ହରେଇଲେଣି । ବିଭିନ୍ନ ଅନୁମାନ ଅନୁସାରେ ୟୁକ୍ରେନ ଯୁଦ୍ଧରେ ଋଷିଆ ୫୫ରୁ ୬୦ ହଜାର ବିଦେଶୀ ଯୋଦ୍ଧାଙ୍କୁ ମୁତୟନ କରିଛି । ରିପୋର୍ଟ ଅନୁସାରେ ଏହି ଯୋଦ୍ଧାମାନେ ଭାରତୀୟ, ନେପାଳୀ, ଘାନା ଓ ୟେମେନ ଭଳି ଅନେକ ଦେଶର ନାଗରିକ ।

# ବାଣିଜ୍ୟ




ମୁମ୍ବାଇ: ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ୍ (ଆରଆରଭିଏଲ) ୨୦୨୪ରେ ମୋଟ ୭୭୯ଟି ନୂଆ ଷ୍ଟୋର ଖୋଲିଛି । ରିଲାଏନ୍ସର ତ୍ରୈମାସିକ ଆର୍ଥିକ ଫଳାଫଳ ରିପୋର୍ଟ ଅନୁଯାୟୀ, କମ୍ପାନୀ ଗତ ବର୍ଷରେ ପ୍ରତିଦିନ ୨ରୁ ଅଧିକ ନୂଆ ଷ୍ଟୋର ଖୋଲିଥିଲା । ଯାହା କମ୍ପାନିର ଏକ ରେକର୍ଡ ମଧ୍ୟ । ଏହା ସହ ସାରା ଦେଶରେ ରିଲାଏନ୍ସ ରିଟେଲ ଷ୍ଟୋର ସଂଖ୍ୟା ବର୍ତ୍ତମାନ ୧୯,୧୦୨କୁ ବୃଦ୍ଧି ପାଇଛି । ସେହିଭଳି ଗତ ବର୍ଷ ୨୯ କୋଟି ୬୦ ଲକ୍ଷ ଗ୍ରାହକ ସପିଂ ପାଇଁ ଆସିଥିଲେ । ଅକ୍ଟୋବରରୁ ଡିସେମ୍ବର ଯାଏଁ ରହିଥିବା ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସରେ ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ୍ ୯୦,୩୩୩ କୋଟି ଟଙ୍କାର ରାଜସ୍ୱ ହାସଲ କରିଛି । ଏହା ଗତ ବର୍ଷ ସମାନ ସମୟ ତୁଳନାରେ ୮.୮% ଅଧିକ ରହିଛି । ତୃତୀୟ ତ୍ରୈମାସିକ ଫଳାଫଳ ନେଇ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଚେୟାରମ୍ୟାନ୍ ମୁକେଶ ଅମ୍ବାନୀ କହିଛନ୍ତି, ଖୁଚୁରା ବିଭାଗର ସମସ୍ତ ଫର୍ମାଟ୍ ମହତ୍ୱପୂର୍ଣ୍ଣ ଅବଦାନ ସହିତ ଦୃଢ ପ୍ରଦର୍ଶନ କରିଛି । ରିଲାଏନ୍ସ ରିଟେଲ ଏହାର ବ୍ୟାପକ ସମ୍ପ୍ରସାରଣ ଏବଂ ବିବିଧ ଉତ୍ପାଦ ମାଧ୍ୟମରେ ଗ୍ରାହକଙ୍କ ସପିଂ ଅଭିଜ୍ଞତାକୁ ଉନ୍ନତ କରିବାକୁ କ୍ରମାଗତ ଭାବରେ ଚେଷ୍ଟା ଜାରି ରଖିଛି ।

## ଜେମ୍ସ ଷ୍ଟୋନ ଜୁଏଲାରୀ ଫେଷ୍ଟିଭାଲ ପାଇଁ ମାଲାବାର ଗୋଲ୍ଡ ଏବଂ ଡାଇମଣ୍ଡ ଉପରେ ଆକର୍ଷଣୀୟ ଅଫର




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ମାଲବାର ଗୋଲ୍ଡ ଏବଂ ଡାଇମଣ୍ଡ ତା'ର ଗ୍ରାହକମାନଙ୍କ ପାଇଁ ଜେମ୍ସ ଷ୍ଟୋନ ଜୁଏଲାରୀ ପାଇଁ ଆକର୍ଷଣୀୟ ଅଫର ପ୍ରଦାନ କରୁଛନ୍ତି । ଗ୍ରାହକମାନଙ୍କୁ ଜୁଏଲାରୀ କ୍ଷେତ୍ରରେ ଅଧିକ ସୁବିଧା ଦେବା ପାଇଁ ଏହା କରାଯାଉଛି ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ଜେଏମ୍ସ ଷ୍ଟୋନ ଫେଷ୍ଟ ଅଭିନେତ୍ରୀ ମିଥିଙ୍କ ଦ୍ୱାରା ଲଞ୍ଚ କରାଯାଇଥିବା ବେଳେ ମାଲାବାର ଗୋଲ୍ଡ ଏବଂ ଡାଇମେଣ୍ଡର ଭୁବନେଶ୍ୱର ପରିଚାଳନା ଟିମ୍ ଉପସ୍ଥିତ ରହିଥିଲେ । ଫେଷ୍ଟିଭାଲ ଚାଲିଥିବା ସମୟରେ ଗ୍ରାହକମାନେ ମେକିଂ ଚାର୍ଜ ଉପରେ ୨୫% ଏବଂ ଜେଏମ୍ସ ଷ୍ଟୋନ ଏବଂ କଟାଯାଇନଥିବା ଜୁଏଲାରୀ ଉପରେ ୨୫% ରିହାତି ପାଇପାରିବେ । ଏହି ଆକର୍ଷଣୀୟ ଅଫର ଜନପ୍ରିୟ ଏରା, ପ୍ରେଶିଆ ଏବଂ ଭିରାଜ କଲେକ୍ସନ ଉପରେ ପ୍ରଦାନ କରାଯିବ । ଏହି ସୁବିଧା ଫେବୃଆରୀ ୧୬, ୨୦୨୫ ପର୍ଯ୍ୟନ୍ତ ଉପଲବ୍ଧ ହେବ । ଗ୍ରାହକମାନେ ସେମାନଙ୍କ ଆବଶ୍ୟକ ଅଳଙ୍କାର ୧୦% ଅଗ୍ରୀମ ଦେଇ ସୁରକ୍ଷିତ ରଖିପାରିବେ । ମାଲାବାର ଗୋଲ୍ଡ ଏବଂ ଡାଇମଣ୍ଡ ଯେକି ପ୍ରଥମ ଗହଣା ନିର୍ମାଣକାରୀ ୧୦୦% ହଲ୍ ମାର୍କିଂ ଗ୍ୟାରେଣ୍ଟି ଦେଉଛନ୍ତି । ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି ଯେ, ଗୁଣବତ୍ତା, ସ୍ୱଚ୍ଛତା ଏବଂ ଅଧିକ ଦିନ ଉପଭୋଗ କରିବାକୁ ଥିବା ଏହି ଗହଣା ଅତ୍ୟନ୍ତ ବିଶ୍ୱସନୀୟ ।

## ଡାଲମିଆ ସିମେଣ୍ଟ କାରଖାନାରେ ଅଘଟଣ: ଉଦ୍ଧାର କାର୍ଯ୍ୟ ଜାରି

ସୁନ୍ଦରଗଡ଼/ ରାଜଗାଙ୍ଗପୁର (ଭାସ୍କର ନ୍ୟୁଜ୍) : ରାଜଗାଙ୍ଗପୁର ଡାଲ୍‌ମିଆ ସିମେଣ୍ଟ ଭାରତ ଲିମିଟେଡ୍ (ଡିସିବିଏଲ୍) କାରଖାନାରେ ଘଟିଥିବା ବଡ଼ ଅଘଟଣ ଘଟିବାର ୨୧ ଘଣ୍ଟା ପରେ ପ୍ରେସ ଇସ୍ତାହାର ଜାରି କରି ୩ଜଣ ନିଖୋଜ ଥିବା କଂପାନୀ ସ୍ୱୀକାର କରିଛି । ଏହାଛଡ଼ା କଂପାନୀ ପକ୍ଷରୁ କୁହାଯାଇଛି ଯେ ଗୁରୁତରମାନଙ୍କୁ ସ୍ୱତନ୍ତ୍ର ହସ୍ପିଟାଲକୁ ନିଆଯାଇଛି । ଲାଇନ୍-୨ରେ ଥିବା ୨୭ ମେଗାୱାଟ୍ ପ୍ଲାଣ୍ଟର ୧୨୫ ଟିପିଏଚ୍ ସିଏଫ୍‌ବିସି ବଏଲରର ଦୁଇଟି ଯାକ କୋଇଲା ବଙ୍କର ଭାଙ୍ଗି ଯାଇଥିଲା । ଫଳରେ ପ୍ରାୟ ୮୦୦ ଟନ୍ କୋଇଲା ଗୁଣ୍ଡର କୃତ୍ରିମ ପାହାଡ଼ ସୃଷ୍ଟି ହୋଇଥିଲା । ଏହାରି ତଳେ ଶ୍ରମିକମାନେ ଚାପି ହୋଇ ରହିଥିଲେ । ଘଟଣାସ୍ଥଳରେ କ୍ରେନ୍, ଆମ୍ବୁଲାନ୍ସ, ଦମକଳବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି ।

## ହୋଣ୍ଡା ପକ୍ଷରୁ ସିବି୬୫୦ଆର୍ ଏବଂ ସିବିଆର୬୫୦ଆର୍ ର ଶୁଭାରମ୍ଭ



ନୂଆଦିଲ୍ଲୀ : ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ । (ଏଚ୍ଏମଏସଆଇ) ଏହାର ପ୍ରିମିୟମ ମୋଟରସାଇକେଲ ପ୍ରସ୍ତୁତିକୁ ଅଧିକ ଦୃଢ଼ିଭୂତକରିବାକୁ ଯାଇ ଅଧୁନା ସଂସ୍କରଣ ସିବି୬୫୦ ଆର ଏବଂ ସିବିଆର୬୫୦ଆର ର ଶୁଭାରମ୍ଭ କରିଛି । ଏହି ନୂତନ ପ୍ରିମିୟମ ମୋଟରସାଇକେଲର ପରିଚୟ ପର୍ବ ଅବସରରେ ମତବ୍ୟକ୍ତ କରି ସୁତ୍ସୁମୁ ଓଟାନୀ, ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ କହିଛନ୍ତି, 'ଆମେ ଅତ୍ୟନ୍ତ ଆନନ୍ଦର ସହିତ ଆମର ନୂତନ ଅଧୁନତମ ସଂସ୍କରଣସିବି ୬୫୦ଆର ଏବଂ ସିବିଆର ୬୫୦ଆର ଭାରତରେ ଆମର ଗ୍ରାହକମାନଙ୍କ ପାଖରେ ଉପସ୍ଥାପନ କରିବାକୁ ଯାଉଅଛୁ । ପ୍ରିମିୟମ ମୋଟରସାଇକେଲ ବିଭାଗ ଦେଶରେ ଏହାର ଏକ ଅବିସ୍ମରଣୀୟ ବୃଦ୍ଧିର ଅଭିଜ୍ଞତା ଯାହାକି ଏହାର ଉଚ୍ଚ ମାନର ଯାନ୍ତ୍ରିକ କୌଶଳର ସଂଯୋଗୀକରଣକୁ ନେଇ ଉଭୟ ଆଧୁନିକ କୌଶଳ ତଥା ଆକର୍ଷଣୀୟ ଡ଼ିଜାଇନ ଉପସ୍ଥାପନ କରିଅଛି । ଏହି ନୂତନ ଶୁଭାରମ୍ଭ ଉପରେ ମନ୍ତବ୍ୟ ରଖି ଯୋଗେଶ ମାଥୁର, ନିର୍ଦ୍ଦେଶକ, ସେଲସ୍ ଆଣ୍ଡ ମାର୍କେଟିଙ୍ଗ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ କହିଛନ୍ତି, 'ଆମେ ଅତ୍ୟନ୍ତ ଉତ୍ସାହର ସହିତ ଏହି ନୂତନ ଅଧୁନତମ ସଂସ୍କରଣ ସିବି୬୫୦ଆର ଏବଂ ସିବିଆର ୬୫୦ଆରକୁ ଆମର ପ୍ରିମିୟମ ଗ୍ରାହକଙ୍କ ପାଖରେ ଉପସ୍ଥାପନ କରିବାକୁ ଯାଉଛୁ । ଯେଉଁମାନେ କି କାର୍ଯ୍ୟ ଦକ୍ଷତାର ଉତ୍ସାହପ୍ରଦ, ଆଧୁନିକ ଜ୍ଞାନକୌଶଳ ତଥା ବିବିଧ ଡ଼ିଜାଇନକୁ ମୂଲ୍ୟ ଦେଇଥାନ୍ତି । ଏହାସମ୍ପୂର୍ଣ୍ଣଏଲଇଡ଼ିଲାଇଟ ପ୍ରଣାଳୀ ଦ୍ୱାରା ପ୍ରସ୍ତୁତ ଯାହା ମଧ୍ୟରେରହିଛି ଦୁଇଟି ସମ୍ମୁଖ ଭାଗହେଡ଼ଲାଇଟ ଯାହାକି ଆଧୁନିକତମ ସ୍ପର୍ଶତାକୁ ପ୍ରଦାନ କରିବାସହିତ ଦୃଶ୍ୟମାନ ଏବଂସୁରକ୍ଷାବ୍ୟବସ୍ଥାକୁ ପରିଚାଳନାକରିଥାଏ । ଦୁଇଟି ଆକର୍ଷଣୀୟ ରଙ୍ଗର ବିକଳ୍ପରେଏହା ଉପଲବ୍ଧ ଯଥା -ଗ୍ରାଣ୍ଡ ପ୍ରିକ୍ସରେଡ଼ଏବଂମ୍ୟାଟ ଗନପାଉଡ଼ରବ୍ଲାକ୍‌ମେଟାଲିକ୍ ।

## ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଇଭି ବଲକରସ ଓ ଚାର୍ଜିଂ ଷ୍ଟେସନ ଉଦ୍‌ଘାଟିତ



ଭୁବନେଶ୍ୱର : ଆଦିତ୍ୟ ଆଲୁମିନିୟମ ତାହାର ଲପଙ୍ଗାସ୍ଥିତ କାରଖାନାରୁ ଫ୍ଲାଏ ଆଶ ନିକଟସ୍ଥ ସିମେଣ୍ଟ ପ୍ଲାଣ୍ଟକୁ ଯୋଗାଣ ନିମନ୍ତେ ଏକ ୫-ବର୍ଷିଆ ଚୁକ୍ତି ସ୍ୱାକ୍ଷର କରିଛି । କମ୍ପାନୀ ମଧ୍ୟ ଫ୍ଲାଏ ଆଶ ବୋଝେଇ ସ୍ଥଳ ନିକଟରେ ଦୁଇଟି ବଲକର ରିଚାର୍ଜ ଷ୍ଟେସନ ଉଦଘାଟନ କରିଛି, ଯାହା ଏହାର ଇତିହାସରେ ଏହିଭଳି ପ୍ରଥମ ପଦକ୍ଷେପ ହୋଇଛି । ବିଦ୍ୟୁତଚାଳିତ ଯାନ ବ୍ୟବହାରର ଫଳସ୍ୱରୂପ କମ୍ପାନୀ ୩୫୦୦ ଟନ କାର୍ବନ ଡାଇଅକ୍ସାଇଡ ନିର୍ଗମନ ହ୍ରାସ କରିବା ଆଶା ରଖିଛି ଏବଂ ଏହା ପରିବହନ ଖର୍ଚ୍ଚ ବାବଦରେ ୧.୫ କୋଟି ଟଙ୍କା ସଞ୍ଚୟ କରିବାରେ ସହାୟକ ହେବ । ଉତ୍ପାଦିତ ହେଉଥିବା ସିମେଣ୍ଟ ପରିମାଣ ମଧ୍ୟରେ ପ୍ରାୟ ୩୨ ପ୍ରତିଶତ ଫ୍ଲାଏ ଆଶ ରହୁଛି, ଏବଂ କମ୍ପାନୀ ପ୍ରାୟ ୧ ନିୟୁତ ଟନ ଫ୍ଲାଏ ଆଶ ଯୋଗାଇ ଦେଉଥିବାରୁ ଏହା ୩୩ ହଜାର ମେଟ୍ରିକ ଟନ ସିମେଣ୍ଟ ଉତ୍ପାଦନ ନିମନ୍ତେ ବ୍ୟବହାର କରାଯିବ । କୈଳାସ ପାଣ୍ଡେ, ହେଡ-ସମ୍ବଲପୁର କ୍ଲଷ୍ଟର, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିମିଟେଡ କହିଥିଲେ, 'ଅନ୍ୟ ଏକ ଶିଳ୍ପରେ କଞ୍ଚାମାଲ ଭାବରେ ବ୍ୟବହାର ନିମନ୍ତେ ବର୍ଜ୍ୟ ବସ୍ତୁକୁ ଯୋଗାଇ ଦେବାକୁ ସବୁଜ ପରିବହନ ବିକଳ୍ପକୁ ଗ୍ରହଣ କରି ଆମେ ଆମର ସମସ୍ତ କାର୍ଯ୍ୟ ପରିଚାଳନା ସ୍ଥଳରେ ଶୂନ୍ୟ ବର୍ଜ୍ୟ ଭିତ୍ତିକ ଆଲୁମିନା ଉତ୍ପାଦନ କରିବା ପାଇଁ ଆମର ଲକ୍ଷ୍ୟ ହାସଲ ଦିଗରେ ଆଉ ଏକ ପାଦ ଆଗକୁ ବଢାଉଛୁ । ସମାନ ମତ ପୋଷଣ କରି ସୁକାନ୍ତ ଦାସ, ପ୍ରେସିଡେଣ୍ଟ ଓ ଚିଫ ଲଜିଷ୍ଟିକ୍ସ ଅଫିସର, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିମିଟେଡ କହିଥିଲେ, 'ଆଜି ଏକ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇପାରିଛି କାରଣ ଆମେ ଆମର ପରିବହନ ଫ୍ଲିଟରେ ପ୍ରଥମ ସେଟ ବିଦ୍ୟୁତ ଚାଳିତ ଯାନ (ଇଭି)କୁ ସାମିଲ କରିଛୁ । ଏହି ଇଭିଗୁଡିକ ଆମର ଗୁରୁତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ଫ୍ଲାଏ ଆଶକୁ ସିମେଣ୍ଟ ଶିଳ୍ପକୁ ଏକ କଞ୍ଚାମାଲ ଭାବରେ ପରିବହନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ, ଯାହା ଏକ ସବୁଜ ପରିବହନ ବ୍ୟବସ୍ଥା ପ୍ରତି ଅବଦାନ ରଖିବା ସହିତ ଆବର୍ତ୍ତୀ ଅର୍ଥନୀତି ପାଇଁ ମଧ୍ୟ ସହାୟକ ହେବ ।' ହିଣ୍ଡାଲକୋ ମଧ୍ୟ ଜଳବାୟୁ କାର୍ଯ୍ୟାନୁଷ୍ଠାନ ଏବଂ ନିର୍ଗମନ ହ୍ରାସ କାର୍ଯ୍ୟକ୍ରମରେ ଅଗ୍ରଣୀ ସ୍ଥାନ ନେଉଛି ଏବଂ ଏ ଦିଗରେ ଏକାଧିକ ପଦକ୍ଷେପ ଗ୍ରହଣ କରିଛି, ଯେଉଁଥିପାଇଁ ଏହା ଏହାର ଓଡ଼ିଶା ସ୍ମେଲଟର ନିମନ୍ତେ ଏହା ୧୦୦ ମେଗାୱାଟର ଚବିଶ ଘଣ୍ଟିଆ କାର୍ବନ-ମୁକ୍ତ ଶକ୍ତି ପ୍ରକଳ୍ପ ସ୍ଥାପନ କରୁଛି, ଯାହା ମଧ୍ୟ ସମ୍ମାନଜନକ ଏନର୍ଜି ଟ୍ରାନ୍‌ସନ ଚେମ୍ପିଅନ ପୁରସ୍କାର ସିଓପି୨୮ରେ ହାସଲ କରିଛି ।

## ବଜାରରେ ପ୍ରବେଶ କଲା 'ମେଡ୍ ଇନ୍ ଇଣ୍ଡିଆ' ଫାଷ୍ଟ ଏଭର ବିଏମ୍‌ଡବ୍ଲ୍ୟୁ ଏକ୍ସ ୧ ଲଙ୍ଗ ହ୍ୱିଲବେସ୍ ଅଲ୍ ଇଲେକ୍ଟ୍ରିକ୍

ନୂଆଦିଲ୍ଲୀ : ବିଏମଡବ୍ଲୁ ଇଣ୍ଡିଆ ଅଟୋ ଏକ୍ସପୋ ୨୦୨୫ରେ ଫାଷ୍ଟ-ଏଭର ବିଏମଡବ୍ଲୁ ଏକ୍ସ ୧ ଲଙ୍ଗ ହ୍ୱିଲବେସ୍ ଅଲ୍ ଇଲେକ୍ଟ୍ରିକ୍‌ର ଶୁଭାରମ୍ଭ କରିଛି । ଆଜିଠାରୁ ସାରା ଭାରତରେ ଥିବା ବିଏମଡବ୍ଲୁ ଡିଲରସିପରେ ଏହି କାର ବୁକ୍ କରାଯାଇପାରିବ । ବିଏମଡବ୍ଲୁ ଏକ୍ସ ୧ ଲଙ୍ଗ ହ୍ୱିଲବେସ୍ ଅଲ୍ ଇଲେକ୍ଟ୍ରିକ୍ ବିଏମଡବ୍ଲୁର ପ୍ରଥମ ଇଲେକ୍ଟ୍ରିକ୍ ଯାନ ଭାବେ 'ମେଡ୍ ଇନ୍ ଇଣ୍ଡିଆ' ହୋଇଛି । ଚେନ୍ନାଇସ୍ଥିତ ବିଏମଡବ୍ଲୁ ଗ୍ରୁପ୍ ପ୍ଲାଂଟ ଚେନ୍ନାଇରେ ସ୍ଥାନୀୟ ଭାବେ ନିର୍ମିତ ବିଏମଡବ୍ଲୁ ଏକ୍ସ ୧ ଲଙ୍ଗ ହ୍ୱିଲେବେସ ଅଲ୍ ଇଲେକ୍ଟ୍ରିକ୍ କେବଳ ଇ ଡ୍ରାଇଭ୨୦ଏଲ ରେ ସ୍ୱତନ୍ତ୍ର ରୂପେ ଉପଲବ୍ଧ । ବିଏମଡବ୍ଲୁ ଗ୍ରୁପ୍ ଇଣ୍ଡିଆର ଅଧ୍ୟକ୍ଷ ତଥା ସିଇଓ ବିକ୍ରମ ପୱା କହିଛନ୍ତି, 'ଆଜି ପ୍ରଥମ ଏକ୍ସ ୧ ଲଙ୍ଗ ହ୍ୱିଲବେସ୍ ଅଲ୍ ଇଲେକ୍ଟ୍ରିକ୍ ଶୁଭାରମ୍ଭ କରି ବିଏମଡବ୍ଲୁ ଭାରତୀୟ ପ୍ରିମିୟମ୍ ଅଟୋମୋଟିଭ୍ ସେଗମେଣ୍ଟରେ ବ୍ୟାଘାତ ସୃଷ୍ଟି କରିଛି । ବିଏମଡବ୍ଲୁର ପ୍ରଥମ 'ମେଡ୍ ଇନ୍ ଇଣ୍ଡିଆ' ଇଭି ଭାବେ ଏକ୍ସ ୧ ଲଙ୍ଗ ହ୍ୱିଲବେସ ଅଭିନବତା ଏବଂ ଉତ୍କର୍ଷତାର ଏକ ନୂତନ ଯୁଗର ଶୁଭାରମ୍ଭ କରିଛି । ଶ୍ରୀ ପୱା ଆହୁରି ମଧ୍ୟ କହିଛନ୍ତି, ଆଧୁନିକ ଜୀବନଶୈଳୀ ଥିବା ବ୍ୟକ୍ତିମାନଙ୍କ ପାଇଁ ଫାଷ୍ଟ-ଏଭର ଏକ୍ସ ୧ଲଙ୍ଗ ହ୍ୱିଲବେସ୍ ଆଦର୍ଶ ଅଟେ, ଯେଉଁମାନେ ସର୍ବଦା ଆଗରେ ରୁହଁ ଏବଂ ସାଲିସ କରନ୍ତି ନାହିଁ । ଫାଷ୍ଟ-ଏଭର ବିଏମଡବ୍ଲୁ ଏକ୍ସ ୧ଲଙ୍ଗ ହ୍ୱିଲବେସ୍ ଅଲ୍ ଇଲେକ୍ଟ୍ରିକ ଡ୍ରାଇଭ ୨୦ଏଲ ଏମ ସ୍ପୋର୍ଟର ଏକ୍ସ-ଶୋରୁମ ମୂଲ୍ୟ ୪୯,୦୦,୦୦୦ ରହିଛି ।

## ଭାରତର ଅଭିବୃଦ୍ଧି ୬.୭% ରହିବ: ବିଶ୍ୱବ୍ୟାଙ୍କ

ୱାଶିଂଟନ: ଆଗାମୀ ୨ ଆର୍ଥକ୍ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ହାର ବାର୍ଷିକ ୬.୭ ପ୍ରତିଶତ ରହିବ ବୋଲି ବିଶ୍ୱବ୍ୟାଙ୍କର ସଦ୍ୟତମ ଅଭିବୃଦ୍ଧି ଆକଳନରେ କୁହାଯାଇଛି । ଭାରତର ଅଭିବୃଦ୍ଧି ସହ ୨୦୨୫-୨୬ ବର୍ଷରେ ଦକ୍ଷିଣ ଏସିଆରେ ଆର୍ଥକ୍ ଅଭିବୃଦ୍ଧି ୬.୨ ପ୍ରତିଶତକୁ ବଢ଼ିବ ବୋଲି ବିଶ୍ୱବ୍ୟାଙ୍କ କହିଛି । ଭାରତରେ ବ୍ୟବସାୟିକ ବାତାବରଣରେ ଉନ୍ନତି ନିମନ୍ତେ ସରକାରଙ୍କ ପଦକ୍ଷେପ ଯୋଗୁ ସେବା ସେକ୍ଟର ପ୍ରସାରିତ ହେବା ସହ ଉତ୍ପାଦନ କ୍ଷେତ୍ର ମଧ୍ୟ ସୁଦୃଢ଼ ହେବ ବୋଲି ଆଶା କରାଯାଉଛି । ନିବେଶ ଅଭିବୃଦ୍ଧି ସ୍ଥିର ରହିବ ବୋଲି ବିଶ୍ୱବ୍ୟାଙ୍କ କହିଛି । ମାନ୍ଦା ନିବେଶ ଏବଂ ଦୁର୍ବଳ ଉତ୍ପାଦନ ଅଭିବୃଦ୍ଧି କାରଣରୁ ୨୦୨୪-୨୫ ବର୍ଷରେ ଭାରତର ଅଭିବୃଦ୍ଧି ୬.୫ ପ୍ରତିଶତକୁ ହ୍ରାସ ପାଇବ ବୋଲି ପୂର୍ବାନୁମାନ କରାଯାଇଥିଲା । ତେବେ କୃଷି ଉତ୍ପାଦନ ବୃଦ୍ଧି ସହ ଗ୍ରାମାଞ୍ଚଳ ଆୟ ବଢ଼ିବାରୁ ଘରୋଇ ଉପଭୋଗ ଅଭିବୃଦ୍ଧି ସୁଦୃଢ଼ ରହିଥିଲା । ଭାରତ ବ୍ୟତୀତ ଦକ୍ଷିଣ ଏସିଆରେ ଗତ ଆର୍ଥକ୍ ବର୍ଷରେ ଅଭିବୃଦ୍ଧି ହାର ୩.୯ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଥିଲା । ଆଗାମୀ ୨ ଆର୍ଥକ୍ ବର୍ଷରେ ଉକ୍ତ ଅଞ୍ଚଳର ଅଭିବୃଦ୍ଧି ହାର ଯଥାକ୍ରମେ ୪ ଏବଂ ୪.୩ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଛି ।

ଓଡ଼ିଶା ଭାସ୍କର
ODISHA BHASKAR
# ଖେଳ ଖବର



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ବେଦାନ୍ତ କଳିଙ୍ଗ ଲାନସର୍ସ କ୍ରମାନ୍ୱୟରେ ୨ଟି ମ୍ୟାଚ୍ ଜିତିବା ପରେ ପୂର୍ବମ୍ୟାଚ୍‌ରେ ହାଇଦ୍ରାବାଦ ତୋଫାନ୍ସ ଠାରୁ ପରାସ୍ତ ହୋଇଥିଲା। ଗୁରୁବାର ଦଳ ଚମତ୍କାର ପ୍ରଦର୍ଶନ କରି ପୁଣି ବିଜୟ ଟ୍ରାକ୍‌ କୁ ଫେରିଛି। ଦିଲ୍ଲୀ ଏସ୍‌ଜି ପିପର୍ସ ବିପକ୍ଷରେ ୫-୧ ଗୋଲରେ ବିଶାଳ ବିଜୟ ହାସଲ କରିଛି। ହକି ଇଣ୍ଡିଆ ଲିଗରେ ଏହା ଟିମର ତୃତୀୟ ବିଜୟ। କଳିଙ୍ଗ ଲାନସର୍ସ ଆରମ୍ଭରୁ ଚମତ୍କାର ପ୍ରଦର୍ଶନ କରି ଦିଲ୍ଲୀ ଉପରେ ଭାରି ପଡ଼ିଥିଲା। ୧୧ ମିନିଟରେ ଦଳ ପ୍ରଥମ ଗୋଲ୍ ଦେଇଥିଲା। ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ତୃତୀୟ କ୍ୱାର୍ଟରରେ ଲାନସର୍ସ ଆକ୍ରମଣକୁ ତୀବ୍ର କରିଥିଲା। ଯାହାର ପ୍ରତିରୋଧ କରିପାରି ନଥିଲା ଦିଲ୍ଲୀ। ୩୬ ମିନିଟରେ ଆର୍ଥର ଭନ ଡୋରେନ, ୩୮ ଓ ୪୩ ମିନିଟରେ ଥିଏରି ବ୍ରିଙ୍କମ୍ୟାନ ଏବଂ ୪୫ ମିନିଟରେ ଗୁରସାହିବଜିତ ସିଂ ଗୋଲ୍ ଦେଇ ଲାନସର୍ସକୁ ୫-୦ରେ ଅଗ୍ରଣୀ କରାଇଥିଲେ। ସେପଟେ ଚତୁର୍ଥ କ୍ୱାର୍ଟର ଆରମ୍ଭରୁ ଦିଲ୍ଲୀ ଗୋଲ୍ ଖାତା ଖୋଲିଥିଲା। କୋରି ୱେୟର ଏହି ଗୋଲ୍ ଦେଇ ଦଳର ସମ୍ମାନ ରଖିଥିଲେ। ପରବର୍ତ୍ତୀ ସମୟ ଖେଳ ଗୋଲଶୂନ୍ୟ ରହିବାରୁ ଶେଷରେ ଲାନସର୍ସ ୫-୧ରେ ମ୍ୟାଚ୍ ଜିତି ନେଇଥିଲା। ଏହି ବିଜୟ ସହ ପଏଣ୍ଟ ଟେବୁଲରେ ଲାନସର୍ସ ଉନ୍ନତି ଘଟିଛି। ଦଳ ମୋଟ୍ ୧୦ ପଏଣ୍ଟ ସହ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ୧୫ ପଏଣ୍ଟ ସହ ତାମିଲନାଡୁ ଡ୍ରାଗନ୍ସ ପ୍ରଥମ ଏବଂ ୧୨ ପଏଣ୍ଟ ପାଇ ବେଙ୍ଗଲ ଟାଇଗର୍ସ ଦ୍ୱିତୀୟ ସ୍ଥାନରେ ରହିଛି।



# ୧୦ ଶୃଙ୍ଖଳାଗତ ନିର୍ଦ୍ଦେଶ ଜାରି କଲା ବିସିସିଆଇ

## ଉଲ୍ଲଂଘନ କଲେ ଫାଇନ୍

ନୂଆଦିଲ୍ଲୀ: ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର ଗାଭାସ୍କର ଟ୍ରଫିରେ ଟିମ୍ ଇଣ୍ଡିଆର ଶୋଚନୀୟ ପରାଜୟ ପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ବିସିସିଆଇ। ଖେଳାଳିଙ୍କ ପାଇଁ ୧୦ଟି ଶୃଙ୍ଖଳାଗତ ଆଡ୍‌ଭାଇଜରି ଜାରି କରିଛି ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ। ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ପରାମର୍ଶକ୍ରମେ ବିସିସିଆଇ ଏହି ନିର୍ଦ୍ଦେଶନାମା ଜାରି କରିଥିବା ଜାତୀୟ ଗଣମାଧ୍ୟମ ଇଣ୍ଡିଆଟୁଡେ ଖବର ପ୍ରକାଶ କରିଛି। ଖେଳାଳିମାନଙ୍କୁ ମ୍ୟାଚ୍ ଖେଳିବାକୁ ଯିବା ବେଳେ ନିଜର ବ୍ୟକ୍ତିଗତ ଆରାମ ପାଇଁ ରୋଷେୟା, ବ୍ୟକ୍ତିଗତ ସୁରକ୍ଷାକର୍ମୀ, ହେୟାରଡ୍ରେସର, ଷ୍ଟାଇଲିଷ୍ଟ ଆଦିମାନଙ୍କୁ ନେବାରେ ପ୍ରତିବନ୍ଧକ ଲଗାଇଛି ବିସିସିଆଇ। କ୍ରିକେଟର ସବୁସ୍ତରରେ ବିକାଶକୁ କରିବାକୁ ଧ୍ୟାନରେ ରଖି ଅଧିକ କର୍ମନିଷ୍ଠ ହେବା ଓ ଟିମ୍ ୱାର୍କର ପରମ୍ପରାକୁ ବଜାଇ ରଖିବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ଏହା ବାଦ ଖେଳାଳୀମାନଙ୍କୁ ଅଭ୍ୟାସ ସମୟ କିମ୍ବା ମ୍ୟାଚ୍ ଖେଳିବାକୁ ଯିବା ବେଳେ ଦଳର ଏକତା ଓ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଯାତାୟତ ପାଇଁ ନିଜସ୍ୱ ଖର୍ଚ୍ଚରେ ଅଲଗା ଗାଡ଼ିରେ ଆସିବାକୁ ଅନୁମତି ଦିଆଯିବ ନାହିଁ। କ୍ରିକେଟ ପାଇଁ ଖେଳାଳିଙ୍କ ଗସ୍ତ ବେଳେ ସେମାନଙ୍କ ସହିତ ଆସୁଥିବା ପରିବାର ସଦସ୍ୟମାନଙ୍କ ପାଇଁ କଡ଼ା ସୀମାରେଖା ରଖା ଯାଇଛି। ମିଡିଆ ରିପୋର୍ଟ ଅନୁସାରେ, ଭାରତୀୟ ଦଳ ଅଷ୍ଟ୍ରେଲିଆରେ ବର୍ଡର-ଗାଭାସ୍କର ଟ୍ରଫି ୧-୩ରେ ହାରିଯିବା ପରେ ବିସିସିଆଇ ଏହାର ଏକ ବିସ୍ତୃତ ସମୀକ୍ଷା କରିଥିଲା। ଏଥିରେ



ମୁମ୍ବାଇ ଟେଷ୍ଟ ପାଇଁ ଏକ ଚମତ୍କାର ସ୍ପିନରଙ୍କୁ ସାମିଲ୍ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। କାରଣ ଜସ୍‌ପ୍ରତୀ ବୁମ୍ରାଙ୍କୁ ବିଶ୍ରାମ ଦିଆଯାଇଛି। ଏହି ବୈଠକରେ ଅଧିନାୟକ ରୋହିତ ଶର୍ମା, ଚୟନକର୍ତ୍ତା ଅଜିତ ଅଗରକର, ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର (ଅନଲାଇନରେ ଅଂଶଗ୍ରହଣ କରିଥିଲେ) ଏବଂ ବିସିସିଆଇ ରୋଜର ବିନି ଉପସ୍ଥିତ ଥିଲେ। ଗାଇଡ୍ ଲାଇନ୍ ମଧ୍ୟରେ ଅଛି - ଘରୋଇ ମ୍ୟାଚରେ ଅଂଶଗ୍ରହଣ, ପରିବାର ସହିତ ଅଲଗା ଭାବେ ଯାତ୍ରା କରିବା, ଅତ୍ୟଧିକ ବ୍ୟାଗ୍ ଓ ନିଜସ୍ୱ ସାମଗ୍ରୀ ପାଇଁ ସୀମା ପାଳନ କରିବା, ବ୍ୟକ୍ତିଗତ କର୍ମଚାରୀଙ୍କ ଉପରେ ପ୍ରତିବନ୍ଧକ, ଉତ୍କର୍ଷ କେନ୍ଦ୍ରକୁ ବ୍ୟାଗ୍ ପଠାଇବା(ସେଣ୍ଟର ଅଫ୍ ଏକ୍ସଲେନ୍ସକୁ ବ୍ୟାଗ୍ ପଠାଇବା), ଅଭ୍ୟାସରେ ଉପସ୍ଥାନ, ସିରିଜ୍ / ଟୁର୍ ସମୟରେ ବ୍ୟକ୍ତିଗତ ଶୁଟ୍ ଉପରେ ପ୍ରତିବନ୍ଧକ, ପାରିବାରିକ ଭ୍ରମଣ ନୀତି(ଫ୍ୟାମିଲି ଟ୍ରାଭେଲ ପଲିସି), ବିସିସିଆଇର କାର୍ଯ୍ୟରେ ଅଂଶଗ୍ରହଣ ଓ ନିର୍ଦ୍ଧାରିତ ସମୟ ପୂର୍ବରୁ ମ୍ୟାଚ୍ ସରିଗଲେ ମଧ ମ୍ୟାଚ୍ ଓ ସିରିଜ୍ କିମ୍ବା ଭ୍ରମଣର ନିର୍ଦ୍ଧାରିତ ସମୟ ଶେଷ ପର୍ଯ୍ୟନ୍ତ ଖେଳାଳିମାନେ ଦଳ ସହିତ ରହିବେ। ଦଳ ମଧ୍ୟରେ ଏକତା, ପରସ୍ପର ସହଯୋଗ ଏବଂ ଦଳର ନୂତନତ୍ୱକୁ ଏହା କାଏମ ରଖିବ।

## ଟିମ୍ ଇଣ୍ଡିଆରେ ଫାଟ: ଇସ୍ତଫା ଦେଇପାରନ୍ତି ଗୌତମ!

ମୁମ୍ବାଇ: ଫେବ୍ରୁଆରୀ ୨୯ ତାରଖରୁ ଚାମ୍ପିଅନ୍ସ ଟ୍ରଫି ଆରମ୍ଭ ହେବ। ଫେବ୍ରୁଆରୀ ୨୦ରେ ଟିମ୍ ଇଣ୍ଡିଆ ତା'ର ପ୍ରଥମ ମ୍ୟାଚ୍ ବାଂଲାଦେଶ ବିପକ୍ଷରେ ଖେଳିବ । ହେଲେ ଗୁରୁତ୍ୱପୂର୍ଣ୍ଣ ଆଇସିସି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଭାରତୀୟ ଦଳରେ ଅସ୍ଥିରତା ଦେଖା ଦେଇଛି । ଅଧିନାୟକ ରୋହିତ ଶର୍ମା ଏବଂ ଗୌତମ ଗମ୍ଭୀରଙ୍କ ମଧ୍ୟରେ ବିବାଦ ଖବର ସାମ୍ନାକୁ ଆସିଛି । ହେଡ୍ କୋଚଙ୍କ କଠୋର ମନୋଭାବ ଖେଳାଳିଙ୍କୁ ନାପସନ୍ଦ ଜଣାପଡ଼ିଛି । ଗୌତମ ଗମ୍ଭୀର ଇସ୍ତଫା ଦେବା ନେଇ ମଧ୍ୟ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି। ୮ ବର୍ଷ ପୂର୍ବେ ଚାମ୍ପିଅନ୍ସ ଟ୍ରଫି ସମୟରେ ଭାରତୀୟ ଦଳ ପୂର୍ବତନ ମୁଖ୍ୟ ପ୍ରଶିକ୍ଷକଙ୍କ ସହିତ ଏପରି ମଧ୍ୟ ହୋଇଥିଲା। ଗୌତମ ଗମ୍ଭୀରଙ୍କ ସାମ୍ନାରେ ଖେଳାଳିଙ୍କ ଖରାପ ପ୍ରଦର୍ଶନ ଅପେକ୍ଷା ଦଳରେ ବିଦ୍ରୋହ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଅନେକ ଖେଳାଳି ତାଙ୍କର କାମ କରିବାର ଶୈଳୀକୁ ପସନ୍ଦ କରୁନାହାନ୍ତି। ଅଷ୍ଟ୍ରେଲିଆ ଗସ୍ତ ସମୟରେ ହେଡ୍ କୋଚ୍ ଏବଂ ଅଧିନାୟକଙ୍କ ମଧ୍ୟରେ ମଧ ମତଭେଦ ଖବର ଆସିଥିଲା। କେବଳ ଏତିକି ନୁହେଁ, ବିସିସିଆଇ ସହିତ ଆଲୋଚନା କରି ଖେଳାଳିଙ୍କ ପାଇଁ କଠୋର ନିୟମ ଲାଗୁ କରିବାକୁ ଯାଉଛନ୍ତି। ତେବେ ମୁଖ୍ୟ ପ୍ରଶିକ୍ଷକଙ୍କ ଏଭଳି କଠୋର ମନୋଭାବ ଚାମ୍ପିଅନ୍ସ ଟ୍ରଫି ପାଇଁ ଘାତକ ହୋଇପାରେ ବୋଲି କୁହାଯାଉଛି । ତେଣୁ ତାଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରାଯାଇପାରେ ବୋଲି କୁହାଯାଉଛି । ୮ ବର୍ଷ ପୂର୍ବରୁ ଟିମ୍ ଇଣ୍ଡିଆରେ ଏଭଳି ସ୍ଥିତି ପୂର୍ବରୁ ଦେଖିବାକୁ ମିଳିଥିଲା। ୨୦୧୭ରେ, ଅନିଲ୍ କୁମ୍ବଲେଙ୍କୁ ତାଙ୍କର କଠୋର ମନୋଭାବ ଯୋଗୁଁ ଚାମ୍ପିଅନ୍ସ ଟ୍ରଫି ପରେ ଇସ୍ତଫା ଦେବାକୁ ପଡିଥିଲା। ପୂର୍ବତନ ଅଧିନାୟକ ବିରାଟ କୋହଲିଙ୍କ ଆଗରେ ମୁଣ୍ଡ ନୁଆଁଇବାକୁ ପଡିଲା । ଭାରତୀୟ ଦଳର ଅଭିଜ୍ଞ ସ୍ପିନର ଅନିଲ କୁମ୍ବଲେ ଜୁନ୍ ୨୦୧୬ରେ ମୁଖ୍ୟ ପ୍ରଶିକ୍ଷକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ନିଯୁକ୍ତିକୁ କ୍ରିକେଟ୍ ପରାମର୍ଶଦାତା କମିଟିର ସଦସ୍ୟ ଥିବା ସୌରଭ ଗାଙ୍ଗୁଲି, ସଚିନ ତେନ୍ଦୁଲକର ଏବଂ ଭିଭିଏସ ଲକ୍ଷ୍ମଣଙ୍କ ଭଳି ପ୍ରତିଷ୍ଠିତ ବ୍ୟକ୍ତିମାନେ ସବୁଜ ସଙ୍କେତ ଦେଇଥିଲେ। ମାତ୍ର କୁମ୍ବଲେ ଏବଂ ସେତେବେଳର ଅଧିନାୟକ ବିରାଟ୍ କୋହଲିଙ୍କ ମତଭେଦ ସୃଷ୍ଟି ହୋଇଥିଲା । ଚାମ୍ପିଅନ୍ସ ଟ୍ରଫି ପରେ ପ୍ରଶିକ୍ଷକ ପଦରୁ ଓହରି ଯାଇଥିଲେ ଅନିଲ୍ କୁମ୍ବଲେ।

## ମା'ତାରିଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଘାଟିତ



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଙ୍କଡ଼ାହାଡ଼ ବ୍ଲକ ଝିଲି ପଞ୍ଚାୟତ ତୋରଡାନାଳି ଖେଳ ପଡିଆରେ ବିଗତ ବର୍ଷ ପରି ଚଳିତ ବର୍ଷ ମା ' ତାରିଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ପଞ୍ଚାୟତ ସରପଞ୍ଚ ରୋଜାଲିନ ସାହୁ ଅନୁଷ୍ଠାନିକ ଭାବେ ଫିତା କାଟି ଉଦଘାଟନୀ ମ୍ୟାଚକୁ ଶୁଭ ଉଦଘାଟନ କରିଥିଲେ। ଉଦଘାଟନୀ ଉତ୍ସବରେ ପରଜଙ୍ଗ ବ୍ଲକର ସମାଜ ସେବୀ ତଥା ବିଜେପି ଦଳର ଯୁବ ନେତା ପ୍ରଶାନ୍ତ କୁମାର ଦଳବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ଅନ୍ୟ ମାନଙ୍କ ମଧ୍ୟରେ ଝିଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ସାହୁ, ରୁଦ୍ର ମୋହନ ପ୍ରଧାନ, ଯୁଗଳ କିଶୋର ରଣା, ପ୍ରିୟ ରଞ୍ଜନ ଦାସ, ସୁଶାନ୍ତ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ । ୧୫ ଓଭର ବିଶିଷ୍ଟ ଉଦଘାଟନୀ ମ୍ୟାଚ୍ ପରଜଙ୍ଗ ବ୍ଲକ ବାରିହାପୁର କ୍ରିକେଟ କ୍ଲବ୍ ଓ ଖମାର ଇଞ୍ଜିଡି କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଞ୍ଜିଡି ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୧୫ ଓଭର ଶେଷ ସୁଦ୍ଧା ୯ ୱିକେଟ ହରାଇ ୮୫ ରନ ସଂଗ୍ରହ କରିଥିଲେ। ଜବାବରେ ବାରିହାପୁର ଟିମ୍ ୧୪ ଓଭର ୨ ଟି ବଲରେ ୭ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିନେଇ ବିଜୟୀ ହୋଇଥିଲେ। ସୌଭାଗ୍ୟ ରଣା ଓ ପ୍ରକାଶ ସାହୁ ଖେଳ ପରିଚାଳନା କରିଥିବା ବେଳେ ରଣଜିତ୍ ସାହୁ ଓ ବିପିନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ମା' ତାରିଣୀ କ୍ରିକେଟ କ୍ଲବର ସମସ୍ତ ସଦସ୍ୟଙ୍କ ସହଯୋଗରେ ଟୁର୍ଣ୍ଣାମେଣ୍ଟ ପରିଚାଳିତ ହୋଇଥିଲା ।

### ସିଏମ୍ କପ୍ ଆନ୍ତଃ କ୍ଲବ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ୍

## ଟାଟା ଷ୍ଟିଲ୍ ଫାଉଣ୍ଡେସନ୍, ମୁର୍ଗା ରାଇଜିଂ ଷ୍ଟାର କ୍ଲବ୍ ବିଜୟୀ

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଫୁଟବଲ ଆସୋସିଏସନ ଅଫ ଓଡିଶା ଏବଂ ରାଜ୍ୟ କ୍ରୀଡା, ଯୁବସେବା ବିଭାଗ ଆନୁକୂଲ୍ୟରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସିଏମ କପ ଆନ୍ତଃ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସର ଖେଳରେ ଟାଟା ଷ୍ଟିଲ ଫାଉଣ୍ଡେସନ, ମୁର୍ଗା ରାଇଜିଂ ଷ୍ଟାର କ୍ଲବ, ରାଇକଳା ବିପକ୍ଷରେ ୫-୧ ଗୋଲରେ ବିଜୟୀ ହୋଇ ଉଭୟ ବିଜୟୀ ଦଳ ଦୁଇ ପଏଣ୍ଟ ଲେଖାଏ ହାସଲ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ଖେଳରେ ଟାଟା ଷ୍ଟିଲ ଫାଉଣ୍ଡେସନର ଖେଳାଳି ମନେ ଉନ୍ନତ ମାନର ଖେଳ ପ୍ରଦର୍ଶନ କରି ୭ ନମ୍ବର ଖେଳାଳି ରୋହିତ ଗାଗରାଇଙ୍କ ତିନି ଗୋଟି ବ୍ୟକ୍ତିଗତ ଗୋଲ ୧୦ ନମ୍ବର ଖେଳାଳି କ୍ରିଷ୍ଣା ମହାକୁଡ଼ଙ୍କ ଦୁଇଟି ଗୋଲ ଏବଂ ମେଘନାଦ ନାୟକଙ୍କ ଗୋଟିଏ ଗୋଲ ସହାୟତାରେ ରାଇକଳାର ରାଇଜିଂ ଷ୍ଟାର କ୍ଲବ ବିପକ୍ଷରେ ୬-୦ ଗୋଲରେ ଏକ ସହଜସାଧ ବିଜୟ ହାସଲ କରି ଲିଗ ଟେବୁଲରେ ପୁରା ଦୁଇ ପଏଣ୍ଟ ହାସଲ କରିବାରେ ସମର୍ଥ ହୋଇଛି। ସେହିପରି



ଦ୍ୱିତୀୟ ଖେଳରେ ଜିନ୍ଦଲ ଫାଉଣ୍ଡେସନ ବଡ଼ବିଲ 'ଏ' ତାରିଣୀ ଫୁଟବଲ ଏକାଡେମୀ ବିପକ୍ଷରେ ପ୍ରଥମାର୍ଦ୍ଧର ୧୬ ମିନିଟରେ ଏବଂ ୨୭ ମିନିଟରେ ଅଙ୍କିତ ବେହେରା ଦୁଇଟି ଗୋଲ ସ୍କୋର କରିଥିବା ବେଳେ ୩୯ତମ ମିନିଟରେ ଅନନ୍ତ ନାୟକ ଦଳ ପକ୍ଷରୁ ତୃତୀୟ ଗୋଲଟି ସ୍କୋର କରିଥିବା ବେଳେ ତାରିଣୀ ଫୁଟବଲ ଏକାଡେମୀର ରଘୁନାଥ ମାଝୀ ୪୩ ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଦ୍ୱିତୀୟାର୍ଦ୍ଧର ୪ ମିନିଟରେ ଅନନ୍ତ ନାୟକ ଜିନ୍ଦଲ ଫାଉଣ୍ଡେସନ ବଡ଼ବିଲ 'ଏ' ଅନ୍ତିମ ଗୋଲ ସ୍କୋର କରି ୫-୧ ଗୋଲରେ ବିଜୟୀ ହେବା ସହ ପୁରା ଦୁଇ ପଏଣ୍ଟ ହାସଲ କରିଥିଲେ। ଆଜି ଅନୁଷ୍ଠିତ ପ୍ରଥମ ଖେଳରେ ଯତୀନ ମହାନ୍ତ ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ଅନନ୍ତ ଚାଟାର ଓ ଖଗେଶ୍ୱର ମୁର୍ମୁ ତାଙ୍କୁ ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଶଙ୍କର୍ଷଣ ନାଏକ। ସେହିପରି ଦ୍ୱିତୀୟ ଖେଳରେ ଲମ୍ବୋଦର ମୁର୍ମୁ ରେଫରୀ ଥିବା ବେଳେ ଲାଇନରେ ଥିଲେ ଶଙ୍କର୍ଷଣ ନାଏକ ଏବଂ ବାପୁନ ମାରାଣ୍ଡି। ଚତୁର୍ଥ ରେଫରୀ ଥିଲେ ଯତୀନ ମହାନ୍ତ। ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ବୀରେନ୍ଦ୍ର ମହାନ୍ତ ମ୍ୟାଚ କମିଶନର ଭାବେ ନିଯୁକ୍ତି ପାଇଥିବା ବେଳେ ବୀରେନ୍ଦ୍ର ମହାନ୍ତ, କୃଷ୍ଣ ଚନ୍ଦ୍ର ମହାନ୍ତ ଏବଂ ବାଦଲ ମହାକୁଡ଼ ସିଲେକ୍ଟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

### ରାଜ୍ୟସ୍ତରୀୟ ଡବଲସ ବ୍ୟାଡ଼ମିଣ୍ଟନ ଚାମ୍ପିୟନସିପ୍

## ଅମ୍ଲାନ ଓ ତନ୍ମୟ ଚାମ୍ପିଅନ୍



ଖଡ଼ିଆଳ (ଭାସ୍କର ନ୍ୟୁଜ୍) : ନୂଆପଡା ଜିଲ୍ଲା ଖଡ଼ିଆଳ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିଅମ ଠାରେ ଜିଲ୍ଲା ବ୍ୟାଡ଼ମିଣ୍ଟନ ଆସୋସିଏସନ ପକ୍ଷରୁ ଗତ ଦୁଇଦିନ ଧରି ଚାଲିଥିବା ରାଜ୍ୟ ସ୍ତରୀୟ ଡବଲସ ବ୍ୟାଡ଼ମିଣ୍ଟନ ଚାମ୍ପିୟନସିପ ଉଦଯାପିତ ହୋଇଛି । ଫାଇନାଲ ମ୍ୟାଚରେ ଅନୁଗୁଳର ଅମ୍ଲାନ ଓ ତନ୍ମୟ ସାହୁ ଯୋଡି ୨-୧ ସେଟ ପଏଣ୍ଟରେ ଭୁବନେଶ୍ୱରର ପାରସ ମାଥୁର ଓ ଚନ୍ଦ୍ରକୁମାର ଯୋଡିକୁ ହରାଇ ଚାମ୍ପିୟନ ହୋଇଛନ୍ତି । ଉଦଯାପନୀ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଖଡ଼ିଆଳ ବିଧାୟକ ଅଧୀରାଜ ପାଣିଗ୍ରାହୀ, ବରିଷ୍ଠ ବିଜେଡି ନେତା ଲମ୍ବୋଦର ନିଆଲ, ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା, ଜିଲ୍ଲାପରିଷଦ ସଦସ୍ୟ ସି ଆର ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଅତିଥିମାନେ ବିଜୟୀ ଦଳକୁ ନଗଦ ୨୧ ହଜାର ଟଙ୍କା ସହ ଚମ୍ପିୟାନ ଟ୍ରଫି ଏବଂ ଉପବିଜେତା ଦଳକୁ ନଗଦ ୧୫ ହଜାର ଟଙ୍କା ସହ ରନର୍ସ ଅଫ ଟ୍ରଫି ପ୍ରଦାନ କରିଥିଲେ । ଉଦଯାପନୀ ସମାରୋହରେ ଜିଲ୍ଲା ବ୍ୟାଡ଼ମିଣ୍ଟନ ଆସୋସିଏସନର ସଭାପତି ସନ୍ତୋଷ ପଟ୍ଟନାୟକ ଅଧକ୍ଷତା କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ବିଶ୍ୱଜିତ ପାଢ଼ୀ । ସେହିଭଳି ଡ଼. ସରୋଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ସମ୍ପାଦକ ସୁଦୀପ୍ତ ବିଶୋଇ, ପ୍ରସନ୍ନ ମାହାନା, କୁନୁ କରୁଆଁ, ନନ୍ଦ କୁମାର ନାଗ, ବନବିହାରୀ ବେହେରା, ଆଲୋକ ରଥ, ରିତେଶ ବାବୁ , ବିଜୁ ସେଠି, ଅକ୍ଷୟ ପାଢ଼ୀ, ଦୁର୍ଗା ଖମାରି, ଅଙ୍କିତ ସାହୁ, ସେରୁ, ସୁବୁ, ସୁମନ ପାଣିଗ୍ରାହୀ, ସୌରଭ ପଣ୍ଡା ଓ ତାପସ ପତି ପ୍ରମୁଖ ଖେଳ ପରିଚାଳନା କରିଥିଲେ।

### ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ୍ ଚାମ୍ପିଅନ୍‌ସିପ୍

## କେନ୍ଦୁଝର ଦଳର ପୁରୀ ଯାତ୍ରା



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଆସନ୍ତା ୧୮ ଓ ୧୯ ତାରିଖ ପୁରି ହ୍ୟାଣ୍ଡବଲ ସଂଘ ଦ୍ୱାରା ଆୟୋଜିତ ୩୦ତମ ରାଜ୍ୟସ୍ତରୀୟ ବାଳକ ହ୍ୟାଣ୍ଡବଲ ଚମ୍ପିଆନସିପରେ ଭାଗ ନେବାକୁ କେନ୍ଦୁଝର ବାଳକ ଦଳ ଶୁକ୍ରବାର ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ଅମିତ କୁମାର ଜେନାଙ୍କ ନେତୃତ୍ୱରେ ୧୬ ଜଣିଆ ଟିମ ପୁରୀ ଯାଇଛି। ପୁରୀ ଯାଇଥିବା ଟିମର ସଦସ୍ୟମାନେ ହେଲେ ଅଧିନାୟକ ଅମିତ କୁମାର ଜେନା, ଉପ-ଅଧିନାୟକ ଗୌରି ଶଙ୍କର ଜେନା, ମନୋଜ ଦାଶ ସୌରଭ ଜେନା, ଅର୍ଜୁନ ପ୍ରତାପ ନାଏକ, ଅମିତ କୁମାର ଦଳେଇ, ଆଶୁତୋଷ ମହାନ୍ତି, ଆୟୁଷ କୁମାର ନାଗ, ଦିଲସାନ ଖାନ, ଯୁବରାଜ ଶର୍ମା, ସମିର ନାଏକ,ଏସ୍‌କେ ଜିସାନ ଇମ୍ରାନ, ଫକିର ମୋହନ ନାଏକ, ଦୁର୍ଗା ମାଧବ ପାତ୍ର ଓ ପ୍ରତାପ ଜେନା। ଚଳିତ ବର୍ଷ ରବିନ୍ଦ୍ର ବାରିକ ମ୍ୟାନେଜର ଭାବେ ଦଳକୁ ଟ୍ରେନ୍‌ରେ ପୁରୀ ନେବେ ବୋଲି ସଂଘର ସଭାପତୀ ଇଂ ବସନ୍ତ କୁମାର ଦାନି ଓ ସମ୍ପାଦକ ରିତିକ ଅଧିକାରୀ ସୁଚନା ଦେଇଛନ୍ତି।

## ଜାତୀୟ ସୁଟିଂବଲ ଚାମ୍ପିଅନସିପ୍ ଉଦ୍‌ଘାଟିତ

ପୁରୀ (ଭାସ୍କର ନ୍ୟୁଜ) : ପୁରୀ ତାଳବଣିଆ ଇଣ୍ଡୋର ଷ୍ଟାଡିୟମ ଠାରେ ୩ ଦିନିଆ ୪୩ ତମ ସୁଟିଂ ବଲ ଚମ୍ପିୟାନସିପ ଉଦଘାଟିତ ହୋଇ ଯାଇଛି ।ଓଡିଶା ସୁଟିଂ ବଲ ଆସୋସିଏସନ ପକ୍ଷରୁ ଆୟୋଜିତ ଏହି ଚମ୍ପିୟାନସିପକୁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରୀଡା ର ବିକାଶ ଆମ ସମସ୍ତ ଙ୍କ ଲକ୍ଷ୍ୟ ଓ ଏ ଦିଗରେ ସମସ୍ତେ ସହଯୋଗ କରିବାକୁ ମତ ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଏସିଆନ ସୁଟିଂ ବଲ ଫେଡେରେସନର ସେକ୍ରେଟାରୀ ଜେନେରାଲ ରବୀନ୍ଦ୍ର ସିଂ ତୋମାର,ସୁଟିଂ ବଲ ଫେଡେରେସନ ଇଣ୍ଡିଆ ର ସେକ୍ରେଟାରୀ ଜେନେରାଲ ଜିତରାଜ ତୋମାର,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ଓଡିଶା ଅଲମ୍ପିକ ଆସୋସିଏସନ ର କୋଷାଧ୍ୟକ୍ଷ ରବି ଶଙ୍କର ପ୍ରତିହାରୀ,ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଯୋଗ ଦେଇ କ୍ରୀଡା ଶୃଙ୍ଖଳା ଓ ଭାଇଚାରାର ବାର୍ତ୍ତା ଦେଇଥାଏ ବୋଲି କହିବା ସହ କ୍ରୀଡା ପାଇଁ ତାଳବଣିଆ ପଡିଆ ଆଜି ଏକ ମିନି ଭାରତ ରେ ପରିଣତ ହୋଇଛି ବୋଲି କହିଥିଲେ।ପ୍ରାରମ୍ଭରେ ଆସୋସିଏସନ ର ସମ୍ପାଦକ ସୀତେନ୍ଦ୍ର ନାଥ ଦାସ ସମସ୍ତଙ୍କୁ ସ୍ୱାଗତ କରିଥିଲେ ।ଏହି ଚମ୍ପିୟାନ ସିପରେ ବିଭିନ୍ନ ରାଜ୍ୟର ୨୫ ଟି ପୁରୁଷ ଓ ୨୩ ଗୋଟି ମହିଳା ଦଳ ଅଶଂଗ୍ରହଣ କରିଛନ୍ତି ବୋଲି ଆୟୋଜକ ସୂଚନା ଦେଇଛନ୍ତି ।ଏହି ଚମ୍ପିୟାନସିପ ୧୯ ତାରିଖରେ ଉଦଯାପିତ ହେବ।



## ମହିଳା ଖେଳକୁଦ ପ୍ରତିଯୋଗିତା ଆରମ୍ଭ

ଶୁଳିଆପଦା (ଭାସ୍କର ନ୍ୟୁଜ୍): ଶୁଳିଆପଦା ବ୍ଲକ୍ କଣ୍ଟିସାହି ପଞ୍ଚାୟତ ଅଧିନ କଣ୍ଟିସାହି ଗ୍ରମରେ ୧୭ ତମ ବାର୍ଷିକ ମହିଳା ଖେଳକୁଦ ପ୍ରତିଯୋଗିତା ନେତାଜୀ ୟଥ କ୍ଲବ୍ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ କୁନିକୁନି ବାଳକ ବାଳିକା ସହିତ ଗାଁର ଗୃହିଣୀ ମାନେ ଅଂଶ ଗ୍ରହଣ କରିଥାନ୍ତି।ଗାଁ ଏଥିରେ ହାଣ୍ଡି ଭଙ୍ଗା, ବମ୍ ବ୍ଲାଷ୍ଟ,୧୦୦ ମିଟର,୨୦୦ ମିଟର ଦୌଡ଼, ଆଳି ଚାମଚ୍,ଏଣ୍ଡୁଅ ଦୌଡ, ବାଲଟି ବଲ୍, ଅଙ୍କ କଷା, ଚପଲ୍ ରେସ୍, ସ୍ଲୋ ସାଇକେଲ୍, ମ୍ୟୁଜିକ୍ ଚେୟାର, ଅନ୍ଧ ପୁତୁଳି, ବେଲୁନ୍ ପାସ୍ ପ୍ରଭୃତି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ନଗର ଉନ୍ନୟନ ଓ ଗୃହ ନିର୍ମାଣ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶେଷ ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବ ସହିତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କମିଟିର ସଭାପତି ଲିଲି ତୁଙ୍ଗ, ସମ୍ପାଦକ ସବିତା ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବିଣାପାଣି ମହାନ୍ତ, ସୁମିତ୍ରା ତୁଙ୍ଗ, ହେମନ୍ତ କୁମାର ତୁଙ୍ଗ, ସୁକୁମାର ମହାନ୍ତ,ସୁଶାନ୍ତ ମହାନ୍ତ,ହିମାଂଶୁ ଶେଖର ସି,ସୁନାରାମ ହେମ୍ବ୍ରମ ପ୍ରମୁଖ ସହଯୋଗ କରିଥିଲେ।


झारखण्ड सरकार
ग्रामीण कार्य विभाग कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, जमशेदपुर

ई–अल्पकालिन पुनर्निविदा आमंत्रण सूचना

ई–अल्पकालिन पुनर्निविदा संख्या:- RWD/EE/JSR/STPKG/01/RXV/2023-24 दिनांक :- 17.01.2025
कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र. सं. | आईडेन्टीफिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की अवधि | टेण्डर कॉल सं0 |
|---|---|---|---|---|---|---|
| 1. | RWD/EE/JSR/STPKG/01/2023-24 | देबकी चौक से घिरोल तक पथ का विशेष मरम्मति कार्य। (लं–4.000 कि0मी0) | 1,26,68,500.00 | एक करोड़ छब्बीस लाख अड़सठ हजार पाँच सौ रू0 मात्र | 15 माह | सोलहवाँ |
| | | गोविन्दपुर जादुगोड़ा रोड से कुलडीहा तक पथ का विशेष मरम्मति कार्य। (लं–1.450 कि0मी0) | 79,30,500.00 | उनासी लाख तीस हजार पाँच सौ रू0 मात्र | | |
| | | पोराडीह बारमपुट घाट (धुसुरडिपा) से तलसाई पी.सी.सी. रोड भाया नवागाँव पोड़ा भालकी तक पथ का विशेष मरम्मति कार्य। (लं–1.720 कि0मी0) | 1,16,44,800.00 | एक करोड़ सोलह लाख चौवालीस हजार आठ सौ रू0 मात्र | | |
| | | नारदा बलिया मोंझी के घर से रीचू हांसदा काशियाबेड़ा तक पथ का विशेष मरम्मति कार्य। (लं–1.520 कि0मी0) | 1,18,85,000.00 | एक करोड़ अठारह लाख पचासी हजार रू0 मात्र | | |
| | | T07 से सिलिंग तक पथ का विशेष मरम्मति कार्य। (लं–5.700 कि0मी0) | 2,77,54,500.00 | दो करोड़ सतहत्तर लाख चौवन हजार पाँच सौ रू0 मात्र | | |
| | | पोटका प्रखण्ड अन्तर्गत उलनसाई L054 PMGSY Road से बारेटोला तक पथ का विशेष मरम्मति कार्य। (लं–1.270 कि0मी0) | 82,73,000.00 | बिरासी लाख तिहतर हजार रू0 मात्र | | |
| | | आर.ई.ओ. रोड से मानिकपुर तक पथ का विशेष मरम्मति कार्य। (लं–2.150 कि0मी0) | 1,31,47,500.00 | एक करोड़ एकतीस लाख सैंतालीस हजार पाँच सौ रू0 मात्र | | |
| | | जायाडीह से बनकाटी तक पथ का विशेष मरम्मति कार्य। (लं–2.600 कि0मी0) | 1,55,53,500.00 | एक करोड़ पचपन लाख तिरपन हजार पाँच सौ रू0 मात्र | | |
| | कुल | | 10,88,57,300.00 | दस करोड़ अठठासी लाख सन्तावन हजार तीन सौ रू0 मात्र | | |

2.वेबसाईट में निविदा प्रकाशन की तिथि:– 20.01.2025।
3.ई–निविदा प्राप्ति की अंतिम तिथि एवं समय:– 02.02.2025 अपराह्न 5.00 बजे तक।
4.निविदा शुल्क एवं अग्रधन की राशि jharkhandtenders.gov.in के माध्यम से ऑनलाइन मोड में स्वीकार की जाएगी।
5.निविदा खोलने की तिथि एवं समय :– 03.02.2025 अपराह्न 5.00 बजे।
6.निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर, ब्लॉक–करनडीह, थाना–परसुडीह, जमशेदपुर, झारखण्ड, पिन–831002।
7.ई–निविदा प्रकोष्ठ का दूरभाष सं0– 0657–2298902।
8.विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल,
जमशेदपुर

PR 344515 (REO)24-25*D



झारखण्ड सरकार
ग्रामीण कार्य विभाग, कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, जमशेदपुर

ई–अल्पकालिन पुनर्निविदा आमंत्रण सूचना

ई–अल्पकालिन पुनर्निविदा संख्या:- 07/2024-25/RV/STPKG/RWD/EE/JSR दिनांक :- 17.01.2025
कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र. सं. | आईडेन्टी फिकेशन संख्या /पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|
| 1 | RWD/EE/JSR/STPKG/05/2024-25 | बिरघा से कानिकोला तक पथ का सुदृढ़ीकरण कार्य। (लम्बाई–4.300 कि0मी0) | 2,49,59,800.00 | दो करोड़ उन्चास लाख उन्सठ हजार आठ सौ रू0 मात्र | 15 माह | षष्ठम् |
| | | नेगा से केन्दमुरी तक पथ का सुदृढ़ीकरण कार्य। (लम्बाई–1.930 कि0मी0) | 95,27,200.00 | पन्चानवे लाख सताईस हजार दो सौ रू0 मात्र | | |
| | | L121 हल्दीपोखर तिरिंग मेन रोड से नागो तक पथ का सुदृढ़ीकरण कार्य। (लम्बाई–2.600 कि0मी0) | 1,28,77,500.00 | एक करोड़ अठाईस लाख सतहत्तर हजार पाँच सौ रू0 मात्र | | |
| | | मुदासासाई से ततलडीह तक पथ का सुदृढ़ीकरण कार्य। (लम्बाई–0.950 कि0मी0) | 50,22,700.00 | पचास लाख बाईस हजार सात सौ रू0 मात्र | | |
| | | L105 से सुफलडीह तक पथ का सुदृढ़ीकरण कार्य। (लम्बाई–6.820 कि0मी0) | 3,87,52,400.00 | तीन करोड़ सत्तासी लाख बावन हजार चार सौ रू0 मात्र | | |
| | | हाता–जादुगोड़ा रोड से मोधासाई तक पथ का सुदृढ़ीकरण कार्य। (लम्बाई–1.325 कि0मी0) | 71,34,100.00 | एकहत्तर लाख चौंतीस हजार एक सौ रू0 मात्र | | |
| | | पोराडीहा से पोखरिया तक पथ का सुदृढ़ीकरण कार्य। (लम्बाई–2.500 कि0मी0) | 1,92,08,400.00 | एक करोड़ बानवे लाख आठ हजार चार सौ रू0 मात्र | | |
| | | बालीडीह से बुरूहातु तक पथ का सुदृढ़ीकरण कार्य। (लम्बाई–2.500 कि0मी0) | 98,66,000.00 | अन्ठानवे लाख छियासठ हजार रू0 मात्र | | |
| | | L035-L034 से झरियागुट्टू तक पथ का सुदृढ़ीकरण कार्य। (लम्बाई–2.485 कि0मी0) | 1,82,38,500.00 | एक करोड़ बिरासी लाख अड़तीस हजार पॉच सौ रू0 मात्र | | |
| | कुल | | 14,55,86,600.00 | चौदह करोड़ पचपन लाख छियासी हजार छः सौ रू0 मात्र | | |

2. वेबसाईट में निविदा प्रकाशन की तिथि:– 20.01.2025।
3. ई–निविदा प्राप्ति की अंतिम तिथि एवं समय:– 02.02.2025 अपराह्न 5.00 बजे तक।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से ऑनलाइन मोड में स्वीकार की जाएगी।
5. निविदा खोलने की तिथि एवं समय :– 03.02.2025 अपराह्न 5.00 बजे।
6. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर, ब्लॉक–करनडीह, थाना–परसुडीह, जमशेदपुर, झारखण्ड, पिन–831002।
7. ई–निविदा प्रकोष्ठ का दूरभाष सं0– 0657–2298902।
8. विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल, जमशेदपुर

PR 344517 REO(24-25)#D



ପିଲାମାନେ ନିଜ ପରୀକ୍ଷାକୁ ନଜରରେ ରଖି ବିଳମ୍ବିତ ରାତି ଯାଏଁ ପାଠ ପଢିଥାନ୍ତି। ଏଥିସହ ନିଦ ନଆସିବା ପାଇଁ ଚା କଫିର ସାହାଯ୍ୟ ନେଇଥାନ୍ତି । ଜାଣନ୍ତି କି ବିଳମ୍ବିତ ରାତି ଯାଏଁ ଅନିଦ୍ରା ରହିବା ଏବଂ କଫିନଯୁକ୍ତ ଚା', କଫି ଅତ୍ୟଧିକ ସେବନ ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ । ବିଳମ୍ବିତ ରାତି ଯାଏଁ ଅନିଦ୍ରା ରହି ପାଠ ପଢିବା ଅପେକ୍ଷା ଦିନ ବେଳା ଅଧିକ ସମୟ ପଢିବାକୁ ଚେଷ୍ଟା କରନ୍ତୁ । ଛାତ୍ରଛାତ୍ରୀ ପାଠପଢା ଭିତରେ ଛୋଟ ଛୋଟ ବ୍ରେକ ନିଅନ୍ତୁ । ରିଭିଜନ ପାଇଁ ସମୟ ବାହାର କରନ୍ତୁ । ବିଳମ୍ବିତ ରାତି ଯାଏଁ ଚେଇଁ ରହିବା ଓ ସୁନିଦ୍ରା ରେ ନଶୋଇବା ଦ୍ୱାରା ଥକ୍କାପଣ, ମୁଣ୍ଡବିନ୍ଧା ଅନୁଭବ ହେବା ରୋଗପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ । ସେହିପରି ଦୀର୍ଘ ଦିନ ଧରି ଚା'କଫି ପିଇବା ଦ୍ୱାରା ହାଇ ବ୍ଲଡପ୍ରେସରର ସମସ୍ୟା ଦେଖାଯାଇପାରେ ।ସୁନିଦ୍ରା ନମିଳିଲେ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୁଏ । ମନେରଖିବା ଶକ୍ତି କମେ । ନିଦ ଅଭାବରୁ ଚାପ, ଚିନ୍ତା ବଢିଥାଏ ଯାହାକି ପିଲାଟିର ପ୍ରଦର୍ଶନ ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ । ଠିକ୍ ସମୟରେ ଶୋଇବା, ଉଠିବା ଏବଂ ପାଠପଢା ପାଇଁ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରିବା ପାଇଁ ପିଲାଙ୍କୁ ପ୍ରୋତ୍ସାହିତ କରନ୍ତୁ । ଅଭିଭାବକ ଓ ଶିକ୍ଷକ ପରୀକ୍ଷା ସମୟରେ ଅଯଥା ଚାପ ଶିଶୁଙ୍କ ଉପରେ ପକାନ୍ତୁ ନାହିଁ । ପିଲାକୁ ପ୍ରଶଂସା କରନ୍ତୁ ଏବଂ ପାଠପଢା ପାଇଁ ଏକ ଶାନ୍ତ ଓ ଚାପମୁକ୍ତ ବାତାବରଣ ତିଆରି କରନ୍ତୁ ।



# ଏଠି ଭାଗ୍ୟ-ଭବିଷ୍ୟ ଗଣନା ମନା

ଜ୍ୟୋତିଷ ଶାସ୍ତ୍ରରେ ବ୍ୟକ୍ତିର ରାଶି ଅନୁସାରେ ଭବିଷ୍ୟତର ସୂଚନା ତଥା ଶୁଭାଶୁଭ ଫଳ ନିର୍ଣ୍ଣୟ କରାଯାଇଥିଲା। କେହି କେହି ହସ୍ତରେଖା ଆଧାରରେ ବି ଭବିଷ୍ୟବାଣୀ କରିଥାନ୍ତି। ଏହାକୁ ଅନେକ ପେସା ଭାବେ ଗ୍ରହଣ କରିଥାନ୍ତି। କିନ୍ତୁ ଏପରି ଏକ ଜାଗା ଅଛି, ଯେଉଁଠି ଭବିଷ୍ୟତ କଥା କହୁଥିବା ଲୋକଙ୍କୁ ଦଣ୍ଡ ମିଳିଥାଏ। ଯୁକ୍ତିରାଷ୍ଟ୍ର ଆମେରିକାର ଓରେଗନ ରାଜ୍ୟରେ ୟାମହିଲ ନାମକ ସହରରେ ଭାଗ୍ୟ ବିଷୟରେ କହିବା, ଭବିଷ୍ୟବାଣୀ କରିବା କିମ୍ବା ହାତ ଦେଖି ଭଲ-ମନ୍ଦ କହିବା, ଜ୍ୟୋତିଷ କାମ କଲେ ଜଣେ ବ୍ୟକ୍ତିଙ୍କୁ ଦଣ୍ଡିତ ହେବାକୁ ପଡିଥାଏ। ଏହି ସହରରେ ଜ୍ୟୋତିଷ ବିଦ୍ୟା, ଟେରୋ କାର୍ଡ ରିଡିଂ ବିଜ୍ଞାନ ସମ୍ମତ ନୁହେଁ ବୋଲି ବିଚାର କରାଯାଏ। ତେଣୁ ଏପରି କାର୍ଯ୍ୟରେ ସାମିଲ ହେବା ଅପରାଧ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଏ। ଏହି ସହରରେ ଏପରି କାର୍ଯ୍ୟ କଳାପକୁ ନିଷିଦ୍ଧ କରିବାକୁ ଏକ ସ୍ୱତନ୍ତ୍ର ଆଇନ ରହିଛି। ଆଇନ ଅନୁଯାୟୀ, ଭାଗ୍ୟ ବିଷୟରେ କହିବା ପରି ଜ୍ୟୋତିଷ, ହସ୍ତରେଖା ବିଜ୍ଞାନ, ଦିବ୍ୟଦୃଷ୍ଟି, ଟେରୋ କାର୍ଡ ରିଡିଂ ବିଜ୍ଞାନ ସମ୍ମତ ନୁହେଁ। ତେଣୁ ଏସବୁ ମଧ୍ୟରୁ ଯେକୌଣସି ସାଧନା କରିବା ଆଇନ ବିରୁଦ୍ଧ ହୋଇଥାଏ। ଏଠାର ଆଇନ ଅନୁସାରେ ଯେକୌଣସି ମାଧ୍ୟରେ ଅତୀତ ଘଟଣାର ବିଶ୍ଳେଷଣ, କୌଣସି ବ୍ୟକ୍ତିଙ୍କ ଚରିତ୍ର ତଥା ବ୍ୟକ୍ତିତ୍ୱ ବିଶ୍ଳେଷଣ, ଭବିଷ୍ୟତ ବିଷୟରେ କହିବା, ଏଭଳି ବିଦ୍ୟା ଅର୍ଜନ କରି ଚୋରି ହୋଇଥିବା ସଂପତ୍ତି ବିଷୟରେ ଜାଣିବା, ଭବିଷ୍ୟତରେ ଘଟିବାକୁ ଯାଉଥିବା କୌଣସି ଘଟଣା ବିଷୟରେ ସୂଚନା ଦେବାକୁ ପ୍ରୟସାର କରିବା ଆଦି ଅବୈଧ ହୋଇଥାଏ। ତେଣୁ ଏହି ନିୟମ ଭାଙ୍ଗିଲେ ଜଣଙ୍କୁ ଜେଲ ଯିବାକୁ ପଡିପାରେ।

# ଆକ୍ସନମୁଡରେ ରଜନୀକାନ୍ତ



ଅଭିନେତା ରଜନୀକାନ୍ତ 'ଜେଲର ୨' ଫିଲ୍ମ ସହିତ ଖୁବଶୀଘ୍ର ପରଦାକୁ ଆସିବାକୁ ଆସୁଛନ୍ତି। ଏହି ଫିଲ୍ମର ଟିଜର ରିଲିଜ୍ ହୋଇଯାଇଛି। ଏଥିରେ ରଜନୀକାନ୍ତ ଆକ୍ସନ ପୋଜରେ ନଜର ଆସିଛନ୍ତି। ୭୪ ବର୍ଷ ବୟସରେ ମଧ ସେ ପରଦାରେ ଧମାକାଦାର ଆକ୍ସନ ଦେଖାଇବେ। ୨୦୨୩ ମସିହାରେ ରଜନୀକାନ୍ତଙ୍କ ଫିଲ୍ମ 'ଜେଲର' ସିନେମା ହଲରେ ମୁକ୍ତିଲାଭ କରିଥିଲା। ଏହା ବକ୍ସ ଅଫିସରେ ବିପୁଳ ଆୟ ମଧ୍ୟ କରିଥିଲା। ଏବେ ନିର୍ମାତାମାନେ 'ଜେଲର ୨' ଆଣୁଛନ୍ତି। 'ଜେଲର ୨'ର ଟିଜର ରିଲିଜ ହୋଇଛି। ଟିଜରରେ ରଜନୀକାନ୍ତ ତାଙ୍କ ଲୋକପ୍ରିୟ ଶୈଳୀରେ ଚଷମା ପିନ୍ଧି ଶତ୍ରୁମାନଙ୍କ ସହ ଲଢୁଥିବାର ଦେଖାଯାଉଛି। ଗୋଟିଏ ହାତରେ ବନ୍ଧୁକ ଏବଂ ଅନ୍ୟ ହାତରେ ଖଣ୍ଡା ଧରି ରଜନୀକାନ୍ତ ଟିଜରରେ ସମସ୍ତଙ୍କ ହୃଦୟ ଜିତିଛନ୍ତି।

# ପିଲା ଆଗରେ କରନ୍ତୁନି ଅନ୍ୟ ପିଲାର ପ୍ରଶଂସା
# ଅଭିଭାବକଙ୍କଠାରୁ ଦୂରେଇ ଯାଏ...

*ଦୁନିଆର ସବୁ ବାପାମା' ନିଜ ପିଲାକୁ ଖୁବ୍ ଭଲ ପାଇଥାନ୍ତି । ତଥାପି ଅନେକ ସମୟରେ ସେମାନେ ଅନ୍ୟ ପିଲା ସହ ନିଜ ପିଲାର ତୁଳନା କରିଥାନ୍ତି, ଯାହା ଆଦୌ ଠିକ୍ ନୁହେଁ । ଏପରି କରିବା ଦ୍ୱାରା ଲାଭ କମ୍ କ୍ଷତି ଅଧିକ ହୋଇଥାଏ । ପିଲାର ମାନସିକ ସ୍ୱାସ୍ଥ୍ୟବସ୍ଥା ଉପରେ ଏହାର ନକାରାତ୍ମକ ପ୍ରଭାବ ପଡିଥାଏ । ଏପରିକି ପିଲାର ଆତ୍ମବିଶ୍ୱାସ ମଧ ଦୋହଲି ଯାଇଥାଏ ।*



## ଅନ୍ୟ ପିଲା ସହ ତୁଳନା ନୁହେଁ, ବରଂ କରନ୍ତୁ ଉତ୍ସାହିତ

ପିଲାଙ୍କୁ ମଣିଷ କରି ଗଢିତୋଳିବା ଆଦୌ ସହଜ ନୁହେଁ । ପ୍ୟାରେଣ୍ଟିଂ ବିଶେଷଜ୍ଞଙ୍କ କହିବା କଥା ଆଜିକାଲିର ପିଲାଙ୍କୁ ଠିକ୍ ଭାବେ ଗଢି ତୋଳିବା ପାଇଁ ଅଭିଭାବକଙ୍କୁ ସଚେତନ ହେବାକୁ ପଡିବ । ଅତୀତର ଏବଂ ଏବେକାର ଅଭିଭାବିକପଣିଆରେ ବହୁ ପାର୍ଥକ୍ୟ ରହିଛି । ଅବଶ୍ୟ ଏଥିପାଇଁ ସମସ୍ତଙ୍କର ଦୃଷ୍ଟିକୋଣ ଭିନ୍ନ । ତଥାପି ପିଲାଙ୍କୁ ମଣିଷ କରିବା ସମୟରେ କେତେକ ବିଶେଷ ଦିଗ ପ୍ରତି ଧ୍ୟାନ ଦେବା ଖୁବ୍ ଜରୁରି । ଯେପରିକି ନିଜ ପିଲାକୁ ଅନ୍ୟ ସହ ତୁଳନା କରିବା ଅନୁଚିତ୍ ।

## ତୁଳନା କରିବା କାହିଁକି ଭୁଲ୍

ତୁଳନା କରିବା ଦ୍ୱାରା ପିଲା ଭିତରେ ନକାରାତ୍ମକ ଚିନ୍ତାଧାରା ବଢିଚାଲେ । କ୍ରମଶଃ ପିଲା ଏକା ପଡିଯାଇଥାଏ । କାରଣ ତୁଳନା କରିବା ଦ୍ୱାରା ପିଲା ଭିତରେ ଇର୍ଷା ଉତ୍ପନ୍ନ ହୋଇଥାଏ । ବାହାର ପିଲା ହୁଅନ୍ତୁ ଅବା ଭାଇଭଉଣୀ ତୁଳନା କରିବା ଦ୍ୱାରା ପରସ୍ପରଙ୍କ ଭିତରେ ଈର୍ଷା ସୃଷ୍ଟି ହେବା ସହ ଭଲ ପାଇବା କମିଯାଏ । ଅଭିଭାବିକ ପିଲାର ତୁଳନା କରିବା ଦ୍ୱାରା ସେ ବାପାମା' ସହ ମନ

## ଅଭିଭାବକଙ୍କ ଠାରୁ ଦୂରେଇ ଯାଏ ପିଲା

ଖୋଲା ଭାବେ କଥା ହୋଇପାରେନା । ବରଂ ସବୁ କାମରେ ସେ ଅନ୍ୟ ସହ ନିଜର ତୁଳନା ହୋଇପାରେ ବୋଲି ଆଶା ରଖିଥାଏ । ଏହାଦ୍ୱାରା ସେ ଏକା ହୋଇପଡେ । ଆଉ ଅଭିଭାବକଙ୍କଠାରୁ ଦୂରେଇବା ଦ୍ୱାରା ସମସ୍ୟାକୁ ଦୃଢତାର ସହ ମୁକାବଲା କରିପାରେନା । ଫଳରେ ସେ ବଡ଼ ହେବା ପରେ ମଧ ସମସ୍ୟାକୁ ସାମ୍ନା କରିବାକୁ ଡରିଥାଏ।

## ପିଲାର ଟ୍ୟାଲେଣ୍ଟ ମରିଯାଏ

ଅନ୍ୟ ସହ ପିଲାର ତୁଳନା କରିବା ପରେ ସେ କୌଣସି କାମ ପ୍ରତି ଆଗ୍ରହୀ ହୋଇ ନଥାଏ । ବରଂ ଉଦାସୀନ ହୋଇପଡେ । ଫଳରେ ତା' ଭିତରେ ଥିବା ଟ୍ୟାଲେଣ୍ଟ୍ ଚାପି ହୋଇଯାଇଥାଏ । ଫଳରେ ପିଲାର ଟ୍ୟାଲେଣ୍ଟ୍ ଆପେ ଆପେ ମରିଚାଲେ ।



## ପିଲା ଚିନ୍ତାରେ ରହେ..

ତୁଳନା କରିବା ଦ୍ୱାରା ପିଲା ସବୁବେଳେ ଭଲ ପ୍ରଦର୍ଶନ କରିବାକୁ ନେଇ ଚିନ୍ତାରେ ରହିଥାଏ। ତେଣୁ ମୁକ୍ତ ଭାବେ କିଛି ଭାବି ପାରେନା । ଫଳରେ ସେ ଚାହୁଁଥିବା କାମକୁ ଭଲରେ କରିବା ପରିବର୍ତ୍ତେ ବିଗାଡି ଦେଇଥାଏ ।

## ଆତ୍ମବିଶ୍ୱାସ କମିଚାଲେ

ତୁଳନା କରିବା ଦ୍ୱାରା ପିଲାରେ ବିଶ୍ୱାସ ହୋଇଯାଏ ଯେ ସେ ସାମ୍ନା ପିଲାଠାରୁ ଦୁର୍ବଳ । ଫଳରେ ତା' ଭିତରେ କୌଣସି କାମକୁ ନେଇ ଉତ୍ସାହ ନୁହେଁ, ବରଂ ଆତ୍ମବିଶ୍ୱାସର ଅଭାବ ଦେଖିବାକୁ ମିଳିଥାଏ । ତେଣୁ ପିଲାକୁ ତୁଳନାଠାରୁ ଦୂରେଇ ରଖନ୍ତୁ ।

# ଆପଣ ବି ରାତିସାରା ୱାଇଫାଇ ଚଳାଇବା ଅଭ୍ୟାସ ରଖିଛନ୍ତି କି ?




ବର୍ତ୍ତମାନ ଚାଲିଛି ସ୍ମାର୍ଟଫୋନର ଯୁଗ। ଯେଉଁଥିପାଇଁ ବହୁଳ ବ୍ୟବହାର କରାଯାଉଛି ଇଣ୍ଟରନେଟ୍‌ର। ଯାହାକୁ ନେଇ ୱାଇଫାଇର ବ୍ୟବହାର ମଧ ବଢିଛି । ଏହା ଏମିତି ଏକ ସେବା ଯାହା ୨୪ ଘଣ୍ଟା ଇଣ୍ଟରନେଟ ଉପଲବ୍ଧ କରାଏ। ଏନେଇ ଅଧିକାଂଶ ଲୋକ ନିଜ ଘରେ ଲଗାଇଛନ୍ତି ୱାଇଫାଇ ରାଉଟର ମେସିନ । ହେଲେ ୱାଇଫାଇ ରାଉଟରକୁ ନେଇ ନ୍ୟାଶନାଲ ହେଲଥ ଲାଇବ୍ରେରୀ ପକ୍ଷରୁ ସାମ୍ନାକୁ ଆସିଛି ଏକ ବଡ଼ ତଥ୍ୟ । ୱାଇଫାଇର ରାଉଟରରୁ ରେଡ଼ିଓ ତରଙ୍ଗ ବାହାରୁଥିବାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହି ତରଙ୍ଗ ସମ୍ପର୍କରେ ଆସିଲେ ମଣିଷର ସ୍ୱାସ୍ଥ୍ୟ ଉପରେ ନକରାତ୍ମକ ପ୍ରଭାବ ପଡ଼ିଥାଏ ବୋଲି ରିପୋର୍ଟ ଜଣାପଡିଛି । ନିକଟରେ ୩୪ ବର୍ଷୀୟ ୫ ଜଣ ଯୁବକ ୱାଇଫାଇ ରାଉଟର ପାଖେ ୫ ରାତି ବିତାଇଥିଲେ । ଏହି ସମୟରେ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡିବା ସହ ଏଥିଯୋଗୁଁ ସେମାନଙ୍କ ଠାରେ ଅନିଦ୍ରା ସମସ୍ୟା ଦେଖାଯାଇଥିଲା । କେବଳ ସେତିକି ନୁହେଁ ରାତି ସାରା ୱାଇଫାଇ ଅନ କରି ରଖିବା ଦ୍ୱାରା ଏଥିରୁ ବାହାରୁଥିବା କ୍ଷତିକାରକ ବିକିରଣ ମନୁଷ୍ୟ ଉପରେ ପ୍ରଭାବ ପକାଇପାରେ। ଏହାଦ୍ୱାରା ଥକ୍କାପଣ, ନିଦ ନ ହେବା,ମସ୍ତିଷ୍କ ଉପରେ ପ୍ରଭାବ ପଡ଼ିବା ଯୋଗୁଁ ମୁଣ୍ଡବିନ୍ଧା, ମୁଣ୍ଡ ଘୁରାଇବା, ମାନସିକ ଚାପ ଆଦି ସମସ୍ୟା ହୋଇପାରେ । ୱାଇଫାଇ ନେଟୱାର୍କ ସହିତ ସଂଯୋଗ ସ୍ମାର୍ଟଫୋନ, ଲ୍ୟାପଟପ୍ ଏବଂ ଅନ୍ୟାନ୍ୟ ଉପକରଣରୁ ଉତ୍ପନ୍ନ ହେଉଥିବା ଚୁମ୍ବକୀୟ ତରଙ୍ଗ ମନୁଷ୍ୟ ସ୍ୱାସ୍ଥ୍ୟକୁ ବିଗାଡ଼ିପାରେ। ଫଳରେ ଉଚ୍ଚ ରକ୍ତଚାପ, ହୃଦ ସମ୍ବନ୍ଧୀୟ ସମସ୍ୟା ହେବା ସହ ଏହା ରୋଗ ପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରିପାରେ। ଏଥିରୁ ସୁରକ୍ଷା ପାଇବା ପାଇଁ ରାତିରେ ଶୋଇବା ସମୟରେ ରାଉଟକୁ ବନ୍ଦ କରିବା ଅଭ୍ୟାସ ରଖିବା ଭଲ। ଯଦି ସ୍ମାର୍ଟଫୋନ ବ୍ୟବହାର କରୁଥାନ୍ତି ତେବେ ସୋଇବା ସମୟପେ ଇଣ୍ଟରନେଟ ଅଫ୍ କରିବା ଆବଶ୍ୟକ। ସେହିଭଳି ୱାଇଫାଇ ରାଉଟରକୁ ଶୟନ କକ୍ଷରୁ ଦୂରରେ ରଖିବା ଆାବଶ୍ୟକ ।



ଜ୍ୟୋତିଷ ଶାସ୍ତ୍ରରେ ବ୍ୟକ୍ତିର ରାଶି ଅନୁସାରେ ଭବିଷ୍ୟତର ସୂଚନା ତଥା ଶୁଭାଶୁଭ ଫଳ ନିର୍ଣ୍ଣୟ କରାଯାଇଥିଲା। କେହି କେହି ହସ୍ତରେଖା ଆଧାରରେ ବି ଭବିଷ୍ୟବାଣୀ କରିଥାନ୍ତି। ଏହାକୁ ଅନେକ ପେସା ଭାବେ ଗ୍ରହଣ କରିଥାନ୍ତି। କିନ୍ତୁ ଏପରି ଏକ ଜାଗା ଅଛି, ଯେଉଁଠି ଭବିଷ୍ୟତ କଥା କହୁଥିବା ଲୋକଙ୍କୁ ଦଣ୍ଡ ମିଳିଥାଏ। ଯୁକ୍ତିରାଷ୍ଟ୍ର ଆମେରିକାର ଓରେଗନ ରାଜ୍ୟରେ ୟାମହିଲ ନାମକ ସହରରେ ଭାଗ୍ୟ ବିଷୟରେ କହିବା, ଭବିଷ୍ୟବାଣୀ କରିବା କିମ୍ବା ହାତ ଦେଖି ଭଲ-ମନ୍ଦ କହିବା, ଜ୍ୟୋତିଷ କାମ କଲେ ଜଣେ ବ୍ୟକ୍ତିଙ୍କୁ ଦଣ୍ଡିତ ହେବାକୁ ପଡିଥାଏ। ଏହି ସହରରେ ଜ୍ୟୋତିଷ ବିଦ୍ୟା, ଟେରୋ କାର୍ଡ ରିଡିଂ ବିଜ୍ଞାନ ସମ୍ମତ ନୁହେଁ ବୋଲି ବିଚାର କରାଯାଏ। ତେଣୁ ଏପରି କାର୍ଯ୍ୟରେ ସାମିଲ ହେବା ଅପରାଧ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଏ। ଏହି ସହରରେ ଏପରି କାର୍ଯ୍ୟ କଳାପକୁ ନିଷିଦ୍ଧ କରିବାକୁ ଏକ ସ୍ୱତନ୍ତ୍ର ଆଇନ ରହିଛି। ଆଇନ ଅନୁଯାୟୀ, ଭାଗ୍ୟ ବିଷୟରେ କହିବା ପରି ଜ୍ୟୋତିଷ, ହସ୍ତରେଖା ବିଜ୍ଞାନ, ଦିବ୍ୟଦୃଷ୍ଟି, ଟେରୋ କାର୍ଡ ରିଡିଂ ବିଜ୍ଞାନ ସମ୍ମତ ନୁହେଁ। ତେଣୁ ଏସବୁ ମଧ୍ୟରୁ ଯେକୌଣସି ସାଧନା କରିବା ଆଇନ ବିରୁଦ୍ଧ ହୋଇଥାଏ। ଏଠାର ଆଇନ ଅନୁସାରେ ଯେକୌଣସି ମାଧ୍ୟରେ ଅତୀତ ଘଟଣାର ବିଶ୍ଳେଷଣ, କୌଣସି ବ୍ୟକ୍ତିଙ୍କ ଚରିତ୍ର ତଥା ବ୍ୟକ୍ତିତ୍ୱ ବିଶ୍ଳେଷଣ, ଭବିଷ୍ୟତ ବିଷୟରେ କହିବା, ଏଭଳି ବିଦ୍ୟା ଅର୍ଜନ କରି ଚୋରି ହୋଇଥିବା ସଂପତ୍ତି ବିଷୟରେ ଜାଣିବା, ଭବିଷ୍ୟତରେ ଘଟିବାକୁ ଯାଉଥିବା କୌଣସି ଘଟଣା ବିଷୟରେ ସୂଚନା ଦେବାକୁ ପ୍ରୟସାର କରିବା ଆଦି ଅବୈଧ ହୋଇଥାଏ। ତେଣୁ ଏହି ନିୟମ ଭାଙ୍ଗିଲେ ଜଣଙ୍କୁ ଜେଲ ଯିବାକୁ ପଡିପାରେ।




Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ରାଉରକେଲା (ଭାସ୍କର ନ୍ୟୁଜ): ସେଲ୍, ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗରେ ତତ୍କାଳ ସ୍ୱୀକୃତି ପୁରସ୍କାର ଯୋଜନା ଅଧୀନରେ ଜାନୁଆରୀ ୧୪ ତାରିଖରେ ଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ହଟ ଷ୍ଟ୍ରିପ ମିଲ ଓ ଆନୁଷଙ୍ଗିକ ବିଭାଗର ସିଜିଏମ ସୁବ୍ରତ କୁମାର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ୧୯ ଟି ଏଜେନ୍ସିରୁ ୩୪ ଜଣ ଠିକା ଶ୍ରମିକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଏଚଏସଏମ-୨ ଇଲେକ୍ଟ୍ରିକଲ ବିଭାଗର ଜିଏମ ଆର କୁଜୁର, ଅପରେସନ ବିଭାଗର ମହାପ୍ରବନ୍ଧକ ଡି.କେ. ଯାଦବ ଏବଂ ମେକାନିକାଲ ବିଭାଗର ମହାପ୍ରବନ୍ଧକ ଏସ. କାନୁନଗୋ, ଏଚଆର ସିଏଲସି ବିଭାଗର ସିନିୟର ମ୍ୟାନେଜର ରାଜୀବ ମୁଖାର୍ଜୀ, ବିଭାଗୀୟ ପ୍ରତିନିଧି, ଅନ୍ୟ ଅଧିକାରୀ ଏବଂ କର୍ମଚାରୀ, ସଂପୃକ୍ତ ଏଜେନ୍ସିର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଶ୍ରୀ କୁମାର ପୁରସ୍କାର ବିଜେତାଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଶଂସା କରିଥିଲେ ଏବଂ ସେମାନଙ୍କ କାର୍ଯ୍ୟ କ୍ଷେତ୍ରରେ ଗୁଣବତ୍ତା, ମୂଲ୍ୟ ଏବଂ ସୁରକ୍ଷାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଉପସ୍ଥିତ ସମସ୍ତଙ୍କୁ ସକ୍ରିୟ ଭାବରେ କାମ କରିବାକୁ ଏବଂ ଲକ୍ଷ୍ୟ ଅତିକ୍ରମ କରିବାକୁ ଉତ୍ସାହିତ କରିଥିଲେ।

### ରାସ୍ତା କଡରେ ବିକ୍ରି ହୋଇପାରିବନି ମାଛ ମାଂସ

## ପୌରସଂସ୍ଥା ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଆଉ ରାସ୍ତା କଡରେ ବିକ୍ରି ହୋଇପାରିବନି ମାଛ । କଟାଯାଇ ପାରିବନି ମାଂସ । ଏଥିପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଛି ଆମିଷ ବଜାର । ଢେଙ୍କାନାଳ ପୌରସସ୍ଥା ପକ୍ଷରୁ ଆଜିଠାରୁ ଆରମ୍ଭ ହୋଇଯାଇଛି ଉଚ୍ଛେଦ ପ୍ରକ୍ରିୟା । ଢେଙ୍କାନାଳ ସହରରେ ଗତ କିଛି ବର୍ଷ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଏଣେ ତେଣେ ମାଛ ଓ ମାଂସ ଦୋକାନ ଛତୁ ଫୁଟିଲା ଭଳି ଖୋଲାଯାଇଥିଲା। ଏପରିକି ରାସ୍ତା କଡରେ ମାଂସ କଟାଳୀ ମାନେ ଚିକେନ୍ ମାଂସ ଆଦି କାଟୁଥିବା ଦେଖାଯାଉଥିଲା। ଯାହାକି ସଧାରଣ ଲୋକ ଓ କୁନି କୁନି ପିଲାଙ୍କ ଉପରେକୁ



ପ୍ରଭାବ ପକାଉଥିଲା। ଏଥିପାଇଁ ପୌରସସ୍ଥା ପକ୍ଷରୁ ସ୍ୱତନ୍ତ୍ରଭାବେ ସହରର ବାଜି ଚୌକ, ରଥଗଡା ଆଦି ଜାଗାରେ ଆମିଷ ଦୋକାନ ଲାଗି ବ୍ୟବସ୍ଥା କରାଇଥିଲେ ମଧ କେହି ଶୁଣୁ ନଥିଲେ। ଫଳରେ ପୌରସଂସ୍ଥା ଏବେ ଆକ୍ସନ ମୁଡକୁ ଆସିଛି। ପୂର୍ବରୁ ବାରମ୍ବାର ସୂଚନା ଦେଇ ଆଜି ସହରର ବିଭିନ୍ନ ଜାଗାରେ ରାସ୍ତା କଡରେ ଥିବା ଚିକେନ୍ , ମାଂସ ଓ ମାଛ ଦୋକାନକୁ ଉଚ୍ଛେଦ କରାଯାଇଛି । ପୂର୍ବରୁ ପୌରସସ୍ଥା ପକ୍ଷରୁ ତିଆରି କରାଯାଇଥିବା ଭେଣ୍ଡିଂ ଯୋନରେ ଏହି ଦୋକାନୀ ମାନଙ୍କୁ ଥଇଥାନ କରାଯାଇଥିବା ଦେଖିବାକୁ ମିଳିଛି। ଫଳରେ ଏଣିକି ସହରର କୁକାନ୍ତ ଆର ଆଇ ଅଫିସ ନିକଟ, ବାଜିଚୌକ ପରିବା ମାର୍କେଟ ନିକଟ, ରଥଗଡ଼ା ଓ ସେପଟେ କାଲଟାସ୍କ ଛକ ନିକଟରେ ଭେଣ୍ଡିଂ ଜୋନ୍‌ରେ ଏହି ଆମିଷ ବଜାରରେ ହିଁ କେବଳ ଆମିଷ ମିଳିପାରିବ ବୋଲି ପ୍ରକାଶ କରିଛନ୍ତି ଢେଙ୍କାନାଳ ପୌରନିର୍ବାହୀ ଅଧିକାରୀ।

## ପୌରପାଳିକା ଠିକାଦାର ସଂଘର ବନ୍ଧୁମିଳନ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଉପକଣ୍ଠ ବୋରାପଦା ଆମ୍ବତୋଟା ଠାରେ ଢେଙ୍କାନାଳ ପୌରପାଳିକା ଠିକାଦାର ସଂଘ ତରଫରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ଅତିଥି ଭାବେ ପୌରାଧକ୍ଷା ଜୟନ୍ତୀ ପାତ୍ର, ପୌର ଉପାଧକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ସମାଜସେବୀ ରାମଚନ୍ଦ୍ର ପାତ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ବେଉରା, ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ଓ ଜ୍ଞାନେନ୍ଦ୍ର ରାଉତ, ସହକାରୀ ଯନ୍ତ୍ରୀ ଦିନେଶ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ପାର୍ବତୀ ସାହୁ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଆହୁରି ଉତ୍ସବ ମୁଖର କରିଦେଇଥିଲେ । ପୌରପାଳିକାର ୨୩ ଗୋଟି ୱାର୍ଡର ଠିକାଦାର ଭାଇମାନେ ଉପସ୍ଥିତ ରହି ବନ୍ଧୁମିଳନକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।

## 'ଧନିତ୍ରୀ ସେବା ସମବାୟ ସମିତି' ପକ୍ଷରୁ ଖୋଲିଲା ଧାନମଣ୍ଡି



କୋଣାର୍କ (ଭାସ୍କର ନ୍ୟୁଜ): କୋଣାର୍କ ଥାନା ଅଧିନସ୍ଥ କାଦୁଆନୂଆଗାଁ ଗ୍ରାମପଞ୍ଚାୟତର ଧନୀତ୍ରି ଗ୍ରାମ ସ୍ଥିତ ଧନିତ୍ରୀ ସେବା ସମବାୟ ସମିତି ପକ୍ଷରୁ ଶୁକ୍ରବାର ଦିବା ୧୨ଘ ୩୦ ମିନିଟ ସମୟରେ ଖରିଫ ଧାନ କ୍ରୟ କରିବା ପାଇଁ ଧାନମଣ୍ଡି ଶୁଭାରମ୍ଭ କରାଯାଇଛି। ଧନିତ୍ରୀ ସେବା ସମବାୟ ସମିତି ସଭାପତି ଅକ୍ଷୟ କୁମାର ମଲ୍ଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଧାନମଣ୍ଡି ଶୁଭାରମ୍ଭ କାର୍ଯ୍ୟକ୍ରମରେ ମଣ୍ଡି ଦାୟିତ୍ୱରେ ଥିବା ନୋଡାଲ ଅଫିସର ତଥା କୃଷି ଗ୍ରାମ ସେବକ ରାଖାଲ କୁମାର ଖୁଣ୍ଟିଆ, ସମିତି ସଂପାଦକ ବିଷ୍ଣୁ ଚରଣ ବେହୁରା, ସମିତିର ବରିଷ୍ଠ ସଭ୍ୟ କେଳୁଚରଣ ପାତ୍ର, ବୋର୍ଡ ମେମ୍ବର କପିଳ ପାତ୍ର, ମଧୁସୂଦନ ବାଉତ, ରେଣୁ ମଲ୍ଲିକ, ଗୀତାଞ୍ଜଳି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନୋଡାଲ ଅଫିସର ରାଖାଲ ଖୁଣ୍ଟିଆ ଚାଷୀ ମାନେ ମଣ୍ଡିକୁ ଆଣିଥିବା ଧାନର ମାନ ପରୀକ୍ଷା କରିଥିଲେ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ୨୫ରୁ ଉର୍ଦ୍ଧ୍ୱ ଚାଷୀ ସେମାନଙ୍କ ଉତ୍ପାଦିତ ଧାନ ଫସଲ ମଣ୍ଡିରେ ବିକ୍ରି କରିଥିଲେ। ପର୍ଯ୍ୟାୟ କ୍ରମେ କୃଷକ ମାନଙ୍କ ଧାନ ଫସଲ କ୍ରୟ କରିବା ସହ ସରକାରୀ ନିର୍ଦ୍ଧାରିତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଓ ଇନପୁଟ ରିହାତି ପ୍ରଦାନ କରାଯିବ ବୋଲି ସମିତିର ସଭାପତି ଅକ୍ଷୟ କୁମାର ମଲ୍ଲ ପ୍ରକାଶ କରିଛନ୍ତି।

## 'ସଡକ ସୁରକ୍ଷା, ପରିବାର ରକ୍ଷା' ସଚେତନତା ବାର୍ତ୍ତା




ତାଳଚେର (ଭାସ୍କର ନ୍ୟୁଜ): 'ସଡକ ସୁରକ୍ଷା ପରିବାର ରକ୍ଷା' ସଚେତନତା ବାର୍ତ୍ତା ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି । ଆଂଚଳିକ ପରିବହନ ଅଧିକାରୀ ଇଂ ନିଖିଲ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏମସିଏଲ୍ ଜଗନ୍ନାଥ ଏରିଆର ସୁରକ୍ଷା ଅଧିକାରୀ ରାଜ କୁମାର ମହାନ୍ତି ଏବଂ ଏସ୍.ଓ.-ଏଲ୍ ଏଣ୍ଡ ଆର ନିରାକାର ଶତପଥି ମହୋଦୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେଣ୍ଟ୍ ଜନ୍ ଆମ୍ବୁଲାନସ୍ ଏମ୍.ସି.ଏଲ୍. ଆମ୍ବୁଲାନସ୍ ଡିଭିଜନ୍ କମାଣ୍ଡର ତଥା ଅବୈତନିକ ଯୁଗ୍ମ ସଂପାଦକ ଦିନବନ୍ଧୁ ପ୍ରଧାନ, ଆମ୍ବୁଲାନସ୍ ଅଫିସର ହିଂମାଂଶୁ ଭୂଷଣ ପ୍ରଧାନ ଏବଂ ସମସ୍ତ ବ୍ରିଗେଡ୍‌ଙ୍କ ପୂର୍ଣ୍ଣ ସହଯୋଗରେ ଏକ ବିଶାଳ ରାଲି ଅନୁଷ୍ଠିତ ହୋଇଥିଲା । ଏହି ରାଲି ଜଗନ୍ନାଥ ଏରିଆ ଠାରେ ସବୁଜ ସଂକେତ ଦ୍ୱାରା ଆରମ୍ଭ କରାଯାଇ ବିଭିନ୍ନ ଜନଗହଳି ସ୍ଥାନରେ ସଚେତନତା କରାଯିବା ସହିତ ଅନନ୍ତ ବିହାର, ଡେରା, ଲିଙ୍ଗରାଜ, ହାଣ୍ଡିଧୂଆ, ହାଟତୋଟା, କଚେରୀ ରୋଡ୍ ଦେଇ ତାଳଚେର ଟାଉନ୍ ସ୍ଥିତ ପରିବହନ କାର୍ଯ୍ୟାଳୟରେ ପହଂଚିଥିଲେ । ସେଠାରେ ଆର.ଟି.ଓ. ଶ୍ରୀ ପଟ୍ଟନାୟକ ଏବଂ ଏମ୍.ଭି.ଆଇ. ପ୍ରିୟବ୍ରତ ମହାନ୍ତିଙ୍କ ଉପସ୍ଥିତିରେ ହଠାତ୍ ଦୁର୍ଘଟଣା ସ୍ଥଳରୁ ଆହାତ ବ୍ୟକ୍ତିଙ୍କୁ ପ୍ରାଥମିକ ଚିକିତ୍ସା ସହିତ କିପରି ସ୍ଥାନାନ୍ତରିତ କରିବା ଏବଂ ଭଦ୍ର, କୋମଳ ବଚନ ଦ୍ୱାରା କିପରି ଲୋକାରଣ୍ୟକୁ ଭାଙ୍ଗିବା ସହିତ ଆମ୍ବୁଲାନସ ରେ ନେବା ଇତ୍ୟାଦି ସମସ୍ତ ପ୍ରକ୍ରିୟା ଡେମୋ ମାଧ୍ୟମରେ ସଚେତନତା କରାଯାଇଥିଲା ।

## ସଡ଼କ ସୁରକ୍ଷା ସପ୍ତାହ ପାଳିତ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସ୍ଥିତ ସାଙ୍ଗାନା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ସଡ଼କ ସୁରକ୍ଷା ସମ୍ବନ୍ଧରେ ଅବଗତ କରିଥିଲେ। ବିଦ୍ୟାଳୟର ଜେ.ଆର.ସି କାଉନ୍ସିଲର ସପନ କୁମାର ଦୀକ୍ଷିତ ସଡ଼କ ସୁରକ୍ଷା ସପ୍ତାହ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସହଯୋଗୀ କାଉନସିଲର ଭାବେ ସୁକାନ୍ତ କୁମାର ଯାଦବ ଓ କସ୍ତୁରୀ ଶବର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନେଇ ଏକ ସଚେତନତା ରାଲିରେ ବାହାରି ପ୍ଲାକାର୍ଡ ଧରି ସଡ଼କ ସୁରକ୍ଷା ଜୀବନ ରକ୍ଷା ନାରା ଦେଇ ସହର ପରିକ୍ରମା କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ବିଜ୍ଞାନ ଓ ହସ୍ତଶିଳ୍ପ ପ୍ରଦର୍ଶନୀରେ ୩୦୦ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ



ରାଉରକେଲା (ଭାସ୍କର ନ୍ୟୁଜ): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ପରିଚାଳିତ ସେକ୍ଟର - ୨୦ ସ୍ଥିତ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଆୟୋଜିତ ୨୦ ତମ ଆନ୍ତଃ ବିଦ୍ୟାଳୟ ବିଜ୍ଞାନ ପ୍ରଦର୍ଶନୀ ଓ ଦ୍ୱିତୀୟ ଆନ୍ତଃ ବିଦ୍ୟାଳୟ କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଜାନୁଆରୀ ୧୭ ତାରିଖରେ ଆରଏସପି ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ କେ ବେହୁରିଆଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଏହି ଅବସରରେ ସହର ପ୍ରଶାସନ ଓ ସି ଏସ ଆର ବିଭାଗର ସିଜିଏମ ଇନ ଚାର୍ଜ ପି କେ ସ୍ୱାଇଁ, ସହର ସେବା ବିଭାଗର ଜିଏମ ଇନ ଚାର୍ଜ ଟି ଜି କାନେକର ଏବଂ ଆରଏସପିର ଅନ୍ୟ ବରିଷ୍ଠ ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକଶିକ୍ଷୟିତ୍ରୀ ତଥା ଅଭିଭାବକମାନେ ଉପସ୍ଥିତ ଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସୂଚନାଯୋଗ୍ୟ ଯେ, ଉକ୍ତ ଦିନିକିଆ ପ୍ରଦର୍ଶନୀରେ ଇସ୍ପାତ ସହରର ବିଭିନ୍ନ ବିଦ୍ୟାଳୟର ପ୍ରାୟ ୩୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶ୍ରୀ ବେହୁରିଆ ଛାତ୍ର ଛାତ୍ରୀ ଙ୍କର ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପଗୁଡିକୁ ବୁଲି ଦେଖିବା ସହ ସେଗୁଡିକରେ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରିଥିଲେ ଏବଂ ସେମାନଙ୍କ ସହିତ ପ୍ରକଳ୍ପ ବିଷୟରେ ମତବିନିମୟ କରିଥିଲେ । ଚଳିତ ବର୍ଷର ପ୍ରଦର୍ଶନୀର ବିଷୟବସ୍ତୁ ହେଉଛି 'ସ୍ଥାୟୀ ବସବାସ ନିମନ୍ତେ ବିଜ୍ଞାନ ଓ ପ୍ରଯୁକ୍ତି '। ବିଜ୍ଞାନ ପ୍ରଦର୍ଶନୀରେ ୨୦୦ ଜଣ ଛାତ୍ରଛାତ୍ରୀ ୧୦୦ ଟି ପ୍ରକଳ୍ପ ଉପସ୍ଥାପନ କରିଥିଲେ। ଅଂଶଗ୍ରହଣକାରୀମାନେ ଦୈନନ୍ଦିନ ଜୀବନରେ ବିଜ୍ଞାନ, କୃତ୍ରିମ ବୁଦ୍ଧିମତ୍ତା ଏବଂ ରୋବୋଟିକ୍ସ, ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାର, ଇ-ଆବର୍ଜନା ପରିଚାଳନା, ପରିବେଶ ଅନୁକୂଳ କୃଷି ଏବଂ ଗଣିତର ଯାଦୁ ଏବଂ ଏଭଳି ଅନେକ ଅଭିନବ ପ୍ରକଳ୍ପ ମାଧ୍ୟମରେ ସେମାନଙ୍କର ବୈଜ୍ଞାନିକ ଚିଂତାଧାରାର ପ୍ରଦର୍ଶନ କରିଥିଲେ। ଅନୁରୂପ ଭାବେ ପ୍ରଥମ ଆନ୍ତଃ ବିଦ୍ୟାଳୟ କଳା ଏବଂ ହସ୍ତଶିଳ୍ପ ପ୍ରଦର୍ଶନୀରେ ୧୨ଟି ବିଦ୍ୟାଳୟର ୮୦ ଜଣ ଛାତ୍ରଛାତ୍ରୀଙ୍କ କଳା ପ୍ରତିଭା ପ୍ରଦର୍ଶନ କରାଯାଇଥିଲା। କଳା ପାଇଁ ବିଷୟବସ୍ତୁ ଥିଲା ରଥଯାତ୍ରା ଏବଂ ହସ୍ତଶିଳ୍ପ ପାଇଁ ବିଷୟବସ୍ତୁ ଫୁଲଦାନୀ ସହିତ କାଗଜ ଫୁଲ ଗଛ ରହିଥିଲା। ପ୍ରଦର୍ଶନୀର ଅନ୍ୟ ଆକର୍ଷଣ ମଧ୍ୟରେ ଆନ୍ତଃ ସ୍କୁଲ ପଥର ସାଜସଜ୍ଜା, ଫୁଲ ପାଖୁଡା ସାଜସଜ୍ଜା ଏବଂ ଫୁଲ ଗୁଚ୍ଛ ସାଜସଜ୍ଜା ସାମିଲ ଥିଲା।

## କାୟାକଳ୍ପ ଟିମ ଗସ୍ତ ପାଇଁ ଚଳଚଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

କନ୍ଧମାଳ (ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶନିବାର ଦିନ ଅପରାହ୍ନରେ କାୟାକଳ୍ପ ଟିମ୍‌ଗସ୍ତରେ ଆସି ଯାଞ୍ଚ କରିବେ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥିତି । ତା ସହ ବିଭିନ୍ନ ବିଭାଗର ସ୍ଥିତି ମଧ ପରଖିବେ । ଯାହାକୁ ନେଇ ଗତ ଦୁଇ ଦିନ ହେଲା ଚଳଚଞ୍ଚଳ ହୋଇ ଉଠିଛି ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର । ଆଉ କର୍ତ୍ତୃପକ୍ଷମାନେ ବିଭାଗରେ ଥିବା ତ୍ରୁଟି ଏବଂ ସମସ୍ୟା ସମାଧାନ କରିବାରେ ଦିନରାତି ଏକ କରି ଦେଇଥିବା ବେଳେ ଅନ୍ୟାନ୍ୟ କର୍ମଚାରୀ ମାନେ ସ୍ୱଚ୍ଛତାକୁ ଦୃଷ୍ଟି ଦେଇ ସବୁ ଆବର୍ଜନା ସ୍ଥଳ ଗୁଡ଼ିକୁ ସଫା କରିବାରେ ଲାଗିପଡିଛନ୍ତି । ଯାହାକି କାୟାକଳ୍ପ ଟିମରୁ ଏକ ସାର୍ଟିଫିକେଟ୍ ଟିଏ ହାତେଇବା ପାଇଁ ଏ ସବୁ ଏମିତି ଭାବେ ଲାଗିପଡିଛନ୍ତି । ଗେଟରେ ସୁରକ୍ଷା କର୍ମୀ ଜଗିବା ସହ ଗେଟର ସବୁ ଲାଇଟ ଏବେ ଦୁଇ ଦିନ ହେଲା ଲାଗୁଛି। ଏହା ସହ ବନ୍ଦ ଥିବା ଏଲିଡ଼ି ସ୍କ୍ରିନ ଏବେ ଲାଗୁଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରର ସମସ୍ତ ଲାଇଟ ମଧ ଏବେ ଦୁଇ ଦିନ ହେଲା ଜଳୁଛି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ନିଆଳି (ଭାସ୍କର ନ୍ୟୁଜ): ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ନିର୍ଦ୍ଦେଶ କ୍ରମେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଭୀମ ଭୋଇ ସାମର୍ଥ୍ୟ ଶିବିର ନିଆଳି ପଞ୍ଚାୟତ ସମିତି ଆନୁକୂଲ୍ୟରେ ନିଆଳି ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ବ୍ଲକ ଅଧକ୍ଷ ଉମେଶ ଚନ୍ଦ୍ର ବେହେରା ଉଦଘାଟନ କରିଥିଲେ। ଏଥିରେ ଶ୍ରବଣ ବଧିର ୧୮୧ ଜଣ, ମାନସିକ ଅନଗ୍ରସର ୨୭୦ ଜଣ, ଦୃଷ୍ଟି ବାଧିତ ୧୪୧ ଜଣ, ଶାରୀରିକ ଭିନ୍ନକ୍ଷମ ୪୫୮ ଜଣ, ସ୍ନାୟୁ ବିଭାଗ ୮୭ ଜଣ, ଏହିପରି ସର୍ବ ମୋଟ ୧୧ ଶହ ୩୭ ଜଣ ହିତାଧିକାରୀ ପଞ୍ଜିକୃତ ହୋଇଥିଲେ। କଟକ ସ୍ଥିତ ମୁଖ୍ୟ ଚିକିତ୍ସାଳୟର ସମସ୍ତ ବର୍ଗର ବିଶେଷଜ୍ଞ ମାନେ ସମସ୍ତ ପଞ୍ଜିକୃତ ରୋଗୀ ମାନଙ୍କୁ ଚିକିତ୍ସା ସହ ପରୀକ୍ଷା ନିରୀକ୍ଷା କରି ରିପୋର୍ଟ ପ୍ରସ୍ତୁତ କରିଥିଲେ ଓ ସୁପରାମର୍ଶ ଦେଇଥିଲେ। ସେହିପରି ବସରେ ଯାତାୟାତ ନିମନ୍ତେ ୩୧ ଜଣଙ୍କୁ ବସ ପାସ ଦିଆଯାଇଥିବା ବେଳେ ୩ ଜଣଙ୍କୁ ହୁଇଲ ଚେୟାର ମିଳିଛି। ଆୟୋଜକ ନିଆଳି ବ୍ଲକ ପ୍ରଶାସନ ପକ୍ଷରୁ ମଣ୍ଡଳ ଉନ୍ନୟନ ଅଧିକାରୀ ଜଗଦୀଶ ସଢଙ୍ଗୀ, ଜିଲ୍ଲା ପରିଷଦ ଦେବାଶିଷ ସଢଙ୍ଗୀ, ସରପଞ୍ଚ ବବିତା ରାଣୀ ବେହେରା, ସରପଞ୍ଚ ତ୍ରିନାଥ ମହାନ୍ତି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରିତା ବେଉରାଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପାଦିତ ହୋଇଥିଲା।

## ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଯୋଗ ଦେଲେ ବିଧାୟକ

ବାଲିମେଳା (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ମାରିବେଡ଼ା ସଦର ପଞ୍ଚାୟତ ସ୍ଥିତ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗ ଦେଇଛନ୍ତି ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ। ବିଧାୟକ ଶ୍ରୀ ଖିଲ ନିଜର ଅଭିଭାଷଣରେ ପିଲାମାନଙ୍କୁ ନିଜ ପିଲାବେଳର କିଛି କୌତୁକିଆ କଥା ଖାଇ ବିଭିନ୍ନ ଉଦାହରଣ ଦେଇ ମନ ଦେଇ ପାଠ ପଢିବାକୁ ପରାମର୍ଶ ଦେଇଥିଲେ। ପରେ ମଧାହ୍ନ ସମୟରେ ପିଲାମାନଙ୍କ ଦିଆଯାଉଥିବା ଭୋଜନ କେଉଁ ମାନର ତାହା ନିଜେ ପରଖି ଦେଖିଥିଲେ। ବିଦ୍ୟାଳୟର ଚତୁଃପାର୍ଶ୍ୱ ବୁଲି ବିଦ୍ୟାଳୟର କଣ କଣ ସମସ୍ୟା ଅଛି ତାହା ମଧ ଦେଖିଥିଲେ। ବିଧାୟକଙ୍କ ଏହି ଗସ୍ତ ସମୟରେ କୋରୁକୋଣ୍ଡା ବିଧାୟକ ପ୍ରତିନିଧି ବିନାୟକ ପାତ୍ର, ମାରିବେଡା ସରପଞ୍ଚ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ପୂର୍ବତନ ପୋଟରେଲ ସରପଞ୍ଚ ଭୀମା ବାରସେ, ବାଲିମେଳା ବିଧାୟକ ପ୍ରତିନିଧି ଇସାକ୍ ଖୋସଲା ପ୍ରମୁଖ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଶ୍ରୀଜଗନ୍ନାଥ ଉଚ୍ଚ ମାଧମିକ ବିଦ୍ୟାଳୟ ପିଙ୍ଗୁଆ ପରିସରରେ ବାଳିକାମାନଙ୍କୁ ନେଇ ଆଠଦିନ ଧରି ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଉକ୍ତ ଉଦଯାପନୀ ସଭାରେ ରଶ୍ମିବାଳା ମହାନ୍ତିଙ୍କ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ବରିଷ୍ଠ ଅଧାପକ ରମେଶ ଚନ୍ଦ୍ର ନାୟକ, ପ୍ରାକ୍ତନ ଅଧକ୍ଷ ନଗେନ୍ଦ୍ର କୁମାର ବଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆତ୍ମରକ୍ଷା ପ୍ରଶିକ୍ଷଣ କୌଶଳର ଉପାଦେୟତା ବିଷୟରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶିକ୍ଷିତା ତପସ୍ୱିନୀ ସେଠୀ ଅଧାପିକା ଆରତୀ କୁମାରୀ ମୁଦୁଲି ମଧୁସ୍ମିତା ମହାନ୍ତି ଅନନ୍ୟା ପଟ୍ଟନାୟକ, ସୁଚରିତା ବେହେରା ଦେବବ୍ରତ ଦାସ, ବସନ୍ତ କୁମାର ରାଉତ, ଅନନ୍ତ ଚରଣ ସାହୁ ଯୋଗୀନାଥ ଦାସ ଓ ସମସ୍ତ କର୍ମଚାରୀମାନେ ଏବଂ ନିମନ୍ତ୍ରିତ ଅତିଥି ଭାବେ ଶକ୍ତି ଟିଭି ପୂର୍ବ ଓଡ଼ିଶା ବ୍ୟୁରୋ ଚିପ ପ୍ରଦୀପ କୁମାର ଦାସ ସହଯୋଗ କରିଥିଲେ।

## କାଉନସେଲିଂ କ୍ୟାମ୍ପ ଆୟୋଜନ ନେଇ ବୈଠକ



ପୁରୀ (ଭାସ୍କର ନ୍ୟୁଜ): ଯୁବ ବର୍ଗଙ୍କୁ କର୍ମ ନିଯୁକ୍ତି ଦେବା ସହ ସେମାନଙ୍କ ଦକ୍ଷତା ର ବିକାଶ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ଏହାକୁ କାର୍ଯ୍ୟାନ୍ୱୟନ କରିବା ସହ ବ୍ୟାପକ ସଚେତନତା ମାଧ୍ୟମରେ ଆଶାୟୀଙ୍କୁ ଅବଗତ କରାଇବା ସମ୍ପର୍କରେ ପ୍ରଶାସନ ଗୁରୁତ୍ୱ ଦେଇଛି। ଶୁକ୍ରବାର ଅପରାହ୍ନରେ ଓସ୍ୱାନ ସମ୍ମିଳନୀ କକ୍ଷରେ ଏହି ଶିବିର ଆୟୋଜନ ପାଇଁ ଆଭାସୀ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଏଥିରେ ଅଧ୍ୟକ୍ଷତା କରିବା ସହ ଯୁବ ବର୍ଗ ମାନଙ୍କୁ କର୍ମ ନିଯୁକ୍ତି ଦେବା ଓ ଉଦ୍ୟୋଗୀ କରାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି କହିଥିଲେ। ବର୍ତ୍ତମାନର ଯୁବ ପିଢୀ ଦକ୍ଷତା ପୂର୍ଣ୍ଣ ଓ ବୈଷୟିକ ଜ୍ଞାନରେ ଅଭ୍ୟସ୍ତ ଥିବାରୁ ସେମାନଙ୍କ ଉପଯୋଗୀ କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା। ପ୍ରତ୍ୟେକ ବ୍ଲକରେ କାଉନସେଲିଂ ମାଧ୍ୟମରେ ସେମାନଙ୍କୁ ସଚେତନ ଓ ସକ୍ଷମ କରିବା। ଯାହା ଫଳରେ ସାମାଜିକ ଶୃଙ୍ଖଳା ସହ ପ୍ରତ୍ୟେକ ଆର୍ଥିକ ସମୃଦ୍ଧିରେ ସାମିଲ ହୋଇପାରିବେ ବୋଲି କହିଥିଲେ। ଏହି ଆଭାସୀ ବୈଠକରେ ଅତିରିକ୍ତ ଏସ ପି ଦେବବ୍ରତ ଚକ୍ର, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ସମସ୍ତ ବୈଷୟିକ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ,ଆଭାସୀ ମାଧ୍ୟମରେ ସମସ୍ତ ବ୍ଲକର ବିଡ଼ିଓ ପ୍ରମୁଖ ଯୋଗ ଥିଲେ।

## ଭଞ୍ଜଭାରତୀ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳିତ

ବାରିପଦା(ଭାସ୍କର ନ୍ୟୁଜ): ଜଗତେଶ୍ୱର ଭଞ୍ଜଭାରତୀ ସଂସ୍କୃତ ଉଚ୍ଚମାଧମିକ ବିଦ୍ୟାଳୟ ଓ ଡ଼ିଗ୍ରୀ ସଂସ୍କୃତ ମହାବିଦ୍ୟାଳୟରେ ରୌପ୍ୟ ଜୟନ୍ତୀ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ଜିଲ୍ଲା ସଭାପତି କାନ୍ଦରା ସୋରେନ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ମୋରଡା ବ୍ଲକ ପୂର୍ବତନ ଅଧକ୍ଷ ବୈଦ୍ୟନାଥ ମହାନ୍ତ, ସମ୍ମାନିତ ଅତିଥି ଭାବେ ନିତ୍ୟାନନ୍ଦ ବେହେରା, ସୁବୋଧ କୁମାର ବେହେରା, ଅନୁଷ୍ଠାନର ପ୍ରତିଷ୍ଠାତା ସହଯୋଗୀ ମନ୍ମଥ ବେହେରା, ପଦ୍ମଲୋଚନ ଗିଲ, କଲେଜ ସଭାପତି ସୁଧାସିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଧକ୍ଷ ସଂଜିବ ପରିଡା ବାର୍ଷିକ ବିବରଣୀ ପାଠ କରି ନୂତନ ଅନୁଦାନ ନିତି ପ୍ରକାଶ ପାଇଁ ସରକାର ଠାରେ ଦାବି ଜଣାଇଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ସଡ଼କ ପରିବହନ ପ୍ରାଧିକରଣ ପକ୍ଷରୁ ସାରା ରାଜ୍ୟରେ ଚଳିତ ମାସକୁ ସଡ଼କ ସୁରକ୍ଷା ମାସ ଭାବେ ପାଳନ କରାଯାଉଛି । ଏହି ଅବସରରେ ଶୁକ୍ରବାର ସ୍ଥାନୀୟ ବସ୍ ଷ୍ଟାଣ୍ଡରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ଆର.ଟି.ଓ. ପ୍ରଣୟ କୁମାର ମିଶ୍ରଙ୍କ ସମେତ ବିଭାଗର କର୍ମଚାରୀ ମାନେ, ବସ୍ ମାଲିକ ସଂଘର କର୍ମକର୍ତାମାନେ ଓ ସ୍ୱେଚ୍ଛାସେବୀ ମାନେ ରକ୍ତ ଦାନ କରିଥିଲେ । ରକ୍ତ ଦାନ ମହତ୍ ଦାନ ବୋଲି ଅତିରିକ୍ତ ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ବ୍ୟକ୍ତିବିଶେଷଙ୍କୁ ଅତିରିକ୍ତ ଜିଲ୍ଲାପାଳ ପ୍ରମାଣପତ୍ର ପ୍ରଦାନ କରି ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ଜିଲ୍ଲା ରେଡ଼କ୍ରସ ଶାଖାର ଭାଇସ୍ ପ୍ରେସିଡ଼େଂଟ ବିରଂଚି ନାରାୟଣ ପାଣି, ଆର.ଟି. ଓ. ଶ୍ରୀ ମିଶ୍ର ଏବଂ ଏମ୍.ଭି.ଆଇ. ଦେବାଶିଷ ସ୍ୱାଇଁଙ୍କ ସହଯୋଗରେ ଏହି ରକ୍ତ ଦାନ ଶିବିର ଆୟୋଜନ ହୋଇଥିଲା । ଏହି ଶିବିରରେ ମୋଟ ୩୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା ।

### ପଞ୍ଚାୟତ ସମିତି ବୈଠକ

## ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଉପରେ ଗୁରୁତ୍ୱ

ତେନ୍ତୁଲିଖୁଣ୍ଟି (ଭାସ୍କର ନ୍ୟୁଜ): ନବରଂଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ କାର୍ଯ୍ୟାଳୟ ସ୍ଥିତ ସଭାଗୃହ ପରିସରରେ ବ୍ଲକ ଅଧକ୍ଷା ନିଁଳେନ୍ଦ୍ରି ନାୟକଙ୍କ ଅଧ୍ୟକ୍ଷତାରେ ଷଷ୍ଠ ତମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ ଉପସ୍ଥିତ ଥିବା ସମସ୍ତଙ୍କୁ ନୂତନ ବର୍ଷ ର ଅଭିନନ୍ଦନ ଜଣାଇବା ପରେ ସ୍ୱାଗତ ଭାଷଣ ଦେଇ ଥିଲେ । ଏହି ସଭାରେ ନବରଙ୍ଗପୁର ବିଧାୟକଗୌରୀ ଶଙ୍କର ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ବ୍ଲକ ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ, ବିଡ଼ିଓ ମନୋଜ କୁମାର ପାଣିଗ୍ରାହୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶଙ୍କର ବୁଡକେ ପ୍ରମୁଖ ମଞ୍ଚାସିନ ଥିଲେ । ବୈଠକ ଆରମ୍ଭରେ ଜିପିଇଓ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମାନାଗମନ, ସାଧାରଣ ବଣ୍ଟନ, ସାମାଜିକ ସୁରକ୍ଷା, କୃଷି ଓ ଉଦ୍ୟାନ, ସମନ୍ୱିତ ଶିଶୁ



ବିକାଶ, ସମବାୟ,ପୂର୍ତ୍ତ ବିଭାଗ, ଖାଦ୍ୟ ଯୋଗାଣ, ବନ ବିଭାଗ, ବିଦ୍ୟୁତ୍ ବିଭାଗ, ମତ୍ସ୍ୟ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଭଳି ୨୫ଗୋଟି ବିଭାଗ ସମ୍ପର୍କରେ ଆଲୋଚନା ହୋଇଥିଲା । ତେନ୍ତୁଲିଖୁଣ୍ଟି ବ୍ଲକରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ ଭୁଶୁଡି ପଡ଼ିବ ସହ ଡାକ୍ତର ସମସ୍ୟା ଲାଗି ରହି ଥିବା ବାରମ୍ବାର ଅଭିଯୋଗ ପରେ ମଧ ସମସ୍ୟାର ସମାଧାନ ହେଉ ନ ଥିବା ଅଭିଯୋଗ ହୋଇଥିଲା । ନିଯୁକ୍ତି ପାଇ ଥିବା ଡାକ୍ତର ମାନେ ନିୟମିତ ଭାବେ କାର୍ଯ୍ୟ କରୁନାହାନ୍ତି । ପଣସ ପଦର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଫାର୍ମାସିଷ୍ଟ ନିଜ ଇଚ୍ଛା ମୁତାବକ କାର୍ଯ୍ୟ କରୁଥିବା ବେଳେ ଠିକ୍ ସମୟରେ ଆସୁ ନ ଥିବା ଅଭିଯୋଗ ହୋଇ ଥିଲା । ସିଏଚଓ ମାନଙ୍କ କାମ କଣ, ତାହା ଜଣାପଡୁନଥିବା ବେଳେ କୌଣସି ସେଣ୍ଟର ରେ ରହୁନଥିବା ଅଭିଯୋଗ ହୋଇଛି । ସେହିପରି ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ୍ମ ମୃତ୍ୟୁ ପ୍ରମାଣ ପତ୍ର ପ୍ରଦାନ ପାଇଁ ହିତାଧିକାରୀଙ୍କ ଠାରୁ ୫ ଶହ ଟଙ୍କା ପର୍ଯ୍ୟନ୍ତ ନିଆଯାଉଛି । ଏଣୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ପ୍ରତିକାର ବ୍ୟବସ୍ଥା କରିବାକୁ ପାତ୍ରପୁଟ ସମିତି ସଭ୍ୟ ଦିଲ୍ଲିପ ପ୍ରଧାନୀ, ପାତ୍ରପୁଟ ସରପଞ୍ଚ ଶିବାନନ୍ଦ ପ୍ରଧାନୀ, ତେନ୍ତୁଲିଖୁଣ୍ଟି ସମିତି ସଭ୍ୟା ମଧୁସ୍ମିତା ପାଣିଗ୍ରାହୀ, ଦିଗି ପଞ୍ଚାୟତ ସରପଞ୍ଚ କିଶୋର ନାୟକ, ମଞ୍ଚା ଗାଁ ସମିତି ସଭ୍ୟା ପ୍ରଭାତୀ କନ୍ଧ, କଣ୍ଟାଗାଁ ସମିତି ସଭ୍ୟ ଡମ୍ବରୁଧର ଭତରା ପ୍ରମୁଖ ଅଭିଯୋଗ କରିଥିଲେ । ଅନ୍ୟପଟେ ମଧାହ୍ନ ଭୋଜନ ଚାଉଳ ବଣ୍ଟନ ରେ ବ୍ୟାପକ ଅନିୟମିତତା ହେଉଛି । ଛାତ୍ର ଛାତ୍ରୀ ମାନଙ୍କ ମଧାହ୍ନ ଭୋଜନ ପାଇଁ ଆସୁଥିବା ଚାଉଳ ରାତ୍ର ସମୟରେ ପ୍ରଦାନ କରାଯଉଛି ଏବଂ ୫୦ କିଲୋ ଚାଉଳ ବସ୍ତାରେ ୪୫ କିଲୋ ଚାଉଳ କିମ୍ବା ତା ଠାରୁ ମଧ କମ ରହୁଥିବା ଦିଲୀପ ପ୍ରଧାନୀ ଏବଂ ମନମୋହନ ଦଳପତି ଅଭିଯୋଗ କରିଥିଲେ । ତେନ୍ତୁଳିଖୁଣ୍ଟି ବ୍ଲକରେ ନିର୍ବାଚିତ ସରପଞ୍ଚ ସମିତି ସଭ୍ୟ ମାନେ ଉଦ୍ୟାନ ବିଭାଗ ପକ୍ଷରୁ ହେଉଥିବା ତମାମ କାର୍ଯ୍ୟ ସମ୍ପର୍କ ରେ ଜାଣିପାରୁ ନାହାନ୍ତି ଏବଂ ସମସ୍ତଙ୍କୁ ଅନ୍ଧାରରେ ରଖି କାର୍ଯ୍ୟ ଚାଲୁଥିବା ପ୍ରଭାତୀ କନ୍ଧ ଅଭିଯୋଗ କରିଛନ୍ତି । ବୈଠକରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି ସମସ୍ତଙ୍କୁ ନୂତନ ବର୍ଷ ର ଶୁଭେଚ୍ଛା ଜଣେଇଥିଲେ ।

## ରାଜ୍ୟସ୍ତରୀୟ 'ଇଜତେମା', ଯୋଗଦେବେ ୫୦ ହଜାରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ

ବାଲିଚନ୍ଦ୍ରପୁର (ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅଧିନ ବିକ୍ରମତିରଣ ଗ୍ରାମ ପଞ୍ଚାୟତସ୍ଥିତ ୫୩ ନଂ ଜାତୀୟ ରାଜପଥ କଟିକଟା ଛକ ନିକଟରେ ତିନି ଦିନ ବ୍ୟାପି ରାଜ୍ୟ ସ୍ତରୀୟ (ପ୍ରାର୍ଥନା ଓ ଧର୍ମ ମହାସଭା) ଇଜତେମା ଶନିବାର ଠାରୁ ଆରମ୍ଭ ହେବାକୁ ଯାଉଛି । ଏଥିପାଇଁ ଇଜତେମା ପଡ଼ିଆ ସମ୍ପୂର୍ଣ୍ଣ ସଜେଇ ହୋଇ ଆଲୋକମାଳାରେ ଝଲସୁଛି। ସ୍ଥାନୀୟ ଭାବରେ ଚାରିନଙ୍ଗଳ, ନଳୀପୁର, କଟିକଟା, ଛତାବର ଆଦି ଅଞ୍ଚଳର ମୁସଲମାନ ସମ୍ପ୍ରଦାୟର ଲୋକମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି । ଅଲ ଓଡ଼ିଶା ଇଜତେମା କମିଟିକୁ ସ୍ଥାନୀୟ ମୁସଲମାନ ଓ ହିନ୍ଦୁ ସମ୍ପ୍ରଦାୟର ଲୋକମାନେ ସମ୍ପୂର୍ଣ୍ଣ ସହାୟତା ଯୋଗାଇଦେଇଛନ୍ତି । ଲକ୍ଷାଧିକ ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଶୁକ୍ରବାର ଇଜତେମା



ପଡ଼ିଆରେ ଆଡ଼ିସନାଲ ଏସ.ପି ଶିତିକାନ୍ତ କାନୁନଗୋ, ପୁଷ୍ପଲତା ବାରିକ, ଏସ.ଡ଼ି.ପି.ଓ ସଂଜୟ କୁମାର ପଟ୍ଟନାୟକ, ବାଲିଚନ୍ଦ୍ରପୁର ଥାନାଧିକାରୀ ସମରଜିତ୍ ନାୟକ ପୋଲିସ ବାହିନୀ ନେଇ ଇଜତେମା ପଡ଼ିଆରେ ପହଞ୍ଚି କାର୍ଯ୍ୟକ୍ରମ ପୂର୍ବରୁ ବ୍ରିଫି କରିଛନ୍ତି। କିପରି ଆଇନଶୃଙ୍ଖଳା ସୂଚାରୁ ରୂପେ ତୁଲାଇ ହେବ ସେଥିନେଇ ବ୍ୟାପକ ବନ୍ଦୋବସ୍ତ କରିବା ସହ କାର୍ଯ୍ୟକ୍ରମକୁ ସମାପନ କରିବା ପାଇଁ ଯୋଜନା କରାଯାଇଛି। ଥାନା ପରିସରରେ ସ୍ଥାନୀୟ ଅଞ୍ଚଳରୁ ଉଭୟ ସମ୍ପ୍ରଦାୟର ବୁଦ୍ଧିଜୀବୀ, ସମାଜସେବୀ ଓ ରାଜନୈତିକ ବ୍ୟକ୍ତିଙ୍କୁ ନେଇ ଏକ ଶାନ୍ତି କମିଟି ବୈଠକ କରାଯାଇଛି। ଶନିବାର, ରବିବାର ଓ ସୋମବାର ତିନି ଦିନ ଧରି ହେବାକୁ ଥିବା ବେଳେ ଶେଷ ଦିନ ପ୍ରାର୍ଥନା କାର୍ଯ୍ୟକ୍ରମରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ଇଜତେମା କମିଟି ପକ୍ଷରୁ କୁହାଯାଇଛି।




ନବରଙ୍ଗପୁର (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ନୋଡାଲ ସରକାରୀ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ତାରାଗାଁରେ ଜିଲ୍ଲାସ୍ତରୀୟ ପରିବେଶ ପ୍ରଦର୍ଶନୀ ଜିଲ୍ଲାପାଳ ଡ଼ଃ ଶୁଭଙ୍କର ମହାପାତ୍ରଙ୍କ କରକମଳରେ ଉଦଘାଟନ ହୋଇଯାଇଛି । ଏଥିରେ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ସଭାପତିତ୍ୱ କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ରେଶମଲାଲ ନାୟକ ମୁଖ୍ୟବକ୍ତା ଭାବେ ଓ ଶିବଶଙ୍କର ସାମଲ ମଞ୍ଚ ପରିଚାଳନା କରିଥିଲେ । ପ୍ରଦର୍ଶନୀରେ ଜିଲ୍ଲାର ସମସ୍ତ ବ୍ଲକରୁ ୭ ଟି ବିଭାଗର ସର୍ବମୋଟ ୬୦ ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଛି । ଇ -ବର୍ଜ୍ୟ ବସ୍ତୁ ପରିଚାଳନା ବିଭାଗରେ କୁଶ୍ରୀ ପୁଷ୍ପ ସରକାରୀ ନୋଡାଲ ପାନାବେଡା ଉଚ୍ଚ ବିଦ୍ୟାଳୟ, ଚନ୍ଦାହାଣ୍ଡି, ଶକ୍ତି ସଂରକ୍ଷଣ ବିଭାଗରେରେ ସୁଶାନ୍ତି ଶବରିଆ, ସରକାରୀ ଉଚ୍ଚ ବିଦ୍ୟାଳୟ ଡ଼ଙ୍ଗରଭେଜା, ବର୍ଜ୍ୟ ବସ୍ତୁ ପରିଚାଳନା ବିଭାଗରେ ପ୍ରିୟାଂଶୀ ସାମଲ ଓଡିଶା ଆଦର୍ଶ ବିଦ୍ୟାଳୟ, ଉମରକୋଟ, ସୁସ୍ଥ ଜୀବନ ଶୈଳୀ ବିଭାଗରେ କୌଶଲ୍ୟ ହରିଜନ ସରକାରୀ ଉଚ୍ଚ ବିଦ୍ୟାଳୟ, ଛେଲିଡଙ୍ଗରି, ରାଇଘର, ଧାରଣୀୟ ଖାଦ୍ୟ ବ୍ୟବସ୍ଥା ବିଭାଗରେ ଭୁବନ ଦଣ୍ଡପାଟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମାଝୀଗୁଡା ପ୍ରଥମ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ ।

# କମ୍ୟୁନିଷ୍ଟ ପାର୍ଟି ଓ କାଜୁଚାଷୀ ମହାସଂଘ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର



ବୋଲଗଡ଼ (ଭାସ୍କର ନ୍ୟୁଜ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓ କଜୁଚାଷୀଙ୍କ ମିଳିତ ଆନୁକୂଲ୍ୟରେ ୫ଦଫା ଦାବିକୁ ନେଇ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ଏକ ଦାବିପତ୍ର ଶୁକ୍ରବାର ପ୍ରଦାନ କରାଯାଇଅଛି । ପ୍ରାରମ୍ଭରେ ଦଳୀୟ କାର୍ଯ୍ୟାଳୟ ଠାରୁ ବୋଲଗଡ଼ ସିପିଆଇ ଜୋନ ପକ୍ଷରୁ ତଥା ସିପିଆଇ ଜିଲ୍ଲା ସମ୍ପାଦକ ଆଇନଜୀବୀ କମ୍ରେଡ଼ ଅମୀୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ବିରାଟ ବୈପ୍ଳବିକ ରାଲିରେ କର୍ମୀମାନେ ହାତରେ ଦଳୀୟ ପତାକା ଧରି ଓ ବିଭିନ୍ନ ନାରବାଜିରେ ଗୋପବନ୍ଧୁ ଛକ ଦେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖକୁ ଆସିଥିଲେ। ପରେ ତହସିଲ କାର୍ଯ୍ୟାଳୟ ସମ୍ମୁଖ ଭାଗରେ ବସି ରହିଥିଲେ। କଜୁଚାଷୀ ମହାସଂଘ ବୋଲଗଡ଼ ତହସିଲ କମିଟିର ଆବାହକ କମ୍ରେଡ଼ ଗଗନ କୁମାର ନାଏକଙ୍କ ବଳିଷ୍ଠ ନେତୃତ୍ୱରେ ଆୟୋଜିତ ସଭାରେ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ ଯୋଗଦେଇ ଦାବି ସମ୍ପର୍କିତ ସମ୍ପର୍କରେ ସରକାରଙ୍କ ଉପରେ ବର୍ଷିଥିଲେ। ଅଖିଳ ଭାରତ କୃଷକ ସଭା ରାଜ୍ୟ ସମ୍ପାଦକ କ୍ଷୀରୋଦ ସିଂଦେଓ ଯୋଗଦେଇ ୫ଦଫା ସମ୍ପର୍କରେ ବିଶେଷ ଆଲୋକପାତ କରିଥିଲେ। ଏଥିରେ ସିପିଆଇ ଜିଲ୍ଲା ସମ୍ପାଦକ ଶ୍ରୀ ପଟ୍ଟନାୟକ ଯୋଗଦେଇ ଚାଷୀ,କୃଷକ,ମେହନତି ଖଟିଖିଆ, ଭୂମିହୀନଙ୍କୁ ଘର ପଟ୍ଟା ଯୋଗାଇଦେବା ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତି ପୂରଣ ଦାବି ସମ୍ପର୍କରେ ଉଜ୍ଜସ୍ୱିନୀ ଜବାବ ସରକାରଙ୍କ ନିକଟରେ ରଖିଥିଲେ। ତେବେ ୫ଦଫା ଦାବି ମଧ୍ୟରେ ବୋଲଗଡ଼ ଅଂଚଳର ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତି ପୂରଣ ଓ ଋଣ ଛାଡ କରାଯାଉ। ଚାଷୀର ସମସ୍ତ ଧାନକୁ ସର୍ବନିମ୍ନ କ୍ୟୁଣ୍ଟାଲ ପିଛା ୩୧୦୦ ଟଙ୍କାରେ ମଣ୍ଡି ମାଧମରେ କ୍ରୟ କରାଯାଉ। ବାର୍ଦ୍ଧକ୍ୟ,ବିକଳାଙ୍ଗ ଓ ବିଧବା ଭତ୍ତାକୁ ୫୦୦୦ ବୃଦ୍ଧି, ସମସ୍ତ ଘରୋଇ ବିଦ୍ୟୁତ ଉପଭୋକ୍ତାଙ୍କର ୨୦୦ୟୁନିଟ ଛାଡ଼ ଓ ଦଖଲରେ ଥିବା ଭୂମିହୀନ ଦଖଲକାରୀଙ୍କୁ ସ୍ଥାୟୀ ଘରଡ଼ିହ ପଟ୍ଟା ପ୍ରଦାନ କରାଯାଉ ଆଦି ରହିଛି । ପରେ ସ୍ଥାନୀୟ ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଶର୍ମା ତହସିଲ ସମ୍ମୁଖ ଭାଗକୁ ଆସି କର୍ମୀମାନଙ୍କ ସହ ଆଲୋଚନା କରିଥିଲେ ।

# ‘ଇତିହାସକୁ ପୁନର୍ଜୀବନ ଦେଇଥାଏ ମହୋତ୍ସବ’



ବୋଲଗଡ଼ (ଭାସ୍କର ନ୍ୟୁଜ): ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅତ୍ରି ଉଷ୍ଣପ୍ରସ୍ରବଣ ପରିସରରେ ମକର ମହୋତ୍ସବ ଚତୁର୍ଥ ସନ୍ଧ୍ୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ତହସିଲଦାର ତାପସ ବିଶିଙ୍କ ଆବାହକତ୍ୱରେ ମହୋତ୍ସବ କମିଟିର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତା ଓ ଶିକ୍ଷକ ସୁଧାକର ସେଠୀଙ୍କ ସଂଯୋଜନାରେ ବିଧାୟକ ଡ଼ଃ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି, ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟବକ୍ତା, ଜିଲ୍ଲା ସଦର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଅନିଲ କୁମାର ମହାନ୍ତି ,ବେଗୁନିଆ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବୋଲଗଡ ବ୍ଲକ ଅଧକ୍ଷା ହୁଲାସ ପ୍ରଧାନ, ଉପାଧକ୍ଷ ରମେଶ ସାହୁ, ବୋଲଗଡ ଏକ୍ସପ୍ରେସ ବ୍ରଜ ସୁବୁଦ୍ଧି, କବି ସତ୍ୟାନାଶ, ସମାଜସେବୀ ମଧୁ ସୁଦନ ସୁବୁଦ୍ଧି, କାଲଡ୍ରୀଇଣ୍ଡିଆ ରିଫାଇନାରିର ଉପାଧକ୍ଷ ରଞ୍ଜିତ ରାୟ,ମୁଖ୍ୟଯନ୍ତ୍ରୀ ସରୋଜ ମହନ୍ତ, ମ୍ୟାନେଜର ସ୍ୱରୂପ ସାହୁ,ଏସସିଏମ ଲକ୍ଷ୍ମୀ ନାରାୟଣ ମିଶ୍ର, ବୋଲଗଡ ବ୍ଲକର ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ଇତିହାସକୁ ପୁନଃର୍ଜୀବନ ଦେଇଥାଏ ବୋଲି ମତ ପ୍ରକାଶ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ କବୟତ୍ରି ବାସନ୍ତୀ ମହାପାତ୍ରଙ୍କ ଲିଖିତ ପୁସ୍ତକ ‘ଆସ ଫେରିଯିବା ପିଲା ଦିନକୁ’ ଅତିଥି ମାନେ ଉନ୍ମୋଚନ କରିବା ପରେ ଭୁବନେଶ୍ୱର ଓଡ଼ିଶୀ,ମଡର୍ଣ୍ଣ ଡ୍ୟାନସ ଓ ସମ୍ବଲପୁରୀ ସହ ଆଞ୍ଚଳିକ ପ୍ରତିଭାଙ୍କ ନୃତ୍ୟ ଓ ଗୀତ ପରିବେଷଣ ହୋଇଥିଲା ।

# ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




କୁଜଙ୍ଗ (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଆଞ୍ଚଳିକ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟ ତରଫରୁ କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ଗ୍ରାମ ପଞ୍ଚାୟତରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ତଥା ରାଜ୍ୟ ମଦର ଟେରେସା ଫାଉଣ୍ଡେସନ ଅଧକ୍ଷ ଡ଼ଃ ସୁନାକର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି, ମୁଖ୍ୟବକ୍ତା ଭାବେ କୁଜଙ୍ଗ ଥାନାର ଆରକ୍ଷୀ ଅଧିକାରୀ ତପନ କୁମାର ନାହାକ, ସ୍ୱତନ୍ତ୍ର ଅତିଥି ଭାବେ କୁଜଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ଦିପକ ପ୍ରସାଦ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପଙ୍କପାଳ ପଞ୍ଚାୟତ ସରପଞ୍ଚ ସରୋଜ କୁମାର ସେଠୀ, ଏମବିକେ ମିନାର୍ଭା ଚୌଧୁରୀ, ବ୍ୟାସ ଫାଉଣ୍ଡେଡେସନ ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଜନସାଧାରଣ ମାନଙ୍କୁ ହେଲମେଟ ନ ପିନ୍ଧିବା, ସିଟ ବେଲ୍ଟ ନ ଦେଇ କାର ଡ୍ରାଇଭିଙ୍ଗ କରିବା, ନିଶାଶକ୍ତ ହୋଇ ମୋବାଇଲରେ କଥା ହୋଇ ଗାଡି ନଚଲାଇବାକୁ ପରାମର୍ଶ ଦେଇଥିଲେ। ୧୮ ବର୍ଷରୁ କମ ବୟସ ପୁଅ ଝିଅଙ୍କୁ ଗାଡି ଚଲାଇବାକୁ ନଦେବା ନିମନ୍ତେ ଅନୁରୋଧ କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ସଡକ ସୁରକ୍ଷା ଦିଗରେ ସଡକ ଦୃଘଟଣା ଏଡାଇବା ନିମନ୍ତେ ମାର୍ଗଦର୍ଶକ ପତ୍ରିକା ବଣ୍ଟନ କରାଯାଇଥିଲା। ପଙ୍କପାଳ ପଞ୍ଚାୟତର ସମସ୍ତ ଏସଏଚଜି ସ୍ୱୟଂ ସହାୟିକା ଭଉଣୀ ମାନେ ଯୋଗଦେଇ ଥିଲେ। ଶେଷରେ ଅତିଥି ମାନଙ୍କୁ ସରପଞ୍ଚ ଶ୍ରୀ ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ଆତ୍ମ ସୁରକ୍ଷା ଶିବିର ଉଦ୍‌ଯାପିତ

ବେତନଟୀ (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ଶିବିର ଉଦଯାପିତ ହୋଇଯାଇଛି। ଡଃ ମନ୍ଦାକିନୀ ସାହୁଙ୍କ ସଭାପତିତ୍ୱରେ ଏହି ଉଦଯାପନ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କାର୍ଯ୍ୟରତ ଅଧକ୍ଷା ଭବେନ୍ଦ୍ର କୁମାର ଦେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଅଧାପକ ଅଜିତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଅଧାପକ ପ୍ରାଣୀ ବିଜ୍ଞାନ ବିଭାଗ ଶ୍ରୀକାନ୍ତ ଦାସ, ସଂଯୋଜିକା ଭାବେ ଅଧାପକ ଭୂପାଳ ଚନ୍ଦ୍ର ପ୍ରଧାନ, ଅଧାପିକା ତପତୀ ତପସ୍ୱିନୀ ଆଚାର୍ଯ ପ୍ରମୁଖ ଯୋଗ ଦେଇଥିଲେ ।

# ସରକାରୀ ଟେକ୍ନିକାଲ ଉଚ୍ଚ ବିଦ୍ୟାଳୟର ‘ସ୍ପନ୍ଦନ’ ପୁରସ୍କାର ବିତରଣ ଉତ୍ସବ



ଆସିକା (ଭାସ୍କର ନ୍ୟୁଜ): ଆସିକା ବ୍ଲକ କଲେଜ ଛକ ସରକାରୀ ଟେକ୍ନିକାଲ ଉଚ୍ଚ ବିଦ୍ୟାଳୟର ‘ସ୍ପନ୍ଦନ’ ବାର୍ଷିକ ଉତ୍ସବ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରତାପ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଆସିକା ବିଜ୍ଞାନ କଲେଜ ର ଅଧକ୍ଷ ଡ଼ଃ. ଜୀବନାନନ୍ଦ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ବିଧାୟକଙ୍କ ପ୍ରତିନିଧି ସନ୍ଦୀପ ପାଢ଼ୀ, ପୂର୍ବତନ କଲେଜ ଅଧକ୍ଷ ରାଧାଚରଣ ସାହୁ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରି ବିଭୁ ନନ୍ଦନ ପଣ୍ଡା, ସରପଞ୍ଚ ଜୟନ୍ତୀ ସାହୁ, ପୂର୍ବତନ ଶିକ୍ଷକ ଶରତ ଚନ୍ଦ୍ର ଖାଡେଙ୍ଗା, ଯୁଧିଷ୍ଠିର ଦୋରା, ସନ୍ତୋଷ କୁମାର ପ୍ରଧାନ, ପ୍ରସନ୍ନ କୁମାର ସାହୁ, କ୍ରୀଡା ଶିକ୍ଷକ ପଦ୍ମ ବିଷୋୟୀ, ଆମ୍ଭାର ଅଧକ୍ଷ ବିଜୟ ସ୍ୱାଇଁ, ସମାଜସେବୀ ଭଗବାନ ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ମଞ୍ଚାସିନ ରହିଥିଲେ । ସମ୍ପ୍ରତି ବିଦ୍ୟାର୍ଥୀ ମାନେ ଜ୍ଞାନ ଆରୋହଣ ପାଇଁ କୌଣସି ସମୟସୀମା, ନିର୍ଦ୍ଧିଷ୍ଟ ବୟସ, ନିର୍ଦ୍ଧିଷ୍ଟ ସମୟର ଆବଶ୍ୟକତା ନାହିଁ । ନିଜ ଜୀବନକାଳ ମଧ୍ୟରେ ନିଜ ମାତାପିତା, ଗୁରୁଜନ, ଶୁଭେଚ୍ଛୁ ମାନଙ୍କ ପାଖରୁ ଜ୍ଞାନ ଶିକ୍ଷା ଲାଭ କରି ନିଜ ଜୀବନକାଳ ମଧ୍ୟରେ ସଦ ଉପଯୋଗ କରି ରାଷ୍ଟ୍ରର ଜଣେ ଜଣେ ସୁନାଗରିକ ହେବା ପାଇଁ ଅତିଥି ମାନେ ବିଦ୍ୟାର୍ଥୀ ଏବଂ ଅଭିଭାବକ ମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ ।

# ଘରେ ଘରେ ଭତ୍ତା ବାଣ୍ଟିଲେ ବିଧାୟିକା



ଢେଙ୍କାନାଳ (ଭାସ୍କର ନ୍ୟୁଜ): ହିନ୍ଦୋଳ ବିଡିଓ କଲ୍ୟାଣ ସୌରଭ ଦାସଙ୍କ ଉପସ୍ଥିତରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ରଞ୍ଜାଗୋଳ ଗ୍ରାମ ପଞ୍ଚାୟତରେ ୧୫ଜଣଙ୍କୁ ଏବଂ କାରନ୍ଦା ଗ୍ରାମ ପଞ୍ଚାୟତରେ ୫୨ ଜଣଙ୍କୁ ୩୫୦୦ ଶହ ଟଙ୍କା ଲେଖାଏଁ ବର୍ଦ୍ଧିତ ଭତା ବଣ୍ଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ବୁଧବାର ଶୁଭାରମ୍ଭ କରିଥିବାବେଳେ ଗୁରୁବାର ହିନ୍ଦୋଳ ଏନ୍‌ଏସି ଏବଂ ନୁଆବଗ ପଞ୍ଚାୟତରେ ଏବଂ ଶୁକ୍ରବାର ରଞ୍ଜାଗୋଳ ଏବଂ କାରନ୍ଦା ପଞ୍ଚାୟତରେ ବଂଟନ କରିଥିଲେ। ବିଧାୟିକା ଆଜି କାରନ୍ଦା ଗାଁରେ କିଛି ଭିନ୍ନକ୍ଷମ ଲୋକ ଏବଂ କିଛି ବୃଦ୍ଧଙ୍କ ଘରକୁ ଘର ଯାଇ ବର୍ଦ୍ଧିତ ଭତ୍ତା ଟଙ୍କା ହିତାଧୀକାରୀ ମାନଙ୍କୁ ପ୍ରଦାନ କରିଥିଲେ । ଏହା ମଧୁବାବୁ ପେନସନ ଏବଂ ଯାତୀୟ ବାର୍ଦ୍ଧକ୍ୟ ଭତା ଯୋଜନା ଅନୁଯାୟୀ ପ୍ରଦାନ କରିଥିଲେ। ଏଣିକି ୮୦ବର୍ଷରୁ ଉର୍ଦ୍ଧ ହୀତାଧିକାରୀ ପ୍ରତିମାସରେ ବର୍ଦ୍ଧିତ ଭତ୍ତା ପାଇବେ। ଏହି ଭତ୍ତା ବଂଟନବେଳେ ବ୍ଲକ ଉପାଧକ୍ଷ ବରୁଣ ସର, ସାସଂଦଙ୍କ ପ୍ରତିନିଧି ଶୁଶାନ୍ତ କୁମାର ପତି, ସରପଞ୍ଚ ରମେଶ ସାହୁ, ଦୁଷ୍ମନ୍ତ ନାଏକଙ୍କ ସମେତ ଅନେକ ବିଜେପି କର୍ମୀ ଏବଂ ହିତାଧିକାରୀ ଉପସ୍ଥିତ ଥିଲେ।

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବଦଳି

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବରଗଡ ଜିଲ୍ଲାକୁ ବଦଳି ହୋଇଛି। ନୂତନ ଶିକ୍ଷା ଅଧିକାରୀ ଭାବେ ଯୋଗଦେବେ ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀ। ମାଲକାନଗିରି ଜିଲ୍ଲାରେ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ ଥିବା ବିଶ୍ୱନାଥ ସାହୁଙ୍କ ଆଜି ବଦଳି ହୋଇଛି। ଶ୍ରୀ ସାହୁଙ୍କୁ ବରଗଡ ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀ ଅଙ୍କୁର ବାରିକଙ୍କୁ ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ ବଦଳି କରାଯାଇଥିବା ଜଣାପଡିଛି। ଏ ନେଇ ଶିକ୍ଷା ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ନିର୍ଦ୍ଦେଷ ଜାରି ହୋଇଥିବା ଜଣାପଡିଛି।

# ପିଛା ଛାଡୁନି ଝାଡ଼ାବାନ୍ତି, ପାନୀୟଜଳ ମୁଖ୍ୟ ସମସ୍ୟା

କଣାସ (ଭାସ୍କର ନ୍ୟୁଜ): କଣାସ ବ୍ଲକ ଗଡିଶାଗୋଦା ଗ୍ରାମପଞ୍ଚାୟତର ନୂଆଗାଁ ଗ୍ରାମରେ ୧୫ଦିନ ହେଲା ଝାଡାବାନ୍ତି ଲାଗିରହିଥିବା ବେଳେ ପାଖ ଗ୍ରାମର ଜାଗୁଳେଇପଦର, ଗଡିଶାଗୋଦା, ହରିପୁର ଗ୍ରାମରେ ୫ଦିନ ହେଲା ଝାଡାବାନ୍ତି ଲାଗିରହିଛି । ଶୁକ୍ରବାର ପାଖ ଗ୍ରାମର ଗୋପିନାଥପୁର, କଳାପଦର, ଯାମଳଗୋଦା, ନୂଆଗାଁ ଗ୍ରାମରେ ୧୦ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ଗୋପିନାଥପୁର ଗ୍ରାମର ବାସନ୍ତି ପ୍ରଧାନ ୫୮ବର୍ଷ, ବନମାଳି ଦାସ ୪୦ବର୍ଷ, କଳାପଦର ଗ୍ରାମର ପ୍ରଭାକର ଜେନା ୬୦ବର୍ଷ, ବୋଇତ ଜେନା ୬୮ବର୍ଷ, ନୂଆଗାଁ ଗ୍ରାମର ବିଜର ରାଉତରା ୪୨ବର୍ଷ, ଜୟକୃଷ୍ଣ ରାଉତରା ୬୩ବର୍ଷ, ପ୍ରମିଳା ସାହୁ ୬୬ବର୍ଷ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ଓ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରରେ ଚିକିତ୍ସିତ ହେଉଛନ୍ତି । ଯାମଳଗୋଦା ଗ୍ରାମରେ ମଧ ଝାଡାବାନ୍ତିରେ କେତେକ ବ୍ୟକ୍ତି ଆକାନ୍ତ ହୋଇଥିବା ଖବର ମିଳିଛି । ପାନୀୟଜଳ ସମସ୍ୟାକୁ ନେଇ ଝାଡାବାନ୍ତି ଲାଗିରହିଥିବା ବେଳେ ବିଡିଓ ନାରାୟଣ ସାହୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଦୁଇଦିନ ହେଲା ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ଚାଲିଥିଲେ ମଧ ତାହା ସମୁଦ୍ରକୁ ଶଙ୍ଖେ ବୋଲି ନୂଆଗାଁ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ନଦୀ ଆଖପାଖ ଗ୍ରାମବାସୀମାନେ ଦୟାନଦୀର ଦୂଷିତ ଜଳକୁ ବ୍ୟବହାର ନ କରିବା ପାଇଁ ବିଡିଓ ନାରାୟଣ ସାହୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

# ପୋଲିସ ସୂଚନା ଦାତା ଅଭିଯୋଗରେ ଜଣଙ୍କୁ ହତ୍ୟା

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରେ ଜଣେ ଗ୍ରାମବାସୀଙ୍କୁ ପୋଲିସ ସୂଚନା ଦାତା ଅଭିଯୋଗରେ ପ୍ରଜା କୋର୍ଟ କରି ହତ୍ୟା କରିଛନ୍ତି ମାଓବାଦୀ। ସୂଚନା ଅନୁଯାୟୀ ବିଜାପୁର ଜିଲ୍ଲାର ମିରତୁର ଥାନା ଅଞ୍ଚଳର ହଲ୍ଲୁର ଗ୍ରାମର ୪୮ ବର୍ଷୀୟ ସୁକୁ ହାପକାଙ୍କୁ ମାଓବାଦୀ ମାନେ ଫାଶୀ ଦେଇ ହତ୍ୟା କରିଛନ୍ତି। ତେବେ କିଛି ସଶସ୍ତ୍ର ମାଓବାଦୀ ମାନେ ତାଙ୍କୁ ତାଙ୍କ ଘରୁ ଅପହରଣ କରି ନେଇ ନିକଟସ୍ଥ ଜଙ୍ଗଲରେ ପ୍ରଜା କୋର୍ଟ କରିଥିଲେ। ସେଠାରେ ସୁକୁ ଜଣେ ପୋଲିସ ସୂଚନା ଦାତା ଭାବେ କାର୍ଯ୍ୟ କରୁଥିବା ମାଓ ସଙ୍ଗଠନ ପକ୍ଷରୁ ପ୍ରକାଶ କରିବା ସହ ନିର୍ମମ ଭାବେ ତାଙ୍କୁ ହତ୍ୟା କରିଥିଲେ। ଘଟଣା ସ୍ଥଳରେ ମାଓବାଦୀ ମାନେ ମର ଶରୀର ନିକଟରେ ଏକ ହାତ ଲେଖା ପୋଷ୍ଟର ଛାଡି ଯାଇଛନ୍ତି। ଯେଉଁଥିରେ ସୁକୁଙ୍କୁ ପୋଲିସ ସୂଚନାଦାତା ଭାବେ କାର୍ଯ୍ୟ କରୁଥିବାରୁ ହତ୍ୟା କରିଥିବା ଉଲ୍ଲେଖ ରହିଥିବା ବେଳେ ଏହା ଭୈରମଗଡ଼ ମାଓ କମିଟି ଦ୍ୱାରା ଜାରି କରାଯାଇଥିବା ଲେଖା ରହିଛି। ଏନେଇ ଅତିରିକ୍ତ ଏସପି ଚନ୍ଦ୍ରକାନ୍ତ ଗୋବର୍ଦ୍ଧ କହିଛନ୍ତି ଯେ, ଘଟଣାକୁ ନେଇ ତଦନ୍ତ ଆରମ୍ଭ କରାଯାଇଥିବା ବେଳେ ଏକ ମାମଲା ରୁଜୁ କରାଯାଇଛି।

# ବେଆଇନ୍ ଗୃହ ନିର୍ମାଣକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ପୁରୀ (ଭାସ୍କର ନ୍ୟୁଜ): ପୁରୀ ସହରରେ ବେଆଇନ୍ ନିର୍ମାଣକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ । ବେଆଇନ୍ ଗୃହ ନିର୍ମାଣ ରୋକିବାକୁ ଗଠନ ହୋଇଛି ସ୍ୱତନ୍ତ୍ର ସ୍କ୍ୱାର୍ଡ । ୨୪ ଜଣ ସେନା ନିବୃତ୍ତ କର୍ମଚାରୀଙ୍କୁ ନେଇ ସମୁଦାୟ ୮ଟି ଟିମ୍ ଗଠନ ହୋଇଥିବା ବେଳେ ଆଗକୁ ଶୁଣାଣି କରାଯାଇ ଉଚ୍ଛେଦ ଅଭିଯାନ ଆରମ୍ଭ ହେବ ବୋଲି କହିଛନ୍ତି ଜିଲ୍ଲାପାଳ । ଅନ୍ୟପଟେ ସହରର ୮୦ ପ୍ରତିଶତ ଜମି ମହାପ୍ରଭୁଙ୍କ ଓ ପୌରପାଳିକା ନାମରେ ଥିବାରୁ ବେଆଇନ୍ ନିର୍ମାଣ ପ୍ରସଙ୍ଗରେ ବର୍ଗୀକରଣ କରିବାକୁ ଆଇନଜୀବୀମାନେ ସରକାରଙ୍କୁ ଅନୁରୋଧ କରିଛନ୍ତି । ସେପଟେ ଏଭଳି ନିଷ୍ପତ୍ତିକୁ ପୁରୀ ହୋଟେଲ୍ ଆସୋସିଏସନ ତରଫରୁ ସ୍ୱାଗତ କରାଯାଇଛି । ପ୍ରଶାସନର ଏହି ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଇଥିବାବେଳେ ଯେଉଁମାନେ ଏନଓସି ଆଣିନାହାନ୍ତି ସେମାନଙ୍କ ବିରୋଧର ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ହୋଟେଲ ଆସୋସିଏସ ସଭାପତି । ବେଳାଭୂମି ନିକଟରେ ଆଇନ ନମାନି ଚାଲିଛି ବେଆଇନ ନିର୍ମାଣ ।

# ହିନ୍ଦୋଳରେ ଧାନମଣ୍ଡି ଉଦ୍‌ଘାଟିତ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ରଞ୍ଜାଗୋଳ କୃଷି ସେବା ସମବାୟ ସମିତିର ଧାନ ସଂଗ୍ରହ ଲାଗି ଉଦ୍ଦିଷ୍ଟ ଧାନ ମଣ୍ଡି ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଯୋଗଦେଇ ଧାନମଣ୍ଡିର ଶୁଭ ଉଦଘାଟନ କରିବା ସହିତ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରି ଫସଲର ଉଚିତ ମୂଲ୍ୟ ପାଇବା ସହିତ ଚାଷୀମାନଙ୍କର ଉନ୍ନତି ମୋର ପ୍ରଥମିକତା। କଟିନି ଛଟନୀ ନକରି ଶୃଙ୍ଖଳାର ସହିତ ଚାଷୀ କିପରି ଧାନଦେଇ ପାରିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ସମସ୍ତ ନିର୍ଦ୍ଦେଶ ଦେଇଥିଲେ।

# ବିଭିନ୍ନ ସ୍ଥାନରେ ଟୁସୁ ମେଳା ଉଦ୍‌ଯାପିତ

ବାରିପଦା (ଭାସ୍କର ନ୍ୟୁଜ): ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ମୟୂରଭଞ୍ଜ ଜିଲ୍ଲାର ଗଣ ପର୍ବ ମକର ପର୍ବ ଅବସରରେ ଠାକୁରମୁଣ୍ଡା ବ୍ଲକର ବିଭିନ୍ନ ଗାଁ ଦେବା ଦେବୀ ପୀଠରେ ମେଳା ଲାଗିଛି। ଏହି ପର୍ବରେ କୁଡୁମୀ ସମ୍ପ୍ରଦାୟର ଝିଅ ମାନେ ଏକ ନିଆରା ଢଙ୍ଗରେ ପାଳନ କରିଥାନ୍ତି ‘ଟୁସୁ’ ମେଳଣ ବା ମେଳା । କୁଡୁମୀ ସମ୍ପ୍ରଦାୟର ଅବିବାହିତ ଝିଅ ଯାହାର ନାମ ଥିଲା ଟୁସୁ। ସେ ଦେଖିବାକୁ



ଅତ୍ୟନ୍ତ ସୁନ୍ଦରୀ ଥିଲା । ସୁନ୍ଦର ହୋଇଥିବାରୁ ମୁସଲମାନ ରାଜା ତା ପ୍ରତି ଆସକ୍ତ ହୋଇ ରାଜା ତାଙ୍କ ପାରିଷଦ ବର୍ଗଙ୍କୁ ଆଣିବା ପାଇଁ ଆଦେଶ ଦେଇଥିଲେ। ତେବେ ସେହି କନ୍ୟା କୁ ଧରି ଆଣିବା ପାଇଁ ଯାଇଥିବା ବେଳେ ସେହି ଟୁସୁ କନ୍ୟା ନିଜର ସତୀତ୍ୱ ରକ୍ଷା ପାଇଁ ଏହି ମକର ସଂକ୍ରାନ୍ତି ଦିନ ନଦୀରେ ଝାସ ଦେଇ ଜୀବନ ହାରିଥିଲେ । ତାଙ୍କର ଏହି ମହତ୍ତ୍ୱ କାର୍ଯ୍ୟ ପାଇଁ ଏହି ସମ୍ପ୍ରଦାୟର ଅବିବାହିତ କନ୍ୟା ମାନେ ଟୁସୁ ଦେବୀର ମୂର୍ତ୍ତି ନିର୍ମାଣ କରି ମେଳଣ ବା ମେଳା କରିଥାନ୍ତି, ଏବଂ ପରେ ଏହାକୁ ନଦୀ କିମ୍ବା ପୁଷ୍କରିଣୀ ରେ ବିସର୍ଜନ କରିଥାଆନ୍ତି। ଏହି ଅବସରରେ ଠାକୁରମୁଣ୍ଡା ବ୍ଲକର ଜାମୁଖଞ୍ଜାରୀ ଏବଂ ଅସନବଣୀ ଠାରେ ଟୁସୁ ମେଳା ଅନୁଷ୍ଠିତ ହୋଇ ଉଦଯାପିତ ହୋଇଯାଇଛି।

## ।।।।।।।।।।।।।।।।।।।।।।।।।।।।। ଗଁଦିଆ ପଞ୍ଚାୟତ ସମିତି ବୈଠକ ।।।।।।।।।।।।।।।।।।।।।।।।।।।।।

# ବିଭିନ୍ନ ଯୋଜନାର ସଫଳ ରୁପାୟନ ପାଇଁ ନିର୍ଦ୍ଦେଶ



ଢେଙ୍କାନାଳ (ଭାସ୍କର ନ୍ୟୁଜ): ଶୁକ୍ରବାର ଷଷ୍ଠ ତମ ଗଁଦିଆ ପଞ୍ଚାୟତ ସମିତି ବୈଠକ ସଭଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧକ୍ଷା ରୀନାରାଣୀ ଖଟୁଆଙ୍କର ଅଧକ୍ଷତାରେ ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସରକାରଙ୍କର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦାନ କରିଥିଲେ । ପ୍ରଥମେ ବ୍ଲକ ପ୍ରଶାସନ ଓ ପଞ୍ଚାୟତ ସ୍ତରୀୟ ସଦସ୍ୟ ମାନେ କାର୍ଯ୍ୟାଳୟ ମୁଖ୍ୟ ଫାଟକ ଠାରୁ ସ୍ୱାଗତ ଜଣାଇ ସଭା ସ୍ଥଳକୁ ପାଛୋଟି ନେଇଥିଲେ । ଅନ୍ୟ ସମ୍ମାନିତ ଅତିଥି ଭାବରେ ଢେଙ୍କାନାଳ ଜିଲ୍ଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ, ପଞ୍ଚାୟତ ସମିତି ଉପାଧକ୍ଷା ମମତା ସାମଲ, ଢେଙ୍କାନାଳ ସାଂସଦଙ୍କ ବ୍ଲକ ପ୍ରତିନିଧି ଲଳିତ କୁମାର ଦାସ, ଗଁଦିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା, ତହସିଲଦାର ସତ୍ୟଜିତ ମହାପାତ୍ର ଓ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ମାନେ ଯୋଗଦାନ କରିଥିଲେ । ସଭା ଆରମ୍ଭରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପସ୍ଥିତ ସମସ୍ତ ଅତିଥି ଓ ସରପଞ୍ଚ, ସମିତି ସଭ୍ୟ ଓ ବିଭାଗୀୟ ଅଧିକାରୀଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱାଗତ ଜଣାଇଥିଲେ । ବ୍ଲକ ତଥା ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସରକାରଙ୍କର ବିଭିନ୍ନ ଜନହିତକାରୀ ଯୋଜନା ଗୁଡିକର ପୁଙ୍ଖାନୁ ପୁଙ୍ଖ ତର୍ଜମା କରିଥିଲେ । ଯେପରି ଉକ୍ତ ଯୋଜନା ଗୁଡିକରୁ ସଠିକ ଭାବରେ ପ୍ରକୃତ ହିତାଧିକାରୀ ତାର ଲାଭ ପାଇ ପରିବେ ସେଥିପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯେପରି କେହି ହେଲେ ଜଣେ ହିତାଧିକାରୀ ଉକ୍ତ ଯୋଜନା ଗୁଡ଼ିକରୁ ବଂଚିତ ନରହୁ ତାହା ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ । ସେହିପରି କାର୍ଯ୍ୟାଳୟ ମାନଙ୍କୁ ଆସୁଥିବା ହିତାଧିକାରୀ ମାନଙ୍କୁ ଅଯଥାରେ ଯେପରି ହଇରାଣ ନହୁଅନ୍ତି ତାହା ଉପରେ କର୍ମଚାରୀ ମାନେ ବିଶେଷ ଭାବରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ସେହିପରି ଉକ୍ତ ବ୍ଲକର ସମସ୍ତ ୨୯ଗୋଟି ଗ୍ରାମ ପଞ୍ଚାୟତ ଗୁଡିକରେ ଯୋଜନା ଗୁଡିକ ସଫଳ ରୂପାୟନ ପାଇଁ ସରପଞ୍ଚ ମାନଙ୍କୁ ସହଯୋଗ ପାଇଁ ବ୍ଲକ ପ୍ରଶାସନକୁ ପରାମର୍ଶ ଦେଇଥିଲେ । ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀ ମାନେ କାର୍ଯ୍ୟ କ୍ଷେତ୍ରରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସିଧା ସଳଖ ବିଡିଓଙ୍କ ସହିତ ଯୋଗାଯୋଗ କରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବେ । ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ପୁଷ୍କରଣୀକୁ ପୋତାଯାଇ ତାହାକୁ ଅନ୍ୟ କାର୍ଯ୍ୟରେ ବ୍ୟବହାର କରିବାକୁ ସରପଞ୍ଚ ରତିକାନ୍ତ ସାହୁ ଆଣିଥିବା ପ୍ରସ୍ତାବ ଉପରେ ସର୍ବ ସମ୍ମତୀ ନିଷ୍ପତି ହୋଇଥିଲା । ପରିଶେଷରେ ମାନ୍ୟବର ମନ୍ତ୍ରୀ ଶ୍ରୀ ପାତ୍ର ଦଳୀୟ ମନବୃତି ନରଖି ଉକ୍ତ ବ୍ଲକର ସର୍ବାଙ୍ଗୀନ ଉନ୍ନତି ପାଇଁ କାମ କରିବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଶେଷରେ ବ୍ଲକର ସହକାରୀ ଯନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିଆଳିର ବିଭିନ୍ନ ସ୍ଥାନରେ ଧାନମଣ୍ଡି ଉଦ୍‌ଘାଟିତ



ନିଆଳି (ଭାସ୍କର ନ୍ୟୁଜ): ନିଆଳି ବ୍ଲକ୍ ବିଳାସୁଣୀ ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତିର ସଭାପତି ପ୍ରଭାତ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ସୁକାନ୍ତ କୁମାର ବିଶ୍ୱାଳ, ବିଜେପି ନେତା ଶଶିକାନ୍ତ ଲେଙ୍କା, ସାଂସଦଙ୍କ ପ୍ରତିନିଧି ଜ୍ୟୋତି ରଞ୍ଜନ ମହାନ୍ତି, ସନ୍ତୋଷ ବିଶ୍ୱାଳ, କସର୍ଦା ମଣ୍ଡଳ ବିଜେପି ସଭାପତି ରାଜେସ୍ ମହାରଣା ପ୍ରମୁଖ ଉପସ୍ଥିତ ରହି ମଣ୍ଡି ଉଦ୍‌ଘାଟନ କରିଥିଲେ। ସମିତିର ସମ୍ପାଦକ ସୁନିଲ୍ କୁମାର ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୯ ଜଣ ଚାଷୀଙ୍କ ଠାରୁ ୬୨୦ କ୍ୱିଣ୍ଟାଲ୍ ଧାନ ସଂଗ୍ରହ କରାଯାଇଥିଲା। ଏହି ଉଦ୍‌ଘାଟନ ଉତ୍ସବରେ ସମିତିର ନିର୍ଦ୍ଦେଶକ ଅକ୍ଷୟ କୁମାର ବିଶ୍ୱାଳ, ସମିତିର ପୂର୍ବତନ ସଭାପତି ଉପେନ୍ଦ୍ର ମହାନ୍ତି, ନିରଞ୍ଜନ ରାୟ, ବିଷ୍ଣୁ ଚରଣ ଡାଲୁଆ, ସୁବାଷ ଚନ୍ଦ୍ର ମହାନ୍ତି, ବିଜ୍ଞାନ ଜେନା, ବିଜେପି ପ□ାୟତ ସଭାପତି ଦିଲ୍ଲିପ କୁମାର ବାରିକ, ଆଦେଶ କୁମାର ପାଢୀ, ରଞ୍ଜିତ୍ ମହାନ୍ତି, କ୍ଷେତ୍ର ମୋହନ ଜେନା, କପିଳା ଜେନା, ହପନି ବସ୍ତିଆ, ଜୟନ୍ତ ବେହେରାଙ୍କ ସମେତ ବହୁ ଚାଷୀ, ସମିତିର ନିର୍ଦ୍ଦେଶକ, କ୍ରୟ କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ। ସେହିପରି ସିଠାଳ ସମବାୟ ସମିତିର ସଭାପତି ରଶ୍ମିରଂଜନ ଜେନା ଧାନମଣ୍ଡି ଉଦଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସେକ୍‌ରେଟ୍ରି ସତ୍ୟ ରଂଜନ ବିଶ୍ୱାଳ, ବାରିକ ରାଜ କିରଣ ପ୍ରସାଦ, ଆର. ଏମ. ସି. ରାକେଶ ରୋଶନ ସ୍ୱାଇଁ, ପରମାଧ ଦାଶ ଉପସ୍ଥିତ ରହିଥିଲେ। ୧୧ ଜଣ ଚାଷୀଙ୍କ ଠାରୁ ୫୮୮ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ଚାଷୀ ସନ୍ତୋଷ କୁମାର ଲେଙ୍କା, ପର୍ଶୁରାମ ହାତି, ପ୍ରିୟରଂଜନ ପତି, ବିଜୟ ସେନାପତି, ସୟନ ସାବତ, ସନ୍ତୋଷ ଜେନା, ସତ୍ୟଜିତ ବସ୍ତିଆ, ଜିତେନ୍ଦ୍ର କୁମାର ସାହୁ,ପ୍ରଭାତ କୁମାର ହାତୀ, ସଂଜୟ କୁମାର ହାତୀ, ମିହିର ରଂଜନ ଜେନା, ଉଗ୍ରସେନ ଜେନା, ଭରତ ପାତ୍ର, ଉମେଶ ମାତ୍ର, ଦିଲୀପ ସେନାପତି, ମନୋଜ ପାତ୍ରଙ୍କ ଉପସ୍ଥିତିରେ ଶାନ୍ତି ଶୃଙ୍ଖଳାରେ ଧାନ ମଣ୍ଡି ଶେଷ ହୋଇଥିଲା।



ରଘୁନାଥପୁର, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ରଘୁନାଥପୁର ମଣ୍ଡଳର ନବନିଯୁକ୍ତ ବିଜେପି ମଣ୍ଡଳ ସଭାପତି ସ୍ୱରାଜ ସାମଲଙ୍କୁ ଆଜି ଗୁଆଲିପୁର ଗ୍ରାମପଞ୍ଚାୟତ ବିଜେପି ତରଫରୁ ମା'ବୁଢ଼ୀ ବିଲାସୁଣୀ ମନ୍ଦିର ପ୍ରାଙ୍ଗଣରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପଞ୍ଚାୟତ ପ୍ରମୁଖ ସୌମ୍ୟରଞ୍ଜନ ଭୂୟାଁ ଓ ସହ ପ୍ରମୁଖ ବିଶ୍ୱଜିତ୍ ସ୍ୱାଇଁ ସାମଲଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ଶତାଧିକ ବିଜେପି କର୍ମୀ ଯୋଗ ଦେଇଥିଲେ। ସାମଲ ଉପସ୍ଥିତ କର୍ମୀମାନଙ୍କୁ ଭାଷଣ ପ୍ରସଙ୍ଗରେ କହିଥିଲେ ଯେ, ସରକାର ନିର୍ବାଚନ ସମୟରେ ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତିକୁ ଧୀରେଧୀରେ ପାଳନ କରୁଛି। ଯେପରି ସୁଭଦ୍ରା ଯୋଜନା, ଭିନ୍ନକ୍ଷମ ଓ ୮୦ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କୁ ବର୍ଦ୍ଧିତ ଭତ୍ତା ହେଉ, ଧାନରେ ୮୦୦ ଟଙ୍କାର ବୋନସ, ଅଦିନିଆ ଲଘୁଚାପ ବର୍ଷାରେ ଫସଲ ହାନିର କ୍ଷୟକ୍ଷତି ପାଇଁ ସାହାଯ୍ୟ, ପ୍ରଧାନମନ୍ତ୍ରୀ ଫସଲ ବୀମା ମାଧ୍ୟମରେ ଚାଷୀଙ୍କୁ ବୀମା ରାଶି ପ୍ରଦାନ ଆଦି ସରକାରଙ୍କ ତରଫରୁ ସୂଚାରୁ ରୂପେ ଯୋଗାଇ ଦିଆଯାଉଛି। ଦଳ ମୋ ଉପରେ ଭରଷା କରି ମୋତେ ଯେଉଁ ଗୁରୁଦାୟିତ୍ୱ ଦେଇଛି ମୁଁ ତାହାକୁ ସୂଚାରୁ ରୂପେ ପାଳନ କରିବି ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଘୁନାଥପୁର ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁପ୍ରଭା ସ୍ୱାଇଁ, ଏସସି ମୋର୍ଚ୍ଚା ସମ୍ପାଦକ ବିଜୟ ସେଠୀ, ନବ ନିର୍ବାଚିତ ବୁଥ ସଭାପତି ହିମାଂଶୁ ପ୍ରଧାନ, ବାସୁଦେବ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।



## ଖରିଫ ଧାନସଂଗ୍ରହ ମଣ୍ଡି ଉଦଘାଟିତ

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ): କଣ୍ଟାପଡ଼ା ବ୍ଲକ୍ ଅନ୍ତର୍ଗତ ବ୍ରାହ୍ମଣ ସାଇଲୋ ପଞ୍ଚାୟତ ବ୍ରାହ୍ମଣବାଟି ସେବା ସମବାୟ ସମିତିରେ ଚଳିତବର୍ଷ ଧାନମଣ୍ଡି ଶୁକ୍ରବାର ଦିନ ପଞ୍ଚାୟତ କାର୍ଯ୍ୟାଳୟରେ ସଭାପତି ସୁରେନ୍ଦ୍ର କୁମାର ପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବ୍ରାହ୍ମଣ ବାଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ବଳରାମ ପାତ୍ର, ସମ୍ପାଦକ ଗଙ୍ଗାଧର ସାହୁ, ନବଘନ ପାତ୍ର, ନିରଞ୍ଜନ ପାତ୍ର, ଅପର୍ତି ମହାପାତ୍ର, କୈଳାଶ ବେହେରା, ଲଲାଟ ରାୟ, ଅନୁସୟା ମଲ, ପବିତ୍ର ମୋହନ ସ୍ୱାଇଁ, ସୁଶାନ୍ତ କୁମାର ସ୍ୱାଇଁ, ଅରବିନ୍ଦ ସ୍ୱାଇଁ, ରାଜକିଶୋର ମାହାଳି ଉପସ୍ଥିତ ରହିଥିଲେ। ୧୨ଜଣ ଚାଷୀଙ୍କ ଠାରୁ ୩୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରା ଯାଇଛି। ଚଳିତବର୍ଷ ବ୍ରାହ୍ମଣ ବାଟି ସେବା ସମବାୟ ସମିତି ନୂତନ ସେବା ସମବାୟ ସମିତି ଭାବରେ ଖୋଲା ଯାଇଛି।

# ବିପଦସଙ୍କୁଳ ପୋଲରେ ଶହଶହ ଭାରିଯାନ



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା କେନାଲର ବିପଦସଙ୍କୁଳ ଦାନପୁର ପୋଲ ଉପରେ ଶହଶହ ବାଲି ବୋଝେଇ ଭାରିଯାନ ଯାତାୟତ କରୁଥିବା ଦେଖାଦେଉଛି। ଇଂରେଜ ଅମଳର ଲୁହାକଡ଼ି ଉପରେ ନିର୍ମିତ କେନ୍ଦ୍ରାପଡ଼ା କେନାଲର ପୋଲକୁ କିଛି ବର୍ଷ ତଳେ ମରାମତି କରାଯାଇ ଥିଲା। ସେ ପୋଲ ଦୁଇଟିରେ ସେତେବେଳେ ଚାରିଚକିଆ ଜିପ ଓ କାର ଯାତାୟତ କରୁଥିଲା। ଦାନପୁର ଠାରେ ଲୁଣାନଦୀରେ ପୋଲ ହେବା ପରେ ନଦୀ ଆରପଟକୁ ଟ୍ରକ ଦ୍ୱାରା ବିଭିନ୍ନ ସାମଗ୍ରୀ ପରିବହନ କରାଯାଉଛି। ନଦୀ ପୋଲକୁ ସଂଯୋଗ ପାଇଁ କେନ୍ଦ୍ରାପଡ଼ା କେନାଲ ଉପରେ ଏକ ନୂତନ ପୋଲ ନିର୍ମାଣ କରାଯାଇ ଥିଲେ ବି ତା'ର ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇନଥିବାରୁ ଇଂରେଜ ଅମଳ ବିପଦସଙ୍କୁଳ ପୋଲ ଉପରେ ଟ୍ରକଗୁଡ଼ିକ ଯାତାୟତ କରୁଛି। ଏପରିକି ଲୁଣାନଦୀର ବିଭିନ୍ନ ଘାଟରୁ ଉଠୁଥିବା ବାଲି ବୋଝେଇ ଭାରିଯାନ ମଧ୍ୟ ଯାତାୟତ କରୁଛି। ଯାହାଫଳରେ ଏବେ କେନ୍ଦ୍ରାପଡ଼ା କେନାଲର ବାମପାର୍ଶ୍ୱ ବନ୍ଧ ଲକ୍ ପୋଲ ନିକଟରେ ଦାବି ଗଲାଣି। ବନ୍ଧ ଦବିଯିବା ପରେ ଏଠାରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏଠାରେ ରାସ୍ତା ଭୁସୁଡ଼ିଯିବାର ଆଶଙ୍କାବି ଉପୁଜିଲାଣି। ଏହାର ତୁରନ୍ତ ମରାମତି କରିବା ସହ ଲୁଣାନଦୀ ପୋଲକୁ ହେବାକୁଥିବା ସଂଯୋଗୀକରଣ ରାସ୍ତାକୁ ତୁରନ୍ତ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ




କୁକୁଡ଼ାଖଣ୍ଡି, (ଭାସ୍କର ନ୍ୟୁଜ୍): କୁକୁଡାଖଣ୍ଡି ବ୍ଲକ୍ ଅନ୍ତର୍ଗତ ଆମ୍ବଗଡ଼ ସ୍ଥିତ ଡେକାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି ଏହି ତାଲିମ ଶିବିର ଗତ ୬ ତାରିଖ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୦ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏହି ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ଡ. ସରୋଜ କୁମାର ଆଚାର୍ଯ୍ୟ ସଭାପତିତ୍ୱ କରି ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା କୌଶଳ ସମ୍ପର୍କିତ ଆବଶ୍ୟକତା ଉପରେ ଅବଗତ କରାଇଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ମାନସ ରଞ୍ଜନ ପଟ୍ଟନାୟକ ଯୋଗଦେଇ ଛାତ୍ରୀମାନଙ୍କୁ ସମାଜର ଗୁରୁତ୍ୱପୂର୍ଣ୍ଣ ଅଂଶ ରୂପେ ବର୍ଣ୍ଣନା କରିଥିଲେ। ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ଡ. ନରସିଂହ ସାବତ, ଡ. ମାମିନୀ ମହାରଣା, ଉମାଶଙ୍କର ପ୍ରଧାନ, ଡ.ଦେବବ୍ରତ ପାଢ଼ୀ ପ୍ରମୁଖ ଯୋଗଦେବା ସହ ସରକାରଙ୍କ ଏହି କାର୍ଯ୍ୟକ୍ରମର ଉପାଦେୟତା, ନାରୀ ସଶକ୍ତିକରଣ ଇତ୍ୟାଦି ବିଷୟରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି ଶିବିରରେ ୯୬ଜଣ ଛାତ୍ରୀଙ୍କୁ ଦୁଇଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କ୍ରୀଡ଼ା ପ୍ରଶିକ୍ଷକ ତଥା କାର୍ଯ୍ୟକ୍ରମର ସଂଯୋଜକ ମହାଦେବ ରଥ ଶିବିର ପରିଚାଳନା କରିବା ସହ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ମାଷ୍ଟର ଟ୍ରେନର ହିମାଞ୍ଜଳି ଖରସେଲ୍ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ପାତ୍ରତନ୍ତୀ ସମାଜ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ନିଖିଳ ଓଡ଼ିଶା ପାତ୍ରତନ୍ତୀ ସମାଜ ପକ୍ଷରୁ ସାମାଜିକ କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଗୋନାସିକା ପଞ୍ଚାୟତ ତଳବୈତରଣୀ ଜନ୍ତାରୀ ଗ୍ରାମରେ ଗରିବ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଶୀତରେ ଗରିବ ଗରିବା ଲୋକେ ଶୀତବସ୍ତ୍ର ଖଣ୍ଡିଏ ନପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଣୁ ଏହି ବଣଜଙ୍ଗଲ ପାହାଡ଼ିଆ ଅଞ୍ଚଳର ତଳବୈତରଣୀ, ତଳବାରୁଣୀ ଗ୍ରାମରେ ପାତ୍ରତନ୍ତୀ ସମାଜର ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ ଅସହାୟଙ୍କୁ ୩୦ଟି କମ୍ବଳ ବଣ୍ଟନ କରାଯାଇଛି। ଏହାସହ ଶିଶୁମାନଙ୍କୁ ବିସ୍କୁଟ ଓ ଫଳ ବଣ୍ଟନ କରାଯାଇଥିଲା। ଏହାଛଡ଼ା ସମାଜର ଏକତା, ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟରକ୍ଷା, ନିଶାନିବାରଣ ଏବଂ ଶିକ୍ଷାର ପ୍ରସାର, ଅନ୍ଧବିଶ୍ୱାସ, ଗୁଣିଗାରେଡ଼ି ବିଲୋପ ସମେତ ମହିଳା ଓ ଯୁବପିଢ଼ୀ ସମାଜ ବିକାଶ କ୍ଷେତ୍ରରେ ସାମିଲ ହୋଇ ସମାଜ ପ୍ରଗତିକୁ ଆଗେଇ ନେବାକୁ ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ପାତ୍ର ଆହ୍ୱାନ ଦେଇଥିଲେ। ଜିଲ୍ଲା ସଭାପତି ବାବାଜୀ ଚରଣ ପାତ୍ର, ସମ୍ପାଦକ ଶରତ ଚନ୍ଦ୍ର ପାତ୍ର ଙ୍କ ତତ୍ତ୍ୱାବଧନାରେ ସାଙ୍ଗଠନିକ ସମ୍ପାଦକ ଗମ୍ଭୁଧର ପାତ୍ର, ବରିଷ୍ଠ ସଦସ୍ୟ ଅଯୋଧ୍ୟାନାଥ ପାତ୍ର, ସଦର ବ୍ଲକ୍ ଉପସଭାପତି ଦେବବ୍ରତ ପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ସଦର ବ୍ଲକ ସମ୍ପାଦକ ରମାକାନ୍ତ ପାତ୍ର, ଜିଲ୍ଲା ଯୁଗ୍ମ ସମ୍ପାଦକ ବସନ୍ତ କୁମାର ପାତ୍ର, ବାଂଶପାଳ ବ୍ଲକ୍ ଯୁଗ୍ମ ସମ୍ପାଦକ ବଣୁ ପାତ୍ର, ଜନ୍ତାରୀ ଗ୍ରାମ ବରିଷ୍ଠ ସଦସ୍ୟ ଦୁର୍ଯ୍ୟୋଧନ ପାତ୍ର, ପ୍ରମୁଖ ଶୀତବସ୍ତ୍ର ବଣ୍ଟନ କରିଥିଲେ।

# ମୁକୁନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଆସିକା, (ଭାସ୍କର ନ୍ୟୁଜ୍): ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମୁକୁନ୍ଦପୁର ଠାରେ ଆଜି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସରୋଜ କୁମାର ଖଣ୍ଡୁଆଳ ସଭାପତିତ୍ୱ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ କାଳକଣ୍ଟପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଜୟନ୍ତୀ ବେହେରା, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ସୁଶ୍ରୀ ଡଲିରାଣୀ ଦାସ, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ବିଭୁ ନନ୍ଦନ ପଣ୍ଡା ଓ ଶିବରାମ ବେହେରା, ପୂର୍ବତନ ସିଆରସିସି ମନୋରଞ୍ଜନ ପାଢ଼ୀ, ନାୟକ ସରପଞ୍ଚ ପିଣ୍ଟୁ ସେଠୀ, ମୁଖ୍ୟ ଅତିଥି ମିହିରକାନ୍ତ ମହାପାତ୍ର ପୂର୍ବତନ ପ୍ରଧାନଶିକ୍ଷକ, ମଞ୍ଚାସୀନ ହୋଇଥିଲେ। ଶିକ୍ଷାୟତନର ଉନ୍ନତି ସହ ସାମଗ୍ରିକ ଶୈକ୍ଷିକ ବିକାଶରେ ବିଦ୍ୟାଳୟ ବାର୍ଷିକ ଉତ୍ସବର ମହତ୍ତ୍ୱ ଉପରେ ନିଜର ବକ୍ତବ୍ୟ ରଖି ମହାମନିଷୀଙ୍କୁ ଅନୁକରଣ କରିବାକୁ ଆହ୍ୱାନ କରିଥିଲେ ମୁଖ୍ୟ ଅତିଥି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୁଲି ରଥ, ସହକାରୀ ଶିକ୍ଷୟିତ୍ରୀ ସାଗରିକା ପ୍ରଧାନ, ଅନୀତା ପ୍ରଧାନ, ଭାରତୀ ଗୌଡ଼ଙ୍କ




ସହଯୋଗ ତଥା ବିଦ୍ୟାଳୟ ପରିଚାଳନା କମିଟି ଏବଂ ଗ୍ରାମବାସୀଙ୍କ ଉଦାର ସହଯୋଗରେ ଏକ ବର୍ଣ୍ଣାଢ଼୍ୟ ପରିବେଶ ସୃଷ୍ଟି ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଜେତାଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସଭା ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଯାହାକୁ ଉପସ୍ଥିତ ଦର୍ଶକ ଉପଭୋଗ କରି ମନ୍ତ୍ରମୁଗ୍ଧ ହୋଇଥିଲେ।

# ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଶ୍ରମିକ ସମାବେଶ



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ୍ ଗୋଲରହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାସ୍ଥିତ ଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଏକ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବରିଷ୍ଠ ଶ୍ରମିକ ଧିରେନ ସାହୁ ସଂଯୋଜନା କରିଥିବା ବେଳେ ମନୋଜ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଉକ୍ତ ସମାବେଶରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାର ନିର୍ମାଣ ଶ୍ରମିକମାନଙ୍କ ସମସ୍ୟା ସମାଧାନ ନିମନ୍ତେ କର୍ତ୍ତୃପକ୍ଷଙ୍କ ସହିତ ବହୁବାର ଆଲୋଚନା କରି ତା'ର କିଛି ସୁଫଳ ନମିଳିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ମହିଳା ନିର୍ମାଣ ଶ୍ରମିକମାନଙ୍କୁ ପରିଚୟପତ୍ର ପ୍ରଦାନ, ୬୦ଦିନ ଭିତରେ ମୃତ୍ୟୁକାଳୀନ ସହାୟତା ପ୍ରଦାନର ନିୟମ ଥିଲେ ବି ଏହାର କାର୍ଯ୍ୟକାରିତାରେ ଢେର ବିଳମ୍ବ ଘଟୁଛି। ଶ୍ରମିକ ତା'ର ଝିଅ ବିଭାଘର ସହାୟତା ରାଶି ପାଇବା ପାଇଁ ଶ୍ରମ କାର୍ଯ୍ୟାଳୟକୁ ଦଉଡ଼ି ଦଉଡ଼ି ହାଲିଆ ହେଉଥିଲେ ମଧ୍ୟ ସହାୟତା ରାଶି ମିଳିପାରୁ ନାହିଁ। ମାତୃତ୍ୱ ସହାୟତା ଓ ଶ୍ରମିକମାନଙ୍କ ପିଲାର ଶିକ୍ଷା ପାଇଁ ମିଳୁଥିବା ସହାୟତା ରାଶି ପାଇବାରେ ବିଳମ୍ବ ହେଉଥିବାରୁ ଶ୍ରମିକମାନଙ୍କ ମଧ୍ୟରେ ଅଶାନ୍ତି ବୃଦ୍ଧିପାଉଛି। ଏହି ଶ୍ରମିକ ଅଶାନ୍ତି ଆନ୍ଦୋଳନର ରୂପ ନେବ ବୋଲି ତ୍ରିପାଠୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ କୃପାସିନ୍ଧୁ ବାରିକ, ଅନିରୁଦ୍ଧ ପୃଷ୍ଟି, ମାଳତି ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ରାଜକିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନ ଗଦାରେ ନିଆଁ ଲାଗି ଭସ୍ମୀଭୂତ

କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ସଦର ପଞ୍ଚାୟତର ପାଟବନ୍ଧ ଗ୍ରାମରେ ଅଚାନକ ଧାନ ଗଦାରେ ନିଆଁ ଲାଗି ଭସ୍ମୀଭୂତ ହୋଇଯାଇଛି। ଆଜି ଅପରାହ୍ନରେ ଖଳାରେ ପ୍ରାୟ ୮ଜଣଙ୍କ ୧୬କୁପାରେ ପ୍ରାୟ ୧୫୦୦ କୁଇଣ୍ଟାଲ ଧାନ ପୋଡ଼ି ପାଉଁଶ ହୋଇଯାଇଛି। ଖରିପ ଋତୁରେ ଚାଷୀ ଧାନ ଫସଲ କରି ଖଳାରେ କୁପା କରି ରଖିଥିଲେ। ପୁରେନ୍ଦ୍ର କର୍ଷିକା, ନରେନ୍ଦ୍ର କର୍ଷିକା, ପ୍ରସନ୍ନ ଗନ୍ତୟତ, ଜୟସିଙ୍ଗି ହୁଇକା, ସୁବା କାଡ୍ରାକା, କୃଷ୍ଣା ତାଡ଼ିକା, ଲାଚା କାଡ୍ରାକା, ମୁଗୁରି କର୍ଷିକାଙ୍କ ୧୬ଟି କୁପାକୁ ଆଜି ଅମଳକରି ମଣ୍ଡିକୁ ଧାନ ବିକ୍ରି କରିବାକୁ ଭାବିଥିଲେ। ଭାଗ୍ୟର ବିଡ଼ମ୍ବନା ଯେ ଆଜି ଅପରାହ୍ନ କିପରି ଧାନ କୁପାରେ ନିଆଁ ଲାଗିଲା କେହିଁ ଜାଣିନାହାନ୍ତି। ନିଆଁ ଲାଗିଥିବା ଦେଖି



ଆଖପାଖରେ ଥିବା ଲୋକମାନେ ଧାଇଁ ଆସି ଘରୁ ପାଣି ଆଣି ପକାଇବା ସହ ନିକଟସ୍ଥ କେନାଲରୁ ମହିଳା, ପୁରୁଷମାନେ ପାଣି ଆଣି କୁପାରେ ପକାଇଥିଲେ ସୁଧା ନିଆଁକୁ ଆୟତ୍ତ କରିପାରି ନ ଥିଲେ। ସଙ୍ଗେସଙ୍ଗେ ଅଗ୍ନିଶମ ବିଭାଗକୁ ଯୋଗାଯୋଗ କରିଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ଗାଡ଼ି ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏହି ଖବର ପାଇ ପୂଜାରିଗୁଡ଼ା ରାଜସ୍ୱ ନିରୀକ୍ଷକ ରାମଚନ୍ଦ୍ର ଆଚାର୍ଯ୍ୟ, ନମିତା ରାଣୀ ଗମାଙ୍ଗ ପହଞ୍ଚି କ୍ଷୟ ହୋଇଥିବା ଲୋକଙ୍କ ତାଲିକା ପ୍ରସ୍ତୁତ କରିଥିଲେ। ପ୍ରକାଶ ଥାଉକି ଖରିପ ଋତୁରେ ଧାନ ପାଚିବା ସମୟରେ ଲଘୁଚାପ ବର୍ଷା ହୋଇଥିବା ଯୋଗୁଁ କିଛି ଫସଲ ନଷ୍ଟ ହୋଇଥିବା ବେଳେ ବର୍ତ୍ତମାନ ନିଆଁ ଲାଗି ସବୁ ନଷ୍ଟ ହୋଗଲା ବୋଲି କହିଛନ୍ତି।

# ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ମନମାନୀ ବିରୁଦ୍ଧରେ ସାମ୍ବାଦିକ ସମ୍ମିଳନୀ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ): ଦୀର୍ଘ ୭ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମଙ୍ଗୁଳି ଛକରୁ ଧୂମାବତୀ ପର୍ଯ୍ୟନ୍ତ ଚାଲିଥିବା ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଶେଷ ହୋଇପାରିଲା ନାହିଁ। ଏ ସମ୍ପର୍କରେ ବାରମ୍ବାର ଚୌଦ୍ୱାର ଜାଗରଣ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଥିଲେ ମଧ୍ୟ ଜାତୀୟ ରାଜପଥ ପ୍ରାଧିକରଣଙ୍କ ମନମାନି ଯୋଗୁଁ ଆଜିପର୍ଯ୍ୟନ୍ତ ସମ୍ପ୍ରସାରଣ କାର୍ଯ୍ୟ ଶେଷ ହୋଇପାରୁନାହିଁ। ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହେଉଥିବା ବେଳେ ପ୍ରାୟ ୧୨ରୁ ଊର୍ଦ୍ଧ୍ୱ ଜୀବନ ଅକାଳରେ ଚାଲିଯାଇ ଥିବାର ନଜିର ମଧ୍ୟ ରହିଛି। ଏହାର ପ୍ରତିବାଦରେ ଗତ ୫.୯.୨୪ରେ ମଞ୍ଚ ପକ୍ଷରୁ ଏକ ସମ୍ବାଦିକ ସମ୍ମିଳନୀ କରାଯାଇ ରାଜପଥ କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦିଆଯିବା ସହ ୯ ସେପ୍ଟେମ୍ବର ୨୦୨୪ ରେ ଜାଗରଣ ମଞ୍ଚ ଦ୍ୱାରା ପ୍ରକଳ୍ପ ଅଫିସ୍ ମଧ୍ୟ ଘେରାଉ କରାଯାଇଥିଲା। ପରେ ରାଜପଥର ଅଧିକାରୀ ଏବଂ ସମସ୍ତ ଠିକାଦାର ମଙ୍ଗୁଳିରୁ ଧୂମାବତୀ ପର୍ଯ୍ୟନ୍ତ କ୍ଷେତ୍ର ପରିଦର୍ଶନ କରି ବାସ୍ତବ ସ୍ଥିତି ପରଖିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଏପରିକି ସର୍ଭିସ୍ ରୋଡ଼ କଡ଼ରେ ଥିବା ବ୍ୟବସାୟ ପ୍ରତିଷ୍ଠାନ ଯେଉଁମାନେ ଡ୍ରେନ୍ ଓ ସର୍ଭିସ୍ ରୋଡ଼କୁ ମାଡ଼ି ବସିଥିଲେ ସେମାନଙ୍କୁ ଉଚ୍ଛେଦ କରିବା ପାଇଁ ମଧ୍ୟ ରାଜପଥ ପକ୍ଷରୁ ତହସିଲଦାରଙ୍କୁ ଚିଠି କରାଯିବା ପରେ ୧୫ଦିନ କାମ ଚାଲୁ ରହିବା ପରେ ବନ୍ଦ ହୋଇଯାଇଥିଲା। ଜାତୀୟ ରାଜପଥ ଅଧିକାରୀ ଓ ଠିକାଦାରଙ୍କର କାମ ସମ୍ପୂର୍ଣ୍ଣ ବନ୍ଦକୁ ନେଇ ଗତ ୬ ଡିସେମ୍ବର ୨୦୨୪ରେ ଜାଗରଣ ମଞ୍ଚର ଏକ ୬ଜଣିଆ ଟିମ୍ ଢେଙ୍କାନାଳ ଗସ୍ତ କରି ନୂତନ ଭାବରେ ଯୋଗ ଦେଇଥିବା ପ୍ରକଳ୍ପ ନିର୍ଦ୍ଦେଶକ ଡି.କେ. ଚୌଧୁରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ସର୍ଭିସ୍ ରୋଡ଼ର ମରାମତି ଏବଂ ବାକି ଥିବା କାମକୁ ପୁନଶ୍ଚ ଆରମ୍ଭ କରିବା ନିମନ୍ତେ ଅନୁରୋଧ କରିବା ପରେ ସେ ନିଜେ କ୍ଷେତ୍ର ପରିଦର୍ଶନରେ ଆସିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଆଜିପର୍ଯ୍ୟନ୍ତ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦେଖା ନ ମିଳିବା, ଓଟିଏମ୍ ଛକ, ଗାନ୍ଧିଛକ ଓ ଧୂମାବତୀ ଛକରେ ଅଣ୍ଡରପାସ୍ କାମ ଯାହା ବାକି ଥିଲା ସେହି ସ୍ଥିତିରେ ରହିଥିବା, ଚୌଦ୍ୱାର କଲେଜ ଆଗକୁ ରାସ୍ତା ଅବରୋଧ କରିଥିବା ଇଲେକ୍ଟ୍ରି ଟାୱାରକୁ ନ ଉଠାଇବା, ଗାନ୍ଧିଛକରୁ ଓଟିଏମ୍ ଛକ ଯାଏଁ ଅଣ୍ଡରପାସ୍ ନିର୍ମାଣ ଅଧପାନ୍ତରିଆ ହୋଇ ପଡ଼ିବା ଫଳରେ ଭାରୀଯାନ ଗୁଡ଼ିକ ଖରାପ ସର୍ଭିସ୍ ରୋଡ଼ରେ ଯାତାୟତ କରିବା ଫଳରେ ସର୍ଭିସ୍ ରୋଡ଼ଗୁଡ଼ିକ ଦିନକୁଦିନ ଖରାପ ହେବା ଆଦି ପ୍ରତିବାଦରେ ଚୌଦ୍ୱାର ଜାଗରଣ ମଞ୍ଚ ପକ୍ଷରୁ ଚୌଦ୍ୱାର ରୂପଯାତ୍ରା କମିଟି ଗୃହ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ କରିବା ସହ ଆସନ୍ତା ୨୦ ତାରିଖରେ ଢେଙ୍କାନାଳ ସ୍ଥିତ ରାଜପଥ ପ୍ରକଳ୍ପ କାର୍ଯ୍ୟାଳୟ ଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜାତୀୟ ରାଜପଥ ଚେୟାରମ୍ୟାନ୍, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ, ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ଅଫିସ୍, ଢେଙ୍କାନାଳ ସ୍ଥିତ ପ୍ରକଳ୍ପ କାର୍ଯ୍ୟାଳୟ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, କଟକ ସାଂସଦ, ଜିଲ୍ଲାପାଳ, କଟକ ଡିସିପି ଏବଂ ଢେଙ୍କାନାଳ ଏସିପିଙ୍କ ସହ ଢେଙ୍କାନାଳ ଟାଉନ୍ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଯାଇଛି ବୋଲି ଜାଗରଣ ମଞ୍ଚର ଶ୍ରୀକାନ୍ତ ପାକଳ, ପ୍ରଭାନନ୍ଦ ସାହୁ, ହରିହର ବେଉରା, ପ୍ରତାପ କୁମାର ଜେନା, ଅଶୋକ କୁମାର ସାହୁ ପ୍ରମୁଖ ସୂଚନା ପ୍ରଦାନ କରିଛନ୍ତି।

# ଲକ୍ଷ୍ମୀପୁରରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ




ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଜାଗରଣ କୃଷକ ଉତ୍ପାଦକ କମ୍ପାନୀ ଦ୍ୱାରା ଲକ୍ଷ୍ମୀପୁର ବ୍ଲକର ଉପର କୁଟିଙ୍ଗା ଠାରେ ଆଜି ମାଣ୍ଡିଆ ମଣ୍ଡିର ଶୁଭ ଉଦଘାଟନ ହୋଇଯାଇଛି। ଜାଗରଣ କୃଷକ ଉତ୍ପାଦକ କମ୍ପାନୀ ଅଧକ୍ଷା ସାବିତ୍ରୀ ପରଜାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧକ୍ଷା ଶୁଆଇ କୁଲେସିକା, ସାଂସଦ ପ୍ରତିନିଧି କୈଳାସ ଖସଲା, ବିଧାୟକ ପ୍ରତିନିଧି ମଣ୍ଟି ଖରା, କୃଷି ବିଶେଷଜ୍ଞ ସୁବ୍ରତ ସାହୁ, ପ୍ରାଣୀ ବିଶେଷଜ୍ଞ ଉଗ୍ରସେନ ମାଣ୍ଡିଙ୍ଗା, ଜିଲ୍ଲା ମାର୍କେଟିଙ୍ଗ ମ୍ୟାନେଜର ଆଶୁତୋଷ ନନ୍ଦ, ଓ୍ୱାସନ ଜିଲ୍ଲା ପ୍ରକଳ୍ପ ସଂଯୋଜକ ରାମ ଚରଣ ଟୁଡୁ, ସିଓ୍ୱାଇଏସଡ଼ି ଜିଲ୍ଲା ସଂଯୋଜକ ଅଜିତ ବିଷୋୟୀ, ବ୍ଲକ ସଂଯୋଜକ ଚିତ୍ତ ରଞ୍ଜନ ଗୌଡ଼, ପ୍ରଭୃତି ଉପସ୍ଥିତ ଥିଲେ। ଅତିଥିମାନଙ୍କ ଦ୍ୱାରା ନଡ଼ିଆ ଭାଙ୍ଗି ପୂଜାର୍ଚ୍ଚନା କରାଯାଇ ମଣ୍ଡିର ଶୁଭ ଉଦଘାଟନ କରାଯାଇଥିଲା। ଲକ୍ଷ୍ମୀପୁର ବ୍ଲକରେ ସମୁଦାୟ ଚରଟି ମଣ୍ଡି ମାଧ୍ୟମରେ୧୪ ହଜାର କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ ପାଇଁ ଲକ୍ଷ୍ୟ ରଖା ଯାଇଥିବା ବେଳେ ବର୍ତ୍ତମାନ ସୁଧା ୧୭୫୦ଜଣ ଚାଷୀଙ୍କ ମଧ୍ୟରୁ ୧୨୮୦ ଜଣ ଚାଷୀ ନାମ ପଞ୍ଜିକରଣ କରିଛନ୍ତି। ଆଜି ୧୧ ଜଣ ଚାଷୀଙ୍କ ଠାରୁ କିଲୋ ପ୍ରତି ୪୫ ଟଙ୍କା ସରକାରୀ ଦରରେ ୨୧୪ କ୍ୱିଣ୍ଟାଲ ମାଣ୍ଡିଆ କିଣା ଯାଇଥିଲା। ଜାଗରଣ କୃଷକ ଉତ୍ପାଦକ କମ୍ପାନୀ ମାର୍କେଟିଙ୍ଗ ମ୍ୟାନେଜର ଶ୍ୟାମଘନ ବିଷୋୟୀ ଏହି କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱ ହାତକୁ ନେଇଥିବା ବେଳେ ଟିମା ମିଣିଆକା, ସଚ୍ଚିଦାନ ହିକକା, ରାଣୀ ଗରଡ଼ା, ସନାରୀ ମିଣିଆକା, ଜଗେନ୍ଦ୍ର ମାଣ୍ଡିଙ୍ଗା, ଗମଙ୍ଗ ଜାନି ଦୁର୍ଯ୍ୟା ହିକକା ଓ ହିରଣ୍ୟ ସାଉନ୍ତା ସହଯୋଗ କରିଥିଲେ।

# ଶୁଭମ ସଙ୍ଗଠନ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ସେବା ଶିବିର



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ତଥା ତିହିଡି ବ୍ଲକ୍‌ର ଈଶ୍ୱରପୁର ଠାରେ ବିରାଜମାନ କରିଥିବା ମା'ଦପା ନାୟକାଣୀଙ୍କ ପୀଠରେ ପବିତ୍ର ମକର ପର୍ବ ଅବସରରେ ଶୁଭମ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ତ୍ରିଦିବସିୟ ଦିବାରାତ୍ର ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ସଙ୍ଗଠନର ସଭାପତି ହୃଷିକେଶ ବାରିକ ଓ ମୁଖ୍ୟ ସଂଯୋଜକ ଆନନ୍ଦ ଚନ୍ଦ୍ର ବେହେରା ନେତୃତ୍ୱରେ ୧୫ ଜଣିଆ ସ୍ୱେଚ୍ଛାସେବୀ ଦଳ ମା'ଙ୍କ ପୀଠରେ ପହଞ୍ଚି ଏହି ସ୍ୱାସ୍ଥ୍ୟ ସେବା ଶିବିରକୁ ପରିଚାଳନା କରିବା ସହିତ ମେଳାକୁ ଆସିଥିବା ଶ୍ରଦ୍ଧାଳୁ ମାନଙ୍କୁ ଶୁଦ୍ଧ ଲେମ୍ବୁ ମିଶା ଜଳ ପ୍ରଦାନ କରିଥିଲେ। ଏହି ମେଗା ସ୍ୱାସ୍ଥ୍ୟ ସେବା ଶିବିରରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ଭେଷଜ ବିଶେଷଜ୍ଞ ଡା ବିଜୟ କୁମାର ପଣ୍ଡା, ଚିକିତ୍ସକ ତଥା ସମାଜସେବୀ ଗୋଲକ ଚନ୍ଦ୍ର ସାମଲ, ଫାର୍ମାସିଷ୍ଟ ଜ୍ୟୋତି ପ୍ରକାଶ ମହାନ୍ତି, ସତ୍ୟଶ୍ରୀ ନାୟକ, ଭଗବାନ ଚନ୍ଦ୍ର ରାଉଳ ପ୍ରମୁଖ ଯୋଗଦେଇ ତିନିଦିନ ଧରି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସେମାନଙ୍କୁ ମାଗଣାରେ ଔଷଧ ପ୍ରଦାନ କରିଥିଲେ। ଏହି ଶିବିରରେ ମୋଟ ୧୮୫୬ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରାଯାଇଥିଲା, ଏହି ୩ ଦିନିଆ ମେଗା ସ୍ୱାସ୍ଥ୍ୟ ସେବା ଶିବିରକୁ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ମକର ମେଳାରେ ମା'ଙ୍କ ପୀଠରେ ଏପରି ସ୍ୱତନ୍ତ୍ର ସେବା ଶିବିର ଆୟୋଜନ କରି ଯାତ୍ରୀ ଓ ଶ୍ରଦ୍ଧାଳୁମାନଙ୍କୁ ସେବା ଯୋଗାଇ ଦେଉ ଥିବାରୁ ସଙ୍ଗଠନ ନିଷ୍ଠାପର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ତିନିଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମକୁ ସଙ୍ଗଠନର ସମ୍ପାଦକ ନରେନ୍ଦ୍ର କୁମାର ସାମଲ, ଉପ ସଭାପତି ଆନନ୍ଦ ଚନ୍ଦ୍ର ପଲ୍ଲାଇ, ସନାତନ ଜେନା, ଦେବେନ୍ଦ୍ର ଭଞ୍ଜ, ରାଜା ଉପାଧ୍ୟାୟ, ପ୍ରମୁଖ ପରିଚାଳନା କରିଥିଲେ।



ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ରାଜ୍ୟସ୍ତରୀୟ କାୟାକଳ୍ପ ଟିମ୍ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ଶୁକ୍ରବାର ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟ ବୁଲି ଦେଖିଛନ୍ତି। ତିନି ଜଣିଆ ଟିମ୍ ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରି ବିଭିନ୍ନ ଦିଗକୁ ସମୀକ୍ଷା କରି ଫେରିଛନ୍ତି। ଏସ୍ଏଚ୍ଏସ୍ ସିଇଓ ଡ.ରାମକୃଷ୍ଣ ଶତପଥୀ, ପିପିପିର କନ୍ସଲ୍ଟାଣ୍ଟ, ଅନୁଜା ବେହେରା ଓ ୟୁନିସେଫ୍‌ର ସମ୍ବିତ ଜେନା ପ୍ରମୁଖ ଶୁକ୍ରବାର ପୂର୍ବାହ୍ନରେ ଭଞ୍ଜନଗର ମେଡିକାଲ ପରିସରରେ ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ। ଡାକ୍ତରଖାନାରେ ସମସ୍ତ ସରକାରୀ କାର୍ଯ୍ୟକ୍ରମ କିଭଳି ଭାବେ ଚାଲିଛି ଓ ଏହାର ପରିଷ୍କାରପରିଛନ୍ନତା ବିଷୟରେ ବୁଲି ଦେଖିଥିଲେ। ଏଥିସହ ଆବଶ୍ୟକୀୟ ମେଡିକାଲ ଯନ୍ତ୍ରପାତି, ଔଷଧ ଯୋଗାଣ ଓ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ନେଇ ଅଧିକାରୀ ଓ ପରିଚାଳକଙ୍କ ସହ ଆଲୋଚନା କରିଥିଲେ। ଓପିଡି ଓ ଇନଡୋରକୁ କେତେ ସଂଖ୍ୟକ ରୋଗୀ ଆସୁଛନ୍ତି ତା'ର ଯାଞ୍ଚ କରିଥିଲେ। ଏଥିସହ ପାନୀୟ ଜଳର ସୁବିଧା ବିଷୟରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ପଚାରି ବୁଝିଥିଲେ। ଅନ୍ତଃ ବିଭାଗରେ ରୋଗୀ ରହିଥିବା ବେଳେ ସେଠାରେ ସଫେଇ କିଭଳି ହେବା ଉଚିତ ସେନେଇ ପରାମର୍ଶ ଦେଇଥିଲେ। ଏସ୍ଏନସିୟୁ, ରକ୍ତ ଭଣ୍ଡାର, ଏଆରଟି ସେଣ୍ଟର, ଲଣ୍ଡ୍ରି, କିଚେନ୍ ପ୍ରଭୃତି ବୁଲି ଦେଖିଥିଲେ।

# ଡେରାବିଶ ମହାବିଦ୍ୟାଳୟକୁ ନାକ ଟିମ୍‌ର ବି+ ମାନ୍ୟତା

ଡେରାବିଶ, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଡେରାବିଶ ମହାବିଦ୍ୟାଳୟକୁ ଚଳିତ ମାସର ପ୍ରଥମ ସପ୍ତାହରେ ନାକ୍ ପିଅର ଟିମ୍ ଗସ୍ତ କରିଥିଲେ। ଏହି ଟିମ୍‌ର ଚେୟାରମ୍ୟାନ୍ ଭାବେ ସୌରାଷ୍ଟ୍ର ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ଭରତ ରାମାନୁଜ, ସଂଯୋଜକ ଭାବେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ସି.ପି. ସିଂ ଏବଂ ସଦସ୍ୟ ଭାବରେ ମହାରାଷ୍ଟ୍ର ନାସିକର ଏଲ.ଏଚ୍.ଭି. କଳା ଓ ବିଜ୍ଞାନ କଲେଜର ପ୍ରଫେସର ଡକ୍ଟର ବାପୁସୋନୁ ଜଗଦେଲ୍ ପ୍ରମୁଖ ଡେରାବିଶ ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ଚଳିତ ମାସ ୭ ତାରିଖ ଓ ୮ ତାରିଖ ଦୁଇଦିନ ଧରି ଏହି ଟିମ୍ ମହହାବିଦ୍ୟଳୟର ଭିତିଭୂମି ଠାରୁ ଆରମ୍ଭ କରି ଶିକ୍ଷଣ ପର୍ଯ୍ୟନ୍ତ ବିଭିନ୍ନ ବିଷୟର ଗୁଣାତ୍ମକମାନକୁ ପରୀକ୍ଷଣ କରି ମହାବିଦ୍ୟାଳୟକୁ 'ବି+' ଗ୍ରେଡ଼ ପ୍ରଦାନ କରିଛି। ବିଶେଷ କରି ଗ୍ରାମାଞ୍ଚଳରେ ପ୍ରତିଷ୍ଠିତ ଏହି ମହାବିଦ୍ୟାଳୟ ପାଇଁ ଏହି ମାନ୍ୟତା ଗୌରବ ଆଣିଦେଇଛି। ସେଥିପାଇଁ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି। ଏଭଳି ମାନ୍ୟତା ପାଇବା ପାଇଁ ଡେରାବିଶ ମହାବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କର ଦୃଢ଼ ସଂକଳ୍ପ, କଠିନ ପରିଶ୍ରମ ଓ ସମ୍ମିଳିତ ପ୍ରଚେଷ୍ଟା ହିଁ ସହାୟକ ହୋଇଛି। ଏଥିପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ର ଶେଖର ନାୟକ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ମହାବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନଙ୍କୁ ପ୍ରଶଂସା କରିବା ସହିତ ଏହି ସଫଳତାର ଶ୍ରେୟ ସେମାନଙ୍କୁ ପ୍ରଦାନ କରିଛନ୍ତି।



## ଯୁବତୀକୁ ଅସଦାଚରଣ କରି ବୃଦ୍ଧ ଗିରଫ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ବୁଡ଼ଙ୍ଗ ଗ୍ରାମର ଅଭିମନ୍ୟୁ ବାରିକ (୬୫)ନାମକ ଜଣେ ବୃଦ୍ଧ ସେହି ଗ୍ରାମର ଜଣେ ଯୁବତୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଯୁବତୀଙ୍କ ଅଭିଯୋଗ କ୍ରମେ ସ୍ଥାନୀୟ ପୋଲିସ ଏ ନେଇ ମକଦ୍ଦମା ରୁଜୁ କରି ଅଭିଯୁକ୍ତ ଅଭିମନ୍ୟୁକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ଅଭିଯୋଗରୁ ପ୍ରକାଶ ଯେ, ଗ୍ରାମର ଜଣେ ଯୁବତୀଙ୍କ ଘରେ କେହି ନଥିବାର ସୁଯୋଗ ନେଇ ବୃଦ୍ଧ ଅଭିମନ୍ୟୁ ତାଙ୍କ ଘରେ ପଶି ତାଙ୍କୁ ଅସଦାଚରଣ କରିଥିଲେ।

# ଅସ୍ତରଙ୍ଗରେ ଖୋଲିଲା ଧାନ ମଣ୍ଡି



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଖରିଫ ଋତୁ ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗରେ ଖୋଲିଲା ଧାନ ମଣ୍ଡି। ଏଣିକି ଚାଷୀମାନେ ନିଜ କଷ୍ଟ ଅର୍ଜିତ ଫସଲ ବିକ୍ରି କରିପାରିବେ। ପୁରୀ ଜିଲ୍ଲା ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ଅସ୍ତରଙ୍ଗ ଶାଖା ଅଧୀନ ନଗର ଓ ବନ୍ତିଲୋ ସେବା ସମବାୟ ସମିତି ତରଫରୁ ଶୁକ୍ରବାର ଧାନମଣ୍ଡିରେ ଚାଷୀଙ୍କ ଠାରୁ ଖରିଫ ଧାନ କ୍ରୟ ଶୁଭାରମ୍ଭ ହୋଇଛି। ନଗର ସମିତିର ସଭାପତି ଦିନବନ୍ଧୁ ବେହେରା ଓ ବନ୍ତିଲୋ ସମିତିର ସଭାପତି ମନୋରଞ୍ଜନ ପ୍ରଧାନଙ୍କ ଦ୍ୱାରା ଆନୁଷ୍ଠାନିକ ପୂଜାପାଠ ପରେ ନଗର ମଣ୍ଡି ନୋଡାଲ ଅଧିକାରୀ ସତ୍ୟରାଜ ବେହେରା, ବନ୍ତିଲୋ ମଣ୍ଡି ନୋଡାଲ ଅଧିକାରିଣୀ ଅନ୍ନପୂର୍ଣ୍ଣା ସେନାପତି, ନଗର ସେବା ସମିତି ସମ୍ପାଦକ ପ୍ରଶାନ୍ତ ଦାସ, ବନ୍ତିଲୋ ସେବା ସମିତି ସମ୍ପାଦକ ହିମାଂଶୁ ଶେଖର ପରିଡ଼ା, ଆର ଏମ୍ ସି କ୍ୱାଲିଟି ଟେଷ୍ଟ ଅଫିସର ବିନୟ କୁମାର ବିଶ୍ୱାଳ, ସମାଜସେବୀ ଓ ସ୍ଥାନୀୟ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ଅସ୍ତରଙ୍ଗ ବ୍ଲକର ୧୦ଟି ସେବା ସମବାୟ ସମିତିରେ ୨୭୧୩ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି। ଧାର୍ଯ୍ୟ ବାରରେ ସକାଳ ୮ଟାରୁ ଦିନ ୨ଟା ମଧ୍ୟରେ ଧାନ ବିକ୍ରି କରି ପାରିବେ ଚାଷୀ। ତେବେ ସାଧାରଣ ମାନ କ୍ୱିଣ୍ଟାଲ ପିଛା ୨୩ଶହ ଟଙ୍କା ଏବଂ ଗ୍ରେଡ଼ ଏ ମାନର ଧାନ କୁଇଣ୍ଟାଲ ପିଛା ୨୩ଶହ ୨୦ ଟଙ୍କାରେ ସଂଗ୍ରହ କରାଯାଉଛି। ଚଳିତ ବର୍ଷ ନଗର ସେବା ସମବାୟ ସମିତିରେ ୩୯୨ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ପ୍ରଥମ ଦିନରେ ୮ଜଣ ଚାଷୀ ୬ଶହ କ୍ୱିଣ୍ଟାଲ ଧାନ ଓ ବନ୍ତିଲୋ ସେବା ସମବାୟ ସମିତିରେ ୨୩୮ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ପ୍ରଥମ ଦିନରେ ୪ଜଣ ଚାଷୀ ୨ଶହ କ୍ୱିଣ୍ଟାଲ ଧାନ ମଣ୍ଡିରେ ଦେଇଛନ୍ତି। ଉପସ୍ଥିତ ଅତିଥି ମାନେ ନିଜ ବକ୍ତବ୍ୟ ରେ କହିଥିଲେ ଚଳିତ ବର୍ଷ ସୁରୁଖୁରୁରେ ଧାନ କିଣିବା ପାଇଁ ବିସ୍ତୃତ ଭାବେ ଆଲୋଚନା ହୋଇଛି। ସୋସାଇଟି ସମ୍ପାଦକ, ମିଲରଙ୍କ ମଧ୍ୟ ଆଲୋଚନା କରାଯାଇଛି। ଧାନ ଦେବାର ଚାଷୀ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ନହେବେ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ଚଳିତବର୍ଷ ଶତପ୍ରତିଶତ ଧାନ ଉଠାଇବାକୁ ଲକ୍ଷ୍ୟ ରଖିଛି ପ୍ରଶାସନ। ଚାଷୀମାନେ ମଣ୍ଡିରେ ଧାନ ଦେଇ ଖୁସିହୋଇଥିଲେ।

# ମକରସଂକ୍ରାନ୍ତି ଅବସରରେ ଭୀମକୁଣ୍ଡ ଓ ଭୈରବ କୁଣ୍ଡରେ ଜନସମାଗମ



ବାରିପଦା, (ଭାସ୍କର ନ୍ୟୁଜ୍):ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିବା ଭୀମକୁଣ୍ଡ ଓ ଭୈରବ କୁଣ୍ଡରେ ପବିତ୍ର ମକର ସଂକ୍ରାନ୍ତି ଅବସରରେ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୀମକୁଣ୍ଡ ଠାରେ ଭୀମକୁଣ୍ଡ ମହୋତ୍ସବ ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି। ମୟୁରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ୍ ଓ କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକ୍ ସୀମାନ୍ତ ଦେଇ ପ୍ରବାହିତ ବୈତରଣୀ ନଦୀର ବୋରିଂ ଗ୍ରାମ ନିକଟରେ ଥିବା ଭୀମକୁଣ୍ଡ ରେ ଅନୁଷ୍ଠିତ ମକର ମେଳାରେ ଚଳିତବର୍ଷ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକମାନଙ୍କ ସମାଗମ ହୋଇଥିଲା। ମକର ସଂକ୍ରାନ୍ତି ଅବସରରେ ଭୀମକୁଣ୍ଡ ର ଅପର ପାର୍ଶ୍ୱରେ ଥିବା ସୀମାନ୍ତ ପାଟଣା ବ୍ଲକ ପଟୁ ମଧ୍ୟ ପ୍ରବଳ ଜନସମାଗମର ଲକ୍ଷ୍ୟ କରାଯାଇଥିଲା। ବୈତରଣୀ ନଦୀର ଭୀମକୁଣ୍ଡର ସାନ ଓ ବଡ଼ କୁଣ୍ଡରେ ବୁଡ଼ ପକାଇବାକୁ ବାରଣ ହେତୁ ଭୀମକୁଣ୍ଡର ସମତଳ ସ୍ଥାନମାନଙ୍କରେ ଶ୍ରଦ୍ଧାଳୁମାନେ ଭୀମକୁଣ୍ଡର ଉଭୟପାର୍ଶ୍ୱରେ ବୁଡ଼ ପକାଇ ଥିଲେ। ଉଭୟ ପାର୍ଶ୍ୱରେ ଥିବା ଶିବ ମନ୍ଦିରରେ ପୂଜାଅର୍ଚ୍ଚନା କରିବାକୁ ଭିଡ଼ ଜମିଥିବାର ଦେଖିବାକୁ ମିଳିଥିଲା। ପୂର୍ବରୁ ବୈତରଣୀ ନଦୀର ଭୀମକୁଣ୍ଡର ଠାକୁରମୁଣ୍ଡା ବ୍ଲକ୍ ଓ ପାଟଣା ବ୍ଲକ୍‌କୁ ସଂଯୋଗ ନଥିବା କାରଣରୁ ଉଭୟ ପଟର ଲୋକେ ନଦୀର ଗୋଟିଏ ପାର୍ଶ୍ୱରେ ରହି ଯାଉଥିବା ବେଳେ ବୈତରଣୀ ନଦୀ ଉପରେ ପୋଲ ନିର୍ମାଣ ଶେଷ ହୋଇଯାଇଥିବାରୁ ଚଳିତ ବର୍ଷ କିନ୍ତୁ ଗୋଟିଏ ପଟର ଲୋକେ ଅନ୍ୟପଟକୁ ଯାଇ ମକର ମେଳା ଉପଭୋଗ କରିଥିଲେ। ମକର ସଂକ୍ରାନ୍ତି ଅବସରରେ ଭୀମକୁଣ୍ଡ ଠାରେ ପ୍ରତିବର୍ଷ ପରି ମକର ସଂକ୍ରାନ୍ତି ଦିନ ଭୀମକୁଣ୍ଡ ଠାରେ ୧୯ ତମ ଭୀମକୁଣ୍ଡ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଦୁଇଦିନ ଧରି ହେବାକୁ ଥିବା ଏହି ମହୋତ୍ସବର ଉଦଘାଟନ ଦିବସରେ ମୁଖ୍ୟ ଅତିଥି ଭାବରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗ ଦେଇଥିଲେ। ବନ କମିଟି ସଭାପତି ପ୍ରମୋଦ କୁମାର ନାୟକଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ କରଞ୍ଜିଆ ଡିଏଫଓ ଶ୍ରୀକାନ୍ତ ନାଏକ, ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା, ଠାକୁରମୁଣ୍ଡା ଥାନା ଓଆଇସି ସାବିତ୍ରୀ ଦଳେଇ, ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା ଯୋଗ ଦେଇଥିଲେ। ମଞ୍ଚକୁ ଖବରଦାତା ଶରତ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସର ରେ ସ୍ଥାନୀୟ କଳାକାରଙ୍କ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମକର ମେଳା ଜନ ସମାଗମକୁ ଲକ୍ଷ୍ୟ କରି ପୋଲିସ ଓ ଅଗ୍ନିଶମ ବିଭାଗ ଉପସ୍ଥିତ ଥିଲେ। ସେହିପରି ମକର ସଂକ୍ରାନ୍ତି ଅବସରରେ ଠାକୁରମୁଣ୍ଡା ବ୍ଲକ୍ ସାତକୋଶିଆ ନିକଟ ସାଳନ୍ଦୀନଦୀର ବାଲିଘାଟ ଠାରେ ଥିବା ଭୈରବ କୁଣ୍ଡ, ଦିଗଧର ଗ୍ରାମର ବାସୁକେଶ୍ୱର ଓ ଶାଳଚୁଆ ନିକଟ ବାଘମରା ମଠରେ ମକର ମେଳାରେ ଜନସମାଗମ ହୋଇଥିଲା।

# ନିହାର ରଞ୍ଜନ କହଁର ରାୟଗଡ଼ାର ଅତିରିକ୍ତ ଜିଲ୍ଲାପାଳ



ରାୟଗଡ଼ା, (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଭାବେ ନିହାର ରଞ୍ଜନ କହଁର, ଓ. ପ୍ର. ସେ ଆଜି କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୂର୍ବତନ ଅତିରକ୍ତ ଜିଲ୍ଲାପାଳ ଭାସ୍କର ରଇତଙ୍କ ଠାରୁ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଅତିରିକ୍ତ ଜିଲ୍ଲାପାଳ କହଁରଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ସ୍ୱାଗତ କରିଥିଲେ। କହଁର ଏଥି ପୂର୍ବରୁ ଏହି ଜିଲ୍ଲାରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଭାବେ ପାଖାପାଖି ଏକବର୍ଷ ଚାରି ମାସ ଧରି ନିଜ ଦାୟିତ୍ୱ ସୂଚାରୁ ରୂପେ ତୁଲାଇଥିଲେ। ବର୍ତ୍ତମାନ ରାୟଗଡ଼ା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଜିଲ୍ଲର ବିକାଶରେ ଓ ପ୍ରଶାସନିକ କ୍ଷେତ୍ରରେ ଆବଶ୍ୟକ ସମସ୍ତ ଦାୟିତ୍ୱ ସୂଚାରୁ ରୂପେ ତୁଲାଇବେ ବୋଲି କହଁର ପ୍ରକାଶ କରିଛନ୍ତି।

# ମାର୍ଶାଘାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା କୌଶଳ



ମାର୍ଶାଘାଇ, (ଭାସ୍କର ନ୍ୟୁଜ୍):ମାର୍ଶାଘାଇ ବ୍ଲକ୍ ତଥା ମାର୍ଶାଘାଇ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମାର୍ଶାଘାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ ତରଫରୁ ଆୟୋଜିତ ୨୦୨୫ ମସିହା ବାଳିକା ଆତ୍ମସୁରକ୍ଷା କୌଶଳ ଶିକ୍ଷା ଯୋଜନା ତାଲିମ କାର୍ଯ୍ୟକ୍ରମ ଚାଳିତ ଜନୁୟାରୀ ୮ ଦିନ ଉଦ୍‌ଘାଟିତ ହୋଇ ଅଷ୍ଟମ ଦିନ ୧୭ ତାରିଖରେ ଉଦ୍‌ଯାପିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଜୋସ୍ନାମୟୀ ମହାପାତ୍ର ମହୋଦୟଙ୍କ ପୌରହିତ୍ୟରେ ଆୟୋଜିତ ଉକ୍ତ ସଭାରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିକ୍ଷାବିତ୍ ଓଡ଼ିଆ ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ମହୋଦୟ ବାଳିକା ମାନେ ପ୍ରତ୍ୟେକ କ୍ଷେତ୍ରରେ ସଚେତନ ରହି ସମାଜରେ ନିଜକୁ ପ୍ରତିଷ୍ଠିତ ଓ ସୁରକ୍ଷିତ ଭାବରେ ପ୍ରତିପାଦନ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷା ମହୋଦୟା ବାଳିକା ସୁରକ୍ଷା ଯୋଜନା ବିଷୟରେ ବହୁମୂଲ୍ୟ ଉପଦେଶମାନ ପ୍ରଦାନ କରିଥିଲେ ଏବଂ କହିଥିଲେ ଯେ, ନାରୀମାନେ ସମାଜର ମାନଦଣ୍ଡ, ତେଣୁ ଭଲ ଭାବରେ ଏହି ଶିକ୍ଷାକୁ ଗ୍ରହଣ କରି ଆବଶ୍ୟକ ସ୍ଥଳେ ପ୍ରୟୋଗ କରିପାରିଲେ ନିଜେ ସୁରକ୍ଷିତ ହେବା ସହ ସମାଜ ସୁରକ୍ଷିତ ହୋଇପାରିବ। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ସରୋଜିନୀ କର ସମସ୍ତ କାର୍ଯ୍ୟ ପରିଚାଳନା ପୂର୍ବକ ପ୍ରଶିକ୍ଷଣର ଆବଶ୍ୟକତା ଓ ଉପାଦେୟତା ବିଷୟରେ ଗୁରୁତ୍ୱ ଆରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ମମତା ଦାସ, ଦୀପ୍ତିରେଖା ଷଡ଼ଙ୍ଗୀ, ଅର୍ଚ୍ଚନା ରାଉତରାୟ, ଅଧ୍ୟାପକ ଦୀପକ କୁମାର ସ୍ୱାଇଁ, ହାଡ଼ିବନ୍ଧୁ ଦାସ, ସୁନୀଲ ଶେଖର ଲେଙ୍କା, ସୁବାଷ ଚନ୍ଦ୍ର ସାହୁ, ସିଲ୍ପା ଦାସ, ଜ୍ୟାତିର୍ମୟୀ ମହାପାତ୍ର, ଶାନ୍ତିଲତା ପ୍ରଧାନ,ନବକିଶୋର ସେଠୀ, ସନ୍ତୋଷ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଶିକ୍ଷିକା ପୁଷ୍ପାଞ୍ଜଳି ନାୟକ ଓ ରୁନୁପ୍ରିୟା ସାମନ୍ତରାୟ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଛାତ୍ରୀ ସ୍ୱର୍ଣ୍ଣସୋଭା ମହାପାତ୍ର, ମାମା ଦାସ, ଦୀପ୍ତି ରେଖା ରଥ, ରୁତୁପର୍ନା ରାଉତ, ଶୁଭଶ୍ରୀ ସେଠୀ, ସୋନାଲି ବେଜ୍ ପ୍ରମୁଖ ପ୍ରଶିକ୍ଷଣ ନମୁନା ପ୍ରଦର୍ଶନ କରିଥିଲେ। ଏହାପରେ ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ପରିଶେଷରେ ଅଧ୍ୟାପକ ଦୀପକ କୁମାର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ




ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ସ୍ଥିତ କଇଥଖୋଲା ବିବେକାନ୍ଦ ଉଚ୍ଚ ବିଦ୍ୟାପୀଠର ୩୩ତମ ବାର୍ଷିକ ଉତ୍ସବ ଓ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ଶ୍ରୀଧର ସ୍ୱାଇଁଙ୍କ ପୌରୋହିତ୍ୟ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବନବିହାରୀ ମାଇତିଙ୍କ ସଞ୍ଚାଳନାରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲିର ଗୋଷ୍ଠୀ ଶିକ୍ଷାଧିକାରୀ ଶୁଭେନ୍ଦୁ କୁମାର ମହାରାଜ, ବିଶିଷ୍ଟ ଅତିଥି ରୂପେ ଏସଏସ ନିଗମାନନ୍ଦ ଉଚ୍ଚବିଦ୍ୟାଳୟର ଅଧ୍ୟକ୍ଷ ରେବତୀକାନ୍ତ ବେହେରା, ମୁଖ୍ୟ ବକ୍ତା ରୂପେ ଧାମରା ଆଦାନୀର ପ୍ରକଳ୍ପ ଅଧିକାରୀ ମୃଣମୟ କୁମାର ମାନସ ଓ ସମ୍ମାନିତ ଅତିଥି ଭାବେ ସୁକଚାନ୍ଦ ମାନା ନୋଡ଼ାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନୁପ କୁମାର ଦାସ, ଦୋଷୀଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୌରହରି ଦାସ, କରଞ୍ଜମାଳ କ୍ଲଷ୍ଟରର ସିଆରସିସି ତ୍ରିଲୋଚନ ଦାସ, ଗୌଡୁଣିପୋଖରୀ ସରକାରୀ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ସନାତନ ଜେନା, ସିଙ୍ଗିଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ ସାର, ଜି.ପି ଉଚ୍ଚ ବିଦ୍ୟାଳୟ ମୌସୁଧାର ସହକାରୀ ଶିକ୍ଷକ ତୁଷାର କାନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ମୁଖ୍ୟବକ୍ତା ରୂପେ ଭଦ୍ରକ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ପ୍ରଫେସର ଡକ୍ଟର ଅଭୟ କୁମାର ଦାସ, ବିଶିଷ୍ଟ ଅତିଥି ରୂପେ ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ଲେଙ୍କା ଓ ଭଦ୍ରକ ଓଷ୍ଟା ଜିଲ୍ଲା ସମ୍ପାଦକ ପ୍ରଭାତ କୁମାର ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ରୂପେ ଚାନ୍ଦବାଲି ବ୍ଲକ ଓଷ୍ଟା ସମ୍ପାଦକ ପ୍ରଭାକର ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ତରୁଣ କୁମାର ଦାସ, ପୀତାମ୍ବର ପତି, ଜଗଦୀଶ ମାଇତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟର ଶିକ୍ଷକ ପ୍ରକାଶ ଚନ୍ଦ୍ର ପୁହାଣ, ଶରତ କୁମାର ମହାପାତ୍ର, ସତ୍ୟନାରାୟଣ ପଣ୍ଡକ୍ଷ ଓ ଫକୀରମୋହନ ମାଇତି, ଆଲୁମିନି କମିଟିର ସଭାପତି ରାମେଶ୍ୱର ଦାସ ଓ ଦେବକୁମାର ପଣ୍ଡିତ, ଶିକ୍ଷାକର୍ମୀ ସରୋଜ ପାତ୍ର, ସଞ୍ଜୀବ ଗିରି ଓ ଏସ.କେ. ଅପସର ଅଲ୍ଲୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୁରାତନ ଛାତ୍ର ଓମପ୍ରକାଶ ମହାନ୍ତି ଓ ସ୍ମୃତିରେଖା ସେଠୀ ସ୍ୱାଗତ ଭାଷଣ, ଶିକ୍ଷକ ଶରତ କୁମାର ମହାପାତ୍ର ଅତିଥି ପରିଚୟ, ପ୍ରଧାନ ଶିକ୍ଷକ ଶ୍ରୀଧର ସ୍ୱାଇଁ ବାର୍ଷିକ ବିବରଣୀ ପଠନ କରିଥିଲେ ଓ ସଭାପତି ବନବିହାରୀ ମାଇତି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପୃଷ୍ଠପୋଷକତାରେ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ଦକ୍ଷିଣବାଡ଼ ସରପଞ୍ଚ ଶୁଶ୍ରୀ ବର୍ଷାରାଣୀ ଯେନା ମୁଖ୍ୟଅତିଥି, ଅଧ୍ୟାପକ ହରିହର ସାହୁ, ପ୍ରଶିକ୍ଷିକା ଗୌରୀ ଜେନା ଓ ଶିଳ୍ପିକା ରାଉତ ସମ୍ମାନିତ ଅତିଥି ଭାବେ



ଯୋଗଦେଇ ସମାଜରେ କ୍ରମବର୍ଦ୍ଧିଷ୍ଣୁ ମହିଳା ଅତ୍ୟାଚାରକୁ ପ୍ରତିହତ କରିବା ପାଇଁ ଆତ୍ମରକ୍ଷା କୌଶଳ ଶିକ୍ଷା ଓ ଉପଯୋଗ ବଳିଷ୍ଠ ପଦକ୍ଷେପ ବୋଲି ମତ ରଖିଥିଲେ। ପ୍ରଶିକ୍ଷାର୍ଥୀ ପୂଜାରାଣୀ ଜେନା, ଜ୍ୟୋସ୍ନାରାଣୀ ବାରିକ, ସ୍ମୃତିରେଖା ପ୍ରଧାନ, ଲିପିକା ବିଶ୍ୱଦର୍ଶନୀ ନାୟକ, ଜ୍ୟୋତିର୍ମୟୀ ସାହୁ, ହରପ୍ରିୟା ଦାସ ପ୍ରଶିକ୍ଷଣ ସମ୍ପର୍କରେ ମତ ରଖିଥିଲେ। ଏହି ଶିବିରରେ ପ୍ରଶିକ୍ଷଣପ୍ରାପ୍ତ ୧୦୨ ଛାତ୍ରୀଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା। ଅଧ୍ୟାପକ ଆନନ୍ଦ ଚନ୍ଦ୍ର ନାୟକ ଅତିଥି ପରିଚୟ ଓ ସଂଯୋଜକ ଦିଲ୍ଲିପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଶୁକ୍ରବାର ସ୍ଥାନୀୟ ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୀନବନ୍ଧୁ ମହାନ୍ତିଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ ଯୋଗ ଦେଇ ଭିନ୍ନକ୍ଷମମାନେ ସମାଜରେ ନିଜକୁ ଅସହାୟ ମଣିବା ଉଚିତ୍ ନୁହେଁ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ଜ୍ୟୋତିର୍ମୟ କର, ଏବିଡିଓ ମାନସ କୁମାର ଜେନା, ଡିଏସଏସଓ ପବିତ୍ରମୋହନ ଦାସ, ପ୍ରଧାନ ଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର ପ୍ରମୁଖ ଯୋଗ ଦେଇ ସରକାର ଲୋକମାନଙ୍କ ପାଖରେ ପହଞ୍ଚୁଛନ୍ତି। ସମସ୍ତେ ସେଥିରୁ ଉପକାର ନେବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ସରପଞ୍ଚ ଯଶୋଦା ମଲ୍ଲିକ, ପ୍ରେମଲତା ବିଶ୍ୱାଳ, ପୁଷ୍ପାଞ୍ଜଳି ଲେଙ୍କା, ନିହାରିକା ବିଶ୍ୱାଳ, ଚକ୍ରଧର ଦାସ, ପ୍ରଦୀପ ବଳ, ଉଦ୍ଧବ ଚରଣ ନାୟକ, ସମାଜସେବୀ ଅନୀଲ କୁମାର ନାୟକ, ସାଇଶରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଶାରିରୀକ ଭିନ୍ନକ୍ଷମ ୧୮୧ଜଣ, ଜନ୍ମରୁ ୧୪ ସମସ୍ତ ପ୍ରକାର ଭିନ୍ନକ୍ଷମ ୪୮ଜଣ, ମାନସିକ ବିକାରଗ୍ରସ୍ଥ ୯୦ଜଣ, ଦୃଷ୍ଟି ବାଧିତ ୪୭ଜଣ ଓ ଶ୍ରବଣ ବାଧିତ ୭୧ଜଣ ମୋଟ ୪୧୭ଜଣ ପଞ୍ଜୀକୃତ ହୋଇଥିବା ବେଳେ ଶାରିରୀକ ଭିନ୍ନକ୍ଷମ ୧୩୪ଜଣ, ଜନ୍ମରୁ ୧୪ ସମସ୍ତ ପ୍ରକାର ଭିନ୍ନକ୍ଷମ ୨୩ଜଣ, ମାନସିକ ବିକାରଗ୍ରସ୍ଥ ୧୦୨ଜଣ, ଦୃଷ୍ଟି ବାଧିତ ୪୩ଜଣ ଓ ଶ୍ରବଣ ବାଧିତ ୫୮ଜଣ ମୋଟ ୩୬୦ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ଜଣାଯାଇଛି। ଡା. ବିଶ୍ୱଜିତ୍ ରାଏ, ରଶ୍ମିରଞ୍ଜନ ନାୟକ, ମୀନକେତନ ମହାନ୍ତି, ରମାକାନ୍ତ ସାହୁ, ମନୋରଞ୍ଜନ ବିଶ୍ୱାଳ ପ୍ରମୁଖ ଭିନ୍ନକ୍ଷମ ମାନଙ୍କୁ ପରୀକ୍ଷା କରିଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ, ଜିପିଇଓ ପ୍ଲାବନ ପଣ୍ଡା, ଏଜିଏନଆର-ଇଜିଏସ ସହକାରୀ ସୁଧାଂଶୁ ଶେଖର ନାୟକ, ନମସ୍ୟା ନାୟକ, ପିଇଓ ଡ. ଅରୁଣ କୁମାର ପଣ୍ଡା, ନଳିନୀକାନ୍ତ ଦାସ, ରୁନୁରାଣୀ ମଳିକ, ସୁକାନ୍ତୀ ବାରିକ, ସାଗର ମୁର୍ମୁ, ସମ୍ବିତ ରାଉତ, ଶାରଦା ବଳ, ସସ୍ମିତା ବାରିକ ପ୍ରମୁଖଙ୍କ ସମେତ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଚୋରା ମଦ ଜବତ, ୨କୋର୍ଟ ଚାଲାଣ

ବାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଓରକେଲ ପୋଲିସ ଦ୍ୱାରା ୫୯ଲିଟର ବିଦେଶୀ ଚୋରା ମଦ ସହ ଦୁଇଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ରାତିରେ ଏକ ଅଟୋ ଯୋଗେ ମାଲକାନଗିରିରୁ ଚିତ୍ରକୋଣ୍ଡାକୁ ୫୯.୪୫୫ ଲିଟର ବିଦେଶୀ ଚୋରା ମଦ ଚାଲାଣ ହେବାର ଗୁପ୍ତ ସୂତ୍ରରୁ ଖବର ପାଇଥିଲା ଓରକେଲ ପୋଲିସ। ଏ ସମ୍ବନ୍ଧରେ ଖବର ମିଳିବା ପରେ ଓରକେଇ ପୋଲିସର ଏକ ଟିମ ବାଲିମେଳା ଛକ ନିକଟରେ ଯାଞ୍ଚ କରିବା ଆରମ୍ଭ କରିଦେଇଥିଲା। ସେହି ସମୟରେ ଏକ ଅଟୋରେ ମଦ ସହ ଦୁଇ ଜଣଙ୍କୁ ପୋଲିସ ଗିରଫ କରିଥିଲା। ଗିରଫ ଦୁଇଜଣ ହେଲେ ଚିତ୍ରକୋଣ୍ଡାର ରାକେଶ ସିଂ ଓ ମନୋଜ ତୁରୁକ ବୋଲି ଜଣା ପଡ଼ିଛି। ଗିରଫ ୨ ଜଣକୁ ଅବକାରୀ ଆଇନି ଅନୁଯାଇ ଏକ ମାମଲା ରୁଜୁ କରି କେଶ ନ ୨୮/୨୫ରେ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଧୀରେନ ପଟନାୟକ କହିଛନ୍ତି ।

## ଭିଡ଼ିଓ ଭାଇରାଲ ଅଭିଯୋଗରେ ଜଣେ ଗିରଫ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ କାଁପଡ଼ା ଗ୍ରାମର ମଳୟ ମଳିକ ନାମକ ଜଣେ ଯୁବକ ଜନୈକ ମହିଳାଙ୍କ ଭିଡିଓ ଭାଇରାଲ କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମକଦ୍ଦମା ରୁଜୁ କରି ଅଭିଯୁକ୍ତ ମଳୟକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଅଭିଯୋଗରୁ ପ୍ରକାଶ ଯେ, ମହିଳାଙ୍କ ସ୍ୱାମୀ ବାହାରେ ରୁହନ୍ତି। ଯୁବକ ଜଣକ ମହିଳା ତାଙ୍କ କଥାରେ ରାଜି ନହେଲେ ତାଙ୍କ ଭିଡିଓ ଭାଇରାଲ କରିଦେବ ବୋଲି କହି ନିଜ ଫଟୋକୁ ମହିଳାଙ୍କ ସହ ଯୋଡ଼ି ଭାଇରାଲ କରିଥିବା ଅଭିଯୋଗ ହୋଇଛି।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜସ୍ୱ ବିଭାଗ ସାଂସ୍କୃତିକ ସଂଘ ପକ୍ଷରୁ ଲୋକସେବା ଭବନ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ରେଡ୍‌କ୍ରସ୍ ସହାୟତାରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ସ୍ୱେଚ୍ଛାକୃତ ରକ୍ତଦାତାମାନେ 'ରକ୍ତଦାନ ମହତ ଦାନ' ଭାବଧାରାରେ ଅନୁପ୍ରାଣିତ ହୋଇ ରକ୍ତଦାନ କରିବାକୁ ଆଗେଇ ଆସିଥିଲେ । ଏହି ଶିବିରରୁ ୬୨ ଗୋଟି ରକ୍ତ ୟୁନିଟ୍ ସଂଗ୍ରହ ହୋଇଥିଲା । ରାଜସ୍ୱ ବିଭାଗର ସାଂସ୍କୃତିକ ସଂଘର ସଭାପତି ଶୁଭେନ୍ଦୁ ଦେବ ଆଚାର୍ଯ୍ୟ, ସମ୍ପାଦକ ମନୋରଞ୍ଜନ ପଟ୍ଟନାୟକ, ଉପସଭାପତି ସତ୍ୟଭୂଷଣ ନାୟକ, ଯୁଗ୍ମ ସମ୍ପାଦକ ଅଜିତ୍ କୁମାର ସାହୁ ଏହି ଶିବିର ପରିଚାଳନା କରିଥିଲେ । ଏହି ଅବସରରେ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।



## ଓଡ଼ିଶାକୁ ଏକ ଯୌତୁକ ମୁକ୍ତ ରାଜ୍ୟ କରିବାକୁ ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଯୌତୁକ ଏକ ପରମ୍ପରା ନୁହେଁ, ସଂସ୍କୃତି ନୁହେଁ କି ବ୍ୟକ୍ତିଗତ ବ୍ୟାପାର ନୁହେଁ – ଏହା ଏକ ସାମାଜିକ ବ୍ୟାଧି । ଯୌତୁକ ନିଷେଧ ଆଇନ ୧୯୬୧ ପ୍ରଣୟନର ୬୦ ବର୍ଷ ପରେ ମଧ୍ୟ ସମାଜରେ ଏବେ ବି ଯୌତୁକ ଦିଆନିଆ ହଉଛି ବୋଲି ଏକଦିବସୀୟ ଯୌତୁକ ନିଷେଧ ଆଇନ ୧୯୬୧ ଉପ ଜିଲ୍ଲାପାଳ ସମ୍ମିଳନୀ କାର୍ଯ୍ୟକ୍ରମରେ ଦୃଢ ମତ ରଖିଛନ୍ତି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା । ଆଜି ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଲୋକସେବା ଭବନର କନଭେନସେନ ସେଂଟରରେ ଏକଦିବସୀୟ ଯୌତୁକ ନିଷେଧ ଆଇନ ୧୯୬୧ ଉପ-ଜିଲ୍ଲାପାଳ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାକୁ ଏକ ଯୌତୁକମୁକ୍ତ ରାଜ୍ୟ ଭାବେ ପରିପ୍ରକାଶ କରିବା ନିମନ୍ତେ ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ତୃଣମୂଳସ୍ତରରେ ଏହି ପ୍ରସଙ୍ଗ ଉପରେ ଚର୍ଚ୍ଚା ଓ ଆଲୋଚନା




ହେବାର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରିଛନ୍ତି । ଆମର ନାଗରିକମାନଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଆଇନଗୁଡିକ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବା ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱ । ତେଣୁ ଉପ-ଜିଲ୍ଲାପାଳ ଭାବରେ, ଏହି ଯୌତୁକ ନିଷେଧ ଅଧିନିୟମ, ୧୯୬୧ ଆଇନକୁ କଡାକଡି ଭାବେ କାର୍ଯ୍ୟକରି କରିବା ସହିତ ଏହି ଆଇନର ଦୁରୁପୋଯୋଗକୁ ରୋକିବାରେ ଉପ-ଜିଲ୍ଲାପାଳଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆମ ଓଡ଼ିଶାରେ ଉପ-ଜିଲ୍ଲାପାଳ ତଥା ସବ-ଡିଭିଜନାଲ ମାଜିଷ୍ଟ୍ରେଟମାନଙ୍କୁ ଯୌତୁକ ନିଷେଧ ଅଧିକାରୀ ଭାବେ ଘୋଷଣା କରାଯାଇଛି । ଏହି ଆଇନ ଅନୁଯାୟୀ ଯୌତୁକ ନିଷେଧ ଅଧିକାରୀମାନଙ୍କୁ ଯୌତୁକ ମାମଲାରେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା, ଅନୁସନ୍ଧାନ କରିବା ଏବଂ ପ୍ରମାଣ ସଂଗ୍ରହ କରିବାକୁ କ୍ଷମତା ପ୍ରଦାନ କରାଯାଇଛି । ପ୍ରତ୍ୟେକ ଅଧିନିୟମର ସଫଳତା ସଠିକ ଓ ସମଯୋଚିତ କାର୍ଯ୍ୟକାରିତା ତଥା ବ୍ୟାପକ ଜନସଚେତନତା ଉପରେ ନିର୍ଭର କରେ । ଆଜିର ଡିଜିଟାଲ ଯୁଗରେ ସୋସିଆଲ ମିଡିଆ ମାଧ୍ୟମରେ ଯୌତୁକ ଆଇନ ସମ୍ବନ୍ଧରେ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ସେ ଉପ-ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମହିଳାମାନଙ୍କ ସମ୍ମାନ ପାଇଁ ଏହା ଏକ ବଡ ପଦକ୍ଷେପ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଓ ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ୩୦ଟି ଜିଲ୍ଲାର ଉପ-ଜିଲ୍ଲାପାଳ ମାନେ ଯୋଗ ଦେବା ସହ ମୁଖ୍ୟ ବକ୍ତା ଭାବେ ଉଚ୍ଚ ନ୍ୟାୟାଳୟ ଆଇନଜୀବୀ ଶ୍ରୀ ଦୀପକ ନରେନ୍ଦ୍ର ଯୋଗ ଦେଇଥିଲେ । ସୂଚନାଯୋଗ୍ୟ କି ରାକ୍ଷସ ରୂପକ ଏହି କ୍ଷତିକାରକ ଅଭ୍ୟାସକୁ ଦୂର କରିବା ଉଦ୍ଦେଶ୍ୟରେ ଯୌତୁକ ନିଷେଧ ଅଧିନିୟମ, ୧୯୬୧ ପ୍ରଣୟନ କରାଯାଇଥିଲା । ଏହି ଆଇନ ଯୌତୁକକୁ ବିବାହ ସହିତ ଜଡିତ କୌଣସି ସମ୍ପତ୍ତି କିମ୍ବା ଅନ୍ୟ ପକ୍ଷ ଦ୍ୱାରା ଦିଆଯାଇଥିବା ମୂଲ୍ୟବାନ ସାମଗ୍ରୀ ଭାବରେ ବ୍ୟାଖ୍ୟା କରେ । ଏଥିରେ ସ୍ପଷ୍ଟ ଭାବରେ ଦର୍ଶାଯାଇଛି ଯେ ଯୌତୁକ ଦାବି କରିବା, ଗ୍ରହଣ କରିବା କିମ୍ବା ଦେବା ଏକ ଦଣ୍ଡନୀୟ ଅପରାଧ, ଏବଂ ଏହା ବିବାହ ପୂର୍ବରୁ, ବିବାହ ସମୟରେ କିମ୍ବା ବିବାହ ପରେ ପ୍ରଯୁଜ୍ୟ । ଯୌତୁକ କାର୍ଯ୍ୟରେ ସାହାଯ୍ୟ କରୁଥିବା କିମ୍ବା ଉସୁକାଉଥିବା ଲୋକଙ୍କୁ ମଧ୍ୟ ଏହି ଅଧିନିୟମ ଦଣ୍ଡିତ କରେ । ଯୌତୁକ ଦାବି କିମ୍ବା ଗ୍ରହଣ କରିବା ପାଇଁ ଦଣ୍ଡ ହେଉଛି ୫ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଏବଂ ₹୧୫,୦୦୦ ପର୍ଯ୍ୟନ୍ତ ଜୋରିମାନା କିମ୍ବା ଦିଆଯାଇଥିବା ଯୌତୁକର ମୂଲ୍ୟ, ଯାହା ଅଧିକ । ଏପରିକି ଯୌତୁକକୁ ପ୍ରୋତ୍ସାହିତ କରୁଥିବା ବିଜ୍ଞାପନ ମଧ୍ୟ ଏହି ଆଇନ ଅନୁଯାୟୀ ବେଆଇନ ।



ରବିନ୍ଦ୍ର ମଣ୍ଡପରେ ଆୟୋଜିତ ୪୬ତମ ବାର୍ଷିକ ଡ୍ରାମା ଫେଷ୍ଟିଭାଲର ଶେଷ ଦିବସରେ ମଞ୍ଚସ୍ଥ ଡ୍ରାମା 'ରଙ୍ଗଶାଳା'ର ଏକ ମନୋରମ ଦୃଶ୍ୟ ।

## ମନ୍ତ୍ରୀ ନବଦାସ ମୃତ୍ୟୁ ଘଟଣାରେ ସିବିଆଇ ତଦନ୍ତ ପାଇଁ ଆବେଦନ

କଟକ(ଭାସ୍କର ନ୍ୟୁଜ): ପୂର୍ବତନ ମନ୍ତ୍ରୀ ନବଦାସ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ପାଇଁ ମାମଲା ରୁଜୁ ହୋଇଛି । ଭାରତୀୟ ବିକାଶ ପରିଷଦର ରାଜ୍ୟ ପକ୍ଷରୁ ଏହି ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି । ସୂଚନାଥାଉକି ଗତ ଜାନୁୟାରୀ ୨୯ ତାରିଖ ଦିନ ନବ ଦାସଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଗୋପାଳ ଦାସ ନାମକ ଜଣେ କର୍ତବ୍ୟରତ ପୁଲିସ୍ କର୍ମଚାରୀଙ୍କ ଗୁଳିରେ ନବ ଦାସଙ୍କ ମୃତ୍ୟୁ ଘଟିଥିଲା । ଏପରି ଘଟଣା ପରେ ରାଜ୍ୟ ସରକାର ଏହାର କ୍ରାଇମ୍‌ବ୍ରାଂଚ୍ ତଦନ୍ତ ଆଦେଶ ଦେଇଥିଲେ । ତେବେ ଘଟଣାର ତଦନ୍ତ କରୁଥିବା କ୍ରାଇମ୍‌ବ୍ରାଂଚ୍ ଦ୍ୱାରା କୌଣସି ଫଳାଫଳ ବାହରିବ ନାହିଁ ବୋଲି ଦର୍ଶାଇ ଆବେଦନକାରୀ ଏହାର ସିବିଆଇ ତଦନ୍ତ ପାଇଁ ପ୍ରାର୍ଥନା କରିଛନ୍ତି । ଘଟଣାର ସିବିଆଇ ତଦନ୍ତ କରାଗଲେ ନବ ଦାସଙ୍କ ମୃତ୍ୟୁ ଘଟଣାର ପ୍ରକୃତ ତଥ୍ୟ ଲୋକ ଲୋଚନକୁ ଆସିବ ବୋଲି ଦର୍ଶାଯାଇଛି । ଏହି ମାମଲାରେ ଆବେଦନକାରୀ କେନ୍ଦ୍ର ସରକାର, ମୁଖ୍ୟ ଶାସନ ସଚିବ, ଗୃହସଚିବ, ପୋଲିସ ଡିଜି, କ୍ରାଇମବ୍ରାଂଚ୍ ଡିଜି ପ୍ରମୁଖଙ୍କୁ ପକ୍ଷଭୁକ୍ତ କରିଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଏହି ମାମଲାକୁ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ପରିଚାଳନା କରୁଛନ୍ତି ।

## ସୁଭଦ୍ରାରେ ଅପ୍ଟ ଇନ୍ କଲେଣି ୧୭ ହଜାର ମହିଳା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୁଭଦ୍ରାକୁ ନେଇ ବଡ ଅପଡେଟ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ବଡ଼ ସୂଚନା । ଅପ୍ଟ ଇନ କଲେଣି ୧୭ ହଜାର ମହିଳା । ମୋଟ ୩୧ ହଜାର ମହିଳା ଅପ୍ଟ ଆଉଟ କରିଥିବା ବେଳେ ୧୭ ହଜାର ମହିଳା ଅପ୍ଟ ଇନ କରିଛନ୍ତି । ବାକି ୧୪ ହଜାର ମହିଳା ଅପ୍ଟ ଇନ ନକରିପାରନ୍ତି । ସେମାନେ ଆୟକର ବର୍ଗର ହୋଇ ଥାଇପାରନ୍ତି । ଅନ୍ୟପଟେ ଏବେ ବି ୨ ଲକ୍ଷରୁ ଅଧିକ ଆବେଦନକରି ମହିଳା କେୱାଇସି ଅପଡେଟ କରି ନାହାନ୍ତି । ୫ ଲକ୍ଷ ମହିଳା କେୱାଇସି ଅପଡେଟ କରିନଥିବାରୁ ସମୟ ଦେଇଥିଲେ ସରକାର । ଜାନୁଆରୀ ଶେଷରେ ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଦେବା ପୂର୍ବରୁ ସମସ୍ତଙ୍କୁ କେୱାଇସି ଅପଡେଟ କରିବାକୁ ନିବେଦନ କଲେ ଉପମୁଖ୍ୟମନ୍ତ୍ରୀ । ତେବେ ଚତୁର୍ଥ ପର୍ଯ୍ୟାୟ ଟଙ୍କା ମିଳିବା ପରେ ମଧ୍ୟ କେୱାଇସି ଅପଡେଟ କଲେ କିମ୍ବା ଅପ୍ଟ ଇନ କଲେ ଯୋଜନାରେ ସାମିଲ ହୋଇପାରିବେ । କେହି ବି ଜଣେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯିବନି ବୋଲି ପ୍ରଭାତି ପରିଡା ସୂଚନା ଦେଇଛନ୍ତି ।

## ସରକାର କିଣିଲେଣି ୩୦ହଜାର ଟନ୍ ଧାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ପ୍ରାୟ ୩୦ ହଜାର ଟନ ଧାନ କିଣି ସାରିଲେଣି । ଏ ବାବଦକୁ ୮ ହଜାର କୋଟି ଧାନ ମୂଲ୍ୟ ଚାଷୀଙ୍କୁ ଦିଆ ସାରିଲାଣି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଚାଷୀ ମାନେ ଖୁସି ଅଛନ୍ତି । ବିରୋଧୀ କେବଳ ରାଜନୀତି କରୁଛନ୍ତି । ଚାଷୀଙ୍କ ସମସ୍ୟାକୁ ସରକାର ନଜରରେ ରଖିଛନ୍ତି । ଅଦିନିଆ ବର୍ଷା ପାଇଁ ମାନ କମିଥିବାରୁ କିଛି ଜାଗାରେ କଟନି ଛଟନି ହେଉଛି । ଚାଷୀ ବି ଦେଖୁଛନ୍ତି ଅଳ୍ପ କାଟିଲେ ବି ୩୧୦୦ ଟଙ୍କା ପାଇବେ । ବାହାରେ ବିକିଲେ ୨୧୦୦ ରୁ ୨୨୦୦ ଟଙ୍କା ମିଳିବ । ସେଥିପାଇଁ କିଛି କାଟିଲେ ବି ଚାଷୀ ମଣ୍ଡିରେ ବିକ୍ରି କରୁଛନ୍ତି । ଯେଉଁଠି ଅଧିକାରୀ ଅବହେଳା କରିଛନ୍ତି କାର୍ଯ୍ୟାନୁଷ୍ଠାନ ହେଉଛି । ଯଦି ମିଲରଙ୍କ ବିରୋଧରେ ଅଭିଯୋଗ ଆସେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

## ଭାଙ୍ଗିଲା ବୈକୁଣ୍ଠ ଧାମ ଆଶ୍ରମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱରର ଖଣ୍ଡଗିରି ଅଂଚଳରେ ଥିବା ବିବାଦୀୟ ବୈକୁଣ୍ଠ ଧାମ ଆଶ୍ରମକୁ ଆଜି ମାଟିରେ ମିଶାଇଛି ବିଡିଏ । ଆଶ୍ରମ କୋଠାକୁ ବୁଲଡୋଜରରେ ଭଙ୍ଗାଯାଇଛି । ଏହି ସମୟରେ ବିଡିଏ ଅଧିକାରୀ ଓ ପୋଲିସ ଉପସ୍ଥିତ ଥିଲେ । ଆଶ୍ରମଟି ସରକାରୀ ଜମିରେ ଥିଲା । ଏହାକୁ ଖାଲି କରିବାକୁ ଆଶ୍ରମବାସୀଙ୍କୁ କାଲି ଏଜେନ୍ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । ଚଳିତ ମାସ ଆରମ୍ଭରେ ଓଡିଶା ହାଇକୋର୍ଟ ଆଶ୍ରମର ବେଦଖଲ ଉପରେ ଲାଗିଥିବା ଅନ୍ତରିଣ ରୋକକୁ ହଟାଇଦେଇଥିଲେ । ଆବଶ୍ୟକୀୟ ଦସ୍ତାବିଜ ଦାଖଲ କରିବାରେ ଆଶ୍ରମ ଅଧିକାରୀ ବିଫଳ ହୋଇଥିଲେ । ଆଶ୍ରମ ବିବାଦୀୟ କାରଣରୁ ଚର୍ଚ୍ଚାରେ ଥିଲା । ସେଠାରେ ଜଣେ ପିଲାକୁ ଭଗବାନ ବିଷ୍ଣୁଙ୍କ କଳ୍କି ଅବତାର ଭାବେ ପୂଜା କରାଯାଉଥିଲା ।

## ବଢିବ ଅଙ୍ଗନବାଡ଼ି କର୍ମୀଙ୍କ ଦରମା !

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବଢିବ ଅଙ୍ଗନବାଡ଼ି କର୍ମୀଙ୍କ ଦରମା ! ରାଜସ୍ଥାନର ଉଦୟପୁରରେ ଆୟୋଜିତ ଚିନ୍ତନ ଶିବିର କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଆଗରେ ଏପରି ପ୍ରସ୍ତାବ ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ନିର୍ବାଚନୀ ସଂକଳ୍ପ ପତ୍ରରେ ଅଙ୍ଗନବାଡ଼ି କର୍ମୀଙ୍କ ଦରମା ବଢିବା କଥା ବିଜେପି କହିଥିଲା ।

## ନବୀନଙ୍କ କାମକୁ ନୂତନ ଅଧ୍ୟାୟର ଶୁଭାରମ୍ଭ ବୋଲି କୁହାଯାଉଛି: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡିଶା ଆଗମନକୁ ବିଜୁ ଜନତା ଦଳ ସ୍ୱାଗତ କରିଥିବା ବେଳେ ନବୀନଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁଁ ସିଙ୍ଗାପୁର ରାଷ୍ଟ୍ର ସହ ସହଭାଗିତା ଆରମ୍ଭ ହୋଇଥିଲା ବୋଲି ବିଜୁ ଜନତା ଦଳ କହିଛି । ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ, ନବୀନଙ୍କ ଚବିଶ ବର୍ଷର ଶାସନ କାଳରେ ଓଡ଼ିଶାରେ କିଛି ହୋଇନାହିଁ ବୋଲି କହୁଥିବା ବିଜେପି ବାସ୍ତବରେ କେବଳ ନବୀନଙ୍କ କାମକୁ ରଙ୍ଗ ଦେଇ ନିଜର କହି ବାହାଦୁରି ନେବାକୁ ଚେଷ୍ଟା କରୁଛି । ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଆଗମନକୁ ନେଇ ବିଜେପି ତରଫରୁ ଦିଆଯାଇଥିବା ବିଜ୍ଞାପନକୁ ଦେଖାଇ ଡ଼ ମହାନ୍ତି କହିଥିଲେ, ଏହି ବିଜ୍ଞାପନ ଅଧା ଅଛି । ବିଜ୍ଞାପନରେ ଏକ ନୂତନ ଯାତ୍ରାର ଆରମ୍ଭ ବୋଲି



କୁହାଯାଇଥିଲା ବେଳେ, ବାସ୍ତବରେ ଏହା ନବୀନଙ୍କ ଦ୍ୱାରା ପ୍ରସ୍ତୁତ ରାସ୍ତାରେ ଏହି ନୂତନ ଯାତ୍ରାର ଆରମ୍ଭ । ନବୀନଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁଁ ଓଡିଶା ଓ ସିଙ୍ଗାପୁର ଭିତରେ ଦକ୍ଷତା ବିକାଶ ପାଇଁ ଏମଓୟୁ ସ୍ୱାକ୍ଷର ହୋଇଥିଲା । ଭୁବନେଶ୍ୱରରେ ବିଶ୍ୱ ଦକ୍ଷତା କେନ୍ଦ୍ର ରାଜ୍ୟ ସରକାରଙ୍କ ନିଜସ୍ୱ ଉଦ୍ୟମରେ ୧୨୦୦ କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ହୋଇଥିଲା । କେନ୍ଦ୍ର ସରକାର ଏଥିପାଇଁ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ କରିନାହାନ୍ତି । କେବଳ ସେତିକି ନୁହେଁ, ରାଜ୍ୟର ଆଇଟିଆଇ ଗୁଡିକର ଅଧକ୍ଷ ଓ ଅଧିକାରୀ ମାନଙ୍କ ଦକ୍ଷତା ବିକାଶ କାର୍ଯ୍ୟ ଆରମ୍ଭ ହୋଇଥିଲା, ଯାହା ଫଳରେ ବିଶ୍ୱର ଶ୍ରେଷ୍ଠ ଦଶଟି ଆଇଟିଆଇ ଭିତରେ, କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ଆଇଟିଆଇ ସ୍ଥାନ ପାଇପାରିଛନ୍ତି । ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମରେ ବିଶ୍ୱ ଦକ୍ଷତା କେନ୍ଦ୍ର ଓ ଭାରତ ବାୟୋଟେକ ଭାକସିନ୍ ପ୍ରମୁଖ ସ୍ଥାନ ରହିଛି । ଏହି ଦୁଇଟି କୃତୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ହୋଇଥିଲା । ସେ ଆହୁରି କହିଥିଲେ, ଡବଲ୍ ଇଞ୍ଜିନ ଡବଲ ବିକାଶର ନାରା ଏବେ ଡବଲ୍ ଧୋକାରେ ପରିଣତ ହୋଇଛି । ଡବଲ୍ ଇଞ୍ଜିନ୍ ସରକାରଙ୍କ ଦ୍ୱାରା ଏ ପର୍ଯ୍ୟନ୍ତ ଗୋଟିଏ କାର୍ଯ୍ୟ କରାଯାଇ ନାହିଁ । କେବଳ ନବୀନ ସରକାରଙ୍କ ସମୟର କାମକୁ ରଙ୍ଗ ବଦଳେଇ ନିଜର କାମ ବୋଲି କୁହାଯାଉଛି । ଡବଲ୍ ଡେକର ବସ୍ ପ୍ରଥମ ଦିନରୁ ହିଁ ଧୋକାରେ ପରିଣତ ହୋଇଛି । ଡବଲ୍ ଇଞ୍ଜିନ୍ ଫେଲ ହେଲା ପରି ଡବଲ୍ ଡେକର ବସ୍ ମଧ୍ୟ ମୁହଁମାଡି ପଡିଛି ବୋଲି ଡ଼ ମହାନ୍ତି କହିଥିଲେ ।

## ହଂସିତାଙ୍କ ବଢିଲା ଅଡୁଆ
### ବାରମ୍ବାର ବଦଳାଉଥିଲେ ପାସପୋର୍ଟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀରୁ ଗିରଫ ହାଇପ୍ରୋଫାଇଲ ଠକ ମହିଳା ହଂସିତା ଅଭିଲିପ୍ସାଙ୍କ ପାଇଁ ବଢୁଛି ଅଡୁଆ । ଆଜି ହଂସିତାଙ୍କ ନାମରେ ଆଉ ଏକ ମାମଲା ଯୋଡିଛି ଇନଫୋସିଟି ଥାନା ପୋଲିସ । ବାରମ୍ବାର ନାମ ବଦଳାଉଥିବା ହଂସିତା ପାସପୋର୍ଟ ବେଳେ ଜାଲିଆତି କରିଥିବା ପୋଲିସ ଜାଣିବାକୁ ପାଇଛି । ସେ ଆଧାରରେ ଇନଫୋସିଟି ଥାନା ପୋଲିସ ମାମଲା ରୁଜୁ କରିଛି । ଏନେଇ ଆଜି ହଂସିତା ଜେଏମଏଫସି-୨ କୋର୍ଟରେ ହାଜର ହେବା ପରେ ହଂସିତାଙ୍କୁ ମାମଲା ସଂକ୍ରାନ୍ତରେ ଅବଗତ କରାଯାଇଛି ।

## ଓଡିଶାରେ ନାହିଁ ଏଚ୍‌ଏମ୍‌ପିଭି କେସ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବର୍ତ୍ତମାନ ଏଚଏମପିଭି କେଶ ଓଡ଼ିଶାରେ ଆସିନି । କେନ୍ଦ୍ର ସରକାର ବି କିଛି ନିର୍ଦ୍ଦିଷ୍ଟ ଗାଇଡଲାଇନ ଦେଇ ନାହାନ୍ତି ବୋଲି ସ୍ୱାସ୍ଥ୍ୟ ସଚିବ ସୂଚନା ଦେଇଛନ୍ତି । କିଛି ଚିନ୍ତା କରିବାର ନାହିଁ । ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଦେଶ ସାରା ବି ଚିନ୍ତା କରିବାର କିଛି କାରଣ ନାହିଁ । ଟେଷ୍ଟିଙ୍ଗ ବି କରାଯିବ । ସଫା ସୁତୁରା ରୁହନ୍ତୁ, ହାତ ଧୁଅନ୍ତୁ । ଅସୁବିଧା ହେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି ଏସ ।

## ଖୁବ୍‌ଶୀଘ୍ର ରାଜ୍ୟବାସୀ ପାଇବେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାର ସୁଫଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମଧ୍ୟରେ ଚୁକ୍ତିନାମା ଗତ ୧୩ ତାରିଖରେ ସ୍ୱାକ୍ଷରିତ ହେବା ପରେ ଓଡ଼ିଶାବାସୀ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ସୁଫଳ କିପରି ଯଥାଶୀଘ୍ର ପାଇପାରିବେ ସେ ନେଇ ବିଭାଗ ବିଭିନ୍ନ ପ୍ରସ୍ତୁତି ଓ ପ୍ରଶିକ୍ଷଣ ଆରମ୍ଭ କରିଛି । ଏହି ସମନ୍ୱିତ ଯୋଜନା ଦ୍ୱାରା ରାଜ୍ୟବାସୀ ଦେଶର ପ୍ରାୟ ୩୦ ହଜାର ଚିକିତ୍ସାଳୟରେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ । ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆସିବ ଯୁଗାନ୍ତକାରୀ ପରିବର୍ତ୍ତନ । ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ସମନ୍ୱିତ କରି ଜନସାଧାରଣଙ୍କୁ ଅତିଶୀଘ୍ର ସ୍ୱାସ୍ଥ୍ୟସେବାର ସୁଫଳ ଦେବା ପାଇଁ ବିଭିନ୍ନ ପ୍ରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଆଜିଠାରୁ ଯୋଜନା ସହ ସଂପୃକ୍ତ ବିଭିନ୍ନ ଅଂଶୀଦାର ଏବଂ ପ୍ରଧାନମନ୍ତ୍ରୀ ଆରୋଗ୍ୟମିତ୍ରଙ୍କ ଦକ୍ଷତା ବିକାଶ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ପ୍ରଥମ ଦିନରେ ୬୦ଟି ଚିକିତ୍ସାଳୟର ୧୮୦ ଜଣଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ସମ୍ପର୍କିତ ଆଇଟି ପ୍ଲାଟଫର୍ମର ବିବିଧ ବ୍ୟବହାର, ଟ୍ରାନଜେକସନ ମ୍ୟାନେଜମେଣ୍ଟ ସିଷ୍ଟମ୍, ଅଭିଯୋଗ ସମାଧାନ ପ୍ରକ୍ରିୟା ଓ ଅନ୍ୟାନ୍ୟ ସମ୍ବନ୍ଧରେ ମାଷ୍ଟର ଟ୍ରେନରମାନେ ପ୍ରଶିକ୍ଷିତ କରିଥିଲେ । ରାଜ୍ୟ ସ୍ୱାସ୍ଥ୍ୟ ପ୍ରତିଶୃତି ସମିତି (ସାସ)ର ସିଇଓ ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନ (ଓଡ଼ିଶା)ର ମିଶନ ନିର୍ଦ୍ଦେଶିକା ଡା. ବୃନ୍ଦା ଡି, ଡା.ବିଷ୍ଣୁପ୍ରସାଦ ମହାପାତ୍ର, ଡା.ରଶ୍ମିରଞ୍ଜନ ମହାପାତ୍ର, ଡା. ଅରୁଣ ମହାପାତ୍ର, ଶରତ ମିଶ୍ର ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ ।

## ବାହାର ରାଜ୍ୟର ଧାନ ଗାଡ଼ି ନିମନ୍ତେ ପ୍ରତି ଜିଲ୍ଲାରେ ଜଗିବେ ଏନ୍‌ଫୋର୍ସମେଣ୍ଟ ଟିମ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି । ଧାନ କିଣା ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ସରକାର ଯଥୋଚିତ ପଦକ୍ଷେପ ଗ୍ରହଣ କରିଛନ୍ତି । ପଞ୍ଜିକୃତ ଚାଷୀ ସେମାନଙ୍କ ଧାନକୁ ସରକାରୀ ସ୍ତରରେ ବିକ୍ରୟ କରିପାରିବେ ଏଥିନିମନ୍ତେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି । ବାହାର ରାଜ୍ୟରୁ ଯେଭଳି ଧାନ ଆସି ରାଜ୍ୟରେ ବିକ୍ରୟ ନହୁଏ ଏହା ଉପରେ ମଧ୍ୟ କଡା ନଜର ରଖାଇଯାଇଛି । ବିଶେଷକରି ରାଜ୍ୟର ସୀମାନ୍ତରେ ଏହି ବ୍ୟବସ୍ଥାକୁ କଡାକଡି କରାଯାଇଛି । ଏହି ଉଦ୍ଦେଶ୍ୟରେ ରାଜ୍ୟର ସମସ୍ତ ଜିଲ୍ଲାରେ ୨୧୭ଟି ଏନଫୋର୍ସମେଣ୍ଟ ଟିମକୁ ମୁତୟନ ହୋଇଛନ୍ତି । ଆବଶ୍ୟକତା ଅନୁଯାୟୀ ଏହି ଟିମ ଗୁଡିକ ମୁତୟନ ହେବା ସହ ବାହାର ରାଜ୍ୟର ଧାନ ଗାଡି ସମ୍ପର୍କିତ ଅଭିଯୋଗ ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି । ସେମାନେ ବିଶେଷ କରି ସୀମାବର୍ତ୍ତୀ ରାଜ୍ୟରୁ ଧାନନେଇ ଆମ ରାଜ୍ୟ ମଧ୍ୟକୁ ଆସୁଥିବା ଗାଡି ଉପରେ ନଜର ରଖୁଛନ୍ତ ।

## ସୁଭାଷ ସେତୁରେ ଦୁର୍ଘଟଣା, ୪ ଗୁରୁତର

ବାରଙ୍ଗ(ଭାସ୍କର ନ୍ୟୁଜ): ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୦ ଟାରେ ବାରଙ୍ଗରୁ ଯାଉଥିବା ଏକ କାର୍ ସହିତ ବିପରୀତ ଦିଗରୁ ଆସୁଥିବା ଏକ ସ୍କର୍ପିଓ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଧକ୍କାଟି ଏତେ ଜୋର୍ ଥିଲା ଯେ ଦୁଇ କାର ଦୁଇକଡକୁ ଛିଟିକି ପଡ଼ିଥିଲା । ଦୁଇ ଗାଡିରେ ଥିବା ୪ ଜଣ ଯୁବକ ଗୁରୁତର ହୋଇଛନ୍ତି । ଯାତାୟାତ କରୁଥିବା ଲୋକମାନେ ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ଚିକିତ୍ସା ନିମନ୍ତେ କଟକ ମେଡିକାଲ ପଠାଇଛନ୍ତି । ଦୁର୍ଘଟଣା ଘଟିବା ପରେ ରାସ୍ତାର ଦୁଇକଡରେ ଗାଡ଼ିର ଲମ୍ବାଲାଇନ ଲାଗିଥିଲା । ବାରଙ୍ଗ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ରାସ୍ତାରୁ ଗାଡି ହଟାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା ।

## ରାଜଧାନୀର ଗହଳି ଦୂର ପାଇଁ ଯୋଜନା କରୁଛନ୍ତି ରାଜ୍ୟ ସରକାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱରରେ ରାସ୍ତାର ଗହଳି ସମସ୍ୟା ଦୂର ପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି । କେଉଁଠି ଅଣ୍ଡର ଗ୍ରାଉଣ୍ଡ ରାସ୍ତା ଦରକାର କେଉଁଠି ରାସ୍ତାକୁ ପ୍ରଶସ୍ତ କରିବାର ଅଛି ସେ ନେଇ ପ୍ଲାନିଂ କରାଯାଉଛି । ରାଜମହଲରେ ଅଣ୍ଡରଗ୍ରାଉଣ୍ଡ ରାସ୍ତା ଅବ୍ୟବହୃତ ହୋଇ ପଡ଼ିରହିବା ବିଭାଗ ନଜରକୁ ଆସିଛି । ସେବେ କ'ଣ ହୋଇଥିଲା କ'ଣ ନାହିଁ ତାକୁ ତର୍ଜମା କରି ପରବର୍ତ୍ତୀ ପଦକ୍ଷେ ନିଆଯିବ । ଦି ସେଥିରେ ଅଥାରେ ସରକାର ଅର୍ଥକୁ ଅପବ୍ୟୟ କରାଯାଇଥିବ ତେବେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

## ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନର ୪୫ ତମ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଶ୍ରୀ ଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱରର ୪୫ ତମ ପ୍ରତିଷ୍ଠା ଦିବସ, ଭିଏସଏସ ନଗର ମା' ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଉଦଘାଟକ ଭାବରେ ଯୋଗଦେଇ କହିଥିଲେ ଯେ ଜଗନ୍ନାଥ ହେଉଛନ୍ତି ଆମର ଅସ୍ମିତା । ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ନିମିତ୍ତ ପ୍ରତିଷ୍ଠାନ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ସେ ପ୍ରଶଂସା କରିଛନ୍ତି କ୍ଷ ମୁଖ୍ୟ ଅତିଥି ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ର.ଗୋକୁଳାନନ୍ଦ ଦାସ ଯୋଗଦେଇ କହିଥଲେ ଯେ ଜଗନ୍ନାଥ ନିର୍ଗୁଣ ଓ ସଗୁଣ ବ୍ରହ୍ମଙ୍କ ସମନ୍ୱୟ । ତାଙ୍କୁ ବୁଝିବା ବହୁ କଷ୍ଟ । ଏହା ସହ ସେ ଜଗନ୍ନାଥଙ୍କୁ ନେଇ ନିଜର ସ୍ମୃତି ବାଣ୍ଟିଥିଲେ । ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ଆଲୋଚକ ଡ଼ ଅସିତ ମହାନ୍ତି ଯୋଗଦେଇ କହିଥିଲେ ଯେ ଜଗନ୍ନାଥଙ୍କ ଆକାର ଅବର୍ଣ୍ଣନୀୟ । ସେ କାହା ପାଇଁ ସାକାର ତ କାହା ପାଇଁ ନିରାକାର । ଏହା ସହ ସେ ଜଗନ୍ନାଥଙ୍କ ମହିମା ସମ୍ପର୍କରେ ଆଲୋଚନା କରିଥିଲେ । ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ କାର୍ଯ୍ୟ କରି ଆସୁଛି । ବହୁ ଛାତ୍ର ଛାତ୍ରୀ ଏହି ଅନୁଷ୍ଠାନ ସହାୟତା ରେ ଜଗନ୍ନାଥ ସଂସ୍କୃତି ର ଗବେଷଣା କ୍ଷେତ୍ରରେ ପି ଏଚ ଡି ପାଇଛନ୍ତି । ଏହି ଅବସରରେ ବିଭିନ୍ନ କ୍ଷେତ୍ର ରେ କୃତିତ୍ୱ ଅର୍ଜନ କରି ଓଡିଶା ର ଗୌରବ ବର୍ଦ୍ଧନ କରିଥିବା ଡାକ୍ତର ମହେନ୍ଦ୍ର କୁମାର ତ୍ରିପାଠୀ, ଶ୍ରୀ ପ୍ରସାଦ ହରିଚନ୍ଦନ, ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ପ୍ରବୀର କୁମାର ପଟ୍ଟନାୟକ, ବିଜୟ କୁମାର ମହାପାତ୍ର ଓ ପ୍ରତିଷ୍ଠାନର ମୁଖ୍ୟ ପୃଷ୍ଠ ପୋଷକ ଅଲେଖ କୁମାର ଦାସଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ପ୍ରତିଷ୍ଠାନ ତରଫରୁ ମଦଳାପାଞ୍ଜି, ଚଇନି ଚକଡା, ଉଦ୍ର ରାଜବଂଶାବଳୀ ଓ ଜୟବିଜୟ ଶିଳାଲେଖକୁ ସଂକଳିତ କରି ମାଦଳା ପାଞ୍ଜି ଓ ପ୍ରାଚୀନ ଗଦ୍ୟ ସୌରଭ ନାମରେ ପ୍ରକାଶିତ କରାଗଲା । ପ୍ରଫେସର ସୁରେନ୍ଦ୍ର ନାଥ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅନେକ ଗବେଷକ, ସାହିତ୍ୟିକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଶେଷରେ ପ୍ରଫେସର ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସରକାରୀ ଉଚ୍ଚମାଧ୍ୟମିକ ଓ ଧନ୍ଦାମୂଳକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଦକ୍ଷତା ବିକାଶ କର୍ମଶାଳା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷଙ୍କୁ ନେଇ ଏକ ଦିବସୀୟ ଦକ୍ଷତା ବିକାଶ କର୍ମଶାଳା କୃଷି ଭବନର ଅଡିଟୋରିୟମରେ ଆୟୋଜନ କରାଯାଇଛି । ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୫୦ ଜଣ ଭାରପ୍ରାପ୍ତ ଅଧକ୍ଷ ଏବଂ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୦୦ ଜଣ ଭାରପ୍ରାପ୍ତ ଅଧକ୍ଷଙ୍କୁ ନେଇ ଏହି ଦକ୍ଷତା ବିକାଶ କର୍ମଶାଳା ଆୟୋଜନ କରାଯାଇଛି । ଉଦଘାଟନୀ କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ କାଳିପ୍ରସନ୍ନ ମହାପାତ୍ର ଯୋଗଦେଇ ଭାରପ୍ରାପ୍ତ ଅଧକ୍ଷମାନଙ୍କୁ ନିଷ୍ଠାର ସହ କର୍ତ୍ତବ୍ୟ ପାଳନ କରିବା ନିମନ୍ତେ ପ୍ରୋତ୍ସାହିତ କରିଛନ୍ତି । ଉଦଘାଟନୀ ସମାବେଶରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟାର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ, ଉଚ୍ଚ ମାଧ୍ୟମିକ ଶିକ୍ଷା ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିଶ୍ୱଜିତ ଘୋଷ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସସ୍ମିତା ମାଳି ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଶ୍ରୀ ମହାପାତ୍ର କହିଛନ୍ତି, ରାଜ୍ୟରେ ଶିକ୍ଷା



କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ବୃଦ୍ଧି ପାଇଛି, ଡ୍ରପ୍ ଆଉଟ୍ ହାର କମିବା ସହ ପିଲାମାନଙ୍କୁ ଠିକ୍ ସମୟରେ ପାଠ୍ୟପୁସ୍ତକ ପ୍ରଦାନ କରାଯାଉଛି । ରାଜ୍ୟର ବିକାଶରେ ଛାତ୍ରଛାତ୍ରୀମାନଙ୍କ ଅଂଶୀଦାରକୁ ବୃଦ୍ଧି କରିବା ନିମନ୍ତେ ସେମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରିବା ଜରୁରୀ, ଏଥି ନିମନ୍ତେ ବିଦ୍ୟାଳୟର ଅଧକ୍ଷମାନଙ୍କ ବେଶ୍ ଭୂମିକା ରହିଛି । ସେ ଅଧକ୍ଷମାନଙ୍କୁ ସମ୍ବୋଧିତ କରି ବିଦ୍ୟାଳୟର ଶିକ୍ଷାର ମାନକୁ ବୃଦ୍ଧି କରିବା ପାଇଁ ଆହ୍ୱାନ କରିଥିଲେ । ଏଥିସହ ଭଲ କରୁଥିବା ବିଦ୍ୟାଳୟଗୁଡ଼ିକୁ ଉତ୍ସାହିତ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ସାମଗ୍ରିକ ବିକାଶକୁ ଅଧକ୍ଷମାନେ ଧ୍ୟାନ ଦିଅନ୍ତୁ ବୋଲି ସେ ମତ ପ୍ରକାଶ କରିଥିଲେ । ସେହିପରି ଅତିରିକ୍ତ ଶାସନ ସଚିବ ଶ୍ରୀମତି ନନ୍ଦ କହିଛନ୍ତି, ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବା ପାଇଁ ଶିକ୍ଷଣ ପ୍ରଣାଳୀକୁ ବିକଶିତ କରିବାର ଆବଶ୍ୟକତା ରହିଛି । ନିଷ୍ଠାପରତା, ଧ୍ୟାନ ଓ ପାରଦର୍ଶିତା ସହ ରାଜ୍ୟ ସରକାରଙ୍କ ସମସ୍ତ ଶିକ୍ଷା ଯୋଜନାକୁ ତୃଣମୂଳସ୍ତରରେ ପହଂଚାଇବା ପାଇଁ ସେ ଅଧକ୍ଷମାନଙ୍କୁ ଆହ୍ୱାନ କରିଥିଲେ । ଉଦଘାଟନୀ ସଭାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ଆୟାର୍ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଭାରପ୍ରାପ୍ତ ଅଧକ୍ଷମାନଙ୍କୁ ସୂଚନା ଦେଇଥିଲେ । ଏଥିସହ ଭାରପ୍ରାପ୍ତ ଅଧକ୍ଷମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଶୈକ୍ଷିକ ସମୀକ୍ଷା କରିଛନ୍ତି । ଏହି ଏକ ଦିବସୀୟ କର୍ମଶାଳାରେ ବିଭିନ୍ନ ଅଧିବେଶନ ଯଥା- ଶୈକ୍ଷିକ ସମୀକ୍ଷା, ପରୀକ୍ଷା ପରିଚାଳନା, ଇ-ଆଡମିଶନ ପ୍ରକ୍ରିୟା, ଅନୁଦାନର ବ୍ୟବହାର, ଭିତ୍ତିଭୂମିର ବିକାଶ, ୟୁଡିଆଇଏସଇ ଓ ଆପାର୍ ଆଇଡିର ବ୍ୟବହାର, ଅନଲାଇନ୍ ଏକାଡେମିକ୍ ସପୋର୍ଟ ସିଷ୍ଟମ୍, କ୍ୟାରିୟର ପରାମର୍ଶ ଓ ଧନ୍ଦାମୂଳକ ଶିକ୍ଷା ଆଦି ବିଷୟବସ୍ତୁକୁ ନେଇ ଅଧିବେଶନର ଆୟୋଜନ କରାଯାଇଥିଲା । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ଭାରପାତ୍ର ଅଧକ୍ଷମାନଙ୍କୁ ପରୀକ୍ଷା ପରିଚାଳନା ନିମିତ୍ତ ସମସ୍ତ ପ୍ରକ୍ରିୟା ଓ ସୂଚନା ପ୍ରଦାନ କରିଥିଲେ । ଡ.ଉମାକାନ୍ତ ସେଠି ଅନଲାଇନ୍ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ନାମ ଲେଖା ପ୍ରକ୍ରିୟା ଓ ସାମ୍ପ ସମ୍ବନ୍ଧିୟ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ ଓ ୟୁନିସେଫ୍‌ର ତୃପ୍ତି କୌର କ୍ୟାରିୟର ପରାମର୍ଶ ବିଷୟରେ ଅବଗତ କରିଥିବା ବେଳେ ଯୁଗ୍ମ ସମ୍ପାଦିକା ଶ୍ରୀମତୀ ଜୁଲି ମଙ୍ଗରାଜ ଓ ଧନ୍ଦାମୂଳକ ଶିକ୍ଷାର ଗବେଷଣା ସହାୟିକା ସ୍ମିତା ରେଖା ମହାନ୍ତି ଧନ୍ଦାମୂଳକ ଶିକ୍ଷା ବିଷୟରେ ଆଲୋଚନା କରିଥିଲେ । ଓସେପା ପକ୍ଷରୁ ଶ୍ରୀମତୀ ସ୍ମିତା ମହାନ୍ତି ଓ ଶ୍ରୀମତୀ ନମିତା ପଣ୍ଡା ଅପଡେଟ୍ ଓ ଆପାର ଆଇଡି ପରିଚାଳନା ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ନିର୍ଦ୍ଦେଶାଳୟ ତରଫରୁ ଅନଲାଇନ ମାଧ୍ୟମରେ ଯୋଗାଇ ଦିଆଯାଉଥିବା ଶୈକ୍ଷିକ ସହାୟକ କାର୍ଯ୍ୟକ୍ରମ ବିଷୟରେ ଡ. ପ୍ରମୋଦ କୁମାର ରାୟ ଓ ଏଏସପି ପରାମର୍ଶଦାତା ଆଶୁତୋଷ ଦାସ ଶୈକ୍ଷିକ ସହାୟକ କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ତଥ୍ୟ ପ୍ରଦାନ କରିଥିଲେ ।

## 'କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫'ର ତୃତୀୟ ସନ୍ଧ୍ୟା

# ଘୁମୁରା, ବଜାଶାଳରେ ଦୁଲୁକିଲା ସହିଦ ରେଣ୍ଡୋ ମାଝୀ ମଞ୍ଚ





ଭବାନୀପାଟଣା, ( ଭାସ୍କର ନ୍ୟୁଜ୍ ) : 'କଳାହାଣ୍ଡି ଜିଲ୍ଲା ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି ଓ ପ୍ରଗତି କ୍ଷେତ୍ରରେ ଆଗକୁ ଆଗକୁ ମାଡି ଚାଲିଛି। ବିଭିନ୍ନତା ମଧ୍ୟରେ ଏକତାର ବାର୍ତ୍ତାବହ ସାଜି ଏକ ଇତିହାସ ସୃଷ୍ଟି କରିପାରିଛି।' ବୋଲି ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ର ତୃତୀୟ ସନ୍ଧ୍ୟାର ସଭାରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ପାଓ୍ୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜୀ, ଭବାନୀପାଟଣା ସର୍କଲ ଆରସିସିଏଫ୍ ସନ୍ତୋଷ ଯୋଶୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ସିଆର୍‌ପିଏଫ ୬୪ ବାଟାଲିୟନର କମାଣ୍ଡାଣ୍ଟ ପଙ୍କଜ ଚୌଧୁରୀ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପ୍ରକାଶ ମିଶ୍ର, ସଦର ଏସ୍‌ଡିପିଓ ଆଜିଙ୍କ୍ୟ ବାବୁରାଓ ମାନେ, ଅତିରିକ୍ତ ଏସ୍‌ପି ଆନନ୍ଦବର୍ଦ୍ଧନ ଗୁରୁ, ମା ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ, ଉତ୍ତର ବନଖଣ୍ଡ ଅଧିକାରୀ ଅନୁରାଗ ମିଶ୍ର, ବେଦାନ୍ତ ଲିମିଟେଡ଼ର ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଣବ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରୱାନ ସ୍ୱାଗତ ଭାଷଣ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ଶୁଭେନ୍ଦୁ ଶେଖର ମହାପାତ୍ର ପରିଚାଳନା କରିଥିଲେ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିକ୍ଷାଲାଭ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନିମନ୍ତେ ଯଜ୍ଞରାଜ ସାହୁ, ଯଶ୍ମିନ ପଧାନ, ଖୁସବୁ ମେହେର, ସୁପ୍ରଭା ନାଏକ, ପୁରବ ବେହେରା, ଭାଗ୍ୟଶ୍ରୀ ପଣ୍ଡା, ଅନୁତ୍ତମ ପାଣିଗ୍ରାହୀ, ଶୁଭସ୍ମିତା ପ୍ରଧାନଙ୍କୁ ବେଦାନ୍ତ ଆଲୁମିନା ଲିମିଟେଡ଼, ଲାଞ୍ଜିଗଡ ପକ୍ଷରୁ 'ଜ୍ଞାନଶ୍ରୀ ପୁରସ୍କାର' ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ହାବିଲଦାର ପ୍ରକାଶ ସାଗର, ଛାତ୍ର ରାମଚନ୍ଦ୍ର ମାଝୀ, ପୁନମ ନାଏକ, ତରୁଣ ମାଝୀ, ସୁଦର୍ଶନ ହରିଜନ ପ୍ରମୁଖଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଆଶୁତୋଷ ପାତ୍ର, ବିରଞ୍ଚି ନାରାୟଣ ମୁଣ୍ଡ, ମାନସ ପଣ୍ଡା, ଲୋଚନୀ ବାଗ, ନିହାରୀକା ନାୟକ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମର ମଞ୍ଚ ସଂଯୋଜନା କରିଥିଲେ। ସାଂସ୍କୃତିକ ସଭା ପୂର୍ବରୁ ସୁରସଙ୍ଗୀତ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ଧର୍ମଗଡ଼ର ଦିବ୍ୟାଙ୍ଗ କଳାକାରଙ୍କ ସଙ୍ଗୀତ ପରିବେଷଣ, ରାଜସ୍ଥାନର ମାଂନିହାର ଓ କାଲ୍‌ବେଲିଆ, ସକ୍ଷମ ଏକାଡେମୀ ଦ୍ୱାରା ଓଡିଶୀ, ସାକ୍ଷୀଗୋପାଳର ନୀଳାଦ୍ରି ଗୋଟିପୁଅ, ମହାରାଷ୍ଟ୍ରର ଲାବଣୀ ନୃତ୍ୟ, ପୁରୀର ମାଲଖମ୍, ଲଗନ୍ ସାଂସ୍କୃତିକ ଅନୁଷ୍ଠାନର ଢାପ, ହରିୟାଣାର ଫାକ ନୃତ୍ୟ, ଅଗ୍ନି ଭୈରବ ଅନୁଷ୍ଠାନ, ବିକାଶ ଅନୁଷ୍ଠାନ ଓ ସୁହାଗପୁରର ବଜାଶାଲ, ସିଟିଏମଏସର ସମ୍ବଲପୁରୀ ନୃତ୍ୟ, ସମ୍ଭାବନା ସାଂସ୍କୃତିକ ଅନୁଷ୍ଠାନ ଏବଂ ସୋନପୁରର କଳାକାରମାନେ ଆକର୍ଷଣୀୟ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ଷ୍ଟାର ନାଇଟ୍ କାର୍ଯ୍ୟକ୍ରମରେ ଓଲିଉଡ୍ ଗାୟିକା ଅସୀମା ପଣ୍ଡା ଓ ସାଥୀ ସେମାନଙ୍କ ମନଛୁଆଁ ସଂଗୀତ ପରିବେଷଣ କରି ଶୀତରାତିର ବିଳମ୍ବିତ ପ୍ରହରଯାଏଁ ଲକ୍ଷାଧିକ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

## ମଣ୍ଡିରୁ ଧାନ ଚୋରି , ଅଭିଯୋଗ ଆଣିଲେ ଚାଷୀ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲାରେ ଚାଷୀଙ୍କ ସମସ୍ୟା ଲାଗିରହିଛି। କେତେବେଳେ ଅଭାବି ବିକ୍ରୀ ଆଉ କେତେବେଳେ ଅଦିନିଆ ବର୍ଷା। ଓ କଟନିଛଟନି ସମସ୍ୟା ଚାଷୀଙ୍କୁ ଦାଉ ସାଧୁଛି। ଏବେ ଚାଷୀ ଧାନ ମଣ୍ଡିରେ ଧାନ ରଖିଥିବା ବେଳେ ଧାନ ବସ୍ତା ଚୋରି ହେବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏଠାରେ ପ୍ରକାଶ ଯେ କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡାର ପୋଲିସ ଫାଣ୍ଡିରେ ଏତଲା ଦେଇଛନ୍ତି। ପୋଲିସ ଘଟଣାକୁ ତଦନ୍ତ କରୁଥିବାବେଳେ। କର୍ଲାମୁଣ୍ଡା ତହସିଲଦାର ଅରୁଣ ବର୍ଗେ ଘଟଣା ସମ୍ପର୍କରେ ପଚାରିବାରୁ ତାପରଦିନ ଧାନ ମଣ୍ଡିରେ ସିସିଟିଭି ଲାଗାଯାଇ ଏହି ଘଟଣା ସମ୍ପର୍କରେ ତଦନ୍ତ କରିବା ପାଇଁ ଉପରୋକ୍ତ ଅଧିକାରୀ ମାନଙ୍କୁ ଜଣାଯାଇଛି ବୋଲି ଏମ୍‌ଆଇ ସ୍ମୃତି ରଞ୍ଜନ ଜେନା କହିଛନ୍ତି। ମଣ୍ଡି ବିଭାଗରେ ଯେଉଁ ମାନେ ଦାୟିତ୍ୱରେ ଅଛନ୍ତି।



ଚାଷୀ ଭରତ ରଣା ଧାନ ବିକ୍ରି ପାଇଁ ଗତ ୧୨ ତାରିଖରେ ରିଷିଡା ଧାନ ମଣ୍ଡିରେ ୧୪୬ ବସ୍ତା ଧାନ ରଖିଥିବା ବେଳେ ମଣତିରୁ ୧୦ ବସ୍ତା ଧାନ ଚୋରି ହୋଇଯାଇଛି। ଧାନ ଉଠିବା ବେଳକୁ ଗଣତି ବେଳେ ୧୦ ବସ୍ତା ଧାନ ଚୋରି ହୋଇଥିବା ଚାଷୀ ଜାଣି ପାରି ଏ ସଂପର୍କରେ ଚାଷୀ ଭରତ ରଣା ରିଷିଡା ତାଙ୍କ ତ୍ରୁଟି ମଧ୍ୟ ଥାଇପାରେ ତାହା ତଦନ୍ତ ବେଳେ ଜଣା ପଡ଼ିବ କହିଲେ। ଏପଟେ ରିଷିଡା ଧାନ ମଣ୍ଡିରୁ ଧାନ ଚୋରି ହେବା ଘଟଣା ଜାଣି ଚାଷୀ ମହଲରେ ଅସନ୍ତୋଷ ବଢୁଛି। ଏପଟେ ସିସିଟିଭି କ୍ୟାମେରା ଭରସାରେ ନ ରହି ଚାଷୀମାନେ ରାତିଦିନ ନିଜ ଧାନକୁ ଜଗୁଥିବା ଦେଖିବାକୁ ମିଳୁଛି।

## ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣେ କବିତା ପାଠୋତ୍ସବ



ଧର୍ମଗଡ଼ (ଭାସ୍କର ନ୍ୟୁଜ) : କଳାହାଣ୍ଡି ଉତ୍ସବ ଘୁମୁରା -୨୦୨୫ ଅବସରରେ ଧର୍ମଗଡ ପଞ୍ଚାୟତ ପଡିଆଠାରେ ଉତ୍ସବର ଦ୍ୱିତୀୟ ଦିବସରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। କବି ବଙ୍କିମ ମୁଣ୍ଡଙ୍କ ସଭାପତିତ୍ୱରେ ଆୟୋଜିତ କବିତା ପାଠୋତ୍ସବ ସଭାରେ ମୁଖ୍ୟ ଅତିଥି ଭାବେ ସମ୍ମାନନୀୟ ଉପଜିଲ୍ଲାପାଳ ଧୀମାନ ଚକମା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ, ସାହିତ୍ୟିକ ଚିନ୍ତାମଣି ପାତ୍ର, ବରିଷ୍ଠ ସାମ୍ବାଦିକ ହୃଷିକେଶ ମିଶ୍ର, ପ୍ରାଧ୍ୟାପକ ଲିଙ୍ଗରାଜ ପାତ୍ର, ବରିଷ୍ଠ କବି ଭୁବନେଶ୍ୱର ପୁରୋହିତ, ବର୍ଷୀୟାନ କବି ଜହ୍ଲୁ ବିଶି ପ୍ରମୁଖ ଯୋଗଦେଇ କହିଥିଲେ କବିତା ପାଠୋତ୍ସବ ମାଧ୍ୟମରେ ଅନେକ ଲୁକ୍କାୟିତ ପ୍ରତିଭାଙ୍କ ସାରସ୍ୱତ ସୃଷ୍ଟି ଲୋକଲୋଚନକୁ ଆସିପାରୁଛି। ସଂଜୀବ କୁମାର ମୁଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଶାନ୍ତନୁ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ମୋହନ ଚରଣ ବିଶି ସଭା ପରିଚାଳନା କରିଥିଲାବେଳେ ଅର୍ଜୁନ ଗୋପାଳ ଓ ସୁରେନ୍ଦ୍ର କୁମାର ସାହୁ କବିତା ସଂଯୋଜନା କରିଥିଲେ। ରାଜେଶ କୁମାର ମୁଣ୍ଡଙ୍କ ପରିଚାଳନାରେ ଆୟୋଜିତ କବିତା ପାଠୋତ୍ସବରେ ଭୁପେନ୍ଦ୍ର ନାଏକ, ବିଦ୍ୟାସିନୀ ସାହୁ, ଅର୍ଜୁନ ବାଗ, ବୈବସ୍ୱତ ବିନବରଗିଆ ସହଯୋଗ କରିଥିଲାବେଳେ କଳାହାଣ୍ଡି ଜିଲ୍ଲା ତଥା ପଡୋଶୀ ଜିଲ୍ଲାରୁ ୮୫ଜଣ କବି ଓ କବୟିତ୍ରୀ କବିତା ପାଠ କରିଥିଲେ।

## ଦୁଇ ଅନାଥଙ୍କୁ ସହାୟତାର ହାତ ବଢ଼େଇଲେ ଡ଼ଃ ଅଚ୍ୟୁତ ସାମନ୍ତ



ଜୁନାଗଡ଼ (ଭାସ୍କର ନ୍ୟୁଜ୍ ) : ଅସହାୟ ବାପ ମା ଛେଉଣ୍ଡ ଦୁଇ ଅନାଥ ଭାଇ ଭଉଣୀଙ୍କୁ ସହାୟତାର ହାତ ବଢ଼େଇଛନ୍ତି କୀଟ ଓ କିସ୍ ପ୍ରତିଷ୍ଠାତା ଡ଼ଃ ଅଚ୍ୟୁତ ସାମନ୍ତ । ପାଞ୍ଚ ବର୍ଷ ପର୍ଯ୍ୟନ୍ତ ମାସକୁ ୫ ହଜାର ଟଙ୍କାର ସହାୟତା ରାଶି ଗରିବ ବିଧବା ବୃଦ୍ଧା ନିଳା ପ୍ରଧାନୀଙ୍କୁ ଦେଇଥିବାରୁ ଅସହାୟ ପରିବାର ଓ ଗ୍ରାମବାସୀଙ୍କ ତରଫରୁ ଡ଼ଃ ଅଚୁତ ସାମନ୍ତଙ୍କୁ ଭୂୟସୀ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଛନ୍ତି । କିଛି ଦିନ ତଳେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ମାଟି ଗାଁର ବିଧବା ବୃଦ୍ଧା ନିଳା ପ୍ରଧାନୀ ଓ ତାଙ୍କ କୁନି କୁନି ବାପ ମା ଛେଉଣ୍ଡ ଦୁଇ ନାତି ନାତୁଣୀଙ୍କ ଦୁଃଖ ଭରା ଖବର ଗଣମାଧ୍ୟମରେରେ ପ୍ରସାରଣ ହୋଇଥିଲା । ଏହାକୁ ଦେଖି କୀଟ ଓ କିସ ପ୍ରତିଷ୍ଠାତା ଦୁଇ କୁନି କୁନି କୋମଳ ମତି ଶିଶୁଙ୍କୁ ପାଠ ପଢା ଓ ଘର ଚଳିବା ପାଇଁ ମାସକୁ ପାଞ୍ଚ ହଜାର ଟଙ୍କା ସହାୟତା ରାଶି ପାଞ୍ଚ ବର୍ଷ ଯାଏଁ ଦେବାକୁ କହିଛନ୍ତି। ପ୍ରଥମ ପାଞ୍ଚ ହଜାର ଟଙ୍କା ତାଙ୍କ ପ୍ରତିନିଧିଙ୍କ ଜରିଆରେ ନିଳା ପ୍ରଧାନୀଙ୍କ ଘରେ ପ୍ରଦାନ କରାଯାଇଛି । ଆଗକୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବ୍ୟାଙ୍କ ଏକାଉଣ୍ଟରେ ପ୍ରତି ମାସରେ ପଞ୍ଚହାଜର ଟଙ୍କା ଲେଖାଏଁ ପାଇବେ। ଦୁଇ ଶିଶୁଙ୍କ ଜେଜେମା ନିଳା ପ୍ରଧାନୀ ଏହାକୁ ନେଇ ନିଳା ପ୍ରଧାନୀ ଓ ଗ୍ରାମବାସୀ ଡ଼ଃ ଅଚ୍ୟୁତ ସାମନ୍ତଙ୍କୁ ଅନ୍ତରରୁ କୃତଜ୍ଞତା ଜଣାଇଛନ୍ତି ।

## ଆତ୍ମସୁରକ୍ଷା ତାଲିମ ଶିବିର



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ କୁଶୁର୍ଲା ହରଗୌର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଠ ଦିନ ବ୍ୟାପି ଦିଆଯାଇଥିବା ବାଳିକା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି କାଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ ସୁବୋଧ କୁମାର ଶତପଥୀ। ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ ଯୋଗଦେଇଥିଲେ। ଆଜିର ଯୁଗରେ ନାରୀ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ସମ୍ପର୍କରେ ମୁଖ୍ୟ ଅତିଥି ଛାତ୍ରଛାତ୍ରୀ ମାନଙ୍କୁ ମତବ୍ୟକ୍ତ କରିଥିଲେ ଓ ଆଠ ଦିନ ବ୍ୟାପି ଆତ୍ମାସୁରକ୍ଷା ତାଲିମ ଶିବିରରେ ୧୬୩ ଜଣ ଛାତ୍ରୀ ପ୍ରଶିକ୍ଷଣରେ ଯୋଗଦେଇଥିଲେ। ଏଥିରେ ଅଧ୍ୟାପକ ଲମ୍ବୋଦର ସାହୁକାର, ପିତାମ୍ବର ସାହୁ, ଶିବାଜୀ ବାରିକ ଯୋଗଦେଇଥିଲେ ଓ ଶିବିରକୁ ରାଜକିଶୋର ରଣା, କୁମାରୀ ବର୍ଷା ପ୍ରିୟଦର୍ଶିନୀ ଓ କ୍ଷୀରଦ୍ୱୀ ବେହେରା ପରିଚାଳନା କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଗଗନ ବିହାରୀ ମହାପାତ୍ର ଓ ପରେ ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଦେବା ସମୟରେ ଧନ୍ୟବାଦ ଅର୍ପଣ କରିଥିଲେ କିରାଣୀ ଚୂଡ଼ାମଣି ସାହୁ।

## ବ୍ଲକସ୍ତରୀୟ ମନରେଗା ଜନଶୁଣାଣୀ ଶିବିର

କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ମନରେଗା ଯୋଜନା ଓ ପଞ୍ଚଦଶ ଅର୍ଥ କମିଶନ ଯୋଜନାର ବ୍ଲକସ୍ତରୀୟ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଛି। ଉକ୍ତ ଶିବିରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବ୍ଲକ ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ଏଏଚ୍‌ଓ ସୌରଭ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି କ୍ରମରେ ବ୍ଲକର ୨୨ ଗୋଟି ପଞ୍ଚାୟତର ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକ ମାନେ ଉପସ୍ଥିତ ରହି ମନରେଗା ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନାର ତଥ୍ୟ ରଖିଥିଲେ। ୨୦୨୪/୨୫ ଆର୍ଥିକ ବର୍ଷରେ ବ୍ଲକରେ ମୋଟ ୮୩୮ଟି ପ୍ରକଳ୍ପ ଅନୁମୋଦନ ହୋଇଥିବା ବେଳେ ୧୬୧୩.୨୦ ଲକ୍ଷ ଟଙ୍କା ଅନୁଦାନ ରହିଛି। ମୋଟ ପ୍ରକଳ୍ପ ମଧ୍ୟରୁ ବର୍ତ୍ତମାନ ୭୧୯ଟି ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ସେଥିମଧ୍ୟରୁ ୨୩୬ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି। ସମୁଦାୟ ୧୭ ହଜାର ୫୫୯ ଜବ୍ କାର୍ଡ଼ ରହିଥିବାବେଳେ ୨୧୮ ଜଣ ଜବ୍ କାର୍ଡ଼ ହିତାଧିକାରୀ ଶହେ ଦିନ ଶ୍ରମ ଦିବସ ପାଇଥିବା ସୂଚନା ମିଳିଛି। ଶିବିରକୁ ଏପିଓ ସତିଶ୍ ରଞ୍ଜନ ବେହେରା ସଂଯୋଜନା କରିଥିବାବେଳେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

## ପକ୍ଷୀ ଗଣନା ପାଇଁ ମକଡ୍ରିଲ



ନର୍ଲା (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା ନର୍ଲା ରେଞ୍ଜ ଅନ୍ତର୍ଗତ ତୁଲାପଡା ଡ୍ୟାମପ୍ରୋଜେକଟ ଠାରେ ଚଳିତବର୍ଷ ଆଗାମୀ ୧୮ତାରିଖରୁ ଆରମ୍ଭ ହେବାକୁ ଯାଇଛି ପକ୍ଷୀଗଣନା। ଏହି ପକ୍ଷୀଗଣନା ପାଇଁ ଜଙ୍ଗଲ ବିଭାଗ ରେଞ୍ଜର ଏବଂ ତାଙ୍କ ଟିମ ଦ୍ୱାରା ମକଡ୍ରିଲ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଇଥିଲା। ରେଞ୍ଜର ଭାରତବନ୍ଧୁ ଶବର ଏବଂ ତାଙ୍କ ଟିମ ଦାମୋଦର ଉଚ୍ଚବିଦ୍ୟାପୀଠର ଛାତ୍ରଛାତ୍ରୀ ମାନଙ୍କୁ ନେଇ ପକ୍ଷୀମାନଙ୍କୁ ବାଇନାକୁଲାର ଦ୍ୱାରା ଦେଖି ଚିହ୍ନଟ କରିବା ସୂଚାଇଥିଲେ। ଏହା ଏକ ଆୱାର୍‌ନେସ ପ୍ରୋଗ୍ରାମ ବୋଲି ଜନସାଧାରଣ ଏବଂ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଉକ୍ତ ମକଡ୍ରିଲ ବେଳେ ରେଞ୍ଜରଙ୍କ ସହ ଫରେଷ୍ଟର ଭବାନୀଶଙ୍କର ନାଏକ, ସୁଶୀଳା ମହାରଣା, ଗୁନି ମହାରଣା, ପ୍ରଦୀପ୍ତ ପୂଝାରୀ, ଗୟାମାଝୀ, ସୁଜିତକୁମାର ସାହୁ, ସରିତାପୂଝାରୀ, ଦିଆଲୁ ରାଉତ, ମଧୁସ୍ମିତା ଭୋଇ, ସଂଯୁକ୍ତା ନାଏକ, ମୋତିରର୍ଶ୍ମି ଛତ୍ରିଆ, ରର୍ଶ୍ମିତା ରାଉତ, ସୋନାଲି ସଂଘମିତ୍ରା ସାହୁ, ଦାମୋଦର ସାହୁ ଏବଂ ଗାର୍ଡମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଚୈତନ୍ୟ ବାଗ ଓ ସମସ୍ତ ସଦସ୍ୟ।

## '୭୫ ବର୍ଷର କଳାହାଣ୍ଡି' ଶୀର୍ଷକରେ ସଂପାନ ପାଳିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ସହିତ କଳା, ସାହିତ୍ୟ, ସଂସ୍କୃତି ଓ ଇତିହାସର ପୁନଃ ଅବଲୋକନ ଦ୍ୱାରା କଳାହାଣ୍ଡି ଜିଲ୍ଲା ଆହୁରି ସମୃଦ୍ଧ ହେବ। ଆଜି ଏ ଜିଲ୍ଲା ଏକ ଉଚ୍ଚାକାଂକ୍ଷୀ ଜିଲ୍ଲା। ସାମୂହିକ ଉଦ୍ୟମ ଦ୍ୱାରା ଏହାର ହୃତ ଗୌରବ ଫେରିଆସିବ ବୋଲି ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ ଅବସରରେ ସ୍ଥାନୀୟ ଟାଉନହଲଠାରେ ଆୟୋଜିତ '୭୫ ବର୍ଷର କଳାହାଣ୍ଡି' ଶୀର୍ଷକ ଏକ ସଂପାନରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସଂପାନ ଉପସମିତିର ଅଧ୍ୟକ୍ଷା ତଥା ମା ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୌଦ୍ଧିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଭବାନୀପାଟଣା ସଦର ବ୍ଲକ ବିଡିଓ ଚନ୍ଦନ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର, ଅଧ୍ୟାପକ ଓ ଗବେଷକ ଡ. ପରମେଶ୍ୱର ମୁଣ୍ଡ, ପଦ୍ମଶ୍ରୀ ପଟ୍ଟାୟତ ସାହୁ, ଐତିହାସିକ ଡ. ନଳିନୀକାନ୍ତ ରଣା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ବିଶିଷ୍ଟ ପନିପରିବା ଚାଷୀ କୃଷ୍ଣ ନାଗ, ମାଛଚାଷୀ ଲକ୍ଷ୍ମୀ ନାରାୟଣ ପଣ୍ଡା, ଚାଷୀ ବ୍ରଜେନ୍ଦ୍ର କୁମାର ପଟଯୋଶୀ ପ୍ରମୁଖ ଯୋଗଦେଇ ଜିଲ୍ଲାର କଳା, ସଂସ୍କୃତି ଓ ଇତିହାସ ତଥା ଲୋକ ପରମ୍ପରା ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ସଂପାନ ଉପସମିତିର ଆବାହକ ପ୍ରତାପ ଚନ୍ଦ୍ର ଦାସ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉପ ସମିତିର ସହ ଅଧ୍ୟକ୍ଷ ସୀମାଞ୍ଚଳ ମିଶ୍ର ଶେଷ ବକ୍ତବ୍ୟ ଦେଇଥିବାବେଳେ ଉମେଶ ଚନ୍ଦ୍ର ଶତପଥି ମଞ୍ଚ ସଂଚାଳନ ଓ ଦୀନବନ୍ଧୁ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ସଦସ୍ୟ ସୁଢଳଦେବ ମୁଣ୍ଡଙ୍କ ସହିତ ଶେଷଦେବ ମିଶ୍ର, ନିରଞ୍ଜନ ଯୋଶୀ, ଅଶୋକ ମୁଣ୍ଡ, ଭାଗବତ ମହାପାତ୍ର, ପ୍ରତାପ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ଡା. ନିହାରେନ୍ଦ୍ର ପଣ୍ଡାଙ୍କ ଲିଖିତ 'ସପ୍ତତୀର୍ଥ କଳାହାଣ୍ଡି' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଉନ୍ମୋଚିତ ପୁସ୍ତକର ସମୀକ୍ଷା କରିଥିଲେ ଭାଷାବିତ ସୁଦର୍ଶନ ଦାସ। ଅଧ୍ୟାପିକା ନିବେଦିତା ମିଶ୍ର, ଡ. ସଞ୍ଜିତ କୁମାର ସ୍ୱାଇଁ, ଦୁର୍ଗା ପ୍ରସାଦ ବେହେରା, ବିଜୟ ପାତ୍ର, ସୁଧାଂଶୁ ନନ୍ଦ, ପୁଷ୍ପ ନାଏକ, ସୋମୀ ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ଜିଲ୍ଲା ଓ ଜିଲ୍ଲା ବାହାରର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ବହୁସଂଖ୍ୟକ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

## ଅବ୍ୟବହୃତ ସରକାରୀ ଜମିକୁ ଫେରେଇ ଆଣିବାକୁ ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହଠାରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କଳାହାଣ୍ଡି ଲୋକସଭା ସଦସ୍ୟା ମାଳବିକା ଦେବୀ, ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ଅତିରିକ୍ତ କମିଶନର ବନ୍ଦୋବସ୍ତ ଅଗସ୍ତି ପ୍ରଧାନ, ଉପଜିଲ୍ଲାପାଳ ଧର୍ମଗଡ଼ ଧୀମାନ ଚାକମା, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଡେପୁଟି ଜିଲ୍ଲାପାଳ ସତ୍ୟନାରାୟଣ ମେହେର, ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଓଆରଟିପିଏସ୍ କେସ୍ ସମୟ ସୀମା ମଧ୍ୟରେ ଫଏସଲା କରିବା ପାଇଁ ମନ୍ତ୍ରୀ ଶ୍ରୀ ପୂଜାରୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବସୁନ୍ଧରା ସ୍କିମ୍ ଯୋଜନାରେ ଭୂମିହୀନ ମାନଙ୍କୁ ପଟ୍ଟା ପ୍ରଦାନ ଓ ଜିଲ୍ଲାର ଯେଉଁ ସ୍କୁଲ କଲେଜର ନିଜସ୍ୱ ପଟ୍ଟା ନାହିଁ ତାଙ୍କୁ ସ୍ଥାୟୀ ପଟ୍ଟା ଦେବାର ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ବିଭାଗରେ ସଂସ୍କାର ଓ ସ୍ୱଚ୍ଛତା ଆଣିବା ଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ସୂଚାରୁ ରୂପେ ନିଜର ଦାୟିତ୍ୱ ତୁଲାନ୍ତୁ ବୋଲି ନିର୍ଦ୍ଦେଶ ଦେଇଥିଲେ । ଯେଉଁ ସଂସ୍ଥାମାନଙ୍କୁ ସରକାରୀ ଜମି ଦିଆଯାଇଛି କିନ୍ତୁ ତାକୁ ବ୍ୟବହାର କରୁନାହାନ୍ତି ସେ ସବୁ ଜମିକୁ ଚିହ୍ନଟ କରି ସରକାରଙ୍କ ଖାତାକୁ ଆଣିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଘର ଡିହ ହୀନ ୨୫ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଘର ଡିହ ପଟ୍ଟା ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା । ତନ୍ମଧ୍ୟରୁ ୫ ଜଣ ହିତାଧିକାରୀ ଇନ୍ଦ୍ରାବତୀ ପ୍ରକଳ୍ପ ବିସ୍ଥାପିତ ଅଟନ୍ତି । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରୱାନ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଶିଫଳ

**ଶନିବାର, ୧୮ ଜାନୁଆରୀ ୨୦୨୫**



**ମେଷ:** ସ୍ୱଭାବରେ ଉଗ୍ରତା ଉପରେ ନିୟନ୍ତ୍ରଣ ରଖିବାକୁ ଉପଦେଶ। ଶାରୀରିକ ତଥା ମାନସିକ ଅସୁସ୍ଥତା ଅନୁଭବ କରିପାରନ୍ତି । କମ ସଫଳତା ମିଳିବାରୁ ନିରାଶା ହୋଇପାରନ୍ତି। ସନ୍ତାନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତା ହୋଇପାରେ ।



**ବୃଷ:** ପ୍ରତ୍ୟେକ କାର୍ଯ୍ୟ ଆତ୍ମବିଶ୍ୱାସ ଏବଂ ଅଟଳ ମନୋବଳର ସହିତ କରନ୍ତୁ, ନିଶ୍ଚିତ ସଫଳତା ମିଳିବ। ପିତା କିମ୍ବା ପୈତୃକ ସଂପତ୍ତିରେ ଲାଭ ହେବ । ବିଦ୍ୟାର୍ଥୀମାନେ ନିଜର ପଢ଼ାରେ ଭଲ ପ୍ରଦର୍ଶନ କରିବେ। ଖେଳକୁଦ ଏବଂ କଳା କ୍ଷେତ୍ରରେ କଳାକାରମାନଙ୍କୁ ନିଜର ପ୍ରତିଭା ଦର୍ଶାଇବାପାଇଁ ମୌକା ମିଳିବ ।



**ମିଥୁନ:** ନୂଆ ଯୋଜନାକୁ ଅମଳରେ ଆଣିବା ପାଇଁ ଶୁଭ ଦିନ ଅଟେ। ଚାକିରିପେଶା ଲୋକଙ୍କୁ ଉଚ୍ଚ ପଦାଧିକାରିମାନଙ୍କ ତଥା ସରକାରଙ୍କ ତରଫରୁ ପରିଶ୍ରମର ଭଲ ଫଳ ମିଳିବ । ଭାଇ-ଭଉଣୀମାନଙ୍କ ତଥା ମିତ୍ରମାନଙ୍କ ସହିତ ଆନନ୍ଦପୂର୍ବକ ସମୟ କଟିବ।



**କର୍କଟ:** ଭୁଲ ବୁଝାବଣା ଏବଂ ନକାରାତ୍ମକ ବ୍ୟବହାର ଆପଣଙ୍କ ଚିତ୍ତରେ ଗ୍ଲାନିର ଭାବ ସୃଷ୍ଟି କରିବ। ପାରିବାରିକ ସଦସ୍ୟମାନଙ୍କ ସହିତ ମନମାଳିନ୍ୟ ହେବ। କାମରେ ସନ୍ତୋଷର ଭାବନା ଆସିବ। ବିଦ୍ୟାର୍ଥୀମାନଙ୍କ ପାଇଁ ବିଦ୍ୟାଭ୍ୟାସରେ ନିର୍ଦ୍ଧାରିତ ସଫଳତା ମିଳିବ ନାହିଁ।



**ସିଂହ:** ମଉଜ-ମସ୍ତୀ ଏବଂ ମନୋରଞ୍ଜନ ପ୍ରବୃତ୍ତିଗୁଡ଼ିକରେ ଆପଣଙ୍କ ବିଶେଷ ରୁଚି ରହିବ । ପିତା ତଥା ବରିଷ୍ଠ ନାଗରୀକମାନଙ୍କ ସହଯୋଗ ପ୍ରାପ୍ତ କରିବେ । ଆପଣଙ୍କ ସ୍ୱଭାବରେ କ୍ରୋଧ ଏବଂ ବ୍ୟବହାରରେ ଉଗ୍ରତା ରହିବ, ଏହା ଉପରେ ଅଂକୁଶ ରଖିବାକୁ ଉପଦେଶ।



**କନ୍ୟା:** ଆଜି ଆପଣଙ୍କ ଅହଂକାର କାରଣରୁ ଝଗଡ଼ା ହେବାର ଆଶଂକା ଅଛି । ଶାରୀରିକ ଏବଂ ମାନସିକ ଚିନ୍ତା ସହିତ ଆଜିର ଦିନ କଟିବ । ମିତ୍ରମାନଙ୍କ ସହିତ ମନମାଳିନ୍ୟ ନ ହେଉ, ଏହାର ଧ୍ୟାନ ରଖିବେ । ଧାର୍ମିକ କାର୍ଯ୍ୟଗୁଡ଼ିକରେ ଭାଗ ନେବାର ଅବସର ଆସିବ ।



**ତୁଳା:** ଗୃହସ୍ଥ ଜୀବନରେ ସୁଖ ଏବଂ ଆନନ୍ଦ ପ୍ରାପ୍ତି ହେବ । ଅଫିସ୍, ବ୍ୟବସାୟ କ୍ଷେତ୍ରରେ ଅନୁକୂଳ ବାତାବରଣ ରହିବ । ପ୍ରମୋସନ ମିଳିବାରର ସଂକେତ ଅଛି । ପାରିବାରିକ ସଦସ୍ୟ ତଥା ମିତ୍ର ମାନଙ୍କ ସହିତ ଖୁସି ରହିବେ । ଉତ୍ତମ ବୈବାହିକ ସୁଖ ପ୍ରାପ୍ତି ହେବ।



**ବିଛା:** ଜଗନ୍ନାଥଙ୍କର କୃପାରୁ ଆପଣଙ୍କ ସମସ୍ତ କାର୍ଯ୍ୟ ସଫଳତା ପୂର୍ବକ ସଂପନ୍ନ ହେବ। ଗୃହସ୍ଥ ଜୀବନରେ ଆନନ୍ଦ ଏବଂ ସନ୍ତୋଷର ଅନୁଭବ ହେବ। ଉଚ୍ଚ ପଦାଧିକାରି ଏବଂ ବରିଷ୍ଠ ନାଗରୀକମାନଙ୍କ କୃପା ଆପଣ ଉପରେ ରହିବ। ସନ୍ତାନମାନଙ୍କର ସନ୍ତୋଷଜନକ ପ୍ରଗତିରେ ଆନନ୍ଦ ଅନୁଭବ ହେବ।



**ଧନୁ:** ଶରୀରରେ ଆଳସ୍ୟ, ଏବଂ ଅଣନିଶ୍ୱାସୀ ହୋଇପାରେ। କୌଣସି ବିଷୟରେ ଚିନ୍ତା କରନ୍ତୁ ନାହିଁ, ଆପଣଙ୍କ ପରିଶ୍ରମରେ ଶେଷରେ ସବୁ ଠିକ ହୋଇଯିବ। ସନ୍ତାନମାନଙ୍କ ବିଷୟରେ ଟିକେ ଚିନ୍ତା ହୋଇପାରେ। ଚାକିରି-ଧନ୍ଦାରେ ଉଚ୍ଚ ପଦାଧିକାରିମାନଙ୍କର କ୍ରୋଧର ଶିକାର ହୋଇପାରନ୍ତି।



**ମକର:** ନକାରାତ୍ମକ ବିଚାରରୁ ଦୂରରେ ରୁହନ୍ତୁ। ଅଚିକିତ୍ସାରେ ଖର୍ଚ୍ଚ ହେବାର ଆଶଂକା ଅଛି। ବ୍ୟାପାରରେ ଭାଗିଦାରୀମାନଙ୍କ ସହିତ ଆନ୍ତରିକ ମତଭେଦ ହୋଇପାରେ। ସାହିତ୍ୟ ଏବଂ କଳା କ୍ଷେତ୍ରରେ କିଛି ନୂଆ ସୃଜନ କରିବାର ପ୍ରେରଣା ମିଳିବ। ପ୍ରେମୀଜନ ଏବଂ ପ୍ରିୟ ବ୍ୟକ୍ତିମାନଙ୍କ ସହିତ ମିଳନ ତଥା ସାକ୍ଷାତ ସମ୍ଭବ।



**କୁମ୍ଭ:** ପ୍ରଣୟ, ରୋମାନ୍ସ, ଯାତ୍ରା, ପର୍ଯ୍ୟଟନ ଏବଂ ମନୋରଞ୍ଜନରେ ଆପଣଙ୍କ ଦିନଟି କଟିବ। ମିତ୍ରମାନଙ୍କ ସହିତ ଭୋଜନ କରିବାର ଅବସର ଆସିବ। ବସ୍ତ୍ରାଭୂଷଣ ଏବଂ ବାହନ ପ୍ରାପ୍ତିର ଯୋଗ ଅଛି। ଦୃଢ଼ ଆତ୍ମ ବିଶ୍ୱାସ ଯୋଗୁଁ କାର୍ଯ୍ୟରେ ସଫଳତା ପ୍ରାପ୍ତ କରିବେ। ଜଗନ୍ନାଥଙ୍କର ଆଶୀର୍ବାଦ ଆପଣଙ୍କ ସହିତ ଅଛି।



**ମୀନ:** ଦୈନିକ କାର୍ଯ୍ୟ ବିନା କୌଣସି ଅବରୋଧରେ ସମ୍ପୂର୍ଣ୍ଣ ହେବ। ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାସ୍ତ କରି ପାରିବେ। ସହକର୍ମିମାନଙ୍କର ସହଯୋଗ ଆପଣଙ୍କ ବ୍ୟବସାୟ କ୍ଷେତ୍ରର କାର୍ଯ୍ୟକୁ ସରଳ ବନାଇବ। ମାମୁଁଘର ତରଫରୁ ଲାଭ ହେବ।




ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯